
ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜୁନ୍ ୨୦୨୩



Vol-2 • Issue-4 • June 2023 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

**SAHITYA CHARCHA**

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

**ISSN : 2583-5270, RNI Regd. No. : ODIODI/2022/81590**

ଭାଗ-୨ • ସଂଖ୍ୟା-୪ • ଜୁନ୍ ୨୦୨୩ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଚିତ୍ରାଙ୍କନ
**ଚିନ୍ତାମଣି ବିଶ୍ୱାଳ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଢୁମୁଢୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬

**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

ପାଠକଙ୍କ ମତାମତ ୦୨
ଜଗନଅଟ୍ ଓ ଜଗନ୍ନାଥ (ସଂପାଦକୀୟ) ୦୩
ଜଗନ୍ନାଥ କୈନ୍ଦ୍ରିକ କାବ୍ୟ ଚେତନା (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ସାହୁ ୦୫
ସର୍ବଂସହା (ଗଳ୍ପ) : ଜୟନ୍ତୀ ସାହୁ ୧୦
ରଥଯାତ (କବିତା) : ଜାନକୀ ବଲ୍ଲଭ ଦାଶ ୧୩
ସିଦ୍ଧାନ୍ତଦର୍ପଣରେ ଶ୍ରୀଜଗନ୍ନାଥ ତତ୍ତ୍ୱ (ପ୍ରବନ୍ଧ) : ତ୍ରିନାଥ ପଟ୍ଟନାୟକ ୧୪
ହିମାଳୟର ସନ୍ଥଙ୍କର ଶ୍ରୀମନ୍ଦିର ଦର୍ଶନ (ଅନୁଭୂତି) : ସନ୍ତୋଷ ପଟ୍ଟନାୟକ ୧୮
ସେ ଓ ସେମାନେ (ଗଳ୍ପ) : ଅଚ୍ୟୁତାନନ୍ଦ ପତି ୨୩
ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ବଙ୍ଗଳା ଗ୍ରନ୍ଥ ସମ୍ଭାର(ପ୍ରବନ୍ଧ): ପୂର୍ଣ୍ଣଚନ୍ଦ୍ର ମିଶ୍ର ୨୫
ସ୍ମୃତିର ଆଇନାରେ 'ଆସନ୍ତାକାଲି' (ସଂସ୍ମରଣ) : କାଳୀଚରଣ ଦାସ ୩୧
ଅଜବ ରଜ-ମଉଜ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର ୩୬
ବର୍ଷୀୟାନ୍ ଲେଖକ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସହ ଆଳାପ (ସାକ୍ଷାତକାର) ୪୦
ଓଡ଼ିଆ ଚଳଚ୍ଚିତ୍ରରେ ଆମ ସାହିତ୍ୟର ଭୂମିକା (ପ୍ରବନ୍ଧ) : ସଂବିତ ମିଶ୍ର ୪୪
ସହାୟତାର ହାତ (ଅନୁବାଦ ଗଳ୍ପ) : ଭବାନୀ ଶଙ୍କର ମିଶ୍ର ୪୮
ସଂସ୍କୃତ ରଚନାବଳୀରେ ଶ୍ରୀଜଗନ୍ନାଥ (ପ୍ରବନ୍ଧ) : ପ୍ରଫୁଲ୍ଲ କୁମାର ମିଶ୍ର ୫୦
ଦୁଇଟି ସନେଟ୍ (କବିତା) : ଲତିକା ବିଳାସ ୫୩
ଖାଇବା କି ଖାଇବାନି (ରମ୍ୟରଚନା) : ଡ. କୁଳାଙ୍ଗାର ୫୪
ହଳିଏ ମିନିଗପ (ଗଳ୍ପ) : ଆଶୁତୋଷ ମିଶ୍ର ୫୬
ଫ୍ଲାସ୍‌ବ୍ୟାକ୍ ଶୈଳୀ ଓ ଓଡ଼ିଆ ଉପନ୍ୟାସ (ପ୍ରବନ୍ଧ) : ରିଙ୍କି ପଧାନ ୫୭
ସମ୍ପର୍କ (ଗଳ୍ପ) : ବିଜୟ କୃଷ୍ଣ ପଟ୍ଟନାୟକ ୬୨
ବାଇ ଚଢ଼େଇ ଓ ତାଳସଜ (ଶିଶୁ ଗଳ୍ପ) : ରବୀନ୍ଦ୍ରନାଥ ମାଝୀ ୬୪
ଗଳ୍ପ ପଞ୍ଚକ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ ୬୬
ସାହିତ୍ୟ ସମାଚାର ୬୭
ନିର୍ଯ୍ୟୂହ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୮

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା'ର ପ୍ରତି ସଂଖ୍ୟା ମାସର ଆରମ୍ଭରେ ହସ୍ତଗତ ହୁଏ। ନିୟମିତ ସ୍ତମ୍ଭମାନ ପାଠକକୁ ପତ୍ରିକାଟି ପଢିବାକୁ ଆକୃଷ୍ଟ କରିଥାଏ। ମଇ ସଂଖ୍ୟାରେ ପ୍ରଫେସର ଉଦୟନାଥ ସାହୁଙ୍କ 'ଓଡ଼ିଆ ବର୍ଣ୍ଣମାଳା ଓ ବର୍ଣ୍ଣଜ୍ଞାନ' ପ୍ରବନ୍ଧଟିରେ ଅନେକ ଚିନ୍ତା ଓ ତର୍କ କରିବାର ପ୍ରଶ୍ନମାନ ମନକୁ ଆନ୍ଦୋଳିତ କରୁଛି। ଅଭୟ ଦାଶ ରମ୍ୟ ରଚନାରେ ସାହିତ୍ୟ-ପାଠକଙ୍କ ନିଛକ ସତକଥା ବଖାଣିଛନ୍ତି। ରମାକାନ୍ତ ନାୟକଙ୍କ 'ଓଡ଼ିଆ ନବନାଟ୍ୟ ଆନ୍ଦୋଳନ', ସାହିତ୍ୟିକା ବନଜ ଦେବୀଙ୍କ ସହ ସାରସ୍ୱତ ଆଳାପ ଏବଂ ସର୍ବୋପରି ଦାଶ ବେନହୁରଙ୍କ 'ଓଡ଼ିଆ ପିଲାଙ୍କ ସାହିତ୍ୟ ଓ ଶିଶୁବୋଧ' ବହୁତ ଭଲ ଲାଗିଲା। 'ସାହିତ୍ୟ ଚର୍ଚ୍ଚା'ର ତାତ୍ତ୍ୱିକ ଲେଖା ସବୁ ଶ୍ରେଣୀର ମନକୁ ଛୁଇଁଥାଏ। ପତ୍ରିକାଟି ଓଡ଼ିଆ ପାଠକଙ୍କ ମନକୁ କିଣି ନେଉଛି।

**ଲୋପାମୁଦ୍ରା ମହାନ୍ତି**
photooflopamudra@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

'ସାହିତ୍ୟ ଚର୍ଚ୍ଚା'ର ମଇ ମାସର ସଂଖ୍ୟା ଏପ୍ରିଲ ୩୦ ତାରିଖରେ ହସ୍ତଗତ ହେଲା। ଏହି ସଂଖ୍ୟାର ସମସ୍ତ ବିଷୟ ମର୍ମସ୍ପର୍ଶୀ। ସମ୍ପାଦକୀୟରେ 'ପୁସ୍ତକ ଉନ୍ମୋଚନର ଋତୁ' ପ୍ରଣିଧାନଯୋଗ୍ୟ। ଉଦୟନାଥ ସାହୁ 'ଓଡିଆ ବର୍ଣ୍ଣମାଳା ଓ ବର୍ଣ୍ଣଜ୍ଞାନ'ରେ ଓଡ଼ିଆ ଭାଷାରେ ୫୦ଟି ବର୍ଣ୍ଣ ଥିବା କଥା ପଞ୍ଚସଖା ଯୁଗର ଅଚ୍ୟୁତାନନ୍ଦଙ୍କ ଲେଖାରୁ ସିଦ୍ଧ ହୋଇଛି ବୋଲି ପ୍ରମାଣ ଦେଇଛନ୍ତି। ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ 'କବି ଓ କବିତାର କଥା' ପ୍ରବନ୍ଧରେ କହିଛନ୍ତି ଯେ କବିତ୍ୱ ହୃଦୟକୁ ମୁଗ୍ଧକରେ। କବିତା ସ୍ୱତସ୍ଫୂର୍ତ୍ତ ଭାବରେ ନ ଆସିଲେ, ଜବରଦସ୍ତ କବିତା ରଚନା କରିବାକୁ ଚେଷ୍ଟା କରି କେହି କେବେ ସଫଳ କବିତା ରଚନା କରିପାରିବେନି ବୋଲି ମଧ୍ୟ ସେ ଜଣାଇବାକୁ ଚେଷ୍ଟା କରିଛନ୍ତି। ପରେଶ କୁମାର ପଟ୍ଟନାୟକଙ୍କ ଗଳ୍ପ 'ଶ୍ରଦ୍ଧାଞ୍ଜଳି' ମନମୁଗ୍ଧ କଲା।

**ଆଦିତ୍ୟ ପ୍ରସାଦ ମହାପାତ୍ର**
tumman.2004@gmai.com

'ସାହିତ୍ୟ ଚର୍ଚ୍ଚା' ସଂପାଦକୀୟ ପୃଷ୍ଠାରେ ଆଲୋଚିତ 'ପୁସ୍ତକ ଉନ୍ମୋଚନର ଋତୁ' ବାସ୍ତବିକ ଏକ ପର୍ଦ୍ଦାଫାସର କଥାବସ୍ତୁ। ସଂପ୍ରତି ଲେଖକମାନେ ଯେଉଁଭଳି ଔପଚାରିକତା ଅବଲମ୍ବନ କରୁଛନ୍ତି, ତାହା କେତେଦୂର ଗ୍ରହଣୀୟ ଜାଣିବାକଥା। ପ୍ରବନ୍ଧଗୁଡିକ ଶାଣିତ, ମାର୍ଜିତ ଓ ଶିକ୍ଷଣୀୟ। ସାକ୍ଷାତକାର ପୃଷ୍ଠାଟି ବିଶେଷ ଉପାଦେୟତା ଲାଭ କରିଛି। ବ୍ୟଙ୍ଗ ସାହିତ୍ୟକୁ ଅଗ୍ରାଧିକାର ଦେଇ ଲେଖାଟିଏ ଛାପିଛନ୍ତି ଓ ରୁଚିଶୀଳ କରିଛନ୍ତି। ଏଣୁ ଆପଣ ଧନ୍ୟବାଦର ପାତ୍ର। ଶିଶୁବିଭାଗରେ ଗଳ୍ପ ସହ ଶିଶୁକବିତାଟିଏ ପ୍ରକାଶ କଲେ କେମିତି ହୁଅନ୍ତା।

**କୁଞ୍ଜ ବିହାରୀ ସାହୁ**
kunjasahu63@gmail.com

ପତ୍ରିକାଟିର ମୁଁ ଜଣେ ନିୟମିତ ପାଠକ। ମଇ ୨୦୨୩ ସଂଖ୍ୟାର ସମ୍ପାଦକୀୟ ଏକ ନୂଆ ବାର୍ତ୍ତା ଦେଲା। ପ୍ରଫେସର ଉଦୟନାଥ ସାହୁଙ୍କ 'ଓଡ଼ିଆ ବର୍ଣ୍ଣମାଳା ଓ ବର୍ଣ୍ଣଜ୍ଞାନ' ପଢ଼ି ଓଡ଼ିଆ ବର୍ଣ୍ଣମାନଙ୍କ ସମ୍ପର୍କରେ ପୂର୍ବରୁ ଯେଉଁ ଧାରଣା ଥିଲା, ତାହା ଦୂର ହେଲା। ରମାକାନ୍ତ ନାୟକଙ୍କ 'ଓଡ଼ିଆ ନବନାଟ୍ୟ ଆନ୍ଦୋଳନ' ପ୍ରବନ୍ଧରୁ ସତୁରୀ ଦଶକରେ ଆରମ୍ଭ ହୋଇଥିବା ନବନାଟ୍ୟ ଆନ୍ଦୋଳନ ଏବଂ ତାର ପରବର୍ତ୍ତୀ ଧାରା ସମ୍ପର୍କରେ ଜାଣିବାକୁ ପାଇଲି।

**ରୁଦ୍ରାଣି ମଲ୍ଲିକ**
rudranimallick11@gmail.com

ସଂପାଦକୀୟ

# ଜଗନଅଟ୍ ଓ ଜଗନ୍ନାଥ

ଆମର ପରମ ଆରାଧ୍ୟ କାଳିଆଭୁଜଙ୍କୁ ପଶ୍ଚିମା ବୁଦ୍ଧିଜୀବୀମାନେ ଯେ କେଉଁଠି ଆଣି କେଉଁଠି ଥୋଇଦେଲେଣି, ସେଥିପ୍ରତି ଆମର ନିଘା ନାହିଁ। ତେବେ ପ୍ରକାରାନ୍ତରେ ଭାବିଲେ ବରଂ ମନେହୁଏ ଯେ ଏଥିପ୍ରତି ଆମର ନିଘା ପ୍ରବଳ। କାରଣ ଆମେ ଓଡ଼ିଆଏ ବିଦେଶୀମାନଙ୍କ ଆଖିରେ ନିଜର ଇତିହାସ, ନିଜର ଐତିହ୍ୟ ଓ ନିଜର ଅଧ୍ୟାତ୍ମକୁ ଦେଖିବା ପରେ ହିଁ ପରତେ ଯାଉ। ସେଇଥିପାଇଁ ପରା ଲୋକୋକ୍ତିରେ ଅଛି, 'ଦେଖା ଶିଖା ଓଡ଼ିଶା।' ଆମ ଭାଷାକୋଷକାର ପ୍ରହରାଜ ଆପଣେ ସିନା 'ଜଗନ୍ନାଥ' ଶବ୍ଦଟିର ଅର୍ଥ ବୁଝାଇବାକୁ ଯାଇ 'ନାରାୟଣ, ଭଗବାନ, ପରମେଶ୍ୱର ବା ବିଷ୍ଣୁ' ବୋଲି କହିଗଲେ, କିନ୍ତୁ ଆମ ବୌଦ୍ଧିକ ଜଗତର ଏକ ଛାମୁଆଁ ଗୋଷ୍ଠୀ 'ଜଗନ୍ନାଥ' ନୁହଁ, ବରଂ 'ଜଗନଅଟ୍' (ଜେ-ୟୁ-ଜି-ଜି-ଇ-ଆର୍-ଏନ୍-ଏ-ୟୁ-ଟି) ଶବ୍ଦଟି ଉପରେ ଅଧିକ ପ୍ରତ୍ୟୟ ରଖନ୍ତି। ଆମର ପ୍ରାକ୍ତନ ଶାସକ ଗଣ, ଅର୍ଥାତ୍ ଇଂରେଜ ସାହେବମାନେ ଜଗନ୍ନାଥଙ୍କର ନାମର କେବଳ ବନାନଟି ନୁହେଁ, ଅର୍ଥଟିର ମଧ୍ୟ ବିକୃତିକରଣ କରି ତାହାକୁ ସର୍ବମାନ୍ୟ କରାଇସାରିଲେଣି। ବହୁ ଆଦୃତ 'ଓ୍ୱେବଷ୍ଟର୍ ଡିକ୍ସନାରୀ' କହେ ଯେ ଜଗନଅଟ୍ ଶବ୍ଦଟିର ଅର୍ଥ ହେଉଛି, ଏକ ଅଦମ୍ୟ ଶକ୍ତି ବା ଗତିଶୀଳ ପ୍ରକାଣ୍ଡକାୟ ପଦାର୍ଥ ଯାହା ଏମିତି ପ୍ରଚଣ୍ଡ ଭାବରେ ମାଡିଚାଲିଥାଏ ଯେ ତା' ସାମନାରେ ପଡୁଥିବା ସବୁ କିଛିକୁ ଧ୍ୱଂସ କରିଦିଏ ('... କ୍ରସେଜ୍ ହ୍ୱାଟଏଭର୍ ଇଜ୍ ଇନ୍ ଇଟସ୍ ପାଥ୍')।

କହିବା ବାହୁଲ୍ୟ, କେଉଁ ବିଗତ କାଳରେ ରଥଯାତ୍ରା ଉପଲକ୍ଷେ ପୁରୀ ବଡ଼ଦାଣ୍ଡରେ ହୁଏତ ଘର୍ଘର ନାଦରେ ଗଡିଚାଲୁଥିବା ରଥମାନଙ୍କର ଚକ ତଳେ ପେଷିହୋଇ, କେବେ କେମିତି, ଭକ୍ତମାନେ ମୃତ୍ୟୁବରଣ କରୁଥିଲେ। ଏହି ଦୁର୍ଘଟଣାଗୁଡିକର ଅତିଶୟ ପରିପ୍ରଚାର ଫଳରେ ପଶ୍ଚିମର ଦେଶଗୁଡିକରେ ଜଗନ୍ନାଥ (ସେମାନଙ୍କ ଭାଷାରେ, 'ଜଗନଅଟ୍') ଶବ୍ଦଟି ସହିତ ଏକ ଦୁର୍ନାମ ଲାଖିଗଲା। ତ୍ରୟୋଦଶ ଶତାବ୍ଦୀରେ ଇଉରୋପ ମହାଦେଶର ଓଡୋରିକ୍ ନାମକ ଜଣେ ସନ୍ୟାସୀ ଆମ ରଥଯାତ୍ରାକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି ଯେ ଭାରତବର୍ଷର ହିନ୍ଦୁମାନେ ଧର୍ମ ଅର୍ଜନ ପାଇଁ, ସେମାନଙ୍କ ଦିଅଁଙ୍କୁ ବୋହୁଥିବା ବିରାଟକାୟ ରଥଗୁଡିକର ଚକ ତଳେ ଜାଣିଶୁଣି ନିଜର ପ୍ରାଣ ବିସର୍ଜନ କରୁଥିଲେ।




ସେ ଯାହାହେଉ, ଅନ୍ୟ ଦେଶ ବା ଭାଷାମାନଙ୍କରେ ଆମ ଦେଶୀ ଶବ୍ଦମାନଙ୍କର କିଭଳି ବ୍ୟାଖ୍ୟା ବା ବିବେଚନା ହେବ ତାହା ଉପରେ ଆମର କର୍ତ୍ତୃତ୍ୱ ନାହିଁ। କିନ୍ତୁ ଆମର ଅବସୋସ ଯେ, ଖୋଦ୍ ଆମ ରାଜ୍ୟର ସରକାର ଜଗନ୍ନାଥଙ୍କର ଏହି 'ଜଗନଅଟ୍' ରୂପଟି ତାଙ୍କର ପରମ ପ୍ରିୟ ବୋଲି ବାରମ୍ବାର ବିଭିନ୍ନ ମଞ୍ଚରେ ଜଣାଇବାର ଅବସରକୁ ହାତଛଡା କରୁନାହାନ୍ତି। ଅତୀତରେ ଅନେକଥର ଓଡ଼ିଶା ସରକାରଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲେଖା ହୋଇଥିବା ବିଭିନ୍ନ ବିଜ୍ଞାପନ ଓ ହୋର୍ଡିଂମାନଙ୍କରେ ଏହି ନକାରାତ୍ମକ ଶବ୍ଦଟିର ପ୍ରୟୋଗ ହୋଇଥିବା ଦେଖିବାକୁ ମିଳିଛି। ଏପରିକି ଗତ ବର୍ଷ ଭୁବନେଶ୍ୱରରେ ଆୟୋଜିତ ହୋଇଥିବା 'ଓଡିଶା କନକ୍ଲେଭ୍'ରେ ବହିରାଗତ ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏଭଳି ବ୍ୟାନର ପ୍ରଦର୍ଶିତ ହୋଇଥିଲା। କିଛିବର୍ଷ ତଳେ ନବକଳେବର ଓ ଅନ୍ୟ କେତେକ ଅବସରରେ ମଧ୍ୟ ସରକାରଙ୍କ ପକ୍ଷରୁ ପ୍ରଦର୍ଶିତ ବିଜ୍ଞାପନମାନଙ୍କରେ ଯାତ୍ରୀମାନଙ୍କୁ ଆମର ବିଧ୍ୱଂସକାରୀ ଓଡ଼ିଶା ଭୂମି ('ଓଡିଶା – ଦି ଲ୍ୟାଣ୍ଡ ଅଫ୍ ଜଗନଅଟ୍')କୁ ସ୍ୱାଗତ କରାଯାଇ ସନ୍ଦେଶମାନ ପ୍ରଦର୍ଶିତ ହୋଇଥିଲା।

କିସ କରିବା, କପାଳରେ ସିନା କରମାରିବା !

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪,ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭ , ମୋବାଇଲ : ୯୩୬୮୭୭୨୫୦୬


**ପ୍ରବନ୍ଧ**

# ଜଗନ୍ନାଥ କୈନ୍ଦ୍ରିକ କାବ୍ୟ ଚେତନାର ନବକଳେବର



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ବିଶ୍ୱାସ ବା ପ୍ରତ୍ୟୟର ପ୍ରାଣକେନ୍ଦ୍ର। ସେ ଓଡ଼ିଆ ଜାତୀୟତାର ଅପରାଜେୟ ଆତ୍ମାର ପ୍ରତୀକ ତଥା ଉତ୍କଳୀୟ ଦର୍ଶନର ପ୍ରାଣକେନ୍ଦ୍ର। ତାଙ୍କର ନାମ ସ୍ମରଣ, ଉଚ୍ଚାରଣ, ଅର୍ଚ୍ଚନ, ବନ୍ଦନ ତଥା ଭକ୍ତି ନିବେଦନ ଓ ଆତ୍ମସମର୍ପଣ ଉତ୍କଳୀୟ ଜୀବନ ଚର୍ଯ୍ୟାର ଏକ ବିଶିଷ୍ଟ ଅଙ୍ଗ। ଜଗନ୍ନାଥଙ୍କୁ କେନ୍ଦ୍ରକରି ଏଠି ଗଢ଼ି ଉଠିଛି ନୂତନ ଦର୍ଶନ, ଚିନ୍ତାଧାରା, ସଂସ୍କୃତି ଓ କିମ୍ବଦନ୍ତୀ ଇତ୍ୟାଦି। ସମାଜର ପ୍ରତ୍ୟେକ ସ୍ତରକୁ ଭେଦ କରିଯାଇଛି ଜଗନ୍ନାଥ ଚେତନା। ତେଣୁ କେଉଁ ପ୍ରାଚୀନ କାଳରୁ ସେହି ଚେତନା ଆଧାରରେ ପରିପୁଷ୍ଟ ହୋଇଛି ଉତ୍କଳର ସାହିତ୍ୟ ଓ ସଂସ୍କୃତି। ବିଶେଷକରି ଓଡ଼ିଆ କାବ୍ୟ ସାହିତ୍ୟ ତା'ର ଆଦିରୂପ ଚର୍ଯ୍ୟାଗୀତଠାରୁ ଆଜି ପର୍ଯ୍ୟନ୍ତ ଜଗନ୍ନାଥ ଚେତନାରେ ପ୍ଲାବିତ ଓ ଅନୁରକ୍ତ। ସେଥିପାଇଁ କୁହାଯାଏ ଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ – ସଂସ୍କୃତି ଫୁଲ ଓ ତା'ର ପାଖୁଡ଼ା ଭଳି ଓତଃପ୍ରୋତ ଭାବେ ଜଡ଼ିତ।



ଉତ୍କଳୀୟ ସଂସ୍କୃତି ସାହିତ୍ୟରେ ଜଗନ୍ନାଥଙ୍କ ଅଲୌକିକ ମହିମା ଗାନରେ ନିଜକୁ କୃତାର୍ଥ ମନେ କରିଛନ୍ତି ଶ୍ରୀଜୟଦେବଙ୍କ ଭଳି ଅନେକ କବି। ଆଦିକବି ସାରଳା ଦାସ ମା' ଶାରଳାଙ୍କ ଭକ୍ତ ହୋଇ ସୁଦ୍ଧା ଜଗନ୍ନାଥଙ୍କ ନିକଟରେ ସ୍ଥାପନ କରିଛନ୍ତି ନିଜର ଆସ୍ଥା ଓ ଆତ୍ମୀୟତା। ଶ୍ରୀକୃଷ୍ଣଙ୍କୁ ନାୟକ ଭାବରେ ଗ୍ରହଣ କରି ସେ ମହାଭାରତ ଲେଖିଛନ୍ତି ସତ, ହେଲେ ଜଗନ୍ନାଥ (ଶବରୀ ନାରାୟଣ)ଙ୍କୁ ଅବତାରୀ ପୁରୁଷ ଭାବେ ଗହଣ କରି ଗାଇଛନ୍ତି ବନ୍ଦନା। ସାରଳା ଦାସଙ୍କ ସମୟକୁ ଜଗନ୍ନାଥଙ୍କ ପ୍ରସିଦ୍ଧି ସାରା ଭାରତକୁ ବ୍ୟାପି ସାରିଥିଲା ଏବଂ ମହାପ୍ରଭୁଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଅନେକ କାହାଣୀ ଓ କିମ୍ବଦନ୍ତୀ। ପରବର୍ତ୍ତୀ ସମୟରେ ସେହି କିମ୍ବଦନ୍ତୀ ଓ ଉପାସନା ମହତ୍ତ୍ୱକୁ ଗୀତା, ସଂହିତା ଓ କାବ୍ୟ କବିତାରେ ବର୍ଣ୍ଣନା କଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ପ୍ରମୁଖ କବିମାନେ। ପଞ୍ଚସଖା ଯୁଗର ଉପରୋକ୍ତ ପଞ୍ଚଦାସେ ଥିଲେ ଜଗନ୍ନାଥଙ୍କ ଭକ୍ତିରେ ପ୍ରମତ୍ତ ଜଣେ ଜଣେ ପରମ ସାଧକ ଏବଂ ଏମାନଙ୍କ ରଚନାରେ ଛଳ ଛଳ ହୋଇ ବହି ଯାଇଛି ଜଗନ୍ନାଥ ଚେତନାର ଅପୂର୍ବ ଭାବାବେଗ। ରୀତିଯୁଗୀୟ କାବ୍ୟ କବିତା ଥିଲା ଅମୃତ ରସଭରା ଏବଂ ସେତେବେଳେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ବନମାଳୀ ଓ ଯବନ କବି ସାଲବେଗ ପ୍ରମୁଖ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଲେଖି ଯାଇଛନ୍ତି ସ୍ତୁତି, ଭଜନ, ଜଣାଣ ଓ କାବ୍ୟ କବିତା। ଭକ୍ତ ସାଲବେଗଙ୍କ 'ଆହେ ନୀଳ ଶଇଳ', ବଳଦେବ ରଥଙ୍କ 'ବାଧିଲା ଜାଣି କ୍ଷମାକର' ଆଦି ଅନେକ ସ୍ମରଣୀୟ ପଦ ପଂକ୍ତି ରହିଛି, ଯାହା ଜଗନ୍ନାଥଙ୍କ ସହ ଏକାତ୍ମ ହେବାର ଏକ ଏକ ଅନ୍ତରଙ୍ଗ ଆଲେଖ୍ୟ।

## ଅନୁଭବର ଠାକୁର

ଜଗନ୍ନାଥ ଭାବର ଠାକୁର, ଅନୁଭବର ଠାକୁର। ଭାଷାର ବଳୟ ବାହାରେ ତାଙ୍କର ସ୍ଥିତି ଓ ଅଭିବ୍ୟକ୍ତି। ଅନ୍ତଃର୍ମନରେ ତାଙ୍କୁ ବୁଝିହୁଏ ଏବଂ ଅନ୍ତଃକର୍ଣ୍ଣରେ ଶୁଣି ହୁଏ ତାଙ୍କ କଥା। ତେଣୁ ଭକ୍ତ ଜଣେ ଜଗନ୍ନାଥଙ୍କୁ କ'ଣ କହି ଡାକୁଛି, ତାହା ବଡ଼ କଥା ନୁହେଁ, ବଡ଼ କଥା ହେଉଛି ସେ ଡାକରେ ଭାବ ଓ ଆବେଗର ସ୍ତର କେତେ ନିବା ଓ ନିବିଡ଼। ଆବେଗର ଆଶ୍ରା

ସଙ୍ଗୀତ। ଅର୍ଥାତ ଆବେଗଭରା କଣ୍ଠରେ ଦୁଃଖ, ଆନନ୍ଦ, ଅଭିମାନ, ଅଭିଯୋଗ, ଆଶା ଓ ନୈରାଶ୍ୟ ଆଦିର ନାଦ ସର୍ବଦା ସାଙ୍ଗୀତିକ। ଭାବରେ ଏକାତ୍ମ ହେଲେ ଭାଷା ଉଚ୍ଛୁଳେ ଏବଂ ଛନ୍ଦ ତୋଳିବା ପାଇଁ ଦିଗ୍‌ବଳୟରୁ ଉତୁରି ଆସେ ଶବ୍ଦ।

କବିତା କେବଳ ଆବେଗର କଥା କହେନି, ସେଥିରେ ଥାଏ ଆତ୍ମାର କଥା। କବିର ଆତ୍ମା ହେଉଛି ଐଶୀ ଚେତନା, ଯାହା ତା'ର ଭାବନାକୁ ନେଇଯାଏ ମହାଭାବର ମହାଦିଗନ୍ତ ଆଡ଼େ। କବିଙ୍କୁ ତନ୍ମୟ କରେ ତା'ର ରହସ୍ୟମୟ ଭାବନିଷ୍ଠତା। ବିସ୍ମୟର ବିଷୟ ଆଧୁନିକ କାଳରେ ଜନଜୀବନ ବସ୍ତୁତାନ୍ତ୍ରିକତା ଓ ନିରୀଶ୍ୱରବାଦ ଆଡ଼କୁ ମୁହାଁଉଥିବା ସତ୍ତ୍ୱେ ପୂର୍ବପରି ଏବେ ବି ଜଗନ୍ନାଥଙ୍କୁ ନେଇ ଲେଖାଯାଉଛି ରାଶିରାଶି କବିତା। ମାତ୍ର ସେଥିରୁ ଅଧିକାଂଶ କବିତାରେ ଭକ୍ତି, ପ୍ରୀତି ଓ ପ୍ରତୀତି ଅପେକ୍ଷା କ୍ରୋଧ, ବିଦ୍ରୋହ ଓ ଜିଜ୍ଞାସାର ସ୍ୱର ଅଧିକ ତୀବ୍ର। କେଉଁଠି ଜଗନ୍ନାଥଙ୍କ ପ୍ରତି ସଂଶୟ ଓ ତୀର୍ଯ୍ୟକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇଛି ତ କେଉଁଠି କବି କଣ୍ଠରେ ବାରିହୋଇ ପଡ଼ିଛି ଶ୍ଲେଷ ଓ ବ୍ୟଙ୍ଗ।

**କେଉଁଠି ଜଗନ୍ନାଥଙ୍କ ପ୍ରତି ସଂଶୟ ଓ ତୀର୍ଯ୍ୟକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇଛି ତ କେଉଁଠି କବି କଣ୍ଠରେ ବାରିହୋଇ ପଡ଼ିଛି ଶ୍ଲେଷ ଓ ବ୍ୟଙ୍ଗ।**

## ଆବେଗ ନୁହେଁ, ବାସ୍ତବତା

କେବଳ ଆବେଗ ନୁହେଁ, କବିତା ପାଇଁ ସାମାଜିକ ବାସ୍ତବତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ତତ୍ତ୍ୱଭାରକୁ ପଛରେ ପକାଇ ତିଆରି ହୋଇଛି ଜଗନ୍ନାଥ କୈନ୍ଦ୍ରିକ କାବ୍ୟ ଚେତନାର ନୂଆ ସ୍ଥାପତ୍ୟ।

ରହସ୍ୟମୟ ଠାକୁର ଜଗନ୍ନାଥ ବହୁ ଦାର୍ଶନିକ ମତବାଦ ଓ ଧର୍ମୀୟ ଚିନ୍ତନର ସମନ୍ୱିତ ପ୍ରତିଭୂ। ମୂଳତଃ ସେ ଆଦିବାସୀ (ଶବର) ଦେବତା। ସ୍କନ୍ଦ ପୁରାଣ ଅନୁସାରେ ବିଶ୍ୱାବସୁ ନାମକ ଶବର ରାଜାଙ୍କ ଦ୍ୱାରା ସେ ଗୋପନରେ ଓ ଅରଣ୍ୟ ଭିତରେ ପୂଜା ପାଉଥିଲେ ନୀଳମାଧବ ରୂପରେ। ପରବର୍ତ୍ତୀ ସମୟରେ ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସେ ଅରଣ୍ୟରୁ ଆସି ଶ୍ରୀକ୍ଷେତ୍ରରେ ପୂଜା ପାଇବା ଫଳରେ ଦାରୁ ଉପାସନାରେ ପରିଣତ ହେଲା ଅରଣ୍ୟ ଚେତନାର ସହଜ ବୃକ୍ଷ ଉପାସନା। ଏହି ଅନ୍ତର୍ଦୃଷ୍ଟିସମ୍ପନ୍ନ ଆଧ୍ୟାତ୍ମ ଅନୁଭବରୁ ପ୍ରତିଷ୍ଠା ଲାଭ କଲା ସାମ୍ୟ ଓ ମୈତ୍ରୀ ଚେତନା। ଶବର ଓ ବ୍ରାହ୍ମଣ ଉଭୟ ପରମ୍ପରାର ସମନ୍ୱୟରେ ପରିପୁଷ୍ଟ ହେଲା ଜଗନ୍ନାଥ ସଂସ୍କୃତି। ଦୂର ହେଲା ଆର୍ଯ୍ୟ ଓ ଅନାର୍ଯ୍ୟ ପରମ୍ପରା ମଧ୍ୟରେ ଥିବା ମତଭେଦ। ଏହି ମୈତ୍ରୀ ଭାବନା ପ୍ରତିଷ୍ଠା ଅନ୍ତରାଳରେ ଥିବା ବିଦ୍ୟାପତି - ଲଳିତା ପ୍ରସଙ୍ଗକୁ କାବ୍ୟାୟିତ କରିବାକୁ ଯାଇ କବି ଦୀନକୃଷ୍ଣ ଦାସ ଲେଖିଛନ୍ତି -

"ବିଦ୍ୟାପତି ବ୍ରାହ୍ମଣ ଯେ ଦୂତ ପଣେ ଥିଲା
ଶବର ଝିଅକୁ ସେ ଯେ ପ୍ରଦାନ ହୋଇଲା।

କବି ଦନେଇ ଦାସ ମଧ୍ୟ ଗୋପୀଭାଷା' ରେ ଗାଇଛନ୍ତି -

ଥିଲା ଶବରିଣୀ ହସ୍ତେ ମାଣିକ
ତାହା ଚିହ୍ନି ଘେନିଗଲା (ବଣିକ) ଗଣିକ।"

ଗହନବନରେ ପୂଜା ପାଉଥିବା ନୀଳମାଧବଙ୍କ ପାଖକୁ ବିଦ୍ୟାପତିଙ୍କୁ ବାଟ କଢ଼େଇ ନେଇଥିଲା ବିଶ୍ୱାବସୁଙ୍କ କନ୍ୟା ଲଳିତା। ଏହାକୁ କିମ୍ବଦନ୍ତୀୟ କହି କେବେ ଏଡାଇ ଯାଇନି ଆଧୁନିକ କବି। ବରଂ ବିଶ୍ୱାବସୁଙ୍କ କନ୍ୟା ଲଳିତାର ସହଯୋଗକୁ ସ୍ମରଣୀୟ ଓ ଶ୍ରୀମଣ୍ଡିତ କରିବାକୁ ଯାଇ କବି ସଚ୍ଚି ରାଉତରାୟ ତାଙ୍କର 'ସୋରିଷ ଫୁଲର ପଥ' କବିତାରେ ତାହା ଲେଖିଛନ୍ତି ଏକ ଭିନ୍ନ ଢଙ୍ଗରେ -

"ଶଙ୍ଖକ୍ଷେତ୍ର ମହା ମାନବର
ମୁଁ ମାତ୍ର ନିମିତ୍ତ, ତୁମେ ମୋ ସଙ୍ଗିନୀ
କେଉଁ ଆଡେ ହାତଧରି ନେଉଛ ସୁନ୍ଦରୀ
କୁହ ମୋତେ ଖୋଲି।"

ଆକାଶର ଖୋଲାପଣ ପରି ଏହି ଅନ୍ତରଙ୍ଗ ଆଳାପରେ ଶବ୍ଦମୟ ହୋଇ ଉଠିଛି ଆର୍ଯ୍ୟ ଓ ଅନାର୍ଯ୍ୟର ମଧୁର ଆଲିଙ୍ଗନ ବା ଐକ୍ୟବୋଧର ଐଶ୍ୱର୍ଯ୍ୟପଣ।


ମଣିଷର ସ୍ଥିତି, ଉନ୍ନତି ଓ ଆଧ୍ୟାତ୍ମିକତା ସହିତ ବୃକ୍ଷଜଗତ ଓତଃପ୍ରୋତ ଭାବେ ଜଡ଼ିତ। ପ୍ରାଣ ସଞ୍ଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଖାଦ୍ୟ, ବସ୍ତ୍ର, ବାସ ଆଦି ପ୍ରତ୍ୟେକ କ୍ଷେତ୍ରରେ ମଣିଷ ବୃକ୍ଷ ଉପରେ ନିର୍ଭରଶୀଳ। ତେଣୁ ଭାରତୀୟ ସଂସ୍କୃତିରେ ବୃକ୍ଷପୂଜା ପରମ୍ପରା ବହୁ ପ୍ରାଚୀନ। ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟକୁ ପ୍ରଥମେ ଆବିଷ୍କାର କରିଥିଲା ଏ ଦେଶର ଆଦିମ ଅଧିବାସୀ। ତାକୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା ବୃକ୍ଷର ବହୁମୁଖୀ ଉପକାରିତା ଓ ସହିଷ୍ଣୁତା। ତା'ର

ଏହି ଅରଣ୍ୟ ଚେତନାରୁ ଆରମ୍ଭ ହେଲା ବୃକ୍ଷ ଉପାସନା। ଏହା କ୍ରମଶଃ ଦାରୁ ଉପାସନା ଓ ପରିଶେଷରେ ନୀଳାଦ୍ରି ମଣ୍ଡପରେ ଦାରୁବ୍ରହ୍ମ ଉପାସନା ନିମନ୍ତେ ଖଞ୍ଜାହେଲା ବିଧିବିଧାନ। ନୀଳାଦ୍ରି ବିହାରୀ ପରଂବ୍ରହ୍ମ ଜଗନ୍ନାଥଙ୍କୁ ଦାରୁ ଦେବତା ରୂପରେ ବନ୍ଦନା କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'ରସିକ ହାରାବଳି'ର ପ୍ରଥମ ଛାନ୍ଦରେ ଗାଇଲେ -

"ଜୟ ଜଗନ୍ନାଥ ଦାରୁ ରୂପ ଧାରୀ
ନୀଳ ଗିରୀଶ ଗିରୀଶ ବନ୍ଦନୀୟ ହରି
ମହାବଳ ବଳ ଅବରୁଦ ଭଦ୍ରାଗଜ
ଗରୁଡ଼ାସନ ପୂଜ୍ୟ ଚତୁର୍ଭୁଜ।"

ଆଦିବାସୀର ଅରଣ୍ୟ ଚେତନା ପାଇଁ ଏକଦା ଜଙ୍ଗଲ ଥିଲା ସୁରକ୍ଷିତ। ଏବେ କିନ୍ତୁ ତଥାକଥିତ ସଭ୍ୟ ମଣିଷର ସ୍ୱାର୍ଥପରତା ଯୋଗୁ ଅରଣ୍ୟ ସମ୍ପଦ ସଙ୍କଟରେ। ବିକାଶ ନାଁରେ ପ୍ରତିଦିନ କଟାଯାଉଛି ଗଛ। ଧ୍ୱଂସ ପାଉଛି ବିସ୍ତୃତ ଅଞ୍ଚଳବ୍ୟାପୀ ଘଞ୍ଚ ଅରଣ୍ୟ। ଉଜୁଡ଼ି ଯାଉଛି ଅସୁମାରୀ ପଶୁପକ୍ଷୀଙ୍କ ପ୍ରାକୃତିକ ଆବାସସ୍ଥଳୀ। ତା'ର ପ୍ରଭାବରେ କ୍ଷୁବ୍‌ଧ ହେଉଛି ପ୍ରକୃତି। ଆଧୁନିକ କବିଙ୍କୁ ଆଜି ଖୁବ୍ ମର୍ମାହତ କରିଛି ଏହି ପାରିବେଶିକ ବିପର୍ଯ୍ୟୟ। ତେଣୁ ସେ ଜଗନ୍ନାଥଙ୍କୁ ଦାରୁଦେବତା କହି ବନ୍ଦନା କରିବା ପରିବର୍ତ୍ତେ ବାଢି ଚାଲିଛି ଅଭିଯୋଗ। କବି ବେଣୁଧର ରାଉତ୍‌ଙ୍କ ଭାଷାରେ-

"ହେ ଜଙ୍ଗଲି ଠାକୁର
ଜଙ୍ଗଲ କୁଆଡ଼େ ଗଲା?
ତୁମର ଶବରମାନେ କାହା ସଙ୍ଗେ କଥାଭାଷା ହେବେ
ତୁମ ଲାଗି ବାଟ ଚହିଁ ଶବରୁଣୀ ବସିବ କେଉଁଠି?
କେଉଁଠୁ ଆସିବ ଭଲା ରଖିବାକୁ ତୁମ ଲାଗି
ଖଟା ମିଠା ଫଳ?"




## ବୌଦ୍ଧ ଅବତାର

ଖ୍ରୀଷ୍ଟପୂର୍ବ ସପ୍ତମ-ଷଷ୍ଠ ଶତାବ୍ଦୀରେ ସମଗ୍ର ବିଶ୍ୱ ଯେତେବେଳେ କୁସଂସ୍କାର ଓ ଅନ୍ୟାୟର ପ୍ରାବଲ୍ୟରେ କଳଙ୍କିତ ହୋଇଯାଇଥିଲା ସେହି ସଙ୍କଟମୟ କାଳରେ ସଂସାରକୁ ନୂତନ ଆଲୋକ ଦେଖାଇବା ପାଇଁ ବୌଦ୍ଧ ଅବତାର ଗ୍ରହଣ କରିଥିଲେ ଭଗବାନ। ସ୍ନିଗ୍ଧାବତାର ପରମ କାରୁଣିକ ବୁଦ୍ଧ ଗଭୀର ତପଶ୍ଚରଣ ଫଳରେ ଯେଉଁ ସତ୍ୟର ସନ୍ଧାନ ପାଇଲେ, ତାହା ଜଗତରେ ବିତରଣ ଫଳରେ ବହୁ ମାତ୍ରାରେ ଅପସରି ଗଲା ହିଂସା ଓ ଅଶାନ୍ତି। ଜଗନ୍ନାଥ ଧର୍ମ, ସଂସ୍କୃତି ଓ ପରମ୍ପରାରେ ସର୍ବଧର୍ମର ସମନ୍ୱୟ ଥିବାରୁ ଏଥିରେ ସ୍ପଷ୍ଟ ବାରିହୋଇ ପଡ଼େ ବୌଦ୍ଧ ଧର୍ମର ପ୍ରଭାବ ଏବଂ ବିଷ୍ଣୁ ପୁରାଣ ଅନୁସାରେ ବୁଦ୍ଧ ହେଉଛନ୍ତି ବିଷ୍ଣୁ (ଜଗନ୍ନାଥ)ଙ୍କର ନବମ ଅବତାର। ମାଟିର ମହାକବି ସାରଳା ଦାସ ତେଣୁ ତାଙ୍କ ମହାଭାରତରେ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ଭାବରେ ଅଭିହିତ କରି ଲେଖିଛନ୍ତି -

"ମହୋଦଧି ତୀରେ ବଡ଼ ଦେଉଳରେ ବସି
ଦରିଦ୍ରମାନଙ୍କ ଦୁଃଖ ଦେଉଅଛ ଧ୍ୱଂସି
ବୁଦ୍ଧଙ୍କ ରୂପରେ କଳିଯୁଗ ଅବତାର
ହୋଇଣ ପାପୀଜନଙ୍କୁ କରୁଛ ସଂହାର।" (ମଧ୍ୟପର୍ବ)

ଆଧୁନିକ କବି ବାସ୍ତବବାଦୀ। ତା'ର ଚେତନା ସ୍ତରରେ ଆଧାତ୍ମିକ ଆଲୋକ ଦ୍ୟୁତି ପ୍ରକଟିତ ହୋଇଥିଲେ ସୁଦ୍ଧା କବି ପ୍ରାଣକୁ କବଳିତ କରିଛି ସମାଜ କୈନ୍ଦ୍ରିକ ଭାବନା। ସମାଜରେ ବ୍ୟାପୁଥିବା ହିଂସା, ଦ୍ୱେଷ ଓ ଅତ୍ୟାଚାର ବାତାବରଣ ଭିତରେ କବି ପ୍ରାଣରେ ଚେଇଁ ଉଠେ ଅସରନ୍ତି ପ୍ରଶ୍ନ। ବୁଦ୍ଧ ଯଦି କରୁଣାର ଅବତାର, ତେବେ ଜଗନ୍ନାଥଙ୍କ ପାଖରେ କାହିଁ ସେ ବୌଦ୍ଧୀୟ କରୁଣା? କାହିଁ ପତିତ ଉଦ୍ଧାରଣର ନୂଆ ଉଦାହରଣ? ଏମିତି କିଛି ମାନବବାଦୀ ପ୍ରଶ୍ନ ନେଇ ଜଗନ୍ନାଥଙ୍କୁ ଜଣାଣ

ଶୁଣେଇଛନ୍ତି କବି ସଚ୍ଚି ରାଉତରାୟ।

"ତୁମେ ପରା ଆହେ ବଉଧ - ମୂରତି
ବସିଛ ଆରାମେ ଧର୍ମ -କୀରତି
ତୁମେ ପରା ଚିର ଶାନ୍ତି ପ୍ରତୀତି
ନୀଳଚକ୍ରରେ ବାନ୍ଧିଚ ବନାତି
ଲିଭାଇବ ନିଆଁ କିଏ ହେ
କହ ମହାବାହୁ କହ ହେ।"

ସାମ୍ପ୍ରତିକ କାଳରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କାରଣରୁ ଦିନକୁ ଦିନ ବ୍ୟାହତ ହେଉଛି ଶାନ୍ତି। ତେଣୁ ନୈରାଶ୍ୟ ଓ ଅଶାନ୍ତି ମଧ୍ୟରୁ ମୁକ୍ତି ଖୋଜିଛନ୍ତି କବି ଅନନ୍ତ ପଟ୍ଟନାୟକ। ଯନ୍ତ୍ରଣାକ୍ତ ଓ ମୁମୂର୍ଷୁ ପ୍ରାଣରେ ଜଗନ୍ନାଥଙ୍କର ବୀଜ ଓଁକାର ସୃଷ୍ଟି କରି ବାଢ଼ିଛନ୍ତି ସଚେତନ ଆତ୍ମ-ମଣିଷର ଆତ୍ମଲିପି।

"ମୁଁ କି'ରେ ଖୋଲୁନି ମର୍ମର ଖଣି
ମରୁ ଖର୍ଜୁରେ ଫୁଲ-ଫଲ୍‌ଗୁର ଧାରା
ମୁଁ କିରେ ବୁଣୁନି ଜଗନ୍ନାଥର
ବୀଜ ଓଁକାର।"
(ନିଜେ ବନ୍ଦନା ପଢ଼େ)

**ମହାଚେତନାର ପ୍ରତୀକ**

ମହାଚେତନାର ପ୍ରତୀକ ମହାପ୍ରଭୁ ଶ୍ରୀ ଜଗନ୍ନାଥ ନଈ ବହି ଆସି ସମୁଦ୍ରରେ ମିଶିଲା ପରି ଅଗଣିତ ଭକ୍ତଙ୍କ ପ୍ରାର୍ଥନାର ଏକ ତୁମୁଳ ସ୍ୱର ବା ଏକ ସାର୍ବଜନୀନ ଚେତନା। ସେ ସ୍ରଷ୍ଟା ଓ ସୃଷ୍ଟି। ଦ୍ରଷ୍ଟା ଓ ଦୃଷ୍ଟି। ସେ କେବଳ ଓଡ଼ିଆ ଜାତିର ନୁହଁନ୍ତି, ସମଗ୍ର ଜଗତର ଠାକୁର। ସେ କେବଳ ହିନ୍ଦୁର ନୁହନ୍ତି, ସାଲବେଗ ପରି ମୁସଲମାନ୍‌ର ବି ଆପଣାର। ସେ କେବଳ ବ୍ରାହ୍ମଣ ନୁହନ୍ତି, ଦାସିଆ ବାଉରି ପରି ଅଛବଙ୍କ ପାଇଁ ମଧ୍ୟ ତାଙ୍କ ପ୍ରାଣ ବ୍ୟାକୁଳ। ସେ କେବଳ ଧନୀର ନୁହଁନ୍ତି, ବଂଧୁ ମହାନ୍ତି ପରି ଦରିଦ୍ର ବି ତାଙ୍କର ବଂଧୁ। ସେ ସକଳ ବିଶ୍ୱାସର କେନ୍ଦ୍ରବିନ୍ଦୁ ଓ ସମସ୍ତଙ୍କ ପାଇଁ ଆଶା ଆଶ୍ୱାସନାର ସ୍ଥଳ। ତାଙ୍କରି କରୁଣାରୁ କାଣିଚାଏ କାମନା କରି ଭକ୍ତ କବି ଆର୍ତ୍ତବନ୍ଧୁ ଗାଇଛନ୍ତି-

"ମାଗୁ ନାହିଁ କିଛି ମୁଁ ଆଉ
ମାଗୁଛି ହେ ପ୍ରଭୁ ଏତିକି ହେଉ
କରୁଣା ବାରିଧି କରୁଣା - କଣାରୁ
କାଣିଚାଏ ହେଲେ ମୋ ଭାଲେ ଥାଉ।"

ଏଠାରେ ଆବେଗର ସ୍ତର ଅସହାୟତା, ଦୁଃଖ ଓ କଷଣ ସହ ନିର୍ବନ୍ଧିତ ହୋଇଥିବାରୁ ଆକୁଳ ଆବେଦନରୁ ବାରି ହୋଇ ପଡେ ଆଧ୍ୟାତ୍ମିକ ଅନ୍ତର୍ମୟତା। ଅନୁରୂପ ଆବେଗ ଓ ଭାବର ଗତିଶୀଳତା ଲକ୍ଷ୍ୟ କରାଯାଏ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଆଧ୍ୟାତ୍ମିକ ତୃଷ୍ଣାରେ। ସ୍ୱାଭାବିକ ଶବ୍ଦାଡମ୍ବର, ଅନନ୍ୟ ପ୍ରତୀକ ଓ ଉପମା ପ୍ରୟୋଗରୁ ବିରତ ରହି ସହଜ ସରଳ ଢଙ୍ଗରେ ଜୀବନର କ୍ଳେଶ, ପୀଡା ଓ ଦୁଃଖ ପ୍ରକାଶ କରିବାକୁ ଯାଇ ସେ ଗାଇଛନ୍ତି -

"ମାନ ଉଦ୍ଧରଣ କର ହେ କାରଣ
ଶରଣ ମୁଁ ତୁମ୍ଭ ପାଦ ତଳେ
ଅନାଥର ନାଥ ନୀଳଗିରି ନାଥ
ଜଗନ୍ନାଥ ନାମ ନୀଳାଚଳେ।"

କବିଙ୍କ ଅବବୋଧର ସ୍ତର ଆଧ୍ୟାତ୍ମିକତାର ସମର୍ପଣରେ ଉଛୁଳି ପଡିଛି ଏବଂ ଏହା ହିଁ ଜଗନ୍ନାଥଙ୍କ ଅପାର କରୁଣା ପାଇଁ ତୃଷିତ କବିକୁଳର ଅନ୍ତରାତ୍ମାର ଉଚ୍ଚାରଣ। ନିରନ୍ତର ଝରି ଯାଉଥିବା ସେହି ଭାକ୍ତିକ ଆବେଗ ଓ ବିଶ୍ୱାସର ଥାଳ ଧରି ଆଜି ବି ବଡଦାଣ୍ଡରେ ବସି ରହିଛି ଭିକାରୀ। ସଞ୍ଜୀଯାଏ ଦାତାର ଦେଖା ନ ଥିଲେ ବି ତୁଟି ଯାଉନି ଭରସା। କବି ଜଗନ୍ନାଥ ପ୍ରସାଦ ଦାସଙ୍କ ଭାଷାରେ -

**ଅନୁରୂପ ଆବେଗ ଓ ଭାବର ଗତିଶୀଳତା ଲକ୍ଷ୍ୟ କରାଯାଏ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଆଧ୍ୟାତ୍ମିକ ତୃଷ୍ଣାରେ।**

"ନୀଳଚକ୍ର ତାର ଆଖିପାଏ ନାହିଁ
ସିଂହଦ୍ୱାର ତା'ର ପହଞ୍ଚ ବାହାରେ
ତଥାପି ସେ ଅପେକ୍ଷା କରେ
ସନ୍ଧ୍ୟା ଆଳତି ପରେ ଈଶ୍ୱର ଗାଡିରୁ ଓହ୍ଲେଇବେ
ଏବଂ ପକେଟରୁ କିଛି ରେଜା ପଇସା
ଫିଙ୍ଗି ଦେବେ ଟିଣ ଡବା ଭିତରକୁ।"


ସମର୍ପିତ ମନୋଭାବ ନେଇ ମହାପ୍ରଭୁଙ୍କ ଶରଣାପନ୍ନ ହେଲେ ଭକ୍ତର ଡାକ ଶୁଣନ୍ତି ଓ ବୁଝନ୍ତି ମନର ବେଦନା। ସେହି ଅନୁଭବ ନେଇ ଉତ୍କଳମଣି ଗୋପବନ୍ଧୁ ଦାସ ଗାଇଥିଲେ-

"ନୀଳାଚଳ ନାଥ ପ୍ରଭୁ ଶ୍ରୀନିବାସ
ପୂରାଇବେ ଆଶା ରଖ ଏ ବିଶ୍ୱାସ।"

ଏହି ବିଶ୍ୱାସ ଓ ଆଧ୍ୟାତ୍ମିକ ତଲ୍ଲୀନତା ଯୋଗୁଁ ଯେଉଁ ଆଡେ ଗଲେ ବି ପ୍ରଭୁଙ୍କର ଦୁଇ ଚକାଆଖିର ଅଭୟ ଆଶ୍ରୟ ଅନୁଭବ କରନ୍ତି ସଂସ୍କୃତି ପ୍ରବଣ କବି ସୀତାକାନ୍ତ ମହାପାତ୍ର-

"ସାଙ୍ଗରେ ନେଇଯାଏ
ଭାଗବତର କୁନି କୁନି ଧାଡି
ନିର୍ମାଲ୍ୟ କଣିକା ଓ ଦୁଇ ଚକା ଆଖିର
ଅଭୟ ବର
ଏତିକି ମୋ ପାଇଁ ଓଡ଼ିଶା।"

ମାନବ ପ୍ରେମ ଜଗନ୍ନାଥ ଚେତନାର ମୂଳମନ୍ତ୍ର। ସେ ଚେତନା ବଦଳିନି, କିଛିଟା ବଦଳିଛି କେବଳ ଜଗନ୍ନାଥ ମନସ୍କତାର ଅନୁଭବ। ଆଧୁନିକ କବି ଆପଣା ଅନୁଭବକୁ ନୂଆ ଭାବରେ ସଜେଇବା ଫଳରେ ସମ୍ଭବ ହୋଇଛି ଜଗନ୍ନାଥ କୈନ୍ଦ୍ରିକ କବିତାର ନବକଳେବର।



ମହାପ୍ରଭୁ ଶ୍ରୀଜଗନ୍ନାଥ ଏ ଜାତିର ମୁକ୍ତିଦାତା, ଦୁଃଖହାରୀ ତଥା ସକଳ ପୁରୁଷାର୍ଥର ଆଦିପୀଠ ସ୍ୱୟଂ କଳ୍ପତରୁ। ତାଙ୍କ ନାମ ସ୍ମରଣ ଓ ଉଚ୍ଚାରଣ ମାତ୍ରେ ଧୋଇଯାଏ ସମସ୍ତ ପାପ। ତେଣୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନାମ ଭଜନ ଓଡ଼ିଆ କବିର କାମ୍ୟ। ତେଣୁ ଭକ୍ତିରେ ଜଡ଼ସଡ଼ ହୋଇ ଗାଇଛି-

"ଭଜି ଭଜି ତୋ ନାମ ଯାଉ ଜୀବନ
ବାରେ ନ ଦେଖିଲେ ତୋ କଳା ବଦନ
ମୋର ସରେନି ଦିନ।"

**ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସ୍ୱର**

ଆଜି ବି ଏହି ସଙ୍ଗୀତ ପ୍ରାଣରେ ଭରିଦିଏ ପ୍ରଚୁର ପ୍ରଚୋଦନା। ଏବେ କିନ୍ତୁ ଏ ସମ୍ପର୍କରେ ବର୍ତ୍ତମାନର କବିଙ୍କର ସ୍ୱର ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ଭିନ୍ନ ଧରଣର। ସାମ୍ପ୍ରତିକ ସାହିତ୍ୟ ଧର୍ମଭିତ୍ତିକ ନୁହେଁ, ଏଥିରେ ବିଜ୍ଞାନ ଓ ରାଜନୀତିର ପ୍ରଭାବ ବେଶି। ତେଣୁ 'ଭୁଜ ତଳେ ମୋତେ ରଖ ମହାବାହୁ' ବା 'କେଣେ ଘେନି ଯାଉଛ ମୋ ଜଗନ୍ନାଥଙ୍କୁ' ଗାଇବା ପରିବର୍ତ୍ତେ ଆଧୁନିକ କବି ପ୍ରକାଶ କରୁଛି ଏକ ଶୋକାର୍ତ୍ତ ସମୟର ଜ୍ୱାଳା। ଜଟିଳ ଜୀବନର ଅନ୍ୱେଷା ନେଇ କବି ଫନୀ ମହାନ୍ତି ଲେଖିଛନ୍ତି -

"କି ମାନ ମିଳିବ ପ୍ରଭୁ!
ଜପି ଜପି ତମ ନାମ ଅଯଥାରେ
କଷ୍ଟ ଦେବା ଆପଣା ଶରୀରେ
କି ସୁଖ ପାଇବା ପାଇଁ ଆମେ ସବୁ
ଦିନ ରାତି ହାଉଯାଉ ଶରଧା ବାଲିରେ। ..."

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଅପାର। ତାଙ୍କ ଦାରୁପିଣ୍ଡ ମଧ୍ୟରେ ବିଦ୍ୟମାନ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ। ଗରୁଡ଼ ପଛରୁ ଥାଇ ଚକାଆଖିକୁ ଥରେ ମନଭରି ଦେଖିଦେଲେ ଦୂର ହୋଇଯାଏ ଜୀବନର ଦୁଃଖ ଓ ଅବସାଦ। ପୂର୍ଣ୍ଣ ହୁଏ ମନୋବାଞ୍ଛା। ଧନ୍ୟ ହୋଇଯାଏ ଜୀବନ। ତେଣୁ ଶ୍ରୀକ୍ଷେତ୍ର ଯିବା ପାଇଁ ଅଧୀର ହୁଏ ଭକ୍ତ। ଦର୍ଶନ ପିପାସାରେ ଆତୁର ହୋଇ ଓଡ଼ିଆ କବି ଗାଏ -

"ଥକା ମନ ଚାଲ ଯିବା ଚକାନୟନ ଦେଖିବା
ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା।"

(କବି ସାରିଆ ଭିକ)

ସମୟ ବଦଳିବା ସହିତ ଜଗନ୍ନାଥ ମନସ୍କତାରେ ଆସିଛି ଅନେକ ପରିବର୍ତ୍ତନ। ବୈଷୟିକ କଳା କୌଶଳ ଯୁଗରେ ଊଣା ପଡ଼ିଛି ଶ୍ରୀକ୍ଷେତ୍ର ଯାଇ ଚକାଆଖିକୁ ଦର୍ଶନ କରିବାର ଆଗ୍ରହ। ହଟିଛି ଅଭିମାନର ଆବରଣ। ଜଗନ୍ନାଥ ଚେତନାର ନୂଆ ଅନୁଭବ ନେଇ ଫେସ୍‌ବୁକ୍ କବିତାରେ କବି ଲେଖୁଛି-

"ଏବେ ମୋବାଇଲ ରିଙ୍ଗ ଟୋନରେ ଜଗନ୍ନାଥଙ୍କ ଗୀତ / ଓ୍ୱାଲ ପେପରରେ ଜଗନ୍ନାଥଙ୍କ ଥ୍ରିଡ଼ି ଚିତ୍ର / ଟିଭିରେ ନବକଳେବରର ଲାଇଭ ଟେଲିକାଷ୍ଟ / ଏବେ ପୁରୀ ଯିବା କ'ଣ ଦରକାର?"

□□

ଲେଖକଙ୍କ ଇ-ମେଲ ଠିକଣା:
pks88a1962@gmail.com



ଗଳ୍ପ

# ସର୍ବଂସହା

ଜୟନ୍ତୀ ସାହୁ

ଆଜି ପବିତ୍ର ଶ୍ରୀଗୁଣ୍ଡିଚା। ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରସିଦ୍ଧ ଘୋଷଯାତ୍ରାର ଦିବସ। ସର୍ବତ୍ର ଆଜି ରଥଯାତ୍ରାର ମହାନ ପ୍ରସ୍ତୁତି। ଅନତି ଦୂରରୁ ଜଗନ୍ନାଥ ମନ୍ଦିରରୁ ଭାସି ଆସୁଛି ଘଣ୍ଟ ଘଣ୍ଟା, ଶଙ୍ଖ, ହୁଳହୁଳିର ଶବ୍ଦ। ମାଇକ୍ରୋଫୋନ୍‌ରୁ ଶୁଭୁଛି ଶଙ୍କରାଚାର୍ଯ୍ୟଙ୍କର ରଚିତ ଶ୍ଳୋକ "ରଥାରୁଢ଼ୋ ଗଚ୍ଛନ୍ ପଥିମିଳିତ ଭୂଦେବ ପଟଳୈଃ....।" ଆଜି ପ୍ରାତଃ କାଳରୁ ଧରିତ୍ରୀ ଦେବୀଙ୍କର ଗୋଡ଼ ଖୁସିରେ ଆଉ ତଳେ ଲାଗୁନି। ଆଜି ଭଳି ଏତେ ବଡ଼ ପୁଣ୍ୟ ତିଥିରେ ଯେ ତାଙ୍କ ନୟନ ପିତୁଳା ଅବିନାଶର ଘର ପ୍ରତିଷ୍ଠା। ଯାହା ହେଉ, ଏତେ ଦିନ ଭଡ଼ା ଘରେ ରହି ରହି ପୁଅ ଏଥର ଭୁବନେଶ୍ୱର ଭଳି ଜାଗାରେ ଘରଟିଏ କିଣିବାକୁ ସମର୍ଥ ହେଲା। ହେ ଜଗନ୍ନାଥ ମହାପ୍ରଭୁ! ମୋ ପୁଅର ଆଜି ଘର ପ୍ରତିଷ୍ଠାରେ ଆପଣଙ୍କ କୃପାରୁ ସାମାନ୍ୟତମ ବିଘ୍ନ ବି ନ ଉପୁଜୁ। ପୁଅ କାଲିଠାରୁ ଫୋନ୍ କରିଥିଲା ମା' ଧରିତ୍ରୀଙ୍କ ପାଖକୁ। ସକାଳ ଆଠଟା ବେଳକୁ ମା' ରେଡି ହୋଇଥିବ ବୋଲି ଫୋନ୍‌ରେ କହିଥିଲା। ପୁଅ ଆସୁଛି ବୋଲି ହିଁ ମା'ର ଏତେ ଅସ୍ଥିରତା ଏତେ ବ୍ୟାକୁଳତା।



ଧରିତ୍ରୀ ଦେବୀ ପ୍ରାତଃ ସ୍ନାନ ଓ ପୂଜା ଅର୍ଚ୍ଚନା ସମାପ୍ତ କରି ପୁଅର ଆସିବା ବାଟକୁ ଚାହିଁ ରହିଛନ୍ତି। ଆଜି ତାଙ୍କର ଧୀର ସ୍ଥିର ଜୀବନଧାରା ଅମାପ ଖୁସିରେ ଅସ୍ତବ୍ୟସ୍ତ। ଧରିତ୍ରୀଙ୍କ ଅଫୁରନ୍ତ ଖୁସି ଦେଖି ଅନିମା, ବିଶାଖା ଆଦି "ଜରାନିବାସ"ର ଅନ୍ତେବାସିନୀମାନେ କହୁଛନ୍ତି, ପୁଅ ଆସିବ ବୋଲି କେତେ ଫୁଲେଇ ହେଉଛିମ। ପ୍ରତ୍ୟୁତ୍ତରରେ ଧରିତ୍ରୀ ଦେବୀ କଡା ସ୍ୱରରେ ଜବାବ ଦେଉଛନ୍ତି, ମୋ ପୁଅ ଭଡ଼ା ଘରେ ରହୁଥିଲା ବୋଲି ସିନା ଘର ଅଭାବରୁ ମୋତେ ଏଠି ଛାଡ଼ି ଯାଇଥିଲା, ହେଲେ ଆଜି ତ ନିଜ ଘର କଲାଣି, ଏଣିକି ଦେଖିବ ମୋତେ ଆଉ ସିଏ ପାଖରୁ ଛାଡ଼ିବନି। ଏମିତି କହୁଥିବା ସମୟରେ ପୁଅ ଅବିନାଶ ଆସି ପହଞ୍ଚିଲା। "ବୋଉ ଶୀଘ୍ର ଶୀଘ୍ର ଭଲ ଶାଢ଼ିଟା ପିନ୍ଧି ପକାଇ ମୋ ସଙ୍ଗେ ଆସ। ତେଣେ ପୂଜା ହୋମ ସବୁ ଡେରି ହୋଇଯିବ ଯେ।" ପୁଅର କଥା ନ ସରୁଣୁ ଖୁବ୍ ଶୀଘ୍ର ସମ୍ବଲପୁରୀ ଶାଢ଼ିଟା ପିନ୍ଧି ପକାଇ ଧରିତ୍ରୀ ଦେବୀ ପୁଅ ସହିତ ଆସି ଅଟୋ ରିକ୍ସାରେ ବସିଲେ। ମନରେ ଗୋଟିଏ କଥା ଅହରହ ଆନ୍ଦୋଳନ କରୁଥାଏ। ପୁଅ ତ ଏଠି ଛାଡିଲା ଦିନ କହୁଥିଲା, ମା', ଏ ସହରରେ ଘରଭଡା ଏତେ ଅଧିକ ଯେ ଦୁଇଟା ବେଡ୍‌ରୁମ୍ ଥାଇ ଘରଭଡା ନେଲେ ବହୁତ ପଇସା ପଡିଯିବ। ଏତେ ଛୋଟ ଚାକିରିରେ ଘରଭଡ଼ା ଏତେ ଦେଲେ ପୁଣି ମାସକ ଯାକ ଘର ଚଳେଇବା ବଡ଼ କଷ୍ଟକର ହୋଇପଡିବ। ତୁ ଏହି "ଜରା ନିବାସ"ରେ କିଛି ଦିନ ରହିଯା। ଭଗବାନଙ୍କୁ ଡାକୁଥା, ଯେତେ ଶୀଘ୍ର ଖଣ୍ଡେ ଘର କିଣିଲେ, ପାଖକୁ ନେଇଯିବା। ତେବେ ଏବେ ତ ପୁଅ ନୂଆ ଘର କିଣିଲା, ଆଜି ତ କାହିଁ କହିଲାନି, ବୋଉ, ତୋର ସବୁତକ ଜିନିଷ ଆଣି ଏ 'ଜରା ନିବାସ'କୁ ବିଦାୟ ଦେଇ ମୋ ସଙ୍ଗେ ଚାଲିଆ। ପୁଣି ମନକୁ ପ୍ରବୋଧନ ଦେଲେ ଧରିତ୍ରୀ ଦେବୀ। ଆଜି ଘର ପ୍ରତିଷ୍ଠାରେ ଜିନିଷପତ୍ର ସବୁ ଅସଜଡା ହୋଇ ପଡିଥିବ। ଘର ପ୍ରତିଷ୍ଠା ସରିଗଲେ ଘରର ଜିନିଷ ପତ୍ର ସଜଡା ସଜଡି ହୋଇ ଯଥା ସ୍ଥାନରେ ରଖାହୋଇ ସାରିଲେ ପୁଅ ଆସି ନିଶ୍ଚୟ ତାଙ୍କୁ ନେଇଯିବ।

ଯଥା ସମୟରେ ଅଟୋ ରିକ୍ସା ଆସି ଗୋଟାଏ ବଡ଼ ଆପାର୍ଟମେଣ୍ଟ ସାମ୍ନାରେ ଅଟକିଲା। ପୁଅ ସଙ୍ଗେ ଧରିତ୍ରୀ ଦେବୀ ମଧ ଅଟୋରୁ ଓହ୍ଲାଇଲେ, ପୁଅର ଏତେ ବଡ଼ ଘର ଦେଖି


ଧରିତ୍ରୀ ଦେବୀଙ୍କ ଛାତି କୁଣ୍ଢେମୋଟ ହୋଇ ଉଠୁଥାଏ। ମନେ ପଡିଯାଉଥାଏ ଦୁଃଖ ଭରା ଅଶ୍ଳୀଳ ଅତୀତ। ଏଇ ଅବିନାଶ ପାଞ୍ଚ ବର୍ଷର ହୋଇଥିବା ବେଳେ ସ୍ୱାମୀଙ୍କର ଅକାଳମୃତ୍ୟୁ ହୋଇଗଲା। ଖାଲି ଘରଡିହ ଖଣ୍ଡକ ଛାଡି ଦେଲେ ଶ୍ୱଶୁରଙ୍କର ଆଉ କେଉଁଠି ବି ହେଲେ ଗୁଣ୍ଠେ ଅଧଗୁଣ୍ଠେ ଜମି ନ ଥିଲା। ତେଣୁ ପର ଘରେ ପାଇଟି କରି ଅବିନାଶକୁ ଧରିତ୍ରୀ ଦେବୀ ମଣିଷ କଲେ, ସହରରେ ହଷ୍ଟେଲ୍‌ରେ ରଖି ପାଠ ପଢ଼ାଇଲେ। ତା'ରି ଫଳ ସ୍ୱରୂପ ଅବିନାଶ ଆଜି ଏତେ ବଡ଼ ସହରରେ କିରାଣିଟିଏ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। କେତେ ଝିଅ ବାଛି ବାଛି ଶେଷକୁ ପାଖ ଗାଁ ହାଇସ୍କୁଲ ହେଡ୍‌ମାଷ୍ଟରଙ୍କ ଝିଅ ଅନିନ୍ଦିତାକୁ ବୋହୂ କରି ଘରକୁ ଆଣିଛି। ପୁଅ, ବୋହୂଙ୍କର ଖୁସିର ସଂସାର ଦେଖି ଧରିତ୍ରୀ ଦେବୀ ବ୍ୟଥାଭରା ଅତୀତକୁ ଭୁଲି ଯାଉଛନ୍ତି। ଠିକ୍ ସମୟରେ ମଧ୍ୟ ନାତି 'ସୋହମ୍'ର ଜନ୍ମ ଧରିତ୍ରୀ ଦେବୀଙ୍କୁ ଖୁସିରେ ପୋତି ପକାଇଛି। ପାଉଁଶ ତଳେ ନିଆଁ ଥିବା ଭଳି ଏତେ ଦୁଃଖ ଭିତରେ ପୁଣି ଏତେ ସୁଖ ଲୁଚିଥାଏ ବୋଲି ତାଙ୍କର ହୃଦ୍‌ବୋଧ ହୋଇଛି। ଏମିତି ଭାବୁଭାବୁ ପୁଅ ଅବିନାଶ ଲିଫ୍‌ଟ ଭିତରକୁ ମା'ର ହାତ ଧରି ଟାଣି ଆଣିଲା, ଲିଫ୍ଟ ପାଞ୍ଚ ମହଲା ଉପରକୁ ଉଠିଲା। ତା' ପରେ ଲିଫ୍ଟର ଡୋର୍ ଖୋଲି ମା'ର ହାତକୁ ଧରି ଅବିନାଶ ନିଜ ନୂଆ ଘରକୁ ନେଲେ।

ଘର ସମ୍ମୁଖରେ ଗେଣ୍ଡୁ ଫୁଲର ମାଳ ଅତ୍ୟନ୍ତ ସୁନ୍ଦର ଭାବେ ଟଙ୍ଗାଯାଇ ଘରର ଶୋଭା ବର୍ଦ୍ଧନ କରୁଛି। ଘର ଭିତରେ ଆମନ୍ତ୍ରିତ ଅତିଥିଙ୍କ କିଛିଟା ଗହଳଚହଳ ଶୁଭୁଛି। ଘର ଭିତରକୁ ସଗର୍ବରେ ପାଦ ବଢାଇଲେ ଧରିତ୍ରୀ ଦେବୀ। ଏଥର ବୋହୂ ଅନିନ୍ଦିତା ଆସି ସସମ୍ମାନେ ଶାଶୁଙ୍କ ପାଦ ଛୁଇଁ ପ୍ରଣାମ ଜଣାଇଲା। ଅବିନାଶର ପୁଅ 'ସୋହମ୍' ଆସି ଜେଜେମାଙ୍କୁ ଖୁସିରେ କୁଣ୍ଢାଇ ପକାଇଲା। ଧରିତ୍ରୀ ଦେବୀ ଅତି ଖୁସିରେ ନାତି 'ସୋହମ୍'କୁ କୋଳ କରିନେଲେ। 'ସୋହମ୍' ଖାଲି ବାରମ୍ବାର "ଜେଜେମା'କୁ ଗୋଟିଏ କଥା କହୁଥିଲା- ଜେଜେମା, ଏଥର ଆମ ଘର ଛାଡ଼ି ତମେ ସେ ଜରାନିବାସକୁ ଆଉ ଯିବ ନାହିଁ। ଏଇଠି ଆମ ପାଖେ ଆମ ଘରେ ରହିବ। ରାତିରେ ଶୋଇଲା ବେଳେ ପୂର୍ବଭଳି ସାତ ସାଧବ ପୁଅ ଓ ବୁଢ଼ୀ ଅସୁରୁଣୀ ଗପ ମତେ କହିବ, ତୁମରି ହାତରେ ହିଁ ମୁଁ ଗପ ଶୁଣି ଶୁଣି ଶୀଘ୍ର ଶୀଘ୍ର ଖାଇଦେବି। କ'ଣ କହୁଛ ଜେଜେମା', ଆଉ ମତେ ଛାଡ଼ି ମତେ ସେଠାକୁ ଚାଲି ଯିବନି ତ?" ନାତିର କଥାରେ ମୁଣ୍ଡ ଟୁଙ୍ଗାରି ରହିବାର ସମ୍ମତି ଜଣାଇଲେ ଧରିତ୍ରୀ ଦେବୀ। ମନେ ମନେ କହୁଥିଲେ, ଏ ବୟସରେ ପୁଅ, ବୋହୂ, ନାତିଙ୍କୁ ଛାଡ଼ି କିଏ କ'ଣ ଜରାନିବାସରେ ରହିବାକୁ ଭଲପାଏ? ଖାଲି ତୋ ବାପା ଜବରଦସ୍ତ ମତେ ସିନା ସେଠି ଛାଡ଼ି ଦେଇଛି। ହେଲେ ମୋ ଆତ୍ମା ପରା ତମରି ପାଖରେ ଅହରହ। ସେଠି ଥାଇ ମୁଁ ଖାଲି ତମକୁ ସବୁ ଝୁରି ହେଉଛି ଧନ। ଜରାନିବାସକୁ ଫେରିବାକୁ ମୋର ତିଳେ ହେଲେ ଆଉ ମନ ନାହିଁ। ତମରି ମେଳରେ, ଗହଳରେ, ଗୁହାରିରେ ହିଁ ମୋର ପରମ ଶାନ୍ତି। ଏମିତି ଅନ୍ତର କଥା ଓ ବ୍ୟଥା ଅନ୍ତରରେ ରହିଲା ସିନା, ହେଲେ ତୁଣ୍ଡ ଖୋଲି ନାତି ଆଗରେ ଅନ୍ତର୍ବେଦନା ବଖାଣି ପାରିଲେ ନାହିଁ ଧରିତ୍ରୀ ଦେବୀ। ଅଭିମାନରେ ଆଖିପତା ଓଦାହୋଇ ଆସୁଥିଲା।

**ଏ ବୟସରେ ପୁଅ, ବୋହୂ, ନାତିଙ୍କୁ ଛାଡ଼ି କିଏ କ'ଣ ଜରାନିବାସରେ ରହିବାକୁ ଭଲପାଏ? ଖାଲି ତୋ ବାପା ଜବରଦସ୍ତ ମତେ ସିନା ସେଠି ଛାଡ଼ି ଦେଇଛି।**

ଯଥାରୀତି ହୋମଯଜ୍ଞ ହୋଇ ଘର ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହେଲା। ଅତିଥି ଅଭ୍ୟାଗତଙ୍କର ଭୋଜନ ବି ବେଶ୍ ସୁନ୍ଦର ଭାବେ ସରିଗଲା। ଏମିତି ଉତ୍ସବମୁଖର ହୋଇ ଦିବସର ଅବସାନ ହେଲା। ସନ୍ଧ୍ୟା ହେବାରୁ ପୁଅବୋହୂ ଦୁହେଁ ମା' ଧରିତ୍ରୀ ଦେବୀଙ୍କୁ ନୂଆ ଘରର ପ୍ରତିଟି ପ୍ରକୋଷ୍ଠ ବୁଲାଇ ଦେଖାଇଲେ। ବୋହୂ କହୁଥିଲା, ମା' ଏଇଟା ଯିବା ଆସିବା, ଲୋକ ବସାଉଠା କରିବା ପାଇଁ ଛୋଟ ଗୋଟିଏ ଗେଷ୍ଟ ରୁମ୍। ଆଉ ସେ ପଟକୁ ଲାଗି ଯେଉଁ ଛୋଟିଆ ରୁମ୍‌ଟେ ଅଛି, ସେଇଟି 'ସୋହମ୍'ର ଷ୍ଟଡିରୁମ୍ ହେବ। ଏବେ ଇଂଲିଶ୍ ମିଡିୟମ୍ ପିଲାଙ୍କର ଘର ହୋମ୍‌ୱାର୍କ ଓ ପାଠପଢ଼ା, ତାଙ୍କ ପାଇଁ ନିହାତି ଅଲଗା ଷ୍ଟଡିରୁମ୍‌ଟିଏ ଦରକାର। ଏଇ ଛୋଟିଆ ଘରଟିଏ ଏତେ ବଡ଼ ଆପାର୍ଟମେଣ୍ଟରେ କିଣିବା ପାଇଁ ତମ ପୁଅ ପରା ତିରିଶ ଲକ୍ଷ ଟଙ୍କା ଲୋନ୍ କରିଛନ୍ତି। ଏତେ ଛୋଟ ଚାକିରି, ପୁଣି ଏତେଗୁଡାଏ ଲୋନ୍। କେମିତି ଶୁଝିବୁ, ଭାବିଲେ ମୁଣ୍ଡ ବୁଲାଇ ଦେଉଛି। ଆଉ ଗୋଟିଏ ରୁମ୍ ହୋଇଥିଲେ, ଆପଣ ଆମ

ପାଖରେ ରହିପାରିଥାନ୍ତେ। ଏତେ କଞ୍ଜେଷ୍ଟେଡ୍ ଘରେ ଆପଣ ରହିଲେ ସୋହମ୍‌ର ପଢ଼ାପଢ଼ିରେ ଭାରି ଡିଷ୍ଟର୍ବ ହେବ। ପୁଅ କିନ୍ତୁ ଏଯାବତ୍ ବୋହୂ କଥାରେ କିଛି ପ୍ରତ୍ୟୁତ୍ତର ଦେଉ ନ ଥିଲା। ଧରିତ୍ରୀ ଦେବୀ ତତ୍‌କ୍ଷଣାତ୍ କହି ପକାଇଲେ- "ନାଇଁମ ବୋହୂ, ସେଠି ମୋର କିଛି ଅସୁବିଧା ହେବ ନାହିଁ। ମୋ ଭଳି ଆହୁରି କେତେ ଜଣ ବି ସେଠି ସେମିତି ଅଛନ୍ତି ନା। ତମେ ମୋ ପାଇଁ ଜମା ବ୍ୟସ୍ତ ହୁଅନା। ବରଂ ମୋ ବଂଶର କୁଳପ୍ରଦୀପ ସୋହମ୍‌କୁ ପାଠ ପଢ଼ାଇ ଖୁବ୍ ବଡ଼ ଅଫିସର କର। ସେତିକି ମୋ ପାଇଁ ଅସରନ୍ତି ଖୁସି। ତମେ ତିନିଜଣ ଯାକ ଭଲରେ ରୁହ, ମା' ମଙ୍ଗଳା ତମ ସଂସାରକୁ ଘଣ୍ଟ ଘୋଡ଼ାଇ ରକ୍ଷା କରନ୍ତୁ। ଏତିକି ମୋର ତାଙ୍କ ପାଦତଳେ ବିନତି।" ତଳେ ଅଟୋରିକ୍ସାର ହର୍ଣ୍ଣ ଶୁଭିଲା।



ବୋଧେ ଠିକ୍ ସମୟରେ ଫେରିବାକୁ ଅବିନାଶ ଅଟୋ ବାଲାକୁ ଫୋନ୍ ଯୋଗେ ଡାକି ଦେଇଥିଲା।

ଇତି ମଧ୍ୟରେ ଶ୍ରୀଗୁଣ୍ଡିଚାର ରଥଟଣା ସରିଯାଇଥିଲା। ପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ରୀତିନୀତି, ଥାଟବାଟ, ଷାଠିଏ ପଉଟି ଭୋଗକୁ ପଛରେ ପକାଇ ଏବଂ ଅର୍ଦ୍ଧାଙ୍ଗିନୀ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡି ମାଉସୀମା'ଙ୍କ ହାତରୁ ପୋଡ଼ପିଠା ଖାଇବା ପାଇଁ ମାଉସୀ ମା' ମନ୍ଦିରରେ ପହଞ୍ଚି ଯାଇଥିଲେ। କିନ୍ତୁ ଦଶମାସ ଗର୍ଭ ଯନ୍ତ୍ରଣା ସହି ଦୁନିଆର ଆଲୁଅ ଦେଖାଇଥିବା ମା' ପୁଅ ପାଖରୁ 'ଜରାନିବାସ'କୁ ଗୋଡ଼ କାଢୁଥିଲେ।

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-


ପ୍ରାପ୍ତିସ୍ଥାନ :

amazon Flipkart meesho




'Google Play Books' ରେ ମଧ୍ୟ ଏହା ଏକ ଇ-ବୁକ୍ ଆକାରରେ ଉପଲବ୍ଧ।

କବିତା



ଚଉପଦୀ :

# ରଥଯାତ

**ଜାନକୀ ବଲ୍ଲଭ ଦାଶ**

ରଥେ ବିଜେ ପ୍ରାଣସାଇଁ
ଜଗତ ଜନଙ୍କୁ ଦର୍ଶନ ଦେବାକୁ
ଓହ୍ଲାଇ ଆସନ୍ତି ଧାଇଁ ।୦।

ମଣିମା ମଣିମା ଡାକର ଗରିମା
ଭକତ ଭାବକୁ ନେଇ
ଜଗତ ଠାକୁର ଭାବରେ ବିହ୍ୱଳ
ଭକତେ ନେବେ କୋଳେଇ ।୧।

କିଛି ଦେଲାପରି ହାତ ଟେକିଛନ୍ତି
ଭକତ ଆତୁର ଦେଖି
ତ୍ରିପୁର ଦେବତା ଏକସାଥେ ଠୁଳ
ହୋଇ ରହିବାକୁ ସାକ୍ଷୀ ।୨।

ନନ୍ଦିଘୋଷ ରଥ ସଜ ହୋଇଲାଣି
ଉତ୍ତରକୁ ଯିବ ମାଡି
ରଥରେ ବିଜୟ କରି ଦୟାମୟ
ଚଳିବେ ଗୁଣ୍ଡିଚା ବାଡି ।୩।

ସଂସାର ପଥରେ ରଥ ଚାଲୁଥାଏ
ବହି ଆତ୍ମା ଜଗନ୍ନାଥ
ଜାନକୀ ବଲ୍ଲଭ ରମାବଲ୍ଲଭଙ୍କ
ପଦେ ମଥା କରେ ନତ ।୪।

□□

ଲେଖକଙ୍କ ଇ-ମେଲ ଠିକଣା:
janakiballavdash@gmail.com



ପ୍ରବନ୍ଧ

# ସିଦ୍ଧାନ୍ତଦର୍ପଣରେ ଶ୍ରୀଜଗନ୍ନାଥ ତତ୍ତ୍ୱ

ଡ. ତ୍ରିନାଥ ପଟ୍ଟନାୟକ

ସିଦ୍ଧାନ୍ତଦର୍ପଣ ପୃଥିବୀ ବିଖ୍ୟାତ ଜ୍ୟୋତିଷ ଗ୍ରନ୍ଥ ହେଲେ ହେଁ ସଂସ୍କୃତ ଭାଷାର ରଚିତ ହୋଇଥିବା ଯୋଗୁ ଭାଷା ନୈପୁଣ୍ୟକୁ ଉଦ୍‌ଭାଷିତ କରିପାରିଛି। 'ସିଦ୍ଧାନ୍ତ ଦର୍ପଣ'ର ରଚୟିତା ହେଉଛନ୍ତି ଓଡ଼ିଶାର ବିଖ୍ୟାତ ଜ୍ୟୋତିଷୀ ସାମନ୍ତ ଚନ୍ଦ୍ରଶେଖର ଯିଏ କି ପଠାଣି ସାମନ୍ତ ରୂପେ ଉତ୍କଳର ଘରେ ଘରେ ସୁପରିଚିତ।

ଦୂରବୀକ୍ଷଣ ଆଦି ଯନ୍ତ୍ରମାନଙ୍କର ବିନା ସାହାଯ୍ୟରେ, ସାମାନ୍ୟ କେତେ ଖଣ୍ଡ କାଠି ଓ ସୂତା ଦ୍ୱାରା ସେ ସିଦ୍ଧାନ୍ତ ଦର୍ପଣର ତଥ୍ୟ ପରିବେଷଣ କରିଯାଇଛନ୍ତି, ଯାହାକି ବାସ୍ତବରେ ଅତ୍ୟନ୍ତ ବିସ୍ମୟକର। ପଠାଣି ସାମନ୍ତଙ୍କର ପ୍ରତିଭାକୁ ତଥା ସିଦ୍ଧାନ୍ତ ଦର୍ପଣର ତତ୍ତ୍ୱକୁ ରେଭେନ୍ସା କଲେଜର ବିଜ୍ଞାନ ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ବିଦ୍ୟାନିଧି ହୃଦୟଙ୍ଗମ କରିଥିଲେ। ୧୮୯୪ ମସିହାରେ ସିଦ୍ଧାନ୍ତ ଦର୍ପଣକୁ ପୁସ୍ତକର ଆକାରରେ ସେ ପ୍ରଥମେ ପ୍ରକାଶ କରିଥିଲେ। ଇଂରାଜୀ ଭାଷାରେ ସେ ସିଦ୍ଧାନ୍ତ ଦର୍ପଣର ମୁଖବନ୍ଧ ଲେଖିଥିଲେ। ଫଳରେ ତତ୍କାଳୀନ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ- 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରିଥିଲେ।




ଇଂଲଣ୍ଡର ଜଣେ ଜ୍ୟୋତିଷୀ ଇ. ଡବ୍ଲିଉ ମଣ୍ଡର ଏକ ପ୍ରବନ୍ଧ ସିଦ୍ଧାନ୍ତ ଦର୍ପଣ ବିଷୟରେ ଲେଖିଥିଲେ 'ଆଷ୍ଟ୍ରୋନୋମି ୱିଦାଉଟ୍ ଏ ଟେଲିସ୍କୋପ୍' (ଯନ୍ତ୍ର ସାହାଯ୍ୟ ବିନା ଜ୍ୟୋତିଷ ଚର୍ଚ୍ଚା।) ଫଳରେ ସେ ସମୟର ବିଖ୍ୟାତ ବିଜ୍ଞାନ ପତ୍ରିକା 'ନଲେଜ୍, ଭଲ୍ୟୁମ୍-୨୨' ସିଦ୍ଧାନ୍ତ ଦର୍ପଣ ଓ ଏହାର ରଚୟିତା ସାମନ୍ତ ଚନ୍ଦ୍ରଶେଖରଙ୍କର ଭୂୟସୀ ପ୍ରଶଂସା କରିଥିଲେ।

ଶ୍ରୀଜଗନ୍ନାଥଙ୍କ କରୁଣାରୁ ହିଁ ସିଦ୍ଧାନ୍ତ ଦର୍ପଣ ଶାସ୍ତ୍ର ଲେଖିବା ତାଙ୍କ ପକ୍ଷେ ସମ୍ଭବ ହେଲା। 'ସିଦ୍ଧାନ୍ତ ଦର୍ପଣ' ଲେଖିବାରେ ସାମନ୍ତଙ୍କୁ ୨୦ ବର୍ଷ କାଳ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ୧୮୫୦ ମସିହାରେ ଗ୍ରନ୍ଥ ରଚନା ଆରମ୍ଭ କରି ୧୮୭୦ ମସିହାରେ ଶେଷ କରିଥିଲେ। ଛପାକାର୍ଯ୍ୟ ୧୮୧୪ ମସିହାରୁ ଆରମ୍ଭ ହୋଇ ୧୮୯୯ ମସିହାରେ ଶେଷ ହୋଇଥିଲା। ପୁସ୍ତକ ମୁଦ୍ରଣରେ ୧୨୫୦ ଟଙ୍କା ବ୍ୟୟ ହୋଇଥିଲା।

**ପଞ୍ଚ ଅଧିକାର**

ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ମଧମାଧିକାର, ସ୍ଫୁଟାଧିକାର ତ୍ରିପ୍ରଶ୍ନାଧିକାର, ଗୋଲାଧିକାର ଓ କଳାଧିକାର- ଏପରି ପଞ୍ଚ ଅଧିକାରରେ ବିଭକ୍ତ ଏବଂ ଚତୁର୍ବିଂଶତି ପ୍ରକାଶରେ ଶେଷ ହୋଇଅଛି। ଶ୍ରୀଜଗନ୍ନାଥ ପ୍ରିୟ, ସାମନ୍ତ ମହୋଦୟ ତ୍ରୟବିଂଶ ପ୍ରକାଶରେ ପୁରୁଷୋତ୍ତମ ବର୍ଣ୍ଣନା ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ବିଷୟରେ ବହୁ ତଥ୍ୟ ପ୍ରଦାନ କରିଛନ୍ତି। ଏହା ୫୬ ଶ୍ଲୋକ ବିଶିଷ୍ଟ। ସିଦ୍ଧାନ୍ତ ଦର୍ପଣରେ ସର୍ବମୋଟ ୨୫୦୦ ଶ୍ଲୋକ ଅଛି ସେଥିମଧ୍ୟରୁ ୨୨୮୪ଟି ଶ୍ଲୋକ ସାମନ୍ତ ଚନ୍ଦ୍ରଶେଖରଙ୍କର ଦ୍ୱାରା ରଚିତ ୨୧୬ଟି ଶ୍ଲୋକ ବିଭିନ୍ନ ଗ୍ରନ୍ଥରୁ ଆନୀତ ହୋଇଅଛି।

କବିବର ରାଧାନାଥ ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିଭାକୁ ବହୁତ ଆଦର କରୁଥିଲେ। ଓଡ଼ିଶାର ଅକ୍ଷୟକୀର୍ତ୍ତି ସିଦ୍ଧାନ୍ତ ଦର୍ପଣ ସମ୍ବନ୍ଧରେ କବିବର ରାଧାନାଥ ଲେଖିଛନ୍ତି -

ମାତ୍ର ଉତ୍କଳର ଦର୍ପ ଚିତ୍- ପ୍ରସୂତି
ଜ୍ୟୋତିଷ୍କ ଦର୍ପଣ, ଦରିଦ୍ରର କୃତି

ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ
ନର ଦେହେ ଥିବ ଯାବତ ହୃଦୟ ।

ସାମନ୍ତ ଚନ୍ଦ୍ରଶେଖର ଶ୍ରୀଜଗନ୍ନାଥ ପରମ ଭକ୍ତ ଥିଲେ । ନିଜ ଜନ୍ମ ସ୍ଥାନରୁ ବହୁ କ୍ଲେଶ ଭୋଗି ସୁଦ୍ଧା ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀକୁ ଚାଲି ଚାଲି ଆସୁଥିଲେ । ଶ୍ରୀଜଗନ୍ନାଥଙ୍କଠାରୁ ପ୍ରେରଣା ପାଇ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ରଚନା କରିଥିଲେ । ଏଣୁ ସିଦ୍ଧାନ୍ତ ଦର୍ପଣର ମଧ୍ୟମାଧିକାରଃ, ପ୍ରଥମ ପ୍ରକାଶରେ ଶ୍ରୀଜଗନ୍ନାଥଙ୍କ ସ୍ତୁତିରୁ ଗ୍ରନ୍ଥ ଆରମ୍ଭ କରିଛନ୍ତି ।

ଶ୍ରୀ ଭୂମାଧବଚକ୍ରଚକ୍ୟ ବନିଭ ଭଦ୍ରାଭି ରଭ୍ୟଙ୍କ୍ଙ୍କ
ଶ୍ରୀକଣ୍ଠପ୍ରମୁଖାଖିଳାମରଶିଖା ଜୁଷ୍ଟାଗ୍ରିଂ ପୀଠୋପଳମ୍
ଶ୍ରୀ ନୀଳାଚଳମୌଳିମଣ୍ଡନ ମହାନୀଳାୟମାନଂମହଃ
ଶ୍ରୀ ଭୂମାଧରିତସ୍କରଂ ଭବତୁନଃ ପ୍ରତ୍ୟୁହ ହତ୍ୟୁଦ୍ୟମତମ୍ ।।

ଶ୍ରୀ ନୀଳାଚଳ ଶିରୋଭୂଷଣ ଯୋଗୁ ଅତିମାତ୍ରାରେ ନୀଳ ଦେଖାଯାଉଥିବା ତେଜଧାରୀ ଶ୍ରୀଜଗନ୍ନାଥ, ଆମର ସମସ୍ତ ବିଘ୍ନ ବିନାଶ କରିବା ନିମନ୍ତେ ଜାଗ୍ରତ ରୁହନ୍ତୁ । ଲକ୍ଷ୍ମୀ ଭୂଦେବୀ, ମାଧବ (ଦୁର୍ଗାମାଧବ) ସୁଦର୍ଶନ ଚକ୍ର, ନାରାୟଣ, ବଳଭଦ୍ର ଓ ସୁଭଦ୍ରା ଏହି ସାତ ଦେବତାଙ୍କର ସହଯୋଗରେ ଏହି କାନ୍ତି ଉଜ୍ଜ୍ୱଳତର ହୋଇଛି । କେବଳ ସେତିକି ନୁହେଁ, ମହାଦେବଙ୍କ ଗହଣରେ ଦେବତାମାନେ ଆସି ପଥରରେ ନିର୍ମିତ ରତ୍ନସିଂହାସନରେ ମଥା ଲଗାଇ ଏହି ତେଜ (ଶ୍ରୀଜଗନ୍ନାଥ)ଙ୍କୁ ପ୍ରଣାମ କରୁଛନ୍ତି । ପ୍ରଭୁଙ୍କର ସୌନ୍ଦର୍ଯ୍ୟାତିଶୟ କନ୍ଦର୍ପକୁ ମଧ୍ୟ ପରାଜିତ କରୁଛି ।

**ସେ ନିରସ ଗଣିତ ଶାସ୍ତ୍ରକୁ ରସବନ୍ତ କରିବା ନିମନ୍ତେ ସ୍ଥାନେ ସ୍ଥାନେ ସୁଲଳିତ ଭାବ ଓ ଛନ୍ଦ ପ୍ରୟୋଗ କରି ଶ୍ରୀଜଗନ୍ନାଥଙ୍କ ସ୍ତବ ପାଠ କରିଛନ୍ତି ।**

## ଶ୍ରୀଜଗନ୍ନାଥଙ୍କୁ ଶ୍ରେୟ

ସାମନ୍ତ ଚନ୍ଦ୍ରଶେଖର ସିଦ୍ଧାନ୍ତ ଦର୍ପଣ ରଚନାରେ ଶ୍ରେୟ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଥିଲେ । ସେ ଚିନ୍ତା କରିଥିଲେ, ପ୍ରଭୁଙ୍କ କରୁଣା ବିନା ସିଦ୍ଧାନ୍ତ ଦର୍ପଣ ଜ୍ୟୋତିଷ ଗ୍ରନ୍ଥ ରଚନା ସମ୍ଭବ ନୁହେଁ । ନିରସ ଗଣିତ ଶାସ୍ତ୍ରକୁ ରସବନ୍ତ କରିବା ନିମନ୍ତେ ସ୍ଥାନେ ସ୍ଥାନେ ସୁଲଳିତ ଭାବ ଓ ଛନ୍ଦ ପ୍ରୟୋଗ କରି ଶ୍ରୀଜଗନ୍ନାଥଙ୍କ ସ୍ତବ ପାଠ କରିଛନ୍ତି ଓ ସିଦ୍ଧାନ୍ତ ଦର୍ପଣରେ ସ୍ଥଳ ବିଶେଷରେ ସ୍ଥାନିତ କରିଛନ୍ତି ।

ନୀଳାରବିନ୍ଦ ସୁମିଳିନ୍ଦ କଳିନ୍ଦନେନ୍ଦ୍ର
ନୀଳାସ୍ତୁଜାଳି ଦଳିତାଞ୍ଜନ ପୁଞ୍ଜମଞ୍ଜୁମ୍
ନୀଳାଚଳାଧରଶିରୋ ମୁକୁଟାୟମାନଂ
ନୀଳାମ୍ବରା ଗ୍ରୂଜମଦଂ ଶରଣବ୍ରଜାମଃ ।

(ସିଃଦଃ - ୧୮ଶ ପ୍ରକାଶ- ୧୭୬ ଶ୍ଳୋକ)

ଅର୍ଥାତ୍ ସଶ୍ରିତ ନୀଳକମଳ, ଶ୍ରେଷ୍ଠ ଭ୍ରମର, ଯମୁନା, ଇନ୍ଦ୍ର ନୀଳମଣି ମେଘ ପଟଳ ଓ କଳା କଜ୍ଜ୍ୱଳ, ରାଶି ଭଳି ଚିକ୍କଣିଆ ସୁନ୍ଦର ନୀଳଗିରି ମସ୍ତକରେ ମୁକୁଟ ପରି ପରିଶୋଭିତ, ବଳଦେବଙ୍କର ସାନଭାଇ, ଏବଂ ଯେ ନିତ୍ୟ ଅନ୍ତ ଦାରୁବ୍ରହ୍ମ ରୂପି ଶ୍ରୀଜଗନ୍ନାଥ, ତାଙ୍କଠାରେ ଆମ୍ଭେମାନେ ଶରଣ ଯାଉଅଛୁ ।

ସିଦ୍ଧାନ୍ତ ଦର୍ପଣର ୨୩ ପ୍ରକାଶ ପ୍ରଥମ ଶ୍ଳୋକରେ ପଣ୍ଡିତ ଚନ୍ଦ୍ରଶେଖର ସ୍ୱୀକାର କରିଛନ୍ତି ଯେ ଭକ୍ତ ଗ୍ରନ୍ଥରେ ଶ୍ରୀଜଗନ୍ନାଥ ନିର୍ମଳ ଗୁଣ ସମୂହରୁ କିଛି କିଛି ସ୍ଥଳ ବିଶେଷରେ ବର୍ଣ୍ଣନା କରାଯିବ । କାରଣ ଜଗନ୍ନାଥ ମୋର ଆରାଧ୍ୟ ଦେବତା । ସେ କହିଛନ୍ତି- ସରସ୍ୱତୀ, ବ୍ରହ୍ମା ଏବଂ ମହାଦେବ ପ୍ରଭୃତି ଦେବଗଣ ଯେଉଁ ଶ୍ରୀଜଗନ୍ନାଥଙ୍କର ଗୁଣ ସମୂହକୁ ସ୍ତୁତି କରନ୍ତି, ସେହି ଲକ୍ଷ୍ମୀପତିଙ୍କର ବର୍ଣ୍ଣନା ଦ୍ୱାରା ଯେଉଁ ଗ୍ରନ୍ଥ ଶୋଭିତ ହୋଇଥାଏ, ତାହା ଅସୁନ୍ଦର ଗଦ୍ୟ ପଦ୍ୟରେ ରଚିତ ହୋଇଥିଲେ ହେଁ ତାହା ନିରର୍ଥକ ନୁହେଁ । ସର୍ବଦା ସଂସାରର ଅମଙ୍ଗଳକୁ ଧ୍ୱଂସ କରିଥାଏ । ଯେଉଁ ଗ୍ରନ୍ଥରେ ଭଗବତ୍ ବର୍ଣ୍ଣନା ନ ଥାଏ, ସେଥିରେ ପଦବିନ୍ୟାସ ସୁନ୍ଦର ହୋଇଥିଲେ ହେଁ ସଜ୍ଜନମାନେ ତାହାକୁ ଗ୍ରହଣ ନ କରି ତ୍ୟାଗ କରିଥାନ୍ତି ।

ତେଣୁ ନୀଳାଚଳବାସୀ ଶ୍ରୀଜଗନ୍ନାଥଙ୍କର ନିର୍ମଳ ଗୁଣ ସମୁଦ୍ରରୁ କଣିକାଏ ମାତ୍ର ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ।

"ତସ୍ମାତ୍ କୃଷ୍ଣାଚଳେଶାମଳ ଗୁଣଜଳର୍ଦ୍ଦ୍ୱେର୍ଣ୍ଣନୀୟୋତତ୍ର ବିନ୍ଦୁଃ ।"

ସିଦ୍ଧାନ୍ତ ଦର୍ପଣରୁ ଆମେ ତତ୍କାଳୀନ ପ୍ରକୃତି ପରିବେଶରେ ଗଢ଼ି ଉଠିଥିବା ଶ୍ରୀଜଗନ୍ନାଥ କ୍ଷେତ୍ର ପୁରୀର ଚିତ୍ର ଦେଖିବାକୁ ପାଉ ।

ନାନୋଦ୍ୟାନୋଦ୍ୟତାନୋ କହବହଳଦଳଚ୍ଛାୟା ଶାନ୍ତାତପାର୍ତ୍ତ-
ନିତ୍ୟ ପ୍ରତ୍ୟଗ୍ରସୌଧାବଳିଦଳିତ କଳାନାଥଭୃଚ୍ଛେଳ କାନ୍ତିଃ ।

(୨୩ ପ୍ରକାଶ ୪ର୍ଥ ଶ୍ଳୋକ)

ଯେଉଁ ଦିବ୍ୟ ଉଦ୍ୟାନ ଅଛି। ନାନା ପ୍ରକାର ବୃକ୍ଷ ସମୂହ ଶୋଭା ପାଉଛନ୍ତି। ସେମାନଙ୍କର ବହଳ ପତ୍ର ଛାୟାକୁ ସୂର୍ଯ୍ୟ କିରଣ ଭେଦ କରିପାରେ ନାହିଁ। ଫଳରେ ରୌଦ୍ରପୀଡ଼ା ଶାନ୍ତ ହୁଏ। ଯେଉଁଠାରେ ନିତ୍ୟ ନୂତନ ନିର୍ମିତ ଅଟ୍ଟାଳିକା ସମୂହ ଚନ୍ଦ୍ରଶେଖରଙ୍କର ଆବାସ ଭୂମି କୈଳାସ ପର୍ବତର ସୌନ୍ଦର୍ଯ୍ୟକୁ ପରାଜିତ କରୁଅଛି, ଯେଉଁ ସ୍ଥାନରେ ସର୍ବଦା ପ୍ରବାହିତ ପବନ ପଥିକମାନଙ୍କର ଶାନ୍ତି ଅପନୋଦନ କରୁଅଛି ଏବଂ ଯାହାର ନିକଟରେ ସମୁଦ୍ର ଗୁରୁଗମ୍ଭୀର ନାଦରେ ଗର୍ଜନ କରୁଅଛି, ସେହି ଉତ୍କୃଷ୍ଟ ଶୋଭାମୟୀ ଶଙ୍ଖକ୍ଷେତ୍ର ପୁରୀ ଆମ୍ଭମାନଙ୍କୁ ଶାନ୍ତି ଦେଉ ଓ ଅମଙ୍ଗଳ ଶାନ୍ତକରୁ କାରଣ ସେ କ୍ଷେତ୍ର ଶ୍ରୀଜଗନ୍ନାଥଙ୍କର ନିବାସ କ୍ଷେତ୍ର।

## ପୁରୀ ପ୍ରତି ଆସକ୍ତି

ପୁରୀରେ ନିବାସ କରି 'ସିଦ୍ଧାନ୍ତ ଦର୍ପଣ' ଲେଖିବା ପାଇଁ ସାମନ୍ତ ଚନ୍ଦ୍ରଶେଖରଙ୍କର ବହୁ ଆଗ୍ରହ ଥିଲା। ଏଣୁ ସେ 'ସିଦ୍ଧାନ୍ତ ଦର୍ପଣ'ରେ ନିଜ ଇଚ୍ଛା ପ୍ରକାଶ କରି ଲେଖିଛନ୍ତି-

ଦାସୀ ପାଦରଜାଂସି ନିର୍ଜର ଶିରୋଧାର୍ଯ୍ୟାଣି ସୂର୍ଯ୍ୟାତ୍ମଜ

ସ୍ଫୂର୍ଜଦ୍ଦୁର୍ଜୟ ଦୂତ ଦର୍ପଦମନୀ ଯତ୍ର ସ୍ଥିତିଃ ପାପିନାଂ।"



ଯେଉଁଠାରେ ଦାସୀମାନଙ୍କର ପାଦ ଧୂଳି ଦେବତାମାନଙ୍କର ଶିରୋଧାର୍ଯ୍ୟ ଦେଉଅଛି, ଯେଉଁ ପବିତ୍ର କ୍ଷେତ୍ରରେ ପାପୀମାନଙ୍କର ଅବସ୍ଥାନ ସୂର୍ଯ୍ୟ ପୁତ୍ର ଯମଙ୍କ ଦୂତମାନଙ୍କର ଗର୍ବ ଖର୍ବ କରୁଅଛି ଅର୍ଥାତ୍ ଯେଉଁ ସ୍ଥାନରେ ଯମଦୂତମାନେ ପାପୀମାନଙ୍କୁ ନେଇପାରୁ ନାହାନ୍ତି, ଯେଉଁଠାରେ ଜଗତର ସର୍ବଶ୍ରେଷ୍ଠ ଐଶ୍ୱର୍ଯ୍ୟ (ମୁକ୍ତି) ଅବସ୍ଥାନ କରୁଅଛି, ସେହି କ୍ଷେତ୍ରୋତ୍ତମ ମଙ୍ଗଳମୟ ପୁରୁଷୋତ୍ତମ କ୍ଷେତ୍ରରେ ବାସ କରିବାକୁ ମୋ ମନରେ କାମନା ସୃଷ୍ଟି ହେଉ ଅର୍ଥାତ ସର୍ବଦା ଅନୁରାଗ ଉଦୟ ହେଉ।

ସିଦ୍ଧାନ୍ତ ଦର୍ପଣର ତ୍ରୟୋବିଂଶ ପ୍ରକାଶଟି ହେଉଛି ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଉତ୍ସର୍ଗୀକୃତ। ଏହାର ନାମ "ପୁରୁଷୋତ୍ତମ ସ୍ତବ ବର୍ଣ୍ଣନା।" ସର୍ବମୋଟ ୫୬ ଶ୍ଳୋକ ଏଥିରେ ଅଛି। ଶିରୋନାମାରେ ଉଲ୍ଲେଖ ଅଛି- ଶ୍ରୀଜଗନ୍ନାଥ ସ୍ତୁତି ପ୍ରତିଜ୍ଞା, ଉତ୍କଳ ପ୍ରଦେଶ, ଶ୍ରୀପୁରୁଷୋତ୍ତମ ସ୍ତୁତି ନୀଳାଦ୍ରିସ୍ତବ, ବୈଜୟନ୍ତୀ ସ୍ତବ, ଧ୍ୱଜଦଣ୍ଡ ବର୍ଣ୍ଣନା, ଚକ୍ର ସ୍ତୁତି, କଳସ ସ୍ତବ, ଆମଳକା ବଳି ସ୍ତବ, ଘଣ୍ଟାସ୍ତୁତି, ପ୍ରସାଦସ୍ତବ, ମନ୍ଦିର କଣ୍ଠଦେଶ ସ୍ତୁତି, ବଟ ସ୍ତୁତି, ସପ୍ତମୂର୍ତ୍ତି ପ୍ରକାଶ ପୂର୍ବକ ଜଗନ୍ନାଥ ସ୍ତବ, ଶ୍ରୀଜଗନ୍ନାଥ ଶ୍ଳେଷ, ସମୁଦ୍ରସାମ୍ୟ କଥନ, ବ୍ରାହ୍ମଣ ସାମ୍ୟ, ଶିବସାମ୍ୟ, ଗୌରୀ ସାମ୍ୟ, ବାଗ୍‌ଦେବୀ ସାମ୍ୟ, ଗଣେଶ ସାମ୍ୟ, ସୂର୍ଯ୍ୟସାମ୍ୟ, ନବଗ୍ରହଣ ସାମ୍ୟ ବର୍ଣ୍ଣନା ଓ ସ୍ତୁତି। ଦଶାବତାର ସ୍ତୋତ୍ର. ବିରୁଦ୍ଧ ଧର୍ମାଶ୍ରୟ କଥନ, ଜଗନ୍ନାଥସ୍ତବ, ଅଭୀଷ୍ଟ ପ୍ରାର୍ଥନା ଆଦି।

ସିଦ୍ଧାନ୍ତ ଦର୍ପଣର ତ୍ରୟୋବିଂଶ ପ୍ରକାଶରେ କବି ଚନ୍ଦ୍ରଶେଖର ଶ୍ରୀଜଗନ୍ନାଥଙ୍କ ସ୍ତବ କରିବାକୁ ଯାଇ ନିଜ ଅନୁଭୂତିରୁ କହିଛନ୍ତି, ଅଦୃଷ୍ଟାଧୀନ ପ୍ରାଣୀ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନାମକୁ ଶହେଥର ମାତ୍ର ଜପକରେ ତତ୍‌କ୍ଷଣାତ୍ ତା'ର ସମସ୍ତ ପାପ ଓ ଅପରାଧ ନାଶ ହୋଇଯାଏ। ଯାହାଙ୍କ ଦର୍ଶନ ମାତ୍ରେ ବିଷୟରୂପକ ସମୁଦ୍ରରେ ପଡ଼ିବାକୁ ହୁଏ ନାହିଁ, ଯେଉଁ ଶ୍ରୀଜଗନ୍ନାଥ ଦେବାଧିଦେବ, ଦେବତାମାନଙ୍କର ପ୍ରଭୁ, ଦୁଃଖୀର ଦୁଃଖ ଓ ପାପ ଉଷ୍ମ ଶାନ୍ତି କରିବା ନିମନ୍ତେ ବର୍ଷୁକ ମେଘର କାମ କରନ୍ତି ଏବଂ ଯେଉଁ ଜଗନ୍ନାଥ, ସୁଭଦ୍ରା ଭୂଦେଶୀ, ମାଧବ, ବଳଭଦ୍ର ଓ ସୁଦର୍ଶନ ଦ୍ୱାରା ଶୋଭା ପାଉଛନ୍ତି, ସେ ଆମ୍ଭେମାନଙ୍କୁ ରକ୍ଷା କରନ୍ତୁ।

'ସିଦ୍ଧାନ୍ତ ଦର୍ପଣ'ରେ କେବଳ ଗଣିତ ଜ୍ୟୋତିଷ ଶାସ୍ତ୍ର କଥା ବର୍ଣ୍ଣନା ହୋଇନାହିଁ। ମଣିଷର ସୁଖ ଶାନ୍ତି ଏପରିକି ସୌନ୍ଦର୍ଯ୍ୟ ଶ୍ରୀବୃଦ୍ଧି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରୁ ଆଶୀର୍ବାଦ କାମନା କରାଯାଇଛି।

ଧୀରା ଧୀରାଦି ସଲ୍ଲକ୍ଷଣ ଚଣ ରମଣୀବର୍ଗ ସଂଗୀତ ରାଗଃ

କ୍ଷାରାୟୋ ରାଶିତୀରା ତୀରା ବନିଧର ଶିଖର ପ୍ରସ୍ତରାଗାର ସାରଃ।

(୧୩୧ ପ୍ରକାଶ - ୪୯ ଶ୍ଳୋକ)

ଶ୍ରୀଜଗନ୍ନାଥ ଆମର ରୂପ ସୌନ୍ଦର୍ଯ୍ୟର ବୃଦ୍ଧି ନିମନ୍ତେ ଆଶୀର୍ବାଦ କରନ୍ତୁ। କାହିଁକି ନା ତାଙ୍କର ଦୀର୍ଘ ଓ ଅତୁଳନୀୟ

ଭୁଜ ଅଛି । ଇନ୍ଦ୍ର ତାଙ୍କର ପାଦପୂଜା କରନ୍ତି । ସେ ଗଜର ବିପଦ ନାଶ କରି ଥିଲେ । ଭୂମିରୁ ଦୁଷ୍ଟମାନଙ୍କର ଭାରକୁ ନିବାରଣ ନିମନ୍ତେ ବରାବର ଅବତାର ଗ୍ରହଣ କରି ଆସୁଛନ୍ତି । ଲବଣ ସମୁଦ୍ରର ତଟ ଦେଶରେ ଥିବା ନୀଳାଚଳ ଶିଖସ୍ଥ ବିରାଟ ପାଷାଣ ନିର୍ମିତ ମନ୍ଦିରରେ ବିରାଜମାନ କରିଛନ୍ତି । ସେ ହିଁ ଶ୍ରେଷ୍ଠ ଦେବତା ଯିଏ କି ଦ୍ୱାପର ଯୁଗରେ ଉତ୍ତମ ଲକ୍ଷଣ ଯୁକ୍ତ ଧୀରା ଅଧୀରା ଆଦି ଗୋପ ନାୟିକାମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି । ସେ ଆମର ମଙ୍ଗଳ କରନ୍ତୁ ।

**ସାମନ୍ତ ଚନ୍ଦ୍ରଶେଖର ଶ୍ରୀଜଗନ୍ନାଥଙ୍କ ପବିତ୍ର କ୍ଷେତ୍ରରେ ଦେହତ୍ୟାଗ କରିବେ ବୋଲି ସ୍ୱୀୟ ଇଚ୍ଛା ପ୍ରକାଶ କରିଥିଲେ ।**

## ପୁରୀରେ ଦେହତ୍ୟାଗ

ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର ଶ୍ରୀଜଗନ୍ନାଥଙ୍କ ପବିତ୍ର କ୍ଷେତ୍ରରେ ଦେହତ୍ୟାଗ କରିବେ ବୋଲି ସ୍ୱୀୟ ଇଚ୍ଛା ପ୍ରକାଶ କରିଥିଲେ । ସିଦ୍ଧାନ୍ତ ଦର୍ପଣର ସର୍ବଶେଷ ଶ୍ଳୋକରେ ଭଗବାନଙ୍କୁ ପ୍ରାର୍ଥନା କରି କହିଛନ୍ତି–

ବେଳୋଦ୍ୟତ ସିତ ଗୋତ୍ରେ
ସୂତ୍ରା ମାଦିସ୍ତବାବଳୀପାତ୍ରେ
ଗାତ୍ରଂ ମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମ କ୍ଷେତ୍ରେ

ପୁରୁଷୋତ୍ତମ କ୍ଷେତ୍ର (ପୁରୀ)ରେ ମୋ ଶରୀରର ଅନ୍ତ ହେଉ । ଶ୍ରୀକ୍ଷେତ୍ର ପୁରୀରେ ମୋ ମୃତ୍ୟୁ ହେଉ ମୋର ଏକାନ୍ତ କାମନା । ଏହି କ୍ଷେତ୍ର ନୀଳ ପର୍ବତ ତୀର୍ଥରାଜ ସମୁଦ୍ରର ବେଳାଭୂମିରେ ଉତ୍‌ଥିତ ହୋଇଅଛି । ଏହି କ୍ଷେତ୍ର ଇନ୍ଦ୍ରାଦି ଦେବତାମାନଙ୍କର ସ୍ତୁତି ଭାଜନ ଅଟେ । ଏଣୁ ଏହା ସୁପବିତ୍ର କ୍ଷେତ୍ର ।

ସିଦ୍ଧାନ୍ତ ଦର୍ପଣକାର ସାମନ୍ତ ଚନ୍ଦ୍ରଶେଖରଙ୍କର ଶେଷ ଇଚ୍ଛା ଶ୍ରୀଜଗନ୍ନାଥ ପାଳନ କରିଥିଲେ । କବି ଖଣ୍ଡପଡାଠାରେ ତା.୨୪.୧୨.୧୮୩୫ ମସିହା ପୌଷ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ଜନ୍ମ ହୋଇଥିଲେ ଓ ତାଙ୍କରି ଗଣନା ଅନୁସାରେ ମୃତ୍ୟୁ ଦିବସ ସ୍ଥିର କରି ୧୯୦୪ ମସିହା ତା.୧୧.-୦୬. ରିଖରେ ଶନିବାର (ଅଧିବାସ) କୃଷ୍ଣ ଦ୍ୱାଦଶୀ ଗମେ ତ୍ରୟୋଦଶୀ ପୂର୍ବାହ୍ନରେ ଶ୍ରୀନୀଳଚକ୍ରକୁ ଚାହିଁ ଚାହିଁ ଶ୍ରୀଜଗନ୍ନାଥଙ୍କ ପଦପଙ୍କଜରେ ଲୀନ ହୋଇ ଯାଇଥିଲେ ।

□□

ଲେଖକଙ୍କ ଇ-ମେଲ ଠିକଣା:
pattnaik.trinath14@gmail.com





ଅନୁଭୂତି

# ହିମାଳୟର ଜଣେ ସନ୍ଥଙ୍କର ଶ୍ରୀମନ୍ଦିର ଦର୍ଶନ

**ସନ୍ତୋଷ କୁମାର ପଟ୍ଟନାୟକ**

ହା ଇସ୍କୁଲ ପଢିଲାବେଳେ ବାପା ଓ ମାମୁଙ୍କ ସାଙ୍ଗରେ ପୁରୀ ଯାଇ କେତେଥର ରଥଯାତ୍ରା ଦେଖିବାର ସୁଯୋଗ ମୋ ଭାଗ୍ୟରେ ଜୁଟିଛି। କିନ୍ତୁ ପରବର୍ତ୍ତୀ କାଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ମୁଁ ଏତେ ଅନ୍ତରଙ୍ଗ ଭାବରେ ଜଡିତ ହୋଇଯିବି, ସେ କଥା କଳ୍ପନା ମଧ୍ୟ କରି ନ ଥିଲି।

'ରଥଯାତ୍ରା' ଆସିଲା ମାନେ ପୁରୀର ପୁଲିସ ବିଭାଗରେ ସତେ ଯେପରି ହଠାତ ଉଚ୍ଚଶକ୍ତିର ବିଦ୍ୟୁତ ସ୍ରୋତ ପ୍ରବାହିତ ହୋଇଯାଏ। ଯାତ୍ରା ବ୍ୟତିରେକେ ଅନ୍ୟ ସବୁ କାମ ଗୌଣ ହୋଇଯାଏ। ପୁରୀ ଜିଲ୍ଲା ପୁଲିସ ବିଭାଗରେ ଅନେକ ଦକ୍ଷ, ଅଭିଜ୍ଞ ଓ ବରିଷ୍ଠ ଅଫିସର ଥାଆନ୍ତି। ରଥଯାତ୍ରା ପାଇଁ ବାହାରୁ ଅଣାଯାଇଥିବା ଅଫିସର ଓ ଯବାନମାନଙ୍କୁ ସେମାନଙ୍କ ଦ୍ୱାରା ଯାତ୍ରା ସମ୍ବନ୍ଧୀୟ ଆବଶ୍ୟକ ସୂଚନା ଓ ସତର୍କତାର ନିୟମାବଳି ପାଳନ ସମ୍ବନ୍ଧରେ ବିଶଦ୍ ଭାବେ ବୁଝାଇ ଦିଆଯାଇଥାଏ। ରଥଯାତ୍ରା ବେଳେ ଜନଗହଳିକୁ ନିୟନ୍ତ୍ରଣ କରିବା ସମୟରେ ବେଳେବେଳେ ଅପ୍ରତ୍ୟାଶିତ ସମସ୍ୟା ଓ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥାଏ। କିନ୍ତୁ ଆଗରୁ ରଥଯାତ୍ରାରେ ଅଂଶଗ୍ରହଣ କରିଥିବା ଅଭିଜ୍ଞ ଅଫିସରଙ୍କ ନିର୍ଦ୍ଦେଶ ଓ ଉପଦେଶକୁ ମନେ ପକାଇ ଶାନ୍ତ ଓ ସହନଶୀଳ ହୋଇ ଅବସ୍ଥାର ସମାଧାନ ପାଇଁ ଚେଷ୍ଟା କରିବାକୁ ପଡିଥାଏ। ପୁରୀ ସହରରେ ଅନେକ ଦିନରୁ କାମ କରି ଆସୁଥିବା ହାବିଲଦାର ଓ କନେଷ୍ଟବଳମାନଙ୍କର ସେମାନେ ଅଙ୍ଗେ ନିଭାଇଥିବା ଅନୁଭୂତିରୁ ଅନେକ କିଛି ଶିକ୍ଷାଲାଭ କରିହୁଏ।



ପୁରୀ ସହରରେ ମୋର ଚାକିରି ଆରମ୍ଭ ସମୟର କଥା ଉଲ୍ଲେଖ କରୁଛି। ଆମେ ପ୍ରାୟ ଚାରିଜଣ ଯୁବ ଆରକ୍ଷୀ ଉପନିରୀକ୍ଷକ ପ୍ରଶିକ୍ଷଣ ସମାପ୍ତି ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କଲା ପରେ ସେ ଆମକୁ ପୁରୀ ଟାଉନଥାନା ଇନ୍ସପେକ୍ଟରଙ୍କ ପାଖକୁ ଅଧିକ ବ୍ୟାବହାରିକ ଜ୍ଞାନ ଆହରଣ ପାଇଁ ପଠାଇ ଦେଇଥିଲେ।

**ଅଧିକାରୀଙ୍କ ଉପଦେଶ**

ତତ୍କାଳୀନ ପୁରୀ ଟାଉନଥାନା ଇନ୍ସପେକ୍ଟରଙ୍କର ଗମ୍ଭୀର ମୁଖମଣ୍ଡଳ ଓ କଠୋର ଦୃଷ୍ଟି ଦେଖି ଆମେ ସାମାନ୍ୟ ଶଙ୍କିତ ଥିଲୁ। କିନ୍ତୁ ସେ ଆମକୁ ସାମନାରେ ବସାଇ ବେଶ ସହଜ ହେବାର ଅବକାଶ ଦେଇଥିଲେ। ତାଙ୍କ ଉପଦେଶାବଳୀ ଆଜି ମଧ୍ୟ ମୋ ମନରେ ସତେଜ ଅଛି। ତାଙ୍କର ସଂକ୍ଷିପ୍ତ ଭାଷଣ ଆମ ପ୍ରତି ପ୍ରେରଣାଦାୟକ ଥିଲା ଓ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ଆଗ୍ରହୀ କରାଇଥିଲା। ମୋର ଯାହା ମନେ ପଡୁଛି, ସେ ଆମକୁ କହିଥିଲେ, "ଦେଖ ପୁରୀରେ ସରକାରୀ ଚାକିରି, ପୁଣି ପୁଲିସରେ ନିଯୁକ୍ତି ପାଇବା ଭାଗ୍ୟର କଥା। ପୁରୀରେ ପୁଲିସର କର୍ତ୍ତବ୍ୟ ସମ୍ପାଦନର ଶୈଳୀ ଅନ୍ୟ ଜିଲ୍ଲାର କାର୍ଯ୍ୟକ୍ରମ ଅପେକ୍ଷା ଭିନ୍ନ। ଏଠି ତୁମମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ବିଭିନ୍ନ ବର୍ଗର ଭକ୍ତ, ସନ୍ଥ ତଥା ବାହାର ରାଜ୍ୟରୁ ଆସୁଥିବା ଉଚ୍ଚ ପଦାଧିକାରୀଙ୍କ ସହିତ ଭଦ୍ରତା ଓ ସମ୍ମାନ ସହିତ କାର୍ଯ୍ୟ କରିବାକୁ ପଡିବ। ସ୍ଥଳ ବିଶେଷରେ ଅନେକ ପ୍ରକାରର ଲୋକ ଠାକୁରଙ୍କ ଦ୍ୱାହି ଦେଇ କୌଣସି ନିୟମ ଓ ନିୟନ୍ତ୍ରଣକୁ ନ ମାନି ଦର୍ଶନ କରିବାକୁ ଅଡି ବସନ୍ତି। ମୁଁ ତୁମମାନଙ୍କୁ ସତର୍କ କରିଦେଉଛି,

ତୁମେ ସବୁ ତାଙ୍କ ସହିତ ଯଥାସମ୍ଭବ ଭଦ୍ରତା ଓ ସମ୍ଭ୍ରମତା ରକ୍ଷା କରି ବୁଝାଇବାକୁ ଚେଷ୍ଟା କରିବ। ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ତାଙ୍କୁ ଶାନ୍ତ ରଖିବାକୁ ଚେଷ୍ଟା କରିବ। ଅନ୍ତତଃପକ୍ଷେ ଡ୍ୟୁଟି ତଦାରଖ ପାଇଁ ମୁତୟନ ଥିବା ଉଚ୍ଚ ପଦସ୍ଥ ଅଫିସର ଘଟଣାସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ତୁମକୁ ପରିସ୍ଥିତି ସମ୍ଭାଳିବାକୁ ପଡିବ। ଅବଶ୍ୟ ସବୁବେଳେ ଏପରି ପରିସ୍ଥିତି ଆସିବ ନାହିଁ। ଶ୍ରୀଜୀଉଙ୍କର ରଥଯାତ୍ରା ଦୁଇ ମାସ ଛାଡିଦେଲେ ଅନ୍ୟ ସମୟରେ ତୁମକୁ ସବୁ ଅସାମାଜିକ, ଚୋର ଓ ଡକାୟତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପଡିବ। ପୁରୀ ନୀଳାଚଳ କ୍ଷେତ୍ର ହେଲେ ମଧ୍ୟ ଏଠି ଅପରାଧୀ ଓ ଅପରାଧ ଘଟାଉଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନୁହେଁ।" ଅଳ୍ପ ସମୟ ନୀରବ ରହିବା ପରେ କହିଲେ, "ତୁମେ ସବୁ କାର୍ଯ୍ୟକ୍ଷେତ୍ରରେ ସୁନାମ ଅର୍ଜନ କର, ମୋର ଶୁଭେଚ୍ଛା ତୁମ ସହ ଅଛି।"

ଟାଉନ ଇନ୍ସପେକ୍ଟରଙ୍କର ଅଫିସରୁ ବାହାରି ଆସିବା ବେଳେ ଆମ ସମସ୍ତଙ୍କ ମୁହଁରୁ ହସ ଲିଭିଯାଇଥିଲା। ଅନ୍ୟମାନେ କିଏ କ'ଣ ଭାବୁଥିଲେ ମୁଁ କହିପାରିବି ନାହିଁ, କିନ୍ତୁ ମୋର ମାନସିକ ଉଦ୍‌ବେଗ ମଧ୍ୟରେ ଗୋଟିଏ ଆଶ୍ୱାସନାର ବିଷୟ ମୁଁ ଭାବୁଥିଲି ଯଦି କିଛି ଅସୁବିଧାଜନକ ପରିସ୍ଥିତିରେ ପଡେ ତା'ହେଲେ ଟାଉନ ଇନ୍ସପେକ୍ଟରଙ୍କ ପରି ଜଣେ ବହୁଦର୍ଶୀ ଅଫିସରଙ୍କର ଉପଦେଶ ନିଶ୍ଚିତ ଭାବରେ ନେବି। ଇନ୍ସପେକ୍ଟର ଅଫିସରେ କାର୍ଯ୍ୟରତ ପ୍ରଧାନବାବୁ ଆମ ସମସ୍ତଙ୍କର ପଛେ ପଛେ ଆସିଥିଲେ। ଆମମାନଙ୍କର ଚିନ୍ତିତ ମୁଖଭଙ୍ଗୀ ଦେଖି ତାଙ୍କ ମୁହଁରେ ସ୍ମିତହାସ୍ୟ ଫୁଟି ଉଠିଥିଲା।

## ବାବାଜିଙ୍କ ପ୍ରତି ଆଚରଣ

ସମସ୍ତେ ଟାଉନଥାନା ସଂଲଗ୍ନ ଚା' ଦୋକାନ ସାମ୍ନାରେ ଠିଆ ହୋଇ କଥାବାର୍ତ୍ତା କରୁଥିଲୁ। ଆମ ସାଙ୍ଗରେ ଟ୍ରେନିଂ ନେଇଥିବା ରେଡିବାବୁ କହିଥିଲେ "ମୁଁ ଜାଣିଛି ଭାଇ ଏ ସାଧୁ ସନ୍ଥ ବାବାଜିମାନଙ୍କ ମଧ୍ୟରୁ ଜଣେ ଜଣେ ଭାରି ଏକଜିଦିଆ। ଦିଅଁଦର୍ଶନ ପାଇଁ ଭିଡ଼ ନିୟନ୍ତ୍ରଣ ଓ ପୁଲିସ ବ୍ୟବସ୍ଥାକୁ ମାନିବେ ନାହିଁ। ଶେଷକୁ ବଳ ପ୍ରୟୋଗ କରିବାକୁ ପୁଲିସକୁ ବାଧ କରିବେ।" ଆମର ଏପରି କଥାବାର୍ତ୍ତା ଶୁଣି ହାବିଲଦାର ପ୍ରଧାନବାବୁ ଆମ ପାଖକୁ ଆସି କହିଲେ, "ରେଡି ସାର ଯାହା କହିଲେ ଠିକ କଥା, କିନ୍ତୁ ଆପଣମାନେ ଏପରି ସାଧୁ, ସନ୍ଥ ଓ ଦର୍ଶନାଭିଳାଷୀଙ୍କ ପ୍ରତି କୌଣସି ପ୍ରକାର ଅଶୋଭନୀୟ ଆଚରଣ ଦେଖାଇବେ ନାହିଁ। ସେମାନଙ୍କ ମଧ୍ୟରୁ ଜଣେ ଜଣେ ଅତି ସିଦ୍ଧ ପୁରୁଷ ଅଛନ୍ତି ଆଜ୍ଞା। ଯାହା ତାଙ୍କ ପାଟିରୁ ବାହାରିବ ତାହା ଫଳିଯିବ। ମୋର ଏହି ଟାଉନ ଥାନାରେ କୋଡିଏ ବର୍ଷ ହୋଇଗଲାଣି। ଏପରି କେତୋଟି ଘଟଣା ଦେଖିଛି ବୋଲି ଆପଣଙ୍କୁ କହୁଛି। ତେବେ ଆପଣମାନେ ସମସ୍ତେ ଭଦ୍ର ଓ ଉଚ୍ଚ ଶିକ୍ଷିତ, ଟିକେ ସତର୍କ ହୋଇ ଡ୍ୟୁଟି କଲେ କିଛି ଅସୁବିଧା ହେବ ନାହିଁ।"

ଅନେକ ପ୍ରକାରର ଆଶା ଓ ଆଶଙ୍କା ମଧ୍ୟରେ ମୋର ପୁରୀ ଟାଉନ ଥାନାରେ ଗୋଟିଏ ବର୍ଷ ବିତିସାରିଥିଲା। ଦ୍ୱିତୀୟ ବର୍ଷରେ ରଥଯାତ୍ରା ଆରମ୍ଭ ହେବାର କେତୋଟି ମାସ ଆଗରୁ ମତେ ଟାଉନ୍‌ର ଟ୍ରାଫିକ ନିୟନ୍ତ୍ରଣର ଦାୟିତ୍ୱ ନେବାକୁ ପଡିଥିଲା। ଏହା ଏକ ଗୁରୁଦାୟିତ୍ୱ ଥିଲା। ସେତେବେଳେ ପୁରୀ ଟାଉନ୍‌ଥାନା ଛଡା କେବଳ ସମୁଦ୍ରକୂଳ ଥାନା ଥିଲା। ବସ୍ତୁତଃ ପୁରୀ ସହରର ସମସ୍ତ ଟ୍ରାଫିକ ପୋଷ୍ଟକୁ ଟାଉନ ଥାନାର ଟ୍ରାଫିକ ଅଫିସର ନିୟନ୍ତ୍ରଣ କରିବାକୁ ପଡୁଥିଲା। ମୋ ଅଧୀନରେ ସାତ ଜଣ ଟ୍ରାଫିକ ହାବିଲଦାର ଓ ପଇଁତିରିଶ ଜଣ କନେଷ୍ଟବଳ କାର୍ଯ୍ୟରତ ଥିଲେ। ଏତେ ସଂଖ୍ୟକ ଷ୍ଟାଫ ଜଣା ପଡୁଥିଲେ ମଧ୍ୟ ପୁରୀ ସହର ପାଇଁ ରଥଯାତ୍ରା ଓ ଭିଆଇପିଙ୍କର ଗସ୍ତ ସମୟରେ ଟ୍ରାଫିକ ଷ୍ଟାଫ ନିଅଣ୍ଟ ହେଉଥିଲେ। ସବୁ ବର୍ଷ ରଥଯାତ୍ରା ସମୟରେ ବହିରାଗତ ଯାତ୍ରୀମାନଙ୍କର ସୁରକ୍ଷା, ଗମନାଗମନର ସୁବିଧା କରିବା ଛଡା ଯାନବାହନ ଓ ଜନଗହଳି ନିୟନ୍ତ୍ରଣ ପୁରୀ ଟାଉନ ପୁଲିସ ପାଇଁ ଏକ ବିରାଟ ଆହ୍ୱାନ ଥିଲା।


**ମୁଁ ଜାଣିଛି, ଏ ସାଧୁ ସନ୍ଥ ବାବାଜିମାନଙ୍କ ମଧ୍ୟରୁ ଜଣେ ଜଣେ ଭାରି ଏକଜିଦିଆ।**

## କଡା ଟ୍ରାଫିକ୍ ବ୍ୟବସ୍ଥା

ସେ ସମୟରେ ରଥଯାତ୍ରା ବେଳେ ମରିଚକୋଟ ଛକଠାରେ ଏକ ଶକ୍ତ ଓ ବଡ ଧରଣର ଟ୍ରାଫିକ ବ୍ୟାରିକେଡ୍ ଲଗାଇ ଦିଆଯାଉଥିଲା। ଏହି ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ କୌଣସି ପ୍ରକାର ଯାନବାହନ ଯିବାକୁ ଅନୁମତି ନ ଥିଲା। ଏପରିକି ସାଇକେଲକୁ ମଧ୍ୟ ରଖି ସମସ୍ତଙ୍କୁ ଚାଲିଚାଲି ଯିବାକୁ

ପଡିଥାଏ। ଯେହେତୁ ଏହି ଛକଟି ଟ୍ରାଫିକ ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ, ଏଠାରେ ଡ୍ୟୁଟି ଚବିଶ ଘଣ୍ଟା ପର୍ଯ୍ୟନ୍ତ ଥାଏ। ସେଠାରେ ଗୋଟିଏ ଛୋଟ ଟ୍ରାଫିକ ଟେଣ୍ଟ ପଡିଥାଏ। ତା' ଭିତରେ ଗୋଟିଏ ଛୋଟ ଖଟ, କେତୋଟି ଫୋଲ୍ଡିଂ ଚେୟାର ସହିତ ପିଇବା ପାଣି ଓ ଫାଷ୍ଟଏଡ଼ର ମଧ୍ୟ ବ୍ୟବସ୍ଥା ମଧ୍ୟ ଥାଏ। ରଥଯାତ୍ରା ଅର୍ଥାତ ଶ୍ରୀଗୁଣ୍ଡିଚାର ଦୁଇଦିନ ଆଗରୁ ଆମକୁ ବିଶେଷ ସାବଧାନ ରହିବାକୁ ପଡିଥାଏ। ଦିନ ଓ ରାତି ଅବିଶ୍ରାନ୍ତ ଜନସ୍ରୋତ ଶ୍ରୀମନ୍ଦିର ଆଡକୁ ଚାଲିଥାଏ। ଗାଡ଼ିମୋଟର ରିକ୍ସା ଓ ସାଇକେଲକୁ ସେଠାରେ ରୋକିବା ପାଇଁ ବହୁତ ଯୁକ୍ତିତର୍କ, ଆୟାସ, ପ୍ରୟାସ କରିବାକୁ ପଡିଥାଏ।

ଆମେ ଅନେକ ଦୂରରୁ ଆସିଛୁ, ଏଠିକାର ଏହି ନୂଆ ଆଇନ ଆମେ ଜାଣିନାହୁଁ। ଆଗରୁ କାହିଁକି ଜଣାଇଲ ନାହିଁ, ଏବେ ଗାଡି କେଉଁଠି ରଖିବୁ? ଏଭଳି କେତେଗୁଡିଏ ବିଚିତ୍ର ପ୍ରଶ୍ନର ଉତ୍ତର ଆମକୁ ଦେବାକୁ ପଡିଥାଏ। ସେଥର ଡ୍ୟୁଟି କଲାବେଳେ ମତେ ଜଣାପଡୁଥିଲା ଦିନ ଅପେକ୍ଷା ରାତ୍ରିରେ ବିରାଟ ଜନସମୁଦ୍ର ଶ୍ରୀମନ୍ଦିର ଆଡେ ଆଗେଇ ଚାଲିଛି। ସାମାନ୍ୟ ଅସାବଧାନ ହେଲେ ଯଦି ଗାଡି, ମୋଟର ଗୋଟିଏ ପୁଲିସ ବ୍ୟାରିକେଡ୍ ଅତିକ୍ରମ କରିଗଲା ବଡ଼ଧରଣର ବିଭ୍ରାଟ ହୋଇଯିବାର ସମ୍ଭାବନା ଥାଏ।



ରଥଯାତ୍ରା ସମୟରେ ଟ୍ରାଫିକ ଡ୍ୟୁଟିରେ ଥିଲାବେଳେ କିପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ, ସେ ବିଷୟରେ ଗୋଟିଏ ଘଟଣା ଉଲ୍ଲେଖ କରୁଛି।

ଦିନେ ମୁଁ ବ୍ୟାରିକେଡ୍ ଥିବା ରାସ୍ତା ଧାରରେ ପଡିଥିବା ତମ୍ବୁ ଭିତରକୁ ଯାଇ ଅଳ୍ପ ସମୟ ପାଇଁ ବିଶ୍ରାମ କରୁଥାଏ। ରାତ୍ରି କ୍ରମେ ଗଭୀର ହେଉଥିଲା କିନ୍ତୁ ଶ୍ରୀମନ୍ଦିର ଆଡକୁ ସମୁଦ୍ର ଲହଡି ସଦୃଶ ଯାଉଥିବା ଜନଗହଳି ଅବ୍ୟାହତ ଥିଲା। ତମ୍ବୁ ଭିତରେ ମତେ ଛାଇ ନିଦ ଲାଗିଯାଇଥିଲା। ହାବିଲଦାର ଗଫୁର ମିଆଁର ଡାକରେ ମୁଁ ଆଖି ଖୋଲି ପଚାରିଲି, "କ'ଣ ହେଲା?" "କିଛି ନାହିଁ ସାର, ଜଣେ ବାବାଜି ରିକ୍ସାରେ ପହଞ୍ଚି ବ୍ୟାରିକେଡକୁ ଅତିକ୍ରମ କରି ମନ୍ଦିର ପର୍ଯ୍ୟନ୍ତ ଯିବା ପାଇଁ ଜିଦ୍ ଧରୁଛି, ଯେତେ ବୁଝାଇଲେ ମଧ୍ୟ ତା'ର ସେଇ ଗୋଟିଏ ଜିଦ୍ ରିକ୍ସାରେ ବସି ମନ୍ଦିର ପର୍ଯ୍ୟନ୍ତ ଯିବ। ସେ ବାବାଜି ମୁଣ୍ଡରେ ଅଦ୍ଭୁତ ପ୍ରକାରର ଲମ୍ବା ଜଟ ଅଛି ସାର୍। ତାକୁ ଦେଖିବାକୁ ଲୋକମାନେ ଅଟକି ଯିବାରୁ ଭିଡ ମଧ୍ୟ ଅଧିକା ହେବାରେ ଲାଗିଛି।" ମୁଁ ହାତଘଣ୍ଟାକୁ ଚାହିଁଲି। ରାତ୍ରି ତିନିଟା ବାଜିବାକୁ ଯାଉଥିଲା।

**ରହସ୍ୟାଚ୍ଛନ୍ନ ବାବାଜି**

ହାବିଲଦାର ଗଫୁର ସାଙ୍ଗେ ଆସି ସେ ରିକ୍ସା ଉପରେ ବସିଥିବା ସାଧୁଙ୍କ ପାଖରେ ପହଞ୍ଚିଥିଲି। ବାବାଜିଙ୍କର ସମଗ୍ର ଶରୀରରେ ଗେରୁଆ ବସ୍ତ୍ର। ମୁଣ୍ଡରେ ଗୁଡେଇ ହୋଇଥିବା ଜଟା ମତେ ଟିକେ ଅସ୍ୱାଭାବିକ ଭାବରେ ଉଚ୍ଚା ଜଣା ପଡିଥିଲା। ଜଟା ପ୍ରାୟ ଦୁଇ ଫୁଟରୁ କିଛି ଅଧିକା ହେବ। ଶରୀର ଶୀର୍ଣ୍ଣକାୟ ଓ ସେଥିରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ। କିନ୍ତୁ ଆଖି ଦୁଇଟି ବେଶ୍ ଉଜ୍ଜ୍ୱଳ। ଡୋଳା ଦୁଇଟିର ଦୀପ୍ତି ବିସ୍ମୟକର। ମତେ ଦେଖି ବିଶୁଦ୍ଧ ହିନ୍ଦୀରେ କହିଲେ "ମୁଁ ସୁଦୂର ହିମାଳୟରୁ ଆସିଛି। ଯେଉଁ ରାମଜୀ ମତେ ଏତେ ବାଟ ଟାଣି ଆଣିଛନ୍ତି ତାଙ୍କୁ ଦର୍ଶନ ନ କରି ମୁଁ ଫେରିଯିବି କିପରି? ଏକଥା ଶୁଣି ହାବିଲଦାର ଗଫୁର ପାଟିରୁ ବାହାରିଗଲା "ରାମଜୀ? ମହାରାଜ ଏଇଟା ଜଗନ୍ନାଥଜୀଙ୍କ ମନ୍ଦିର।" ବାବାଜୀ ଗମ୍ଭୀର ଭାବରେ କହିଲେ, "ଜାଣିଛି, ଜଗନ୍ନାଥଜୀ ହେଉଛନ୍ତି ତ୍ରେତା ଯୁଗର ରାମଜୀ, ଏଇ ଜଗନ୍ନାଥଜୀଙ୍କର ସପ୍ତମ ଅବତାର। ଏଠାରୁ ଆଉ ତ ଅଳ୍ପ ବାଟ ମୋ ରିକ୍ସାକୁ ଟିକେ ଯିବାକୁ ଦିଅ। ମୁଁ କଥା ଦେଉଛି, ଦର୍ଶନ ସାରି ସାଙ୍ଗେ ସାଙ୍ଗେ ଫେରି ଆସିବି।" ମୁଁ ଧୀର ଭାବରେ କହିଥିଲି "ସାଧୁଜୀ ସବୁ ପ୍ରକାର ଲୋକଙ୍କର ଦର୍ଶନର ସୁବିଧା ପାଇଁ, ଏଠାରୁ ଆଗକୁ କୌଣସି ଯାନବାହନ ଛଡାଯାଉନାହିଁ। ଆପଣ ଦୟାକରି ଏଠାରେ ରିକ୍ସାରୁ ଓହ୍ଲାଇ ଚାଲି ଚାଲି ଯାଇ ଠାକୁରଙ୍କୁ ଦର୍ଶନ କରନ୍ତୁ। ଏଠାରୁ ଶ୍ରୀମନ୍ଦିର ଅଳ୍ପଦୂର। ଆପଣଙ୍କ ରିକ୍ସାକୁ ଏଠାରୁ ଛାଡିବା ବ୍ୟତୀତ ଆଉ ଯେକୌଣସି ପ୍ରକାରର ସହାୟତା ଦେବାକୁ ଆମେ ପ୍ରସ୍ତୁତ," ମୁଁ କହିଥିଲି। "କିନ୍ତୁ ମୁଁ ଯିବି କିପରି?" ବାବାଜି ମତେ ପୁଣି ପଚାରିଥିଲେ। "ଚାଲିକରି ଯିବେ। ଅଗଣିତ ଆବାଳ ବୃଦ୍ଧ ବନିତା ଆପଣଙ୍କର ଆଗରେ

ଠାକୁରଙ୍କ ଦର୍ଶନ ପାଇଁ ଚାଲି ଚାଲି ଯାଉଛନ୍ତି, ଆପଣ ମଧ୍ୟ ଚାଲି ଚାଲି ଯାଆନ୍ତୁ।" ଏଥର ମୋର ସ୍ୱରରେ ବିରକ୍ତିର ସ୍ପର୍ଶ ଥିଲା। ବାବାଜି ମତେ ହାତଠାରି ସେ ବସିଥିବା ରିକ୍ସାର ଅତି ନିକଟକୁ ଡାକିଥିଲେ। ମୁଁ ରିକ୍ସା କଡରେ ପହଞ୍ଚିଥିଲି। ମତେ ଅନାଇ କହିଲେ, "ତୁମେ କହୁଛ ଚାଲି ଚାଲି ଯିବି ତ? ଏବେ ଦେଖ ଆଉ କୁହ ମୁଁ କିପରି ଚାଲି ଚାଲି ଯିବି?" ଏମିତି କହି ସେ ପାଦଠାରୁ ଅଣ୍ଟା ପର୍ଯ୍ୟନ୍ତ ଢାଙ୍କି ହୋଇଥିବା କମ୍ବଳଟା ଖସାଇ ରିକ୍ସାର ଆଲୁମିନିୟମ ପାଦାନି ଉପରେ ପକାଇ ଦେଇଥିଲେ। ତାଙ୍କର ଅଣ୍ଟାତଳର ଅନାବୃତ ଶରୀରକୁ ଦେଖି ମୁଁ ସ୍ତବ୍ଧ ହୋଇଯାଇଥିଲି। ମୁଁ ଯାହା ଦେଖିଲି, ଗୋଡ ତ ନୁହେଁ, ଗାଈ ଲାଞ୍ଜ କରି ସରୁସରୁ ଦୁଇଟି ଅଙ୍ଗ ତଳକୁ ଲମ୍ବି ଝୁଲୁଛି। ତା' ତଳକୁ ପାଦର ଚିହ୍ନ ବର୍ଣ୍ଣ ନାହିଁ। ଏଭଳି ବିଚିତ୍ର ଭିନ୍ନକ୍ଷମ ମୁଁ ଆଗରୁ କେବେ ଦେଖି ନ ଥିଲି। ବାବାଜୀଙ୍କର ଡାକରେ ମୁଁ ସଚେତନ ହେଲି। ଏଥର ତାଙ୍କର ସ୍ୱରରେ ଆନ୍ତରିକତା ଥିଲା, ସେ ବଡ ଦେଉଳକୁ ଲକ୍ଷ୍ୟ କରି କହିଲେ, "ଦେଖ ବାବା ତାଙ୍କରି ଡାକରାରେ ଏ ଅବସ୍ଥାରେ ମୁଁ ହିମାଳୟରୁ ଏତେ ବାଟ ପର୍ଯ୍ୟନ୍ତ ଆସିପାରିଛି। ତମେ କୁହ ଏଠାରୁ ବିନା ରିକ୍ସାରେ ଠାକୁରଙ୍କ ପାଖରେ କିପରି ପହଞ୍ଚିବି? କ'ଣ ଫେରିଯିବି?"

**ଦେଖ ବାବା, ତାଙ୍କରି ଡାକରାରେ ଏ ଅବସ୍ଥାରେ ମୁଁ ହିମାଳୟରୁ ଏତେ ବାଟ ପର୍ଯ୍ୟନ୍ତ ଆସିପାରିଛି।**

### ଧର୍ମ ସଙ୍କଟ

ମୁଁ ବାବାଜିଙ୍କ ଭକ୍ତିର ଗୁରୁତ୍ୱ ଅନୁଭବ କରୁଥିଲେ ବି ଧର୍ମ ସଙ୍କଟରେ ପଡି ଯାଇଥିଲି। କ'ଣ କରିବି କିଛି ସ୍ଥିର କରିପାରୁ ନ ଥିଲି। ଯଦି ବାବାଜିଙ୍କୁ ରିକ୍ସା ସହ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଛାଡିଦେବି ତାହାହେଲେ ସେ ଜନସ୍ରୋତ ଉପରେ ଗୋଟିଏ ପାଲଟଣା ଡଙ୍ଗା ପରି ସହଜରେ ସମସ୍ତଙ୍କ ନଜରରେ ପଡିବେ। ସେ ପୁଲିସ ବ୍ୟାରିକେଡକୁ ଅତିକ୍ରମ କରି କିପରି ରିକ୍ସା ଉପରେ ବସି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଉଛନ୍ତି ଦେଖି ସମସ୍ତେ ବିସ୍ମିତ ହେବେ। ଉପରିସ୍ଥ ଅଫିସରଙ୍କ ନଜର ଏହା ଉପରେ ନିଶ୍ଚିତ ପଡିବ ଓ ମୋର କର୍ତ୍ତବ୍ୟନିଷ୍ଠା ଉପରେ ପ୍ରଶ୍ନବାଚୀ ଉଠିବ। ମୋ ପ୍ରତି ବିଭାଗୀୟ ଦଣ୍ଡ ବିଧାନ ହେବାର ସମ୍ଭାବନା ମଧ୍ୟ ଥିଲା। କିନ୍ତୁ ବାବାଜିଙ୍କୁ ସେଠାରୁ ଫେରାଇବାକୁ ମୋର ସାହସ ନ ଥିଲା, ବରଂ ଦଣ୍ଡବିଧାନ ଗ୍ରହଣୀୟ।

ମୁଁ ଗଫୁରକୁ କହିଲି, "ତମେ ଏ ରିକ୍ସାର ଆଗେ ଆଗେ ଯାଇ ଯେତେ ଶୀଘ୍ର ସମ୍ଭବ ଗରୁଡ ସ୍ତମ୍ଭ ପର୍ଯ୍ୟନ୍ତ ଏ ବାବାଜିକୁ ପହଞ୍ଚାଇ ଦିଅ। ସେଠାରେ ଏହାଙ୍କୁ ଓହ୍ଲାଇ ଦେଇ ତୁରନ୍ତ ଖାଲି ରିକ୍ସା ସହିତ ଫେରି ଆସିବ। ତମେ ଫେରି ଆସିବା ପର୍ଯ୍ୟନ୍ତ ମୁଁ ବ୍ୟାରିକେଡ ପାଖରେ ତମ ଅପେକ୍ଷାରେ ଠିଆ ହୋଇଛି।" ଟିକେ ଇତସ୍ତତଃ ହୋଇ ଗଫୁର ବାବାଜୀ ବସିଥିବା ସେ ରିକ୍ସାବାଲାର ଆଗେ ଆଗେ ବାଟ କଢାଇ ଚାଲିଲା। ଅଳ୍ପ ସମୟ ମଧ୍ୟରେ ବଡଦାଣ୍ଡର ଜନସମୁଦ୍ରରେ ଗଫୁର ସହିତ ରିକ୍ସା ଓ ତା' ଉପରେ ବସିଥିବା ଅତି ଉଚ୍ଚା ଜଟଥିବା ବାବାଜୀ ଅଦୃଶ୍ୟ ହୋଇଯାଇଥିଲେ।

ମୁଁ ବ୍ୟାରିକେଡ୍ ଆଗରେ ଠିଆ ହୋଇ ମନେ ମନେ ସମୟର ଆକଳନ କରୁଥିଲି। ସାଧାରଣ ଭାବରେ ମରିଚକୋଟ ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଚାଲି ଚାଲି ଗଲେ ପ୍ରାୟ ପନ୍ଦର ମିନିଟ୍ ଲାଗେ। ଏହି ହିସାବରେ ଗଫୁର ସେଠାରେ ପହଞ୍ଚି ଖାଲି ରକ୍ସା ସହ ଫେରିବାକୁ ଅଧ ଘଣ୍ଟା ଲାଗିଯାଇପାରେ। ଲୋକଙ୍କର ଭିଡ ହେତୁ ଅତି ବେଶିରେ ଚାଳିଶ ମିନିଟ୍ ଲାଗିବା କଥା। ମୁଁ ଘଡିକୁ ଚାହିଁଲି, ରାତି ସାଢ଼େ ତିନିଟା। ମନେ ମନେ ହିସାବ କଲି ଗଫୁର ରିକ୍ସା ସହିତ ଖୁବ ହେଲେ ଚାରିଟା ବାଜି ପନ୍ଦର ମିନିଟ ସୁଦ୍ଧା ଫେରି ଆସିବା କଥା। ଅପେକ୍ଷା କରି କରି ଭୋର ଚାରିଟା ବାଜିଲା, କ୍ରମେ ସାଢ଼େ ଚାରିଟା ଟପି ପାଞ୍ଚଟା ବାଜିବାକୁ ଗଲା। ଏତେ ଡେରି ହେବା ଦେଖି ମୋ ମନରେ ଆଶଙ୍କା ଓ ଉଦ୍‌ବେଗ ଲହଡି ଭାଙ୍ଗୁଥିଲା। କିଛି ଅଘଟଣ ହେଲା କି? ଯାହା କିଛି ହେଲେ ଗଫୁର ଆସି ମତେ ଜଣାଇଥାନ୍ତା। ସେ ମଧ୍ୟ ସେଠି ରହିଗଲା? ବ୍ୟାରିକେଡ ଛାଡି ଆଗକୁ ଯାଇ ଗଫୁରର ଫେରିବା କାହିଁକି ବିଳମ୍ବ ହେଲା ବୁଝିବା ଆଦୌ ସମ୍ଭବ ନ ଥିଲା। ଦର୍ଶକଙ୍କ ଭିଡ ମଧ୍ୟ କ୍ରମେ ବଢୁଥିଲା। ମୋର ଧୈର୍ଯ୍ୟର ବନ୍ଧ ଭାଙ୍ଗିବା ଉପରେ। ହଠାତ୍ ଦୂରରୁ ଦେଖିଲି ଆଗରେ ଗଫୁର। ତା' ପଛରେ ସେଇ ରିକ୍ସା ଓ ସେଥିରେ ସେଇ ବାବାଜୀ ବସିଛି। ବ୍ୟାରିକେଡ ପାଖରେ ଗଫୁର ସେମାନଙ୍କୁ ନେଇ ପହଞ୍ଚିବା ପରେ ମୋର ଉଦ୍‌ବେଗ କ୍ରୋଧରେ ପରିଣତ ହୋଇଗଲା। ମୁଁ ତାକୁ ରାଗରେ କହିଥିଲି, "ଗଫୁର ମିଆଁ ତମେ ତମର ଚାକିରିଟା ତ ହରାଇବ, ତା'

ସାଙ୍ଗରେ ମୋର ଚାକିରିଟା ବି ନେବ। ମୁଁ ତୁମକୁ ଗରୁଡ ସ୍ତମ୍ଭ ପାଖରେ ସେ ବାବାଜିଙ୍କୁ ଓହ୍ଲାଇ ଦେଇ ତୁରନ୍ତ ଫେରି ଆସିବାକୁ କହିଥିଲି। ଘଣ୍ଟାଏ ପରେ ତାକୁ ସେଇ ରିକ୍ସାରେ ବସାଇ ପୁଣି ଏତେ ଭିଡ ଭିତରେ ଫେରୁଛ ? ଏ ପ୍ରକାରର ଦାୟିତ୍ୱହୀନ କାମ ତମେ କରିବ ବୋଲି ମୁଁ ଆଶା କରି ନ ଥିଲି।"

ଗଫୁର ସେ ରିକ୍ସାବାଲାକୁ ସେଠାରେ ଅଟକାଇ ଦେଇ ମତେ କହିଥିଲା, "ସାର ମୋ କଥାଟା ଟିକେ ଶୁଣନ୍ତୁ। ମୁଁ ସେ ବାବାଜିର ରିକ୍ସା ସହିତ ଗରୁଡ ସ୍ତମ୍ଭ ପାଖରେ ପହଞ୍ଚିଛି କି ନାହିଁ, ଦୁଇଟା ମୋଟାସୋଟା ପଣ୍ଡା କୁଆଡୁ ଦୌଡି ଆସିଲେ। ଜଣେ ମୋ ରିକ୍ସା ପାଖରେ ଠିଆ ହେଲା ଓ ଆର ଜଣକ ବାବାଜିଙ୍କୁ କାନ୍ଧରେ ଟେକି ନେଇ ବାଇଶ ପାହାଚ ଉପରେ ଖେପାମାରି ମନ୍ଦିର ଭିତରକୁ ପଶିଗଲା। ମୁଁ ସେ ରିକ୍ସାବାଲାକୁ ଗରୁଡସ୍ତମ୍ଭ ପାଖରୁ ମୋ ସାଙ୍ଗରେ ଯେତେବେଳେ ଫେରିଯିବାକୁ କହିଲି, ସେଠି ଠିଆ ହୋଇଥିବା ଆର ପଣ୍ଡା ଜଣକ କହିଲା "ଆଜ୍ଞା, ଆଉ ଅଳ୍ପ ସମୟ ଦର୍ଶନ, ତା'ପରେ ଠାକୁରମାନଙ୍କର ପହଡ ପଡିଯିବ। ବାବାଜୀଙ୍କୁ ଦର୍ଶନ କରାଇ ସାଙ୍ଗେ ସାଙ୍ଗେ ମୋ ଭାଇ ପହଞ୍ଚିଯିବ। ଯଦି ଏ ରିକ୍ସା ପଳେଇବ ବାବାଜୀ ବିଚରା ଫେରିବ କେମିତି ? ସେ ଏତେ ଅନୁନୟ ବିନୟ ହୋଇ କହିଲେ ଯେ, ମୁଁ ଅପେକ୍ଷା କରିବାକୁ ବାଧ୍ୟ ହୋଇଥିଲି। ଅଳ୍ପ ସମୟ ପରେ ବାବାଜୀଙ୍କୁ କାନ୍ଧରେ ନେଇ ଆର ପଣ୍ଡା ଜଣକ ପହଞ୍ଚିଥିଲେ। ଗୋଟିଏ ବଡ ତାଳପତ୍ର ପେଟିରେ ଭୋଗ ମଧ୍ୟ ଆଣିଥିଲେ। ସେ ବାବାଜିଙ୍କୁ ରିକ୍ସାରେ ବସାଇ ଭୋଗକୁ ତାଙ୍କ କୋଳରେ ରଖିବା ସାଙ୍ଗେ ସାଙ୍ଗେ ମୁଁ ରିକ୍ସା ସହ ପହଞ୍ଚିଛି।"

**ମୋ ପାଖରେ ପଇସା ନାହିଁ ? ଯିଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଅଧିକାରୀ ତାଙ୍କୁ ମୁଁ କ'ଣ ଦେଇପାରିବି ?**

## ପଣ୍ଡାମାନଙ୍କ ବାବାଜୀ ସେବା

ଗଫୁରର ସ୍ପଷ୍ଟୀକରଣ ଉପରେ ମୋର ବିଶ୍ୱାସ ଆସୁ ନ ଥିଲା। ମୁଁ ତାକୁ କହିଲି "ତମେ କହିବାକୁ ଚାହୁଁଛ ଯେ ବିନା ଦକ୍ଷିଣାରେ ସେ ପଣ୍ଡା ବାବାଜୀଙ୍କୁ ମନ୍ଦିରକୁ ଟେକି ନେଇ ଦର୍ଶନ କରାଇ ଭୋଗ ସହିତ ଆଣି ପୁଣି ରିକ୍ସାରେ ବସେଇଦେଲା ?" ଗଫୁର କହିଲା "ସାର୍ ମୋ କଥା ଯଦି ବିଶ୍ୱାସ ହେଉନି, ତାହେଲେ ସେ ରିକ୍ସାବାଲାକୁ ପଚାରନ୍ତୁ।" ଯାହା ହେଉ ରିକ୍ସାଟି ବ୍ୟାରିକେଡ ବାହାରକୁ ଆସିଯାଇଛି ଦେଖି ମୁଁ ମନେ ମନେ ଆଶ୍ୱସ୍ତ ହେଉଥିଲି।

ମୁଁ ସେ ରିକ୍ସାବାଲାକୁ ଚାହିଁବାରୁ ସେ କହିଲା, "ଆଜ୍ଞା ମୁଁ ଗରୁଡ ସ୍ତମ୍ଭ ପାଖରେ ରିକ୍ସାଟି ରଖିଚି କି ନାହିଁ, ଦି'ଟା ପଣ୍ଡା କୁଆଡୁ ଦୌଡି ଆସିଲେ। ବାବାଜୀ ସାଙ୍ଗେ ପଦେ ବି କଥାବାର୍ତ୍ତା କରିନାହାନ୍ତି, ଜଣେ ମୋ ରିକ୍ସା ହ୍ୟାଣ୍ଡେଲକୁ ଧରି ଠିଆ ହେଲା ଓ ଆଉ ଜଣେ ବାବାଜିଙ୍କୁ ଛୋଟ ପିଲାଙ୍କ ପରି ଟେକି ନେଇ ମନ୍ଦିର ଭିତରକୁ ପଶିଗଲା। ମତେ ବି ଆଶ୍ଚର୍ଯ୍ୟ ଲାଗୁଥିଲା। ମୁଁ ଯେତେବେଳେ ମୋର ରିକ୍ସାର ହ୍ୟାଣ୍ଡଲ ଧରିଥିବା ପଣ୍ଡାକୁ ପଚାରିଲି, 'ମୋ ଭଡା କିଏ ଦେବ ?' ସେ ମତେ ପଚାରିଲା, 'ଭଡ଼ା କେତେ ?' ମୁଁ କହିଥିଲି ଷ୍ଟେସନରୁ ମନ୍ଦିର କୋଡିଏ ଟଙ୍କା, ସେ ସାଙ୍ଗେ ସାଙ୍ଗେ ଅଣ୍ଟାରୁ ଦୁଇଟି କୋଡିଏ ଟଙ୍କିଆ ନୋଟ କାଢ଼ି ମୋର ରିକ୍ସା ସିଟ୍ ଉପରେ ରଖି ଦେଇଥିଲା। ସେମାନେ ଦୁଇଜଣ ବାବାଜୀଙ୍କୁ ଆଣି ରିକ୍ସା ଉପରେ ବସାଇ, ଭୋଗ କୁଡୁଆ ରଖି ସାଙ୍ଗେ ସାଙ୍ଗେ କୁଆଡେ ପଳେଇଲେ।"


ମୋର ଚାରିପଟେ ବିସ୍ମୟର କୁହୁଡି କ୍ରମେ ଗାଢ ହେଉଥିଲା, ମୁଁ ବାବାଜୀଙ୍କୁ ପଚାରିଥିଲି, "ଆପଣ ସେ ପଣ୍ଡାମାନଙ୍କୁ ଆଗରୁ ଚିହ୍ନିଛନ୍ତି ? କେତେ ପଇସା ଦକ୍ଷିଣା ଦେଲେ ?" ବାବାଜୀ ମତେ ଚାହିଁଲେ। ମୁଁ ଅନୁଭବ କରୁଥିଲି ତାଙ୍କ ମୁହଁରେ ଆନନ୍ଦର ଜୁଆର। ସେ କହିଲେ, "ଆରେ ସାହାବ ମୁଁ କପର୍ଦ୍ଦକ ଶୂନ୍ୟ ବାବାଜି ଲୋକ, ମତେ କିଏ ଚିହ୍ନିବ ? ଆଉ ମୋ ପାଖରେ ପଇସା ନାହିଁ? ଯିଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଅଧିକାରୀ ତାଙ୍କୁ ମୁଁ କ'ଣ ଦେଇପାରିବି ? ଦେଖନ୍ତୁ ଯିଏ ମତେ ହିମାଳୟର ଗୌରୀକୁଣ୍ଡରୁ ଏ ପର୍ଯ୍ୟନ୍ତ ଆଣି ଦର୍ଶନ ଦେଇ ଭୋଗ ପ୍ରସାଦ ମଧ୍ୟ ଦେଇଛନ୍ତି, ଇଏ ତ ପ୍ରତ୍ୟକ୍ଷ ମୂର୍ତ୍ତି, ଭକ୍ତପ୍ରାଣ, ଅନ୍ତର୍ଯାମୀ ଓ ଭାବଗ୍ରାହୀ।" ତା'ପରେ ସେ ରିକ୍ସା ସିଟ୍ ଉପରେ ବସିଥିବା ଅବସ୍ଥାରେ ଘୂରିପଡି ଶ୍ରୀମନ୍ଦିର ଦିଗକୁ ଚାହିଁ ଯୋଡ ହସ୍ତରେ ପ୍ରଣାମ କରି ବଡ ପାଟିରେ କହିଥିଲେ "ମୋତେ ଆଉ କିଛି ଲୋଡ଼ାନାହିଁ ପ୍ରଭୁ! ମତେ କିଛି..." ଶେଷ ଆଡକୁ କୋହରେ ବାବାଜୀଙ୍କର କଣ୍ଠରୁଦ୍ଧ ହୋଇଯାଇଥିଲା। ମୁଁ ଦେଖିଲି ବାବାଜିଙ୍କର ଦୁଇ ଆଖିରୁ ଲୁହର ଅବିରତ ଧାର।

□□

ଲେଖକଙ୍କ ଇ-ମେଲ ଠିକଣା:
santoshpatnaikcb@gmail.com

ଗଳ୍ପ


# ସେ ଓ ସେମାନେ



ଅଚ୍ୟୁତାନନ୍ଦ ପତି

ସାମାନ୍ୟ କଥନରେ ସେ ଜଣେ ଗଳ୍ପଶିଳ୍ପୀ, ଜଣେ କଥା କାରିଗର।

ବିଶେଷ ବକ୍ତବ୍ୟରେ, ସେ ବହୁ 'ସେ'ର ସେ। ତା ଆଖପାଖରେ ଆତଯାତ ହେଉଥିବା 'ସେ'ମାନଙ୍କ ସାଙ୍ଗରେ ରଂଜଘଷ ହେଇ, ସେମାନଙ୍କ ବିଶ୍ୱାସକୁ ଜିଣି ସେମାନଙ୍କୁ ଆପଣାର କରିନିଏ। ସେମାନଙ୍କ ଭିତରକୁ ଧୁଣ୍ଡି, ଉପରକୁ ଅଣ୍ଡାଳି, ସେମାନଙ୍କ ହସଖୁସିକୁ କୁଣ୍ଢାଇ, ସେମାନଙ୍କ କାନ୍ଦଣା କଷଣକୁ ମୁଣ୍ଡାଇ, ସେମାନଙ୍କ ଢଙ୍ଗଢାଙ୍ଗରୁ କିଛି ଛିଣ୍ଡାଇ, ସେମାନଙ୍କୁ ଗଳ୍ପରେ ମଣ୍ଡାଇ ଦିଏ। ସେମାନଙ୍କ ଜୀବନଜାତକକୁ ଗଣାପୋଛା କରି, ସେମାନଙ୍କ ଜୀବନରୁ କିଛି ଛବି ବାଛି ଗଳ୍ପରେ ବିଛାଇ ଦିଏ।



ଆଉ ବି ଏମିତି 'ସେ' ଅଛନ୍ତି, ଯେଉଁମାନେ ସମାଜସେବୀ ସାଜରେ ସଜେଇ ହେଇ, ସମାଜର ଦୟାବନ୍ତ ସାଆନ୍ତ ସାଜନ୍ତି। ଭିତରେ ସମାଜମାରୁର କୁତ୍ସିତ ବେପାର କରନ୍ତି। ଉପରେ ତେଲାନ୍ତି, ଭିତରେ ତଳିତଳାନ୍ତ କରନ୍ତି। କାହାକୁ ପଇସାର ମଖମଲି ଚପଲ ମାରି, କାହାକୁ ଉପରପଡ଼ା ଉପକାରର ସୁଆଙ୍ଗର ଭଙ୍ଗି ଦେଖାଇ, ମଙ୍ଗାଇମୁଙ୍ଗାଇ, ସେମାନଙ୍କ ମୁହଁରେ ଚୁପ୍‌ହେବାର ତାଲା ଠୁକନ୍ତି। କାଳେ ପାଠପଢ଼ା ବେକାର ଟୋକାଏ ତାଙ୍କ ଭିତରକୁ ଖୋଳତାଡ କରିବେ, ତାଙ୍କୁ ଚାକିରି ଦେବାର ବାହାପିଆ ହଲପ କରି, ସେମାନଙ୍କୁ ନିଜର ହାତବାରିଶି ବନାନ୍ତି।

ଏମନ୍ତ ସେ ଆଉ ଜଣେ 'ସେ' ର ଜୀବନ ସଂକଳନରୁ ଘଟଣାଟିଏ ଗୋଟାଇ ଗଳ୍ପ କରି ଗଢ଼ିଥିଲା।

ଗଳ୍ପଟା ଏମିତି ଥିଲା।

ଜଣେ 'ସେ' ଥିଲା। ତା'ର ଗଳ୍ପ ଲେଖାଲେଖିର ସଉକ ଥିଲା। ତା' ଗତାନୁଗତିକ ଜୀବନକୁ ଅଣଦେଖା କରି, ସେ ସବୁବେଳେ କଳ୍ପନାରେ ପହଁରୁ ଥିଲା। ଗଳ୍ପର ନିଶାରେ ମସଗୁଲ ଥିଲା। ତାକୁ ଲେଖିବାର କାଳିସି ଲାଗିଲେ, ଗପ ତା' ଭିତରେ ହୁଳହୁଳି ପକାଏ। ଗପଟେ ତା' ଭିତରେ ଉଙ୍କି ମାରିଲେ, ଜୀବନର ସବୁ ଏଣୁତେଣୁକୁ ଫାଙ୍କିଦେଇ, ଖାଉଁଖାଉଁ, ଶୋଉଁଶୋଉଁ, ଯାଉଁଯାଉଁ ମନେମନେ ଗପଟାକୁ ଆଙ୍କି ଆଙ୍କି ଚାଲୁଥିଲା।

ଦିନେ ମନକୁ ମସ୍ତକରି, ରାସ୍ତାରେ ଚାଲୁଥିଲା। ସେ ଗଳ୍ପର ଥାଟଟା ଠିକ୍ କରି ସାରିଥିଲା। ତା' ଠିଁ ଭାଷାର କିଛି କୌଶଳର କରାମତି ଲଗାଇ ଗଳ୍ପଟାକୁ ମୁଣ୍ଡିମାରିବାକୁ ମୁଣ୍ଡକୁ ପହଞ୍ଚାଉଥିଲା। ମନର ଇମିତି ଇମିତିରେ ଗୋଳମାଳିଆ ଭାବନାଟା ଗୋଟିଏ ଜାଗାରେ ଠିକିଗଲା। ଆଉ ନାୟିକାର କଥା! ନାୟିକାକୁ ନେଇ ଗଳ୍ପ, ନାୟିକା ଆଡକୁ ମନ ମୁହାଁଇଲା। ଗଳ୍ପର ନାୟିକା ସୁନ୍ଦରୀ ହେବ ତ ହେବ। ଭାଷାର କେଉଁ ଭୂଷଣ ପିନ୍ଧାଇ, ତାକୁ ଶୋଭନୀୟା କରିବ, ତା' ମଗଜରେ ଜୁଟୁ ନ ଥିଲା।

ବାଟରେ ଜଣେ ଲୋକ ତାକୁ ଅଟକାଇଲା। ସେ କେମିତି ହଇରାଣରେ ଥିଲା ବୋଲି, ତା' ଆବଭାବରୁ ଜଣା ପଡୁଥିଲା। ତା' କହିବା କଥା ହେଲା, ତା' ସ୍ତ୍ରୀ କ'ଣ କିଣାକିଣି କରିବାକୁ ବାହାରକୁ ଯାଇଥିଲା। ତା'ର ସଅଳ ଫେରି ଆସିବାର କଥା। ଏତେ ଡେରି ହେଲାଣି ସେ ଫେରିନି। ଯେବେ ଯାଏ, ଠିକ୍ ସମୟରେ ଫେରେ। ସେ ତାକୁ ଖୋଜି ଖୋଜି ନୟାନ୍ତ ହେଲାଣି। ତା' ମନରେ କେମିତି ଛନକା ପଶୁଛି। ସେ ସ୍ତ୍ରୀକୁ ଦେଖିଛି କି ବୋଲି ପଚାରିଲା।

ଇୟେ ତା' ସ୍ତ୍ରୀ କେମିତିକା ବୋଲି ଜାଣିବାକୁ ଚାହିଁଲା।

ଲୋକଟି ତା' ସ୍ତ୍ରୀର ରୂପରଙ୍ଗ ବଖାଣିବାକୁ ଲାଗିଲା। କହୁଁ

କହୁଁ ସେ ଭାବବିଭୋର ହେଇ ପଡୁଥିଲା। ତା' ସ୍ତ୍ରୀ ଦେହରେ ଦୁଧଅଳତାର ରଙ୍ଗ। ସେ ହେଉଛି ଅପୂର୍ବା ସୁନ୍ଦରୀ ସରଗର ଅପ୍‌ସରୀ ତା'ର ସରି ହେବ ନାହିଁ। ହସି ଦେଲେ ତା' ପାଲିସ୍ ଗୋଲ ଗାଲରେ ଭଉଁରି ବୁଲିଯାଏ। ତା' କଳା କଳା ଲମ୍ବ ଆଖିର କଣେଇ କଣେଇ ଚାହାଣି ମନକୁ ମଦୁଆ ମଦୁଆ କରିଦିଏ। ତା' ନାଲି ନାଲି ଓଠରେ ଛିଞ୍ଚଡ଼ା ହେଇଯାଏ ଚପାଚପା ହସର ଫୁଲ ପାଖୁଡ଼ା। ତା' ଛାତିର ଭାରକୁ ତା' ସରୁ କମର ସମ୍ଭାଳି ନ ପାରି, ହଲିଯାଏ ଥରିଥରି, ପାଦ ପକାଏ ଥିରି ଥିରି।

ଏଣେ ତା' ଗଳ୍ପର କଳ୍ପିତ ନାୟିକାର ରୂପ ଟାଣିବାକୁ ବଣା ହେଉଥିବା ଗାଳ୍ପିକକୁ 'ପାଇଗଲା ପାଇଗଲା' ବୋଲି ଲାଗିଲା। ଲୋକଟି କହିଥିବା ତା' ସ୍ତ୍ରୀର ରୂପର ଧାରାକୁ ଅନୁସରି ନାୟିକାର ଗାଲ, ଓଠ, ଆଖି, ଛାତି, କମର, ଚାଲିରେ ଖପେଇ ଦେଲା। ସେତେବେଳେ ସେ ନିଜେ ନିଜର ନ ଥିଲା। କଳ୍ପନାକୁ ସତ ବୋଲି ଧରିନେଇଥିଲା। ତା' ନାୟିକା ଲୋକଟିର ସ୍ତ୍ରୀ ହେଇ ତା' ଆଗରେ ଠିଆ ହେଇଗଲା।

**ତା' ଗଳ୍ପର କଳ୍ପିତ ନାୟିକାର ରୂପ ଟାଣିବାକୁ ବଣା ହେଉଥିବା ଗାଳ୍ପିକକୁ 'ପାଇଗଲା ପାଇଗଲା' ବୋଲି ଲାଗିଲା।**

ଲୋକଟି ତା' ଆବେଶରୁ ଖସି ଆସିଥିଲା। ସେ ଲେଖକକୁ ତା' ପ୍ରଶ୍ନ ଦୋହରାଇଲା, ତା' ସ୍ତ୍ରୀକୁ ଦେଖିଁଛି କି ନାହିଁ? ଲେଖକ ଉତ୍ତରରେ 'ହଁ' ବୋଲି କହିଲା। ଲୋକଟି ଆନନ୍ଦରେ କୁରୁଳି ଉଠି, କେଉଁଠି କେଉଁଠି ବୋଲି ପଚାରିଲା। ସେତେବେଳେ ଲେଖକ କଳ୍ପନାର ମଣିଷ ଥିଲା। ତା' ଗଳ୍ପର ଶେଷ ଅଂଶ ମନରେ ପଶିଗଲା। ସେ କହିଲା ତା' ସ୍ତ୍ରୀ ନଈକୁ ଡେଇଁ ପଡିଛି। ଲୋକଟି ମୁଣ୍ଡରେ ହାତ ଦେଇ, ଲଥ୍ କରି ବସି ପଡ଼ିଲା।

ରାଗରେ ତମ ତମ ହେଇ, ଉଠି, ତା' ହାତକୁ ଧରି ନେଲା। ତା'ପରେ ତାକୁ ଧମକେଇଲା– "ତୁ ତାକୁ ରକ୍ଷା କଲୁ ନାହିଁ କାହିଁକି? ତୁ ମୋ ସ୍ତ୍ରୀ ସାଙ୍ଗରେ ଖରାପ ବ୍ୟବହାର କରିଛୁ, ସେ ତା' ଇଜ୍ଜତକୁ ବଞ୍ଚାଇବା ନାଚାରରେ ନଈକୁ କୁଦି ପଡିଛି। ନ ହେଲେ, ତୋ କଥା ମାନିଲା ନାହିଁ ବୋଲି, ତୁ ତାକୁ ନଈକୁ ପେଲି ଦେଇଛୁ।" ତା'ପରେ ତା ଗାଲରେ କାଠିଆ ଚାପଡ ଚଢ଼େଇ ଚଢ଼େଇ ଚାଲିଲା। ସେ କିଛି କହିବ ବୋଲି ପାଟି ଖୋଲିଲା ତ, ତା ମୁହଁ ଉପରେ ମୁଥାଟେ ବଜାଇଲା। ତା' ପାଟିରୁ ରକ୍ତ ଥୋପି ପଡୁଥାଏ, ଲୋକଟା କିନ୍ତୁ ତାକୁ ଛାଡୁ ନ ଥାଏ।

ଏତିକି ବେଳେ ତା' ସ୍ତ୍ରୀ ଆସି ପହଞ୍ଚିଲା। ଏତେ ଡେରି ହେବାର କାରଣ ଜଣାଇବାକୁ ଯାଇଁ, ତା' ସ୍ତ୍ରୀ କହିଲା– "ବଜାର କାମ ସାରି, ଖରାରେ ମୁହଁଟା ଝାଳମାଳ ହେଇଥିବାରୁ ପାର୍ଲୋରକୁ ଯାଇଥିଲି। ସେଠି ମୋ'ର ଜଣେ ବାଲ୍ୟ ସଙ୍ଗିନୀର ଦେଖାହେଲା। ତା' ସହିତ ଦୁଃଖସୁଖ ହେଉଁ ହେଉଁ ବେଳ ଗଡିଗଲା।"

ତା' ପରେ ଘଟଣାଟା କ'ଣ ବୋଲି ପଚାରିଲା।

ତା' ସ୍ୱାମୀ କହିଲା– "ତୁମେ ନଈକୁ ଡେଇଁ ପଡିଛ ବୋଲି ଏ ଲଫଙ୍ଗା କହୁଛି।"

ସେ ପୁଣି ଗାଳ୍ପିକକୁ ମାରିବାକୁ ହାତ ଉଠାଇଲା, ତା' ସ୍ତ୍ରୀ ତା' ହାତକୁ ଧରି ପକାଇଲା।

ସ୍ତ୍ରୀ ଜାଣେ, ତା' ସ୍ୱାମୀ ତାକୁ ଭଲପାଏ ବୋଲି, କହିଲେ ଚଳିବନି। ତାକୁ ଏତେ ଭଲପାଏ ଯେ, ତାର କଳନା କରିହେବ ନାହିଁ। ଏମିତି ଗୋଟେ ଖବର ଶୁଣି ସ୍ୱାମୀ ତା'ର ଅଣାୟତ୍ତ ହେଇପଡିଛନ୍ତି।

ଗାଳ୍ପିକଟି ସ୍ତ୍ରୀଙ୍କୁ ଦେଖି ଚମକି ପଡିଲା। ଆହା, କି ସୁନ୍ଦରୀ, ଲୋକଟି ଠୁଁ ରୂପର ଗରିମା ଶୁଣି, ତା' ଗଳ୍ପର ନାୟିକାକୁ ଅନେକଟା ରୂପସୀ କରିପାରିଛି। ଟିକିଏ ସେ ସୁନ୍ଦରୀକୁ ଭଲ କରି ଦେଖିବାକୁ ଇଚ୍ଛା ଥିଲେ ମଧ୍ୟ ସେ ମୁହଁକୁ ପଛେଇ ଦେଲା। ମିଛରେ କାହିଁକି ମାଡ ମୂଲେଇବ!

ସୁନ୍ଦରୀ ଲୋକଟିକୁ ପାଗଳଟେ ବୋଲି ଭାବିଲା। କ'ଣ ବୋଲି କ'ଣ କହିପକାଇଛି, ତାକୁ ଉଠାଇ ମୁହଁ ଝାଡି ଝୁଡି ଦେଇ ବସାଇଲା। ସ୍ୱାମୀ ସ୍ତ୍ରୀ ହାତ ଧରାଧରି ହେଇ ଚାଲିଗଲେ।

ବିଚରା ଲେଖକଟି ଚାପଡ଼ା ମାଡରେ ଲାଲପଡ଼ି, ଫୁଲିଯାଇଥିବା ଗାଲକୁ ସାଉଁଳୁଥିଲା। ତା' ମନଟା କୁଆଡେ କୁଆଡେ ବୁଲୁବୁଲୁ, ତା' ଗଳ୍ପର କଳ୍ପିତ ନାୟିକାର ଗାଲପାଖରେ ପହଞ୍ଚିଗଲା, ଯେଉଁଠି ହସ ଖେଳୁଥିଲା। ସବୁ ପରାସକୁ ପାଶୋରି, ସେ ହସି ପକାଇଲା।

□□

ଲେଖକଙ୍କ ଇ-ମେଲ ଠିକଣା:
utpalpati@gmail.com

ପ୍ରବନ୍ଧ

# ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ବଙ୍ଗଳା ଗ୍ରନ୍ଥ-ଏକ ଅନୁଶୀଳନ



ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମିଶ୍ର

ପଶ୍ଚିମବଙ୍ଗବାସୀ ହେଉଛନ୍ତି ଅତ୍ୟନ୍ତ ଧର୍ମପରାୟଣ। ସେମାନେ ନିଜର ଧର୍ମଭାବନା ମଧ୍ୟରେ ରାଧାକୃଷ୍ଣ, ହରଗୌରୀ, ଲକ୍ଷ୍ମୀନାରାୟଣ, ସୂର୍ଯ୍ୟ, କାଳୀ ପ୍ରଭୃତି ଦେବତାଙ୍କ ଭଳି ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ଉପାସନା କରିଥାନ୍ତି। ଅନାବିଳ ହୃଦୟରେ ଶ୍ରୀଜଗନ୍ନାଥପ୍ରାଣତାର ପରିଚୟ ଦେବା ପାଇଁ ସେମାନେ ଆଦୌ କୁଣ୍ଠା ପ୍ରକାଶ କରି ନ ଥାନ୍ତି। ପଡ଼ୋଶୀ ରାଜ୍ୟ ଭାବରେ ପଶ୍ଚିମବଙ୍ଗ ସହ ଓଡ଼ିଶାର ସମ୍ପର୍କ ଅତ୍ୟନ୍ତ ନିବିଡ଼। ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ସାମାଜିକ ତଥା ସାଂସ୍କୃତିକ ସଂଯୋଗ ବୃଦ୍ଧି ଫଳରେ ଶ୍ରୀଜଗନ୍ନାଥ ଚେତନା କ୍ରମଶଃ ସେଠାରେ ବିସ୍ତାର ଲାଭ କରିପାରିଛି। ଗବେଷକମାନେ ପଶ୍ଚିମବଙ୍ଗରେ ଶ୍ରୀଜଗନ୍ନାଥ ଚେତନାର ଉନ୍ମେଷପର୍ବକୁ ବିଶେଷ ପ୍ରାଚୀନ ରୂପେ ଗ୍ରହଣ କରନ୍ତି ନାହିଁ। ସେମାନଙ୍କ ମତରେ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ବା ପଞ୍ଚଦଶ ଶତାବ୍ଦୀରେ ବାଙ୍କୁଡ଼ା ଜିଲ୍ଲାର ତୁଙ୍ଗଭୂମି ଜଗନ୍ନାଥପୁରରେ ପ୍ରଥମ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ଫଳରେ ପଶ୍ଚିମବଙ୍ଗରେ ଶ୍ରୀଜଗନ୍ନାଥ ଚେତନା କ୍ରମଶଃ ବିସ୍ତାର ଲାଭ କରିଥିଲା। କିନ୍ତୁ ଐତିହାସିକ କେଦାରନାଥ ମହାପାତ୍ରଙ୍କ ମତାନୁସାରେ ଉକ୍ତ ମନ୍ଦିରର ନିର୍ମାଣ ସମୟ ହେଉଛି ୧୩୫୮ ମସିହା। ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗରେ ବହୁ ଜଗନ୍ନାଥ ମନ୍ଦିର ନିର୍ମିତ ହେବା ସହିତ ଶ୍ରୀଜଗନ୍ନାଥ ଉପାସ୍ୟ ଦେବତା ଭାବେ ପରିଗଣିତ ହେଲେ। ଚୈତନ୍ୟ ମହାପ୍ରଭୁଙ୍କ ପାଇଁ ଶ୍ରୀଜଗନ୍ନାଥ ଚେତନା କ୍ରମଶଃ ପୁରୀ ଧାମ ଶ୍ରୀକ୍ଷେତ୍ରରୁ ବାଂଲାଦେଶର ଶ୍ରୀହଟ୍ଟ ପର୍ଯ୍ୟନ୍ତ ବିସ୍ତାର ଲାଭ କରିବା ବେଳେ ପ୍ରଭୁପାଦ ସ୍ୱାମୀଙ୍କ ନିମିତ୍ତ ଶ୍ରୀକୃଷ୍ଣ ଚେତନା ସହ ଶ୍ରୀଜଗନ୍ନାଥ ଚେତନା ସମଗ୍ର ବିଶ୍ୱରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିଛି କହିଲେ ସତ୍ୟର ଅପଳାପ ହେବ ନାହିଁ।




**ପଶ୍ଚିମବଙ୍ଗରେ ଶ୍ରୀଜଗନ୍ନାଥ ଚେତନା**

ପଶ୍ଚିମବଙ୍ଗରେ ଶ୍ରୀଜଗନ୍ନାଥ ଚେତନା କ୍ରମଶଃ ବିକାଶ ଲାଭ କରିବା ସହିତ ତନ୍ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ସାରସ୍ୱତ ସର୍ଜନାର ସୂକ୍ଷ୍ମଧାରାଟିଏ ଆତ୍ମପ୍ରକାଶ କରିଥିଲା। ଭକ୍ତ ପ୍ରାଣର ଅମନ୍ଦମନ୍ଦାକିନୀର ଅଫୁରନ୍ତ ଉଚ୍ଛ୍ୱାସଧାରା ଏଥିରେ ପ୍ରବାହିତ ହେବା ସହିତ କ୍ରମଶଃ ଏହା ସ୍ୱତନ୍ତ୍ର ଆସନର ଅଧିକାରୀ ହେବାରେ ଲାଗିଲା। ପ୍ରାରମ୍ଭିକ ଅବସ୍ଥାରେ ଶ୍ରୀଚୈତନ୍ୟଙ୍କ ପୂର୍ବବର୍ତ୍ତୀ କବି ବିଦ୍ୟାପତିଙ୍କ ଦ୍ୱାରା ଲିଖିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଗୋଟିଏ କବିତା ମିଳିବା ପରେ ପରବର୍ତ୍ତୀ ସମୟରେ ବହୁ ସ୍ରଷ୍ଟା ବଙ୍ଗଳା ଭାଷାରେ କାବ୍ୟକବିତା ଲେଖି ପଶ୍ଚିମବଙ୍ଗରେ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରୟାସ କରିଥିଲେ। ଶ୍ରୀଚୈତନ୍ୟଙ୍କ ପରବର୍ତ୍ତୀ ସମୟରେ ଗୋଟିଏ ଗୋଟିଏ ଶିରୋନାମାରେ ଏକାଧିକ ଲେଖକ କାବ୍ୟକବିତା ରଚନା କରିଥିବାର ପରିଲକ୍ଷିତ ହୋଇଥାଏ। ଏହି କାବ୍ୟକବିତାମାନଙ୍କ ମଧ୍ୟରେ 'ଜଗନ୍ନାଥ ବିଜୟ' ଶିରୋନାମା ଦେଇ ଲେଖିଥିବା ରଚୟିତାମାନେ ହେଲେ ବିଶ୍ୱମ୍ଭର ଦାସ, ଦ୍ୱିଜ ମୁକୁନ୍ଦ, ମଧୁକଣ୍ଠ ଦ୍ୱିଜ, ମୁକୁନ୍ଦ ଭାରତୀ, ମୁକୁନ୍ଦ ରଥୀନ୍ଦ୍ର, ପଞ୍ଚାନନ ଭାରତୀ, ବିଶ୍ୱମ୍ଭର ରାଜେନ୍ଦ୍ର; 'ଜଗନ୍ନାଥ ମଙ୍ଗଳ'ର ସ୍ରଷ୍ଟାମାନେ ହେଲେ ଗଦାଧର ଦାସ, ଅକିଞ୍ଚନ ଦାସ, ଜୟକୃଷ୍ଣ ଦାସ, କଂସାରୀ ଦ୍ୱିଜ, ଦେବୀ ଦାସ; 'ଜଗନ୍ନାଥ ମାହାତ୍ମ୍ୟ' ଶିରୋନାମା ଦେଇ ଲେଖିଥିବା ରଚୟିତାମାନେ ହେଲେ କୃଷ୍ଣ ଦାସ, କୁମୁଦ, ଜୟାରାମ,

ଜୟାନନ୍ଦ, ଦୟାରାମ ଦ୍ୱିଜ, ଦ୍ୱିଜ ଦାସ, ମୁକୁନ୍ଦ, ସୁବୁଦ୍ଧି ଦାସ; 'ଜଗନ୍ନାଥ ବନ୍ଦନା' ଶିରୋନାମାରେ ଲେଖିଥିବା ସ୍ରଷ୍ଟାଙ୍କ ମଧ୍ୟରେ ଦ୍ୱିଜ ମଧୁକାନ୍ତ, ଚନ୍ଦ୍ରଚୂଡ଼ ଆଦିତ୍ୟ, ସୁବୁଦ୍ଧି ଦାସ, କୃଷ୍ଣଧନ ଦାସ, ଦ୍ୱିଜ ଦୟାରାମ, ଦ୍ୱିଜ ବାଞ୍ଛାରାମ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ। ଏମାନଙ୍କ ବ୍ୟତୀତ ଦୟାନନ୍ଦଙ୍କ 'ଜଗନ୍ନାଥ ଚରିତ୍ର', ମୁକୁନ୍ଦ ଭାରତୀ ଦ୍ୱିଜଙ୍କ 'ଜଗନ୍ନାଥ ଲୀଳା', ଦ୍ୱିଜ ବାଞ୍ଛାରାମଙ୍କ 'ଜଗନ୍ନାଥ ଭକ୍ତକୃପା', ଦ୍ୱିଜ ରାମଙ୍କ 'ଜଗନ୍ନାଥ ଭଜନ', ମୁକୁନ୍ଦ ଭାରତୀଙ୍କ 'ଜଗନ୍ନାଥ ସାହିତ୍ୟ' ପ୍ରଭୃତି ସାରସ୍ୱତ ସୃଷ୍ଟିଗୁଡ଼ିକ ପଶ୍ଚିମବଙ୍ଗରେ ଶ୍ରୀଜଗନ୍ନାଥ ଚେତନା ପ୍ରବାହର ମୂକସାକ୍ଷୀ ସଦୃଶ। ଏଥିମଧ୍ୟରୁ କେତେକ ଆତ୍ମପ୍ରକାଶ କରିଥିବା ସମୟରେ ଅନ୍ୟ କେତେକ ସମ୍ପ୍ରତି ଲୋକଲୋଚନର ଅନ୍ତରାଳରେ ରହିଛି। ସଂସ୍କୃତ ସ୍କନ୍ଦପୁରାଣ ଦ୍ୱାରା ପ୍ରଭାବିତ ହୋଇ ବଡୁଚଣ୍ଡୀ ଦାସ 'ଶ୍ରୀକୃଷ୍ଣ କୀର୍ତ୍ତନ' ରଚନା କରିଥିବା ସମୟରେ ଗଦାଧର ଦାସ 'ଜଗତ୍ ମଙ୍ଗଳ ବା ପୁରୁଷୋତ୍ତମ ମାହାତ୍ମ୍ୟ' ସୃଷ୍ଟି କରିଥିବାର ଜଣାଯାଏ। ମୋଟ ଉପରେ କହିବାକୁ ଗଲେ ଶ୍ରୀଚୈତନ୍ୟଙ୍କ ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ଶ୍ରୀଜଗନ୍ନାଥ ସାହିତ୍ୟ ଥିଲା ଅତ୍ୟନ୍ତ ସମୃଦ୍ଧ ତଥା ବୈଚିତ୍ର୍ୟ ବିମଣ୍ଡିତ। ତନ୍ମଧ୍ୟରୁ କେତେକ କାବ୍ୟ ରୂପରେ ରହିଥିବା ବେଳେ ଅନ୍ୟ କେତେକ ଭଜନ, ବନ୍ଦନା, ପାଲା ଓ ବାଉଲ ଗାନ ମଧ୍ୟରେ ପରିଲକ୍ଷିତ ହୋଇଥାଏ। ଏଥିରେ ରହିଛି ଭାବର ଗାମ୍ଭୀର୍ଯ୍ୟ ସହ ଭାଷାର ସାରଲ୍ୟ। ଏହା ମଧ୍ୟରୁ ସାମାନ୍ୟ କେତେକ ପ୍ରକାଶନର ସୂର୍ଯ୍ୟାଲୋକ ଦେଖିପାରିଥିବା ଆନନ୍ଦର ବିଷୟ। ଆଲୋଚକମାନେ ଗଦାଧର ଦାସଙ୍କ ଦ୍ୱାରା ଲିଖିତ 'ଜଗତମଙ୍ଗଳ ବା ପୁରୁଷୋତ୍ତମ ମାହାତ୍ମ୍ୟ'କୁ ବଙ୍ଗଳା ଭାଷାର ଶ୍ରୀଜଗନ୍ନାଥ କୈନ୍ଦ୍ରିକ ପ୍ରଥମ କାବ୍ୟ ରୂପେ ଗ୍ରହଣ କରି ଏହାର ରଚନା ସମୟକୁ ୧୫୬୪ ଶକାବ୍ଦ ବା ୧୬୪୨ ମସିହା ଭାବରେ ନିର୍ଦ୍ଧାରଣ କରିଛନ୍ତି। ଏ ସମସ୍ତଙ୍କୁ ବାଦ୍ ଦେଲେ ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରୁ ଅଦ୍ୟାବଧି ମୁଦ୍ରିତ ରୂପ ନେଇ ବହୁ କାବ୍ୟ, କବିତା, ନାଟକ, ଭ୍ରମଣ ସାହିତ୍ୟ ଓ ପ୍ରବନ୍ଧ ସାହିତ୍ୟ ପ୍ରକାଶ ଲାଭ କରିବା ସହିତ ବଙ୍ଗଳାର ଶ୍ରୀଜଗନ୍ନାଥ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିପାରିଛି।

**ଶ୍ରୀଚୈତନ୍ୟଙ୍କ ପରବର୍ତ୍ତୀ ସମୟରେ ବଙ୍ଗଳା ଭାଷାରେ ସୃଷ୍ଟି ହୋଇଥିବା ଶ୍ରୀଜଗନ୍ନାଥ ସାହିତ୍ୟ ଥିଲା ଅତ୍ୟନ୍ତ ସମୃଦ୍ଧ ତଥା ବୈଚିତ୍ର୍ୟ ବିମଣ୍ଡିତ।**

## ଶ୍ରୀପୁରୁଷୋତ୍ତମ ଚନ୍ଦ୍ରିକା

ବଙ୍ଗଳା ଭାଷାରେ ପ୍ରକାଶ ପାଇଥିବା କାବ୍ୟ କବିତା ଗ୍ରନ୍ଥ ମଧ୍ୟରେ ସର୍ବପ୍ରଥମେ ଓଡ଼ିଶାର ଇତିହାସ ସହ ଶ୍ରୀଜଗନ୍ନାଥଙ୍କ ପରମ ପବିତ୍ର ପୁରୁଷୋତ୍ତମ ଧାମ ବିଷୟ ଉପରେ ଚର୍ଚ୍ଚିତ ପୁସ୍ତକ 'ଶ୍ରୀପୁରୁଷୋତ୍ତମ ଚନ୍ଦ୍ରିକା ଅର୍ଥାତ୍ ଶ୍ରୀକ୍ଷେତ୍ର ଧାମେର ବିବରଣ' ୧୭୬୬ ଶକାବ୍ଦ ବା ୧୨୫୧ସାଲ (୧୮୪୪ ମସିହା)ରେ ଭବାନୀଚରନ ବନ୍ଦ୍ୟୋପାଧ୍ୟାୟଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଉକ୍ତ ଗ୍ରନ୍ଥରେ ଶ୍ରୀକ୍ଷେତ୍ର ବର୍ଣ୍ଣନ, ପଞ୍ଚତୀର୍ଥ ବିଧାନ, ଚକ୍ରତୀର୍ଥ, ଶ୍ରୀମୂର୍ତ୍ତିର ପ୍ରତିମୂର୍ତ୍ତି, ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରତି ବରଦାନ, ଦ୍ୱାଦଶ ଯାତ୍ରା ପ୍ରକରଣ, ନବଯୌବନ ଦର୍ଶନ, ଛତିଶାନିଯୋଗ, ମାଦଳାପାଞ୍ଜି, ରାଜବଂଶ ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଛି। ଏହି ବର୍ଣ୍ଣନା ନିମିତ୍ତ ସ୍ରଷ୍ଟା କେଉଁଠି ପଦ୍ୟ ଓ କେଉଁଠି ଗଦ୍ୟର ସାହାଯ୍ୟ ନେଇଥିବାର ପରିଲକ୍ଷିତ ହୁଏ। ଏହା ପରେ ସୂର୍ଯ୍ୟବଂଶୀ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ବିଷୟ ଉପରେ ଆଧାରିତ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ବିଭିନ୍ନ ଛନ୍ଦଯୁକ୍ତ 'କାଞ୍ଚିକାବେରୀ' କାବ୍ୟଟି ଶଶୀଭୂଷଣ ଦାସଙ୍କ ଦ୍ୱାରା କଲିକତାସ୍ଥ ଗଣେଶ ଯନ୍ତ୍ରରେ ମୁଦ୍ରିତ ହୋଇ ୧୨୮୬ ବଙ୍ଗାବ୍ଦ ବା ୧୮୭୯ରେ ଲୋକାର୍ପିତ ହୋଇଥିଲା। ଏତଦ୍‌ବ୍ୟତୀତ ବଙ୍ଗଳାଭାଷାରେ ପ୍ରକାଶିତ ଅନ୍ୟାନ୍ୟ କାବ୍ୟକବିତା ଗ୍ରନ୍ଥମାନଙ୍କ ମଧ୍ୟରେ ଗଦାଧର ଦାସଙ୍କ ସ୍କନ୍ଦ ପୁରାଣ ପ୍ରଭାବିତ କାବ୍ୟ 'ଜଗତ୍ ମଙ୍ଗଳ ବା ପୁରୁଷୋତ୍ତମ ମାହାତ୍ମ୍ୟ' (୧୩୧୦ସାଲ ବା ୧୯୦୩ ମସିହା) ଓ ଘନଶ୍ୟାମ ଗୋସ୍ୱାମୀଙ୍କ 'ଉତ୍କଳ ଖଣ୍ଡ ବା ଜଗନ୍ନାଥ ମାହାତ୍ମ୍ୟ', ବିଶ୍ୱମ୍ଭର ଦାସଙ୍କ 'ଜଗନ୍ନାଥ ମଙ୍ଗଳ' (୧୩୧୨ ସାଲ ବା ୧୯୦୫), ଗୋଲକାନନ୍ଦ ହାଜରାଙ୍କ 'ମହାପୁରୁଷ କବୀର ଓ ଶ୍ରୀଜଗନ୍ନାଥ ବିଷୟକ କାବ୍ୟ 'ଜଗନ୍ନାଥ ଖଣ୍ଡ ବା ଶ୍ରୀସତ୍ୟ କବୀର ଦର୍ଶନାମୃତ' (୧୩୮୭ ସାଲ ବା ୧୯୮୦), ଶେଖ୍ ମକବୁଲ ଇସଲାମଙ୍କ 'ଶ୍ରୀଜଗନ୍ନାଥ ଅନୁଭବ' (୨୦୧୦), ଡକ୍ଟର ଜୟଜ୍ୟୋତି ଗୋସ୍ୱାମୀଙ୍କ 'ଜଗନ୍ନାଥ ନାମ' (୨୦୧୦) ଓ ରାଧାମାଧବ ଘୋଷଙ୍କ

'ବୃହତ୍ ସଚିତ୍ର ଜଗନ୍ନାଥ ଲୀଳା ସାରାବଳୀ' (୨୦୧୩) ପ୍ରଭୃତିର ନାମ ଉଲ୍ଲେଖ ଯୋଗ୍ୟ। ଏ ସମସ୍ତ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ସହିତ ମହାପ୍ରଭୁଙ୍କର ବିଭିନ୍ନ ନୀତି ଓ ପୂଜା ପାର୍ବଣାଦିର ବର୍ଣ୍ଣନା ପାଠକୀୟ ଆଦୃତିକୁ ସ୍ୱାଗତ ଜଣାଇପାରିଛି।

ଏତଦ୍ ବ୍ୟତୀତ ବଙ୍ଗଳା ଭାଷାରେ ଲିଖିତ ଗଳ୍ପ, ଉପନ୍ୟାସ, ନାଟକ, ଭ୍ରମଣାଦି କେତେଗୁଡ଼ିଏ ସର୍ଜନାତ୍ମକ ସାହିତ୍ୟ ଲୋକାର୍ପିତ ହୋଇଥିବାର ଜଣାଯାଏ। ଏହି ସର୍ଜନାତ୍ମକ ସାହିତ୍ୟ ମଧ୍ୟରେ ନଗେନ୍ଦ୍ରନାଥ ଗୁପ୍ତଙ୍କ 'ରଥଯାତ୍ରା ଓ ଅନ୍ୟାନ୍ୟ ଗଳ୍ପ' (୧୯୩୧), ସଞ୍ଜୀବ ଚଟ୍ଟୋପାଧ୍ୟାୟଙ୍କ 'ପ୍ରଭୁ ଜଗନ୍ନାଥ' (୧୯୫୭) ଓ ଦୁଲେନ୍ଦ୍ର ଭୌମିକଙ୍କ ଗଳ୍ପଗ୍ରନ୍ଥ 'ଜଗନ୍ନାଥ କାହାନୀ' (୧୯୯୨)' ପ୍ରଭୃତିର ନାମ ଅନ୍ୟତମ। ଏହାକୁ ବାଦ୍ ଦେଲେ ଯତୀନ୍ଦ୍ରମୋହନ ସିଂହଙ୍କ 'ଉଡ଼ିଷ୍ୟାର ଚିତ୍ର' (୧୩୧୦ସାଲ ବା ୧୯୦୩), ଯଦୁନାଥ ଭଟ୍ଟାଚାର୍ଯ୍ୟଙ୍କ ଐତିହାସିକ ଉପନ୍ୟାସ 'କାଲାପାହାଡ଼' (୧୩୧୪ସାଲ ବା ୧୯୦୭), ରସିକଚନ୍ଦ୍ର ବସୁଙ୍କ 'କାଲାପାହାଡ଼' (୧୯୧୦), ସମରେନ୍ଦ୍ର ବସୁଙ୍କ ରହସ୍ୟ ଉପନ୍ୟାସ 'କାଲାପାହାଡ଼' (୧୩୫୮ସାଲ ବା ୧୯୫୧) ପ୍ରଭୃତି ଉପନ୍ୟାସ ପ୍ରକାଶିତ ହୋଇ ବଙ୍ଗଳା ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛି। ଏତଦ୍‌ବ୍ୟତୀତ ବଙ୍ଗଳା ଲିପିରେ ପ୍ରକାଶିତ ରବୀନ୍ଦ୍ର ନାଥ ଟାଗୋରଙ୍କ ନୃତ୍ୟ ନାଟିକା 'ରଥେର ରସି', ଜ୍ୟୋତିଷ ଚନ୍ଦ୍ର ବିଶ୍ୱାସଙ୍କ ପଞ୍ଚଅଙ୍କ ବିଶିଷ୍ଟ ନାଟକ 'ଜଗନ୍ନାଥ' (୧୩୩୭ ସାଲ ବା ୧୯୩୦), ଅଶ୍ୱିନୀ କୁମାର ଘୋଷଙ୍କ 'ପୁରୀର ମନ୍ଦିର' (୧୯୪୨), ଜଳଧର ଚଟ୍ଟୋପାଧ୍ୟାୟଙ୍କ ଏକାଙ୍କିକା 'ରଥେର ଠାକୁର' (୧୩୫୦ ସାଲ ବା ୧୯୪୩) ଓ କହ୍ନାଇଲାଲ ଶୀଳଙ୍କ ପୌରାଣିକ ନାଟକ 'ମୁକ୍ତିତୀର୍ଥ' (୧୯୫୧), ଶ୍ରୀମତ୍ ତମାଳକୃଷ୍ଣ ଗୋସ୍ୱାମୀ ମହାରାଜଙ୍କ 'ଶ୍ରୀଜଗନ୍ନାଥ ପ୍ରିୟ ନାଟକ' (୨୦୦୯); ହେମଦାକାନ୍ତ ଚୌଧୁରୀଙ୍କ ପତ୍ର ସାହିତ୍ୟ 'ପୁରୀର ଚିଠି' (୧୩୧୮ସାଲ ବା ୧୯୧୧)'; ବରଦା ପ୍ରସାଦ ବସୁଙ୍କର 'ତୀର୍ଥ ଦର୍ଶନ, ପଞ୍ଚମ ଭାଗ' (୧୮୧୫ ଶକାବ୍ଦ ବା ୧୮୯୩), ଦେବୀପ୍ରସନ୍ନ ରାୟଚୌଧୁରୀଙ୍କ 'ଭ୍ରମଣ ବୃତ୍ତାନ୍ତ, ପ୍ରଥମଖଣ୍ଡ (ଉତ୍କଳ)' (୧୩୦୨ ସାଲ ବା ୧୮୯୫), ଦୁର୍ଗାଚରଣ ରକ୍ଷିତଙ୍କ 'ଭାରତ ପ୍ରଦକ୍ଷିଣ' (୧୩୧୦ ସାଲ ବା ୧୯୦୩), ଆଶୁତୋଷ ମୁଖୋପାଧ୍ୟାୟଙ୍କ 'ସେତୁବନ୍ଧ ଯାତ୍ରା' (୧୩୧୭ ସାଲ ବା ୧୯୧୦) ଓ ପୁରୁଷୋତ୍ତମ (୧୩୨୮ ସାଲ ବା ୧୯୨୧), ଗୋଷ୍ଠବିହାରୀ ଧରଙ୍କ 'ସଚିତ୍ର ତୀର୍ଥ ଭ୍ରମଣ କାହାଣୀ, ପ୍ରଥମ ଭାଗ' (୧୯୧୩), ବୀରେନ୍ଦ୍ରନାଥ ଦାସଙ୍କ 'ଭାରତେର ତୀର୍ଥଯାତ୍ରା' (୧୩୫୮ ସାଲ ବା ୧୯୨୯), ପ୍ରବୋଧ କୁମାର ସାନ୍ୟାଲଙ୍କ 'ପଞ୍ଚତୀର୍ଥ' (୧୩୪୮ ସାଲ ବା ୧୯୪୧), ଚିତ୍ତରଞ୍ଜନ ମାଇତିଙ୍କ 'କଳାଭୂମି କଳିଙ୍ଗ' (୧୩୬୫ ସାଲ ବା ୧୯୫୮), ସ୍ୱାମୀ ସିଦ୍ଧାନନ୍ଦ ସରସ୍ୱତୀଙ୍କ 'ଉତ୍କଳ ତୀର୍ଥେ' (୧୩୬୫ ସାଲ ବା ୧୯୫୯), ସୁବୋଧ କୁମାର ଚାଟାର୍ଜୀଙ୍କ 'ତୀର୍ଥ ପରିଚୟ', 'ରମ୍ୟାଣୀ ବୀକ୍ଷାର ଉତ୍କଳ ପର୍ବ' (୧୯୬୨), ତାରକନାଥ ବନ୍ଦ୍ୟୋପାଧ୍ୟାୟଙ୍କ 'ତୀର୍ଥପଥେ, ତୃତୀୟ ଖଣ୍ଡ' (୧୩୭୩ସାଲ ବା ୧୯୬୬), ଅସିତବରଣ ଚକ୍ରବର୍ତ୍ତୀଙ୍କ 'ନୀଲାଚଲେର ପଥେ' (୨୦୦୯) ପ୍ରଭୃତି ଭ୍ରମଣ ସାହିତ୍ୟର ନାମ ସ୍ମରଣ ଯୋଗ୍ୟ। ଉକ୍ତ ଗ୍ରନ୍ଥମାନଙ୍କ ଭିତରେ ଦେବୀପ୍ରସନ୍ନ ରାୟ ଚୌଧୁରୀ, ଆଶୁତୋଷ ମୁଖୋପାଧ୍ୟାୟ ଓ ବୀରେନ୍ଦ୍ରନାଥ ଦାସ ପ୍ରଭୃତି ବିଭିନ୍ନ ସ୍ଥାନ ଭ୍ରମଣ ବିଷୟ ବର୍ଣ୍ଣନା ଅବସରରେ ପୁରୀକ୍ଷେତ୍ରକୁ ପ୍ରାସଙ୍ଗିକ ଭାବରେ ସ୍ଥାନିତ କରିଛନ୍ତି। ସେହିପରି ସୁବୋଧ କୁମାର ଚକ୍ରବର୍ତ୍ତୀ ତାଙ୍କର 'ତୀର୍ଥ ପରିଚୟ' ପୁସ୍ତକରେ ବିଭିନ୍ନ ତୀର୍ଥସ୍ଥାନର ସୂଚନା ଦେବା ବେଳେ ପୁରୀତୀର୍ଥ ବିଷୟରେ ବିଶେଷ ଭାବରେ ଆଲୋକପାତ କରିଥିବା ଦେଖିବାକୁ ମିଳେ।




**ଅନୂଦିତ ଗ୍ରନ୍ଥ**

ଏ ସମସ୍ତକୁ ବାଦ୍ ଦେଲେ ବିଭିନ୍ନ ଭାଷାରେ ରଚିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ସର୍ଜନାତ୍ମକ ସାହିତ୍ୟ ବିଶେଷ କରି ସଂସ୍କୃତ ଓ ଓଡ଼ିଆ ଭାଷାରୁ ବଙ୍ଗଳାରେ ଅନୂଦିତ ଗ୍ରନ୍ଥ ବଙ୍ଗଳା ସାହିତ୍ୟଭଣ୍ଡାରକୁ ଋଦ୍ଧିମନ୍ତ କରିଥିବାର ପରିଦୃଷ୍ଟ ହୁଏ। ତନ୍ମଧ୍ୟରେ ସ୍କନ୍ଦପୁରାଣର ବିଷ୍ଣୁଖଣ୍ଡ ଅନ୍ତର୍ଗତ 'ପୁରୁଷୋତ୍ତମ ମାହାତ୍ମ୍ୟମ୍'ର ମୂଳ ସଂସ୍କୃତ ଶ୍ଳୋକ ସହ ବଙ୍ଗଳା ଗଦ୍ୟାନୁବାଦ

(୧୩୧୮ ସାଲ ବା ୧୯୧୧), ପଣ୍ଡିତ ରାମସହାୟ ଅବସ୍ଥିଙ୍କ 'ଶ୍ରୀକ୍ଷେତ୍ର ତତ୍ତ୍ୱସୁଧା' (୧୩୨୨ ସାଲ ବା ୧୯୦୫), ପଞ୍ଚାନନ ତର୍କରତ୍ନଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଲିଖିତ 'ସ୍କନ୍ଦ ପୁରାଣୋକ୍ତ ପୁରୁଷୋତ୍ତମ ମାହାତ୍ମ୍ୟମ୍'ର ମୂଳ ସଂସ୍କୃତ ଶ୍ଳୋକ ସହ ବଙ୍ଗଳା ଗଦ୍ୟାନୁବାଦ ଗ୍ରନ୍ଥ 'ଉତ୍କଳ ଖଣ୍ଡମ୍' (୧୩୨୨ ସାଲ ବା ୧୯୧୫), କୃଷ୍ଣାନନ୍ଦ ବ୍ରହ୍ମଚାରୀଙ୍କ ଦ୍ୱାରା ପୁରାଣାଦି ବିଭିନ୍ନ ଧର୍ମଗ୍ରନ୍ଥରୁ ସଂଗୃହୀତ ତଥା ତିନୋଟି ଚିନ୍ତାମଣିରେ ବିଭକ୍ତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ବିଭିନ୍ନ ଶ୍ଳୋକର ବଙ୍ଗଳାନୁବାଦ ଗ୍ରନ୍ଥ 'ସୌଭାଗ୍ୟ ମଞ୍ଜୁଷା ବା ଶ୍ରୀ ଶ୍ରୀ ଜଗନ୍ନାଥଦେବ ମାହାତ୍ମ୍ୟ' (ସନ ୧୩୩୩ ବା ୧୯୨୬); ଡକ୍ଟର କାହ୍ନୁଚରଣ ମିଶ୍ରଙ୍କ ଓଡ଼ିଆ ପୁସ୍ତକ 'ଶ୍ରୀଜଗନ୍ନାଥ ଓ ନବକଳେବର' (୧୯୬୯)କୁ ବଙ୍ଗଳା ଭାଷାରେ ରାଧାକୃଷ୍ଣ ହାଜରା ଅନୁବାଦ କରି ଅନୂଦିତ ଗ୍ରନ୍ଥକୁ 'ଶ୍ରୀଜଗନ୍ନାଥ ଓ ନବକଳେବର' (୧୯୮୨), 'ଶ୍ରୀ ଶ୍ରୀ ଜଗନ୍ନାଥଦେବେର ନବକଳେବର' (୨୦୦୮) ନାମରେ ନାମିତ କରିଛନ୍ତି । ପରବର୍ତ୍ତୀ ସମୟରେ ଡକ୍ଟର ବିବୁଧ ରଞ୍ଜନଙ୍କ ଓଡ଼ିଆ 'ନବକଳେବର' (୧୯୯୬) ଗ୍ରନ୍ଥ ଅମିୟ ଚକ୍ରବର୍ତ୍ତୀଙ୍କ ଦ୍ୱାରା ବଙ୍ଗଳା ଭାଷାରେ ଅନୂଦିର 'ନବକଳେବର' (୧୯୯୮), ସୁରେନ୍ଦ୍ର ମହାନ୍ତିଙ୍କ ପ୍ରସିଦ୍ଧ ଉପନ୍ୟାସ 'ନୀଳଶୈଳ' ଜ୍ୟୋତିରିନ୍ଦ୍ର ମୋହନ ଜୋହାର୍ଦ୍ଦା ଓ ବାମାଚରଣ ମିତ୍ରଙ୍କ ଦ୍ୱାରା ବଙ୍ଗଳାରେ 'ନୀଳଶୈଳ'; ଅରୁଣ କୁମାର ମହାନ୍ତିଙ୍କ ଦ୍ୱାରା ସଂକଳିତ ତଥା ଡକ୍ଟର କୃଷ୍ଣଚନ୍ଦ୍ର ଭୂୟାଁଙ୍କ ଦ୍ୱାରା ବଙ୍ଗଳା ଭାଷାରେ ଅନୂଦିତ 'ମାଦଳା ପାଞ୍ଜି' (୨୦୦୮), ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ 'କଥାନୁଭୂତିରେ ଶ୍ରୀଜଗନ୍ନାଥ' (୧୯୯୨) ଗଳ୍ପଗ୍ରନ୍ଥ ଶର୍ମିଳା ଘୋଷଙ୍କ ଦ୍ୱାରା ବଙ୍ଗଳା ଭାଷାରେ 'କଥାନୁଭୂତିତେ ଶ୍ରୀଜଗନ୍ନାଥ' (୨୦୦୭), ପୀତବାସ ରାଉତରାୟଙ୍କ ଦ୍ୱାରା ସଙ୍କଳିତ ତଥା ସମ୍ପାଦିତ ଓଡ଼ିଆ ଗଳ୍ପ ପୁସ୍ତକ 'ଅନୁଭୂତିରେ ଶ୍ରୀଜଗନ୍ନାଥ' (୨୦୦୬) ଭାରତୀ ନନ୍ଦୀ ପ୍ରଭୃତିଙ୍କ ଦ୍ୱାରା ବଙ୍ଗଳା ଭାଷାରେ 'ଅନୁଭୂତିରେ ଶ୍ରୀଜଗନ୍ନାଥ' (୨୦୦୯); ବଳରାମ ମିଶ୍ରଙ୍କ ଓଡ଼ିଆ ପୁସ୍ତକ 'ଆମ ପୁରୁଷୋତ୍ତମ ଜଗନ୍ନାଥ' (୨୦୦୪) ଚୈତାଳୀ ଶାସମଲଙ୍କ ଦ୍ୱାରା ବଙ୍ଗଳାରେ 'ଆମାର ପୁରୁଷୋତ୍ତମ ଜଗନ୍ନାଥ' (୨୦୧୨), ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ଓଡ଼ିଆଗ୍ରନ୍ଥ ପଙ୍କଜ କୁମାର ଦାସ ଓ ସାଫଲ୍ୟ କୁମାର ନନ୍ଦୀଙ୍କ ଦ୍ୱାରା ବଙ୍ଗଳାରେ 'ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ଏକ ଶାସ୍ତ୍ରୀୟ ଆଲେଖ୍ୟ (୨୦୧୫)' ପ୍ରଭୃତି ନାମରେ ଅନୂଦିତ ତଥା ପ୍ରକାଶିତ ହୋଇ ବଙ୍ଗବାସୀଙ୍କ ପ୍ରାଣରେ ଶ୍ରୀଜଗନ୍ନାଥ ଚେତନାର ଜାଗରଣକୁ ବିକଶିତ ତଥା ପ୍ରସାରିତ କରିବାରେ ବିଶେଷ ସହାୟକ ହୋଇପାରିଛି । ଏ ସମସ୍ତ ଅନୂଦିତ ଗ୍ରନ୍ଥ ବ୍ୟତୀତ କଟକ ଏଡ୍‌ୱାର୍ଡ଼ ପ୍ରେସରେ ୧୯୦୬ ମସିହାରେ ମୁଦ୍ରିତ ପୁରୁଷୋତ୍ତମ ଦାସ କୃତ 'କାଞ୍ଚିକାବେରୀ' କାବ୍ୟଗ୍ରନ୍ଥକୁ ୧୯୫୮ ମସିହାରେ ବଙ୍ଗଳା ଭାଷାରେ ଲିପ୍ୟନ୍ତକରଣ କରିଥିଲେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ସୁକୁମାର ସେନ ଓ ସୁନନ୍ଦା ସେନ ।

**ପୁରୀର ଦର୍ଶନୀୟ ସ୍ଥାନଗୁଡ଼ିକ ବିଷୟରେ ସମ୍ୟକ୍ ପରିଚୟ ପ୍ରଦାନ କରିବା ପାଇଁ କେତେକ ନିର୍ଦ୍ଦେଶିକା ପୁସ୍ତକ ବଙ୍ଗଳା ଭାଷାରେ ପ୍ରକାଶ ପାଇଥିବାର ପରିଲକ୍ଷିତ ହୁଏ ।**

### ଗାଇଡ୍ ବୁକ୍

ପୁରୁଷୋତ୍ତମ ଧାମ ଶ୍ରୀକ୍ଷେତ୍ରକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ ତଥା ଜିଜ୍ଞାସୁ ବ୍ୟକ୍ତିଙ୍କୁ ପୁରୀର ଅଧିଷ୍ଠିତ ଦେବତା ଶ୍ରୀଜଗନ୍ନାଥ ଓ ତାଙ୍କର ନୀତିକ୍ରାନ୍ତି ତଥା ପୂଜାପାର୍ବଣାଦିର ସଂକ୍ଷିପ୍ତ ସୂଚନା ଦେବା ସହ ଏଠାରେ ଥିବା ବିଭିନ୍ନ ତୀର୍ଥ, ଦର୍ଶନୀୟ ସ୍ଥାନଗୁଡ଼ିକ ବିଷୟରେ ସମ୍ୟକ୍ ପରିଚୟ ପ୍ରଦାନ କରିବା ନିମନ୍ତେ କେତେଗୁଡ଼ିଏ ନିର୍ଦ୍ଦେଶିକା ପୁସ୍ତକ (ଗାଇଡ୍ ବୁକ୍) ବଙ୍ଗଳା ଭାଷାରେ ପ୍ରକାଶ ପାଇଥିବାର ପରିଲକ୍ଷିତ ହୁଏ । ଏହି ପୁସ୍ତକଗୁଡ଼ିକ ମଧ୍ୟରେ ୧୯୧୫ ମସିହାରେ ଆଶୁତୋଷ ମଖୋପାଧ୍ୟାୟଙ୍କ 'ସେତୁବନ୍ଧ ଯାତ୍ରା' ଓ ୧୯୨୯ ମସିହାରେ ବୀରେନ୍ଦ୍ରନାଥ ଦାସଙ୍କ 'ଭାରତେର ତୀର୍ଥଯାତ୍ରା' ଗ୍ରନ୍ଥରେ ବିଭିନ୍ନ ତୀର୍ଥ ସ୍ଥାନ ସହ ପୁରୀ ମନ୍ଦିର ସମ୍ପର୍କରେ କେତେକ ସୂଚନା ଉପଲବ୍ଧ ହେବା ସମୟରେ ଗୌରାଙ୍ଗ ଚନ୍ଦ୍ର କୁଣ୍ଡୁଙ୍କ 'ପୁରୀର ସଂକ୍ଷିପ୍ତ ଇତିବୃତ୍ତ' (୧୩୮୪ ସାଲ ବା ୧୯୭୭), ସ୍ନିଗ୍ଧା କୁଣ୍ଡୁଙ୍କ 'ବୃହତ୍ ଓ ସଚିତ୍ର ଶ୍ରୀକ୍ଷେତ୍ର ଦର୍ଶନ' (୧୩୯୭ ସାଲ ବା ୧୯୮୦), ଅଜ୍ଞାତନାମାଙ୍କ 'ଜଗନ୍ନାଥ ଧାମ', ନୃସିଂହ ଚରଣ ପଟ୍ଟନାୟକଙ୍କ 'ପୁରୀର ଆଶେ ପାଶେ ଦର୍ଶନୀୟ ସ୍ଥାନ', 'ପୁରୀର ଦର୍ଶନୀୟ ସ୍ଥାନ'; ଦାମୋଦର ପୁଷ୍ପାଳକଙ୍କ ଦ୍ୱାରା

ସମ୍ପାଦିତ ତଥା ମୁକ୍ତାରାମ ଗୋସ୍ୱାମୀଙ୍କ ଦ୍ୱାରା ବଙ୍ଗଳାରେ ଅନୂଦିତ 'ବୃହତ୍ ଓ ସଚିତ୍ର ଶ୍ରୀଜଗନ୍ନାଥ ଧାମ' (୨୦୦୨) ପ୍ରଭୃତିର ନାମ ବିଚାରଯୋଗ୍ୟ। ଏହାକୁ ବାଦ୍ ଦେଲେ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ୧୩୩୦ ସାଲ ବା ୧୯୨୩ ମସିହାରେ ଲିଖିତ ଓ ପ୍ରକାଶିତ 'ପୁରୀ ସ୍ମୃତି' ବହିଟିରେ ଏକ କ୍ଷୁଦ୍ର ଭୂମିକା ସହିତ ସେ ସମୟର ପୁରୀର ଶ୍ରୀମନ୍ଦିର, ମହାପ୍ରଭୁଙ୍କ ରଥଯାତ୍ରା, ସ୍ନାନଯାତ୍ରା, ଚନ୍ଦନ ଯାତ୍ରା, ବିଭିନ୍ନ ତୀର୍ଥ ଓ ଦର୍ଶନୀୟ ସ୍ଥାନାଦିର ୨୩ଟି ଆକର୍ଷଣୀୟ ଫଟୋ ସହ ସମ୍ୟକ ପରିଚୟ ଦର୍ଶକଙ୍କୁ ପୁରୀ ଭ୍ରମଣ ନିମିତ୍ତି ପ୍ରୋତ୍ସାହିତ କରିଥାଏ। ୨୦୧୫ ମସିହାରେ ଭୁବନେଶ୍ୱରସ୍ଥ ଆମ ଓଡ଼ିଶା ପ୍ରକାଶନ ସଂସ୍ଥା ଦ୍ୱାରା 'ଶ୍ରୀଜଗନ୍ନାଥେର ବତ୍ରିଶ ବେଶ' ଲୋକାର୍ପିତ ହୋଇ ଚିତ୍ର ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ମନୋରମ ବେଶ ପ୍ରତି ବଙ୍ଗବାସୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଶେଷ ସହାୟକ ହୋଇପାରିଛି।

**'ଶ୍ରୀଜଗନ୍ନାଥେର ବତ୍ରିଶ ବେଶ' ବହିଟି ଚିତ୍ର ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ମନୋରମ ବେଶ ପ୍ରତି ବଙ୍ଗବାସୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଶେଷ ସହାୟକ ହୋଇପାରିଛି।**

## ପ୍ରଥମ ପ୍ରବନ୍ଧ ଗ୍ରନ୍ଥ

ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ପ୍ରବନ୍ଧଗ୍ରନ୍ଥ ଲେଖିବାରେ ବଙ୍ଗବାସୀଙ୍କ ଅବଦାନ ସ୍ମରଣୀୟ। ୧୨୯୩ ସାଲ ବା ୧୮୮୬ ମସିହାରେ କୈଳାସ ଚନ୍ଦ୍ର ସିଂହ ସଂସ୍କୃତ, ଓଡ଼ିଆ ଓ ବିଭିନ୍ନ ବୌଦ୍ଧଗ୍ରନ୍ଥରୁ ଶ୍ରୀଜଗନ୍ନାଥ ଦେବଙ୍କ ବିଭିନ୍ନ ବିବରଣୀ ସଂଗ୍ରହ କରି 'ଶ୍ରୀଦାରୁବ୍ରହ୍ମ' ନାମକ ପୁସ୍ତିକାଟିଏ ପ୍ରକାଶ କରିଥିଲେ। ଏହା ବୋଧ ହୁଏ ବଙ୍ଗଳା ଭାଷାରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ପ୍ରକାଶିତ ପ୍ରଥମ ପ୍ରବନ୍ଧ ଗ୍ରନ୍ଥ। ଏହାଙ୍କ ପରେ ସାରଦା ଚରଣ ମିତ୍ରଙ୍କ 'ଉତ୍କଳେ ଶ୍ରୀକୃଷ୍ଣ ଚୈତନ୍ୟ' (୧୩୧୨ ସାଲ ବା ୧୯୦୫), ଯୋଗେନ୍ଦ୍ରନାଥ ରାୟଙ୍କ 'ଉତ୍କଳେର ପଞ୍ଚତୀର୍ଥ' (୧୯୦୬)ରେ ପ୍ରକାଶ ପାଇଥିଲା। ଶ୍ରୀଜଗନ୍ନାଥଧାମ ପୁରୀ ନିବାସୀ ବିଶିଷ୍ଟ ବିଦ୍ୱାନ ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠ ବଙ୍ଗଳାଭାଷାରେ ୧୩୧୮ ସାଲ ବା ୧୯୧୧ ମସିହାରେ 'ଶ୍ରୀଜଗନ୍ନାଥ ମନ୍ଦିର' ଶୀର୍ଷକ ଏକ ପୁସ୍ତକ ରଚନା କରି ବଙ୍ଗବାସୀଙ୍କ ନିମିତ୍ତ ପ୍ରେରଣାର ଉତ୍ସ ପାଲଟି ଯାଇଥିଲେ। ଉକ୍ତ ଗ୍ରନ୍ଥଟି ବଙ୍ଗଳା ଭାଷାରେ ପ୍ରକାଶ ପାଇବା ପୂର୍ବରୁ ପ୍ରଥମେ ଓଡ଼ିଆ ଭାଷାରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବେ ୧୯୦୫ ରୁ ୧୯୦୬ ମସିହା ପର୍ଯ୍ୟନ୍ତ "ଶ୍ରୀଜଗନ୍ନାଥ ଦେବଙ୍କ ମନ୍ଦିର" ଶିରୋନାମାରେ ପ୍ରକାଶ ପାଇଥିଲା। ପ୍ରବନ୍ଧଟିର ଲୋକପ୍ରିୟତା ତଥା ବଙ୍ଗବାସୀଙ୍କୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କରେ ଅବଗତ କରାଇବା ନିମିତ୍ତ ସେ ତାହାକୁ ବଙ୍ଗଳା ଭାଷାରେ ଅନୁବାଦ କରି କଲିକତାର ତତ୍କାଳୀନ ମାସିକ ପତ୍ରିକା 'ନବ୍ୟଭାରତ'ରେ ଧାରାବାହିକ ଭାବରେ ପ୍ରକାଶ କରାଇଥିଲେ। ପରବର୍ତ୍ତୀ ସମୟରେ ପାଠକୀୟ ବିଭ୍ରାନ୍ତିକୁ ଦୂରେଇ ଉକ୍ତ ପ୍ରବନ୍ଧଟିର ଆଦୃତି ନିମନ୍ତେ ଏହାର ସଂଶୋଧିତ, ପରିମାର୍ଜିତ ତଥା ପରିବର୍ଦ୍ଧିତ ରୂପକୁ 'ଶ୍ରୀଜଗନ୍ନାଥ ମନ୍ଦିର' ଶିରୋନାମାରେ ପୁସ୍ତକାକାରରେ ଲୋକାର୍ପଣ କରିଥିଲେ। ଏହି ପୁସ୍ତକଟି ଦ୍ୱାରା ପରବର୍ତ୍ତୀ ସମୟରେ 'ପୁରୀ ତୀର୍ଥ'ର ଲେଖକ ନଗେନ୍ଦ୍ରନାଥ ମିତ୍ର, 'ନୀଳାଚଳେ ଶ୍ରୀଶ୍ରୀଜଗନ୍ନାଥ ଓ ଶ୍ରୀଶ୍ରୀଗୌରାଙ୍ଗ' ପୁସ୍ତକର ପ୍ରଣେତା ରାଜର୍ଷି ଗୋପାଳଚନ୍ଦ୍ର ଆଚାର୍ଯ୍ୟ ଚୌଧୁରୀ ଓ 'ଶ୍ରୀକ୍ଷେତ୍ର'ର ରଚୟିତା ସୁନ୍ଦରାନନ୍ଦ ବିଦ୍ୟାବିନୋଦ ପ୍ରଭୃତି ସ୍ରଷ୍ଟାମାନେ ବିଶେଷ ଭାବରେ ଅନୁପ୍ରାଣିତ ତଥା ପ୍ରୋତ୍ସାହିତ ହୋଇଥିବା କଥା ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି। ପରବର୍ତ୍ତୀ ସମୟରେ ବଙ୍ଗଳା ଭାଷାରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ପ୍ରକାଶ ପାଇଥିବା ଗ୍ରନ୍ଥମାନଙ୍କ ମଧ୍ୟରେ ହୃଦୟଚନ୍ଦ୍ର ଲାହାଙ୍କ 'ଦାରୁ ରୂପେ ଜଗନ୍ନାଥ ଦେବେର ଆବିର୍ଭାବ ଓ ରୂପ ଦର୍ଶନ' (୧୯୧୧), ନଗେନ୍ଦ୍ରନାଥ ମିତ୍ରଙ୍କ 'ପୁରୀ ତୀର୍ଥ (୧୩୨୨ ସାଲ ବା ୧୯୧୫)', ରାଜର୍ଷି ଗୋପାଳଚନ୍ଦ୍ର ଆଚାର୍ଯ୍ୟ ଚୌଧୁରୀଙ୍କ 'ନୀଳାଚଳେ ଶ୍ରୀଶ୍ରୀଜଗନ୍ନାଥ ଓ ଶ୍ରୀଶ୍ରୀଗୌରାଙ୍ଗ' (୧୯୧୬), ଗୁରୁଦାସ ସରକାରଙ୍କ 'ମନ୍ଦିରେର କଥା, ପୁରୀର କଥା' (୧୯୨୧), ଶ୍ରୀପାଦ ହରିଦାସ ଗୋସ୍ୱାମୀଙ୍କ 'ଶ୍ରୀମନ୍ମହାପ୍ରଭୁର ନୀଳାଚଳ ଲୀଳା' (୧୯୨୩), ଚୁନିଲାଲ ବସୁଙ୍କ 'ନୀଳାଚଳ (୧୯୨୬), ଶ୍ରୀଅରବିନ୍ଦଙ୍କ 'ଜଗନ୍ନାଥେର ରଥ' (୧୩୩୯ସାଲ ବା ୧୯୩୨), ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ 'ନୀଳାଚଳେ ଠାକୁର ନିଗମାନନ୍ଦ' (୧୩୪୧ ସାଲ ବା ୧୯୩୪ମସିହା), ସୁନ୍ଦରାନନ୍ଦ ବିଦ୍ୟାବିନୋଦଙ୍କ 'ଶ୍ରୀକ୍ଷେତ୍ର' (୧୯୪୫), ଶାନ୍ତିପ୍ରକାଶ ବ୍ରହ୍ମଚାରୀଙ୍କ ଦ୍ୱାରା ଲିଖିତ 'ଶ୍ରୀ ଶ୍ରୀ ପୁରୁଷୋତ୍ତମ ମାହାତ୍ମ୍ୟ ଓ ତୀର୍ଥ ପରିକ୍ରମା' (୧୩୭୮ ସାଲ

ବା ୧୯୭୧), ନାରାୟଣ ସାନ୍ୟାଲଙ୍କ 'କଲିଙ୍ଗେର ଦେବ ଦେଉଲ' (୧୩୮୧ ସାଲ ବା ୧୯୭୪), ରଙ୍ଗନାଥ ଦେବଗୋସ୍ୱାମୀଙ୍କ 'ଶ୍ରୀଟୋଟାଗୋପୀନାଥ କଥାମୃତ' (୧୩୯୨ ସାଲ ବା ୧୯୮୫), ସୁଶୀଲ ମୁଖୋପାଧ୍ୟାୟଙ୍କ 'ରହସ୍ୟ ଘେରା ପୁରୀର ଶ୍ରୀଜଗନ୍ନାଥ' (୧୯୯୪), ପୃଥ୍ୱୀରାଜ ସେନ୍‌ଙ୍କ 'ଶ୍ରୀଶ୍ରୀ ଜଗନ୍ନାଥ ରହସ୍ୟ ପ୍ରଥମ ଓ ଦ୍ୱିତୀୟପର୍ବ' (୨୦୦୦), ଡକ୍ଟର ବିନୟକୃଷ୍ଣ ମୁଖୋପାଧ୍ୟାୟଙ୍କ 'ପୁରୁଷୋତ୍ତମ ଜଗନ୍ନାଥ' (୧୪୦୭ ବଙ୍ଗାବ୍ଦ ବା ୨୦୦୦), ଧନଜିତ ମେଧିଙ୍କ ସମ୍ପାଦିତ 'ମିଟନୀ ଜଗନ୍ନାଥ ଧାମ' (୨୦୦୨), ବୈଦ୍ୟନାଥ ଭୌମିକଙ୍କ 'ସିଦ୍ଧବକୁଲ ମାହାତ୍ମ୍ୟ' (୧୪୧୩ ବଙ୍ଗାବ୍ଦ ବା ୨୦୦୬), ସଙ୍କର୍ଷଣ ମାଇତିଙ୍କ 'ପୁରୀ ମାହେଶ ଓ ମହିଷାଦଲେର ରଥଯାତ୍ରା' (୨୦୦୬), ଗୌରଗୋବିନ୍ଦ ଗୋସ୍ୱାମୀଙ୍କ 'ଗୌର-କୃଷ୍ଣ-ଜଗନ୍ନାଥ' (୨୦୦୮)', ଆଶ୍ରମାଚାର୍ଯ୍ୟ ଶ୍ରୀମତ୍ ଅମିତକୃଷ୍ଣ ବ୍ରହ୍ମଚାରୀଙ୍କ 'ଶ୍ରୀଶ୍ରୀଜଗନ୍ନାଥ ଦେବ ଓ ଶ୍ରୀଶ୍ରୀରଥଯାତ୍ରା' (୨୦୦୮), ସର୍ବାଣୀ ବସୁଙ୍କ 'ଜୟ ଜଗନ୍ନାଥ' (୨୦୦୮), ଭକ୍ତି ପୁରୁଷୋତ୍ତମ ସ୍ୱାମୀଙ୍କ 'ଶ୍ରୀକ୍ଷେତ୍ର ପରିକ୍ରମା' (୨୦୦୮) ଓ 'ଶ୍ରୀଜଗନ୍ନାଥ' (୨୦୦୯), ଶ୍ରୀଳ ପ୍ରଭୁପାଦ ଭକ୍ତିବେଦାନ୍ତ ସ୍ୱାମୀଙ୍କ 'ଶ୍ରୀଧାମ ନବଦ୍ୱୀପେ ଶ୍ରୀଶ୍ରୀଜଗନ୍ନାଥ ଦେବେର ପ୍ରକାଶ' (୨୦୦୯), ଶେଖ୍ ମକବୁଲ ଇସଲାମଙ୍କ 'ଶ୍ରୀଜଗନ୍ନାଥ ବାଙ୍ଗାଲି ମାନସ ଓ ଲୋକାୟତ ଜୀବନ' (୨୦୦୯), 'ବାଂଲାର ଜଗନ୍ନାଥ ସାହିତ୍ୟ' (୨୦୧୧), ବ୍ରହ୍ମଚାରିଣୀ ସ୍ନେହମୟୀ ମାତାଙ୍କ 'ଜୟ ଜଗନ୍ନାଥ ସ୍ୱାମୀ' (୧୪୧୮ ବଙ୍ଗାବ୍ଦ ବା ୨୦୧୧) ପ୍ରଭୃତିର ନାମ ଉଲ୍ଲେଖଯୋଗ୍ୟ।

ଏହା ବ୍ୟତୀତ ବଙ୍ଗଳା ଲିପି ଓ ମଣିପୁରୀ ଭାଷାରେ ଖାଇଦେମ ନବକୁମାର ସିଂହଙ୍କ 'ଶ୍ରୀଶ୍ରୀଜଗନ୍ନାଥ ଉପାସନା' (୧୯୯୭) ଓ ଆସାମ ଭାଷାରେ ଶ୍ରୀମତ୍ ଶଙ୍କର ଦେବଙ୍କ 'ଉରେଶା ବର୍ଣ୍ଣନ', ହରମୋହନ ଦାସଙ୍କ 'ଶ୍ରୀକ୍ଷେତ୍ର' (୧୮୫୯ ଶକାବ୍ଦ ବା ୧୯୩୭), ଗଙ୍ଗାରାମ ଚୌଧୁରୀଙ୍କ ଦ୍ୱାରା ପ୍ରକାଶିତ 'କାଲାପାହାରର ଅସମ ଆକ୍ରମଣ' (୧୯୬୩), ରେଣୁଦତ୍ତ ବରଫୁକନଙ୍କ 'ପୁରୁଷୋତ୍ତମ ଶ୍ରୀଜଗନ୍ନାଥର ମହିମା', 'ଶ୍ରୀକ୍ଷେତ୍ରର ଐତିହ୍ୟ ଆରୁ ଶ୍ରୀଜଗନ୍ନାଥେର ମହିମା' (୨୦୦୬)ରେ ପ୍ରକାଶିତ ହୋଇ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାରରେ ସହାୟକ ହୋଇପାରିଛି।

**ପରମ ରହସ୍ୟମୟ**

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ପରମ ରହସ୍ୟମୟ ଦେବତା। ଏହାଙ୍କର ଲୀଳା ଯେତିକି ରହସ୍ୟ ପୂର୍ଣ୍ଣ ତତୋଽଧିକ ପରିମାଣରେ ବୈଚିତ୍ର୍ୟମଣ୍ଡିତ। ସେ ଦାରୁବ୍ରହ୍ମ ରୂପେ ପରମ ପବିତ୍ର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପୁରୀରେ ବିରାଜିତ। ଷୋଳକଳାରେ ପରିପୂର୍ଣ୍ଣ ଶ୍ରୀଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ ସ୍ୱରୂପ। ସେ ହେଉଛନ୍ତି ସମସ୍ତ ବିଶ୍ୱବାସୀଙ୍କ ପାଇଁ ସର୍ବଶ୍ରେଷ୍ଠ ଆଶ୍ରୟ ସ୍ଥଳ ଓ ପ୍ରେରଣାର ଗନ୍ତାଘର। ହିନ୍ଦୁ ଜଗତର ସେ ଆରାଧ୍ୟ ଦେବତା ତଥା ପ୍ରାଣର ଠାକୁର। ତେଣୁ ଏଠାରେ ଶ୍ରୀଜଗନ୍ନାଥ ଚେତନାର ବିପୁଳ ବିସ୍ତୃତି ମଧ୍ୟରେ ତାଙ୍କର ଦେବତ୍ୱ ଅପେକ୍ଷା ମାନବତ୍ୱର ଅଧିକ ପ୍ରକାଶ ଘଟିପାରିଛି। ମାନବ ଭଳି ତାଙ୍କର ଦୈନନ୍ଦିନ ନୀତିକ୍ରାନ୍ତି ପାଳିତ ହେବା ସହ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁକିଛି ବିଧାନ ଶ୍ରୀମନ୍ଦିରରେ ଉତ୍ସାହ ଉଦ୍ଦୀପନାର ସହିତ ପାଳିତ ହୋଇଥାଏ। ଏହା ହିଁ ହେଉଛି ସାଧାରଣ ମନୁଷ୍ୟଠାରୁ ଦର୍ଶକ, ଭକ୍ତ, ଗବେଷକଙ୍କ ନିମିତ୍ତ ଆକର୍ଷଣର କେନ୍ଦ୍ରବିନ୍ଦୁ। ତେଣୁ ସୃଜନଶୀଳ ସ୍ରଷ୍ଟାମାନେ ମହାପ୍ରଭୁଙ୍କ ସମସ୍ତ ବିଧିବିଧାନ ତଥା ପୂଜାପାର୍ବଣକୁ ଦେଖି ସେଥିରେ ଆକର୍ଷିତ ହେବା ସହ ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ଫଳରେ ତାଙ୍କର ଅମ୍ଳାନ ଲେଖନୀ ନୀରବ ନ ରହି କିଛି ସର୍ଜନା କରିବା ନିମିତ୍ତ ଆଗଭର ହୋଇଥାଏ। ଏହା ସମଗ୍ର ଭାରତବାସୀଙ୍କ ପାଇଁ ସତ୍ୟ। ତେଣୁ ବଙ୍ଗଳା ସାହିତ୍ୟ ଭଳି ଅନ୍ୟାନ୍ୟ ଭାରତୀୟ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଗ୍ରନ୍ଥ ପ୍ରଣୟନ ହୋଇ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ତଥା ପ୍ରସାର ନିମିତ୍ତ ସହଯୋଗର ହାତ ବଢ଼ାଇବାରେ ଲାଗିଛନ୍ତି କହିଲେ ସତ୍ୟର ଅପଲାପ ହେବ ନାହିଁ।


**ଜଗନ୍ନାଥଙ୍କର ଲୀଳା ଯେତିକି ରହସ୍ୟ ପୂର୍ଣ୍ଣ ତତୋଽଧିକ ପରିମାଣରେ ବୈଚିତ୍ର୍ୟମଣ୍ଡିତ।**

□□

ଲେଖକଙ୍କ ଇ-ମେଲ ଠିକଣା:
purnachandramishra.99@gmail.com

**ସଂସ୍ମରଣ**

# ସ୍ମୃତିର ଆଇନାରେ 'ଆସନ୍ତାକାଲି'




**କାଳୀଚରଣ ଦାସ**

'ଆସନ୍ତାକାଲି' ମୋର ପରିଚୟ।

ମୋ ସ୍ରଷ୍ଟାମାନସକୁ ଅଭିମନ୍ତ୍ରିତ କରିଛି ଆସନ୍ତାକାଲି।

ବର୍ଷେ ଦି ବର୍ଷ ନୁହେଁ, ସୁଦୀର୍ଘ ତିନିଦଶକ ଯାବତ୍ ମୋ ଧ୍ୟାନ ଧାରଣାର କେନ୍ଦ୍ରବିନ୍ଦୁ ଥିଲା ଆସନ୍ତାକାଲି। ଜୀବନର ମୂଲ୍ୟବାନ ତିରିଶ ବର୍ଷ 'ଆସନ୍ତାକାଲି' ପଛରେ ଧାଇଁ ଧାଇଁ କଅଣ ପାଇଛୁ, କଅଣ ହରାଇଛୁ- ସେ ଅଙ୍କକଷା କେବେ ହୋଇନି। କିନ୍ତୁ ଜିତୁ ଜିତୁ ହାରିଯାଇଛୁ। ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇବା ଫଳାଫଳ ଚିରକାଳ ନିର୍ଦ୍ଦିଷ୍ଟ, ଜିତିବା ଅଥବା ହାରିବା। ହଁ, ଆମକୁ ହାର ସ୍ୱୀକାର କରିବାକୁ ପଡ଼ିଲା।

ଆସନ୍ତାକାଲି ମାୟା ହରିଣ ଭଳି କାହା ହାତରେ ଧରା ଦେଇନି।


॥ ସ୍ମୃତିର ଆଇନାରେ 'ଆସନ୍ତାକାଲି' ॥
● କାଳୀଚରଣ ଦାସ

ଆସନ୍ତାକାଲିକୁ କଅଣ ଛୁଇଁ ହୁଏ, ଧରିହୁଏ !

ଚିରକାଳ ଅଦେଖା, ଅଧରା।

ଆସନ୍ତାକାଲି ଆଶା ଆକାଂକ୍ଷାର ଏକ ସ୍ୱର୍ଗପରୀ। ବଞ୍ଚିବାର ରାହା।

## ବେଦନାସିକ୍ତ ସ୍ମୃତି

ସୁତରାଂ ଆସନ୍ତାକାଲି ପ୍ରସଙ୍ଗମାତ୍ରେ ମୋ ମନ ସହସା ବେଦନାସିକ୍ତ ହୋଇଯାଏ। ଆସନ୍ତାକାଲିକୁ ବଖାଣିବା କିମ୍ବା ଲେଖି ବସିବାବେଳେ ମୁଁ ନିଜ ଭିତରେ ଅଣ୍ଡାଳି ହୁଏ, କେଉଁଠୁ ଆରମ୍ଭିବି ! ମଲା ଘୋଡ଼ାର ଟାଙ୍ଗ ମାପିବା ଭଳି ନିରର୍ଥକ ପ୍ରୟାସରୁ ନିବୃତ୍ତ ରହିବାକୁ ହେୟ ମଣି ଆସିଛି। ମୋ ଆଖି ସାମ୍ନାରେ ଆସନ୍ତାକାଲି ଭାସିଯିବା, ବୁଡ଼ିଯିବା ଦୃଶ୍ୟ ନାଚିଉଠେ। ଆସନ୍ତାକାଲି ତ ଏବେ ସତରେ ଆସନ୍ତାକାଲି ହୋଇଯାଇଛି। ଠିକଣା ନ ଥିବା ଏକ ଧ୍ରୁବତାରା। ଅଦେଖା ଅପହଞ୍ଚ ଅସୁମାରି ସ୍ୱପ୍ନର ଏକ ମନମୟୂରୀ।

୧୯୫୬ ନଭେମ୍ବରରୁ ୧୯୯୧ ଅକ୍ଟୋବର, ବୟାଳିଶ ବର୍ଷ ଓଡ଼ିଆ ସାହିତ୍ୟରେ ଆସନ୍ତାକାଲି ଥିଲା ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ସମ୍ଭବତଃ ତା'ର ଏଇ ଅବଧି ଥିଲା ପୂର୍ବ ନିର୍ଦ୍ଧାରିତ। ୧୯୯୧ ପରେ ଆସନ୍ତାକାଲିକୁ ପୁନଃ ମର୍ଯ୍ୟାଦାବନ୍ତ ପତ୍ରିକାର ରୂପ ବିନ୍ୟାସରେ ପ୍ରକାଶ କରିବାକୁ ଦଶବର୍ଷ ନିରନ୍ତର ଉଦ୍ୟମ କରିଛୁ। ସବୁ ପ୍ରଚେଷ୍ଟା ସତ୍ତ୍ୱେ ଆସନ୍ତାକାଲି ଆଖି ବୁଜିଦେଲା। ଆମର ଉଦ୍ୟମ ପର୍ଯ୍ୟବସିତ ହେଲା ନିଷ୍ଫଳ କସରତରେ। ଆସନ୍ତାକାଲି ନୂଆ ସକାଳ ଦେଖିପାରିଲା ନାହିଁ। ଏହା ଯେମନ୍ତ ଥିଲା ବିଧି ନିର୍ଦ୍ଦିଷ୍ଟ।


ଆସନ୍ତାକାଲି ପୁନଃ ପ୍ରକାଶନ ପାଇଁ କତିପୟ ସାହିତ୍ୟପ୍ରେମୀ, କ୍ଷମତା ଓ ବିତ୍ତବାନ ବ୍ୟକ୍ତି ଆମକୁ ଉତ୍ସାହିତ କରିଥିଲେ। କିନ୍ତୁ ସେମାନଙ୍କ ସହଯୋଗ ମନୋଭାବ ଥିଲା ଅସ୍ୱଚ୍ଛ ଓ ଅଭିସନ୍ଧିମୂଳକ। ପୁଣି ଅନିର୍ଦ୍ଦିଷ୍ଟ ଗତିପଥରେ ଧାଇଁ ଲୋକହସା ହେବା ସନ୍ଦେହରୁ ମୁକ୍ତ ହୋଇପାରିଲୁ ନାହିଁ। କାରଣ ଆସନ୍ତାକାଲି ଆରମ୍ଭରୁ ବହୁ ମତଲବୀ ମହତ୍ତ୍ୱାକାଂକ୍ଷୀ ବ୍ୟକ୍ତି 'ବଳେ ପଶି ମଙ୍ଗଳବାର କରିବା' ନ୍ୟାୟରେ ନିଜକୁ ବିଜ୍ଞପିତ କରିଛନ୍ତି। ପ୍ରତ୍ୟକ୍ଷ କରିଛୁ ସେମାନଙ୍କ ଯୋଗୁ ଆସନ୍ତାକାଲିର ସ୍ଥିତି ଅଧିକ ଦୁର୍ବଳ ହୋଇଥିଲା। ସେ ଆଶଙ୍କା ଆମକୁ ପ୍ରଲୋଭିତ କରିପାରିଲା ନାହିଁ, କୌଣସି ପ୍ରସ୍ତାବନାକୁ।

ମୁଁ ଏଥର ଫେରି ଆସୁଛି ପଛକଥାକୁ। 'ଆସନ୍ତାକାଲି'ର ପ୍ରତିଷ୍ଠାତା ସଂପାଦକ ଥିଲେ ହୃଦାନନ୍ଦ ମଲ୍ଲିକ। ୧୯୫୦ ମସିହା ନଭେମ୍ବରରେ ଆସନ୍ତାକାଲିର ଆତ୍ମପ୍ରକାଶ।

ହୃଦାନନ୍ଦବାବୁ ଥିଲେ କଲିକତା ଓଡ଼ିଆ ସଙ୍ଗଠନର ଜଣେ ଛାମୁଆଁ ନେତା। ଜାତି, ଭାଷା, ସଂସ୍କୃତିର ପ୍ରଚାର ପ୍ରସାର ତଥା ପ୍ରବାସୀ ଓଡ଼ିଆମାନଙ୍କୁ ସଙ୍ଗଠିତ କରିବା ପାଇଁ କରିଥିଲେ ଆସନ୍ତାକାଲିର ମହତ୍ ପରିକଳ୍ପନା। ସମ୍ଭବତଃ ସେ ପତ୍ରିକା ପ୍ରକାଶନ ପାଇଁ ସମୟ ଦେଇପାରୁ ନ ଥିବାରୁ ଅଥବା ଅର୍ଥାଭାବ ଯୋଗୁ, ୧୯୫୧ ଅକ୍ଟୋବରରେ କଲିକତାର ପ୍ରମୁଖ ଦୈନିକ ଓ ଜାତୀୟସ୍ତରର ସବୁ ପତ୍ରପତ୍ରିକାର ବିତରକ ପାତିରାମ ପରିଜାଙ୍କ ସାନଭାଇ ଯଦୁମଣି ପରିଜାଙ୍କୁ ହସ୍ତାନ୍ତର କରିଦେଲେ।

## ଦଇବ ବିଚାରେ ଆନ

ହୃଦାନନ୍ଦବାବୁ ସମ୍ଭବତଃ ଆଶା କରିଥିଲେ - ଏଇ ସମ୍ପନ୍ନ ପରିବାରରେ ତାଙ୍କ ମାନସସନ୍ତାନ ଲାଳିତପାଳିତ ହୋଇ ଦିଗ୍‌ବିଜୟୀ ହେବ। ହେଲେ 'ମଣିଷ ବିଚାରେ ଆନ, ଦଇବ ବିଚାରେ ଆନ'। ବେଶ୍ କେତେବର୍ଷ ଆସନ୍ତାକାଲି ଯଦୁବାବୁଙ୍କ ସଂପାଦନାରେ ଖ୍ୟାତି ଅର୍ଜନ କଲା। ଘରେ ଘରେ ପରିଚିତ ହେଲା ଆସନ୍ତାକାଲି। ଲେଖକ ଓ ପାଠକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କଲା। ଆସନ୍ତାକାଲି ରହିଲା ଶୀର୍ଷାସନରେ। ବିଡ଼ମ୍ବନା ଏହି ଯେ ଆସନ୍ତାକାଲିର ଏହି ଗୌରବୋଜ୍ଜ୍ୱଳ ଜୟଯାତ୍ରାକୁ ପରିଜାବଂଶ ଅଧିକ ଦିନ ବଜାୟ ରଖିପାରିଲେ ନାହିଁ। କୌଣସି ଅଜ୍ଞାତ କାରଣରୁ ସବୁ ସମ୍ବଳ ଥାଇ ମଧ୍ୟ ଆସନ୍ତାକାଲି 'ଢୋକେ ପିଇ, ଦଣ୍ଡେ ଜୀଇ' ଭଳି ଅନିୟମିତ ହୋଇ ସତର ଅଠର ବର୍ଷ ପରେ ତା'ର ପ୍ରକାଶନରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଲା।




*୧୯୫୦ରେ ପ୍ରକାଶିତ 'ଆସନ୍ତାକାଲି'ର ପ୍ରଥମ ସଂଖ୍ୟା।*

ଓଡ଼ିଶା ଏକ ପାଠକ ମରୁଡି ରାଜ୍ୟ। ତେଣୁ ଆମ ରାଜ୍ୟରେ ପତ୍ରପତ୍ରିକା ପ୍ରକାଶନ ସେପରି ଲାଭଜନକ ବ୍ୟବସାୟ ନୁହେଁ, ଉତ୍ସାହୀ ଉଦ୍ୟମୀ ସାହିତ୍ୟପ୍ରେମୀମାନଙ୍କର ସେପରି ବ୍ୟାବସାୟିକ ମନୋବୃତ୍ତି ନ ଥାଏ। ପତ୍ରିକାକୁ ସ୍ୱାବଲମ୍ବୀ କରାଇବାରେ ହିଁ ଉଦ୍ୟମର ଥାଏ ସଫଳତା। ପତ୍ରିକାର ବିକ୍ରିଲବ୍ଧ ଅର୍ଥରେ ପତ୍ରିକା ପ୍ରକାଶ ନ ପାଇ ବିଜ୍ଞାପନ ମୁଖାପେକ୍ଷୀ ହେଲେ ଯଥାର୍ଥ ଉଦ୍ଦେଶ୍ୟ ସାଧିତ ହୋଇ ନ ଥାଏ। ତେଣୁ ଓଡ଼ିଆ ପତ୍ରପତ୍ରିକାମାନେ ଦୁର୍ଗତ ଓ ସ୍ୱଳ୍ପାୟୁ।

ଆଜିକାଲି ପ୍ରକାଶନ ସଂସ୍ଥା ଓ ସଂପାଦକମାନଙ୍କ ଆଭିମୁଖ୍ୟ ବଦଳିଛି। ଅଧିକାଂଶ ବିଜ୍ଞାପନ ଉପରେ ନିର୍ଭରଶୀଳ। ତେଣୁ ସେମାନଙ୍କ ସାହିତ୍ୟପ୍ରୀତି ସନ୍ଦେହଘେରରେ। ଆମ ବେଳେ ବିଜ୍ଞାପନର ସ୍ରୋତ ଏତେ ବିସ୍ତୃତ ନ ଥିଲା। ସରକାରୀ ବିଜ୍ଞାପନ ଥିଲା ନାମକୁ ମାତ୍ର। କର୍ପୋରେଟ ଜଗତର ଚିହ୍ନବର୍ଣ୍ଣ ନ ଥିଲା।

ଏବେ ମୁଁ କହିବି ଆମ କଥା  
ଆସନ୍ତାକାଲିର ନୂତନ ପ୍ରସ୍ଥର କଥା  
କଥା ଓ ବ୍ୟଥା।

୧୯୭୧ରେ ବୃହତର କଲିକତା ମହାନଗରୀରେ ତିନି ଲକ୍ଷାଧିକ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଥିଲେ। ଗଢ଼ି ଉଠିଥିଲା ଶତାଧିକ ଅନୁଷ୍ଠାନ। ସେମାନଙ୍କ ଭିତରେ ସମନ୍ୱୟ ଓ ଐକ୍ୟ ପ୍ରତିଷ୍ଠା ପାଇଁ ଆମେ କେତେଜଣ ଯୁବକ ଉଦ୍ୟମ କରୁଥିଲୁ। ଶିକ୍ଷା, ସାଂସ୍କୃତିକ ଜାଗରଣ ଓ ସାଂଗଠନିକ ଶକ୍ତିକୁ ଏକ ମିଳିତ ଓ ବୃହତର ରୂପ ଦେବା ଉଦ୍ଦେଶ୍ୟରେ ଆମେ ନୂଆ ଚିନ୍ତାଭାବନା ନେଇ ପ୍ରୟନ୍ କରୁଥିଲୁ। ଓଡ଼ିଆ ଜାତିର ଏକ ମର୍ଯ୍ୟାଦାବନ୍ତ ପରିଚୟ ପାଇଁ ଆମେ ଥିଲୁ ପ୍ରୟାସରତ। ଆମେ ଅନୁଭବ କରୁଥିଲୁ- ଅନୁଷ୍ଠାନମାନଙ୍କର ଆଗ୍ରହ ଓ ଉତ୍ସାହ ସୃଷ୍ଟି ପାଇଁ ଏକ ସାପ୍ତାହିକ / ପାକ୍ଷିକ ପତ୍ରିକା ଏଠାରୁ ପ୍ରକାଶନର ଅପେକ୍ଷା ରଖୁଛି।

ଓଡ଼ିଆଙ୍କ ମୁଖପତ୍ରଟିଏ ପ୍ରକାଶ କରିବାର କଳ୍ପନାଜଳ୍ପନା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଆମକୁ ଦିଶିଲା ମେଘ ଡାକ୍ତି ଦେଇଥିବା 'ଆସନ୍ତାକାଲି'ର ମୁହଁ। କଲିକତାର ଗୌରବ ଓ ଓଡ଼ିଶାର ଲୋକପ୍ରିୟ ପତ୍ରିକା ଆସନ୍ତକାଲି ଆଡକୁ ଆମେ ମୁହାଁଇଲୁ। ଆମ ଉତ୍ସାହ ଓ ପ୍ରତିବଦ୍ଧତାରୁ ଯଦୁମଣି ପରିଜାଙ୍କ ଦୃଢ଼ ପ୍ରତ୍ୟୟ ଜନ୍ମିଲା- ଏମାନେ କବରତଳୁ ମଲାଘୋଡ଼ାକୁ ବାହାର କରି ରାସ୍ତାରେ ଦୌଡ଼ାଇବାରେ ସଫଳକାମୀ ହେବେ।

## ଛଅଜଣ ବନ୍ଧୁ

ଆସନ୍ତାକାଲିକୁ ୧୯୭୧ ମସିହା ଅକ୍ଟୋବରରେ ଆମେ ଅଧିଗ୍ରହଣ କଲୁ। ଆମେ ଛଅଜଣ ବନ୍ଧୁଙ୍କୁ ନେଇ ଗଠିତ ଜୟ

ପବ୍ଲିକେସନ ହେଲା ଆସନ୍ତାକାଲିର ଭାଗ୍ୟ ନିୟନ୍ତକ। ଏଥିପାଇଁ ଯଦୁମଣିବାବୁଙ୍କ ଉଦାର ମନୋଭାବ, ନିଃସର୍ତ୍ତ ହସ୍ତାନ୍ତର ଉଲ୍ଲେଖଯୋଗ୍ୟ। ଆମେ ଯଦୁମଣିବାବୁ ଜୀବଦ୍ଦଶାରେ ଥିବା ଯାଏଁ - ତାଙ୍କୁ ସଂପାଦକର ମର୍ଯ୍ୟାଦା ଦେଇ ପତ୍ରସ୍ଥ କରିବା ପ୍ରତିଶ୍ରୁତି ଦେଲୁ, ଯଦିଓ ସେ ଅନେକ ଆଗରୁ କଲିକତା ଛାଡ଼ି ନିଜ ଗ୍ରାମରେ ଅବସ୍ଥାନ କରୁଥିଲେ।

ଜୟ ପବ୍ଲିକେଶନର ଛଅ ଜଣ ଅଂଶୀଦାର ଥିଲେ, ଅତି ଉତ୍ସାହୀ ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ଅରୁଣ ପଟ୍ଟନାୟକ, ଦୁଃଖୀଶ୍ୟାମ ମହାନ୍ତି, ରଣଜିତ ପଟ୍ଟନାୟକ, ପ୍ରହରାଜ ସତ୍ୟେ ନାରାୟଣ ନନ୍ଦ ଓ ମୁଁ କାଳୀଚରଣ ଦାସ, ଏ ଆଲେଖ୍ୟର ପ୍ରତିବେଦକ। ଆସନ୍ତାକାଲି ନୂତନ ପ୍ରସ୍ଥର ଦାୟିତ୍ୱ ଛଅଜଣଙ୍କ ମଧ୍ୟରେ ବାଣ୍ଟି ଦିଆଗଲା। ମୁଁ ହେଲି ପ୍ରକାଶକ, ମୁଦ୍ରକ ଓ ପରିଚାଳନା ସଂପାଦକ। ଆସନ୍ତାକାଲି ତା'ର ପ୍ରସିଦ୍ଧି ଓ ପୂର୍ବ ପରିଚୟ ଫେରି ପାଇଲା, ସମୂହ ପ୍ରଚେଷ୍ଟାର ଯେ ଥିଲା ଫଳଶ୍ରୁତି। ନୂଆରୂପରେ ଆମେ ଭେଟିଦେଲୁ ଏହାକୁ ପାଠକମାନଙ୍କୁ।

**ଆସନ୍ତାକାଲି ଏ ପିଢ଼ିର ଲେଖକ ଓ ପାଠକମାନଙ୍କ ପାଖରେ ଅଚିହ୍ନା ଅଜଣା। ଅଥଚ ଆସନ୍ତାକାଲି ଦିନେ ଥିଲା ଓଡ଼ିଶାର ଏକମାତ୍ର ବହୁପଠିତ ପତ୍ରିକା।**

ପ୍ରତ୍ୟେକ ଯୋଜନା ଆରମ୍ଭ ବେଳେ ଯେତିକି ଉତ୍ସାହ ଉଦ୍ଦୀପନା ଥାଏ, କିଛି ଦୂର ଅଗ୍ରସର ହେବା ପରେ ସେଥିରେ ଭଟ୍ଟା ପଡ଼ିଯାଏ। ଆମ କ୍ଷେତ୍ରରେ ତାହା ମଧ୍ୟ ପ୍ରତ୍ୟକ୍ଷ କରାଗଲା। ପତ୍ରିକା ପ୍ରକାଶ ପାଇବା ପ୍ରଥମ ବର୍ଷରେ ପ୍ରହରାଜ ସତ୍ୟନାରାୟଣ ନନ୍ଦ ଓ ଦୁଃଖୀଶ୍ୟାମ ମହାନ୍ତି ଇସ୍ତଫା ଦେଇ ଚାଲିଗଲେ। ଦୁଇବର୍ଷ ମୁଁ ଏକାକୀ ସଂପାଦନା ଦାୟିତ୍ୱ ତୁଲାଇବା ପ୍ରାୟ କଷ୍ଟକର ହେବାରୁ ଶ୍ରୀକାନ୍ତ ପଣ୍ଡା ମୁଖ୍ୟ ସମ୍ପାଦକ ପଦାସୀନ ହେଲେ। ଏହି ଯିବା ଆସିବା ପର୍ବ ଭିତରେ ଜୟ ପବ୍ଲିକେଶନର ମେରୁଦଣ୍ଡ ଶ୍ରୀକାନ୍ତ ପଣ୍ଡା ୧୯୮୦ ମସିହାରେ କଲିକତା ଛାଡ଼ି ଓଡ଼ିଶା ଫେରି ଆସିବା ପରେ ରହିଗଲୁ କେବଳ ମୁଁ ଓ ଅରୁଣ ପଟ୍ଟନାୟକ। ଆମେ ଦୁହେଁ ଦୃଢ଼ ପ୍ରତିଜ୍ଞ ହୋଇ ଲଢ଼ିଗଲୁ, ଆସନ୍ତାକାଲିକୁ ବଞ୍ଚାଇ ରଖିବା ପାଇଁ। ଚାଲିବୁ ଚାଲିବୁ ନ ପଡ଼ିବୁ ଥକି...।

ଆସନ୍ତାକାଲି ପାଠକମାନଙ୍କ ନିକଟରେ ପହଞ୍ଚିବା ପାଇଁ କେତେ ବନ୍ଧୁର ପଥ ଅତିକ୍ରମ କରିଛି, ଝଡଝଞ୍ଜା ସହ୍ୟ କରିଛି ତା'ର ଇୟତ୍ତା ନାହିଁ। ଆସନ୍ତାକାଲି ଏ ପିଢ଼ିର ଲେଖକ ଓ ପାଠକମାନଙ୍କ ପାଖରେ ଅଚିହ୍ନା ଅଜଣା। ଅଥଚ ଆସନ୍ତାକାଲି ଦିନେ ଥିଲା ଓଡ଼ିଶାର ଏକମାତ୍ର ବହୁପଠିତ ପତ୍ରିକା। ସବୁଶ୍ରେଣୀର ପାଠକମାନଙ୍କ ପଠନ ପିପାସା ମେଣ୍ଟାଇବା ପାଇଁ ସଂଯୋଜିତ ହେଉଥିଲା ବିଭିନ୍ନ ବିଭାଗ। ତେଣୁ ଦୀର୍ଘ ସମୟ ସେ ଓଡ଼ିଆ ପତ୍ରିକା ଜଗତରେ ଥିଲା ଅଗ୍ରଗଣ୍ୟ।

କହିବା ବାହୁଲ୍ୟ, ଆସନ୍ତକାଲି ହିଁ ଓଡ଼ିଶାରେ ଅସଂଖ୍ୟ ଲେଖକ ଓ ପାଠକ ସୃଷ୍ଟି କରିଥିଲା। ସ୍ୱାଧୀନତା ପରବର୍ତ୍ତୀ କାଳରେ ବହୁ ଲେଖକଙ୍କ ଜନ୍ମଦାତା ଥିଲା ଆସନ୍ତାକାଳି। ଏବେ ବହୁ ବୟୋଜ୍ୟେଷ୍ଠ, ପ୍ରତିଷ୍ଠିତ, ପ୍ରବୀଣଲେଖକ ରହିଛନ୍ତି- ଯେଉଁମାନଙ୍କ ଆତ୍ମପ୍ରକାଶ ଆସନ୍ତାକାଲିରୁ ବୋଲି ସ୍ୱୀକାର କରିଥାନ୍ତି। ଏପରିକି ବରିଷ୍ଠ, ଅତିବରିଷ୍ଠ ଲେଖକମାନଙ୍କ ପାଇଁ ଆସନ୍ତାକାଲି ଥିଲା ସାରସ୍ୱତ ମନ୍ଦିରର ମୁଖଶାଳା। ଆସନ୍ତାକାଲିରେ ଲେଖାଟିଏ ପ୍ରକାଶ ପାଇଁ ଲାଗି ରହିଥିଲା ଲେଖକମାନଙ୍କ ମଧ୍ୟରେ ଶୀତଳ ଯୁଦ୍ଧ।

## ଆଜି ଯେ ରାଜେନ୍ଦ୍ରାସନେ

ସମୟ ସବୁ ବଦଳାଇ ଦିଏ। ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର। ସବୁ ସାଇତି ହୋଇ ରହିଛି, ଆମ ଭିତରେ। ସ୍ମୃତି ସିନ୍ଦୁକରେ। କାହାରି ଲୋକପ୍ରିୟତା ଚିରକାଳ ରହେ ନାହିଁ। ଆମ ପାଇଁ ବଳବାନ ସମୟ ପ୍ରତିବନ୍ଧକ ସାଜିଲା। ଯେଉଁ ଡଙ୍ଗାର ମଙ୍ଗ ଧରିଥିଲେ ଛଅ ଜଣ ନାବିକ, ତାକୁ ବାହି ନେବା ଦାୟିତ୍ୱ ପଡିଲା ଦୁଇଜଣଙ୍କ ଉପରେ। ଜଣ ଜଣ ହୋଇ ସମସ୍ତେ ଯିବା ପରେ ମୋର ଏକମାତ୍ର ସାହାପକ୍ଷ ଥିଲେ ଅରୁଣବାବୁ। ତେଣୁ ଦୁର୍ଦ୍ଦିନ ଆଗତ ପ୍ରାୟ, କାଳେ ସେ କରଛଡ଼ା ଦେବେ, ତେଣୁ ତାଙ୍କୁ ସଂପାଦକ ଆସନରେ ବସାଇ ସମ୍ପାଦନା ଭିନ୍ନ ଅନ୍ୟ ସବୁ ପରିଚାଳନା କ୍ଷମତା ତାଙ୍କୁ ଅର୍ପଣ କରି ମୁଁ ରହିଲି ପତ୍ରିକା ସଂପାଦନା ଭଳି ଗୁରୁଦାୟିତ୍ୱରେ।

ଆମେ କେହି କାହା କ୍ଷମତାରେ ହସ୍ତକ୍ଷେପ କରୁ ନ ଥିବାରୁ ଏବଂ ଆମ ଭିତରେ ସାଂଗଠନିକ ସଂପର୍କ ଅପେକ୍ଷା ବ୍ୟକ୍ତିଗତ ସମ୍ପର୍କ ନିବିଡ ଥିବାରୁ ଆହୁରି ଏଗାରବର୍ଷ ମୋ ଏକକ ସଂପାଦନାରେ ଆସନ୍ତାକାଲି ପ୍ରକାଶ ପାଇଲା। ଭାର ବୋହିବାର ଗୋଟାଏ ସୀମା ଥାଏ। ସେ ଦିନର ତିରିଶବର୍ଷର ଯୁବକ ପ୍ରୌଢ଼ାବସ୍ଥା ଅତିକ୍ରମ କରିବାକୁ ବସିବା ପରେ ଏବଂ

ସାଂସାରିକ ଜଞ୍ଜାଳ ଅଧିକ ହେବାରୁ, ପତ୍ରିକାର ଆୟ ଆମଦାନୀ ସଂକୁଚିତ ହେବା ଆମ ସାବଲୀଳ ଗତି ପଥରେ କଣ୍ଟା ସାଜିଲା।

**ସ୍ୱପ୍ନ ଓ ସଂକଳ୍ପର ଆସନ୍ତାକାଲି**

ଆସନ୍ତାକାଲି ପାଇଁ ସ୍ୱପ୍ନ ଥିଲା, ସଂକଳ୍ପ ବି।

ଆସନ୍ତାକାଲି ପାଇଁ ଆମେ ଥିଲୁ ସମର୍ପିତ।

ଆମ ଚେତନା ରାଜ୍ୟରେ କାୟା ବିସ୍ତାର କରିଥିଲା ଆସନ୍ତାକାଲି।

କିନ୍ତୁ ବିଧି ନିର୍ଦ୍ଦେଶ ଥିଲା ଭିନ୍ନ। ବାଉନ ବର୍ଷ ତଳର ସ୍ମୃତି ରୋମନ୍ଥନ କଲେ, ଚକ୍ଷୁ ଏବେ ଲୋତକାପ୍ଲୁତ ହୋଇଯାଏ। ଜୀବନର ମୂଲ୍ୟବାନ ସମୟ ଉତ୍ସର୍ଗ କରିଛି ଆସନ୍ତାକାଲି ଉଦ୍ଦେଶ୍ୟରେ। ପତ୍ରିକା ପ୍ରେମରେ ଅବଶିଷ୍ଟ ପୃଥିବୀକୁ ପଛ କରି ଦେଇଛି। ସବୁ ଦୃଷ୍ଟିରୁ ମୁଁ ପ୍ରଚୁର କ୍ଷତିଗ୍ରସ୍ତ ହୋଇଛି। ସେଦିନର ପରିଚୟ ଆସି ରହିଯାଇଛି ଲେଖକଟିରେ। ତେବେ ମୁଁ ସ୍ୱୀକାର କରିବି, ଆସନ୍ତାକାଲି ମୋର ପରିଚୟ ସୃଷ୍ଟି କରିଛି। କେବଳ ମୋର ନୁହେଁ, ଜୟ ପବ୍ଲିକେଶନର ଅନ୍ୟ ପାଞ୍ଚଜଣ ଅଂଶୀଦାରମାନଙ୍କର।




*୧୯୯୧ରେ ପ୍ରକାଶିତ 'ଆସନ୍ତାକାଳି'ର ଶେଷ ସଂଖ୍ୟା।*

ଆସନ୍ତାକାଲି କେବଳ ଆମର ନୁହେଁ, ଓଡ଼ିଆ ସାହିତ୍ୟର ଥିଲା ଅନନ୍ୟ ପରିଚୟ। ତା'ର ସାହିତ୍ୟିକ ଅବଦାନ କହି ମୁଁ ଆତ୍ମପ୍ରଶସ୍ତି ବଖାଣିବାକୁ ଯିବି ନାହିଁ। ଓଡ଼ିଆ ପତ୍ରିକାରେ ଦୁର୍ଗାପୂଜା / ଶାରଦୀୟ ବିଶେଷାଙ୍କର ଅୟମାରମ୍ଭ ଆସନ୍ତାକାଲିରୁ। ୧୯୫୧ ଅକ୍ଟୋବରରେ ଶାରଦୀୟ ବିଶେଷାଙ୍କର ସେ କଳସ ସ୍ଥାପନ କରିଥିଲା। ଆଜି ଦୁର୍ଗାପୂଜା ଅବସରରେ ଛତୁ ଫୁଟିଲା ଭଳି ଯେଉଁ ଶହ ଶହ ସଂଖ୍ୟାରେ ନାନା ରଙ୍ଗବିରଙ୍ଗ ବୃହତାକାର ପାହାଡ ପ୍ରମାଣେ ପତ୍ରିକା ପ୍ରକାଶ ପାଉଛି, ତା'ର ଶ୍ରେୟ ଆସନ୍ତାକାଲିର- ଯାହା ହୁଏତ ଅନେକ ସଂପାଦକ / ପ୍ରକାଶକଙ୍କୁ ଅଜଣା। କେଉଁ ଗଛର ମଞ୍ଜି ଖାଇ କାକ କେଉଁ ସ୍ଥାନରେ ମଳତ୍ୟାଗ କରିବାରୁ ଏ ସୁବୃହତ୍ ବଟବୃକ୍ଷର ଶୀତଳଛାୟା ଅଗଣିତ ପଥଚାରୀଙ୍କ କ୍ଳାନ୍ତି ମେଣ୍ଟାଇବାର ପୁଣ୍ୟପୀଠ ହୋଇଛି, ତା' ହୁଏତ ଆଉ କେତେବର୍ଷ ପରେ ଅନୁସନ୍ଧାନର ବିଷୟବସ୍ତୁ ହୋଇଯିବ।

ଆସନ୍ତାକାଲି କଥା ଓ ମୋ କଥାକୁ ନେଇ ନିକଟ ଅତୀତରେ ସମାଜର ବରିଷ୍ଠ ସହସଂପାଦକ, ଯିଏ କଲିକତାରେ ଏକଦା ସମାଜର ପ୍ରତିନିଧି ଥିଲେ, ଶ୍ରୀ ମୁରଲୀଧର ସାମଲଙ୍କର ଏକ ଆଲେଖ୍ୟ 'ଶ୍ରୀ' ପତ୍ରିକାରେ ପ୍ରକାଶ ପାଇଥିଲା। ଯାହାର ଶୀର୍ଷକ ଥିଲା "ଆସନ୍ତାକାଲି, ସିଂହାସନରୁ ସ୍ୱର୍ଗଦ୍ୱାର"। ସେ କଲିକତାରେ ଥିବା ବେଳେ ଆମର ତଥା ଆସନ୍ତାକାଲିର ଥିଲେ ଅତି ନିକଟତର। ସେ ଅନୁଭବ କରିଛନ୍ତି ପ୍ରବାସୀ ଓଡ଼ିଆମାନଙ୍କର ସାହିତ୍ୟପ୍ରତି ଅସ୍ପୃହା। ସେ ଆମର ଉଦ୍ୟମ, ଉତ୍ସାହ, ତ୍ୟାଗ, ନିଷ୍ଠା ଏବଂ ଆମ ଅକ୍ଷମତା ଓ ଅସହାୟତାର ନିରପେକ୍ଷ ବିଶ୍ଳେଷଣ କରିଛନ୍ତି।

**ଅବଶ୍ୟମ୍ଭାବୀ ବୀରଗତି**

ମୁଁ ଆତ୍ମପକ୍ଷ ସମର୍ଥନ କରୁନାହିଁ - ଆସନ୍ତାକାଲିର ମୃତ୍ୟୁ ଅସ୍ୱାଭାବିକ ନ ଥିଲା। ମହାସଂଗ୍ରାମରେ ଲିପ୍ତ ରହି ତା'ର ବୀରଗତି ପ୍ରାପ୍ତ ହେବା ଅବଶ୍ୟମ୍ଭାବୀ ଥିଲା। ଏଠାରେ କହି ରଖେ, ୧୯୭୦ ବେଳକୁ କଲିକତାକୁ ଶ୍ରମଜୀବୀ ଓଡ଼ିଆଙ୍କ ପରିବର୍ତ୍ତେ ଉଚ୍ଚଶିକ୍ଷିତ, ଉଚ୍ଚ ପଦାଧିକାରୀ, ସରକାରୀ ବେସରକାରୀ ସଂସ୍ଥାର ଉଚ୍ଚ ପଦପଦବୀରେ ଆସୀନ ବ୍ୟକ୍ତି ବିଶେଷଙ୍କର ଆଗମନ ଘଟିଥିଲା। କିନ୍ତୁ ଦୁର୍ଭାଗ୍ୟର କଥା କଅଣ ଲଜ୍ଜାଜନକ ମଧ୍ୟ, କଲିକତାରେ ଆସନ୍ତାକାଲିର କାଟତି ଶହେରୁ ଅଧିକ ନ ଥିଲା। ଏଇ ତଥାକଥିତ ବୁଦ୍ଧିଜୀବୀମାନଙ୍କର ଜାତି ଓ ଭାଷା ପ୍ରୀତି ଏଥିରୁ ସହଜେ ଅନୁମେୟ। ଅଥଚ ଏମାନେ ମଞ୍ଚାସୀନ ହେଲେ ଜାତି ପ୍ରେମ କଥା କହି କୁମ୍ଭୀର କାନ୍ଦଣା କାନ୍ଦନ୍ତି।

ଆମକୁ ହାରିଯିବାର ଥିଲା।

ଅନ୍ୟମାନେ ଯିଏ, ଆମ ଆଗରୁ ଆସନ୍ତାକାଲିକୁ ନେଇ ସ୍ୱପ୍ନ ବିଭୋର ଥିଲେ ସେମାନେ ବି ହାରିଥିଲେ, ଆସନ୍ତାକାଲି ଜନ୍ମ ଜାତକରେ ସମ୍ଭବତଃ ଏଇଆ ଲିପିବଦ୍ଧ ଥିଲା।

ସେ ହଜିଯିବ, ବିଲୀନ ହୋଇଯିବ କାଳର କରାଳ ସ୍ରୋତରେ। ଅକାଳରେ।

ମୁଁ ଆମ ଅପାରଗତା ସ୍ୱୀକାର କରୁନି। ମୁଁ ବିନମ୍ରତାର ସହିତ

କହି ଆସିଛି ଆମେ ହାରିଯିବାର ନାନାବିଧ ଅନିବାର୍ଯ୍ୟତା ଥିଲା।

ଆସନ୍ତାକାଲି ପ୍ରକାଶ ପାଉଥିଲା କଲିକତାରୁ। ଅଥଚ ତା'ର ଲେଖକ, ପାଠକ, ବିତରକ ସବୁ ଓଡ଼ିଶାରେ। ଯୋଗାଯୋଗର ମାଧ୍ୟମ ମୁଖ୍ୟତଃ ଟେଲିଫୋନ, ଡାକ ବିଭାଗ। ଠିକ୍ ସମୟରେ ସବୁ କାର୍ଯ୍ୟ ହୋଇପାରୁ ନ ଥିଲା। ଓଡ଼ିଶା ସରକାରଙ୍କ ବିଜ୍ଞାପନ ଉପରେ ଥିଲା ନାନାଦି କଟକଣା। ପଶ୍ଚିମବଙ୍ଗ ସରକାର ଆମକୁ ବିଜ୍ଞାପନ ଦେଉ ନ ଥିଲେ। ଆମେ ଲଜ୍ଜା ପରିହାର କରି ଅଫିସ ଦପ୍ତର ବୁଲି ତଥାକଥିତ ଓଡ଼ିଆ ସାହେବମାନଙ୍କ ପାଖରେ ପୃଷ୍ଠାଏ ବିଜ୍ଞାପନ ପାଇଁ ନତଜାନୁ ହେବା ଆମର ବିବେକାନୁମୋଦିତ ନ ଥିଲା।

ଯୁଗ ବଦଳିବାକୁ ଲାଗିଥିଲା। ଓଡ଼ିଶାରୁ ଆଧୁନିକ ପ୍ରିଣ୍ଟ ଟେକ୍ନୋଲୋଜିରେ ପତ୍ରିକା ପ୍ରକାଶ ପାଇବାର ବହୁବର୍ଷ ଯାଏଁ, ଆସନ୍ତାକାଲି ସେଇ ଲେଟର ପ୍ରେସ୍ ଓ ବ୍ଲକ ଉପରେ ଥିଲା ନିର୍ଭରଶୀଳ। ଫଳରେ ଆମ ବିକ୍ରି ଲବ୍ଧ ଅର୍ଥ ହ୍ରାସ ପାଇବାକୁ ଲାଗିଲା। ଆମକୁ ପ୍ରତିଷ୍ଠିତ ଲେଖକମାନଙ୍କ ସହଯୋଗ ଓ ବଳିଷ୍ଠ ସମ୍ପାଦନା ସତ୍ତ୍ୱେ ପରିପାଟୀରେ ଆମେ ନିମ୍ନାଭିମୁଖୀ ହୋଇଗଲୁ। ଆମ ପାଖରେ ସମ୍ବଳ ନ ଥିଲା।

**କେହି ଏଭଳି ମନେ କରିବେ ନାହିଁ- ଏହା ମୋର ମୃତ୍ୟୁକାଳୀନ ଜମାନବନ୍ଦୀ।**

## ପୁରୁଣା ବେଶଭୂଷା

ଆମେ ଇଚ୍ଛା କରିଥିଲେ- ଆସନ୍ତାକାଲିକୁ ପୁରୁଣା ବେଶଭୂଷାରେ ଆଉ କେତେବର୍ଷ ପ୍ରକାଶ କରିପାରିଥାଆନ୍ତୁ। କିନ୍ତୁ ଲୁଙ୍ଗି ପିନ୍ଧି ଯାତ ଦେଖିଯିବା ଭଳି ଆମକୁ ଲଜ୍ଜାବୋଧ ହେଲା। ଆସନ୍ତାକାଲି ଆମ ସମୟରେ ବୁଡ଼ିଯିବା ପାଇଁ ଅନେକ ହୁଏତ ଆମକୁ ଦୋଷାରୋପ କରିପାରନ୍ତି। କିନ୍ତୁ ଆମର ମନେ ହେଲା ଆସନ୍ତାକାଲି ଏପରି ହୀନ ଅବସ୍ଥାରେ ପ୍ରକାଶ କରିବା ସମୀଚୀନ ନୁହେଁ। ଅତି ଆଦରର ନିଜ ସନ୍ତାନକୁ ଭିକ୍ଷାପୋଷ୍ୟ ଛେଉଣ୍ଡ ପିଲାଟେ ଭଳି ଭିକ ମାଗିବାକୁ ରାସ୍ତାକୁ ଓହ୍ଲାଇ ଦେଉଛୁ। ଆମର ହୃଦବୋଧ ହେଲା, ଆମ ସ୍ୱପ୍ନ ଭାଙ୍ଗିଯାଇଛି। ଆମ ଲକ୍ଷ୍ୟ ସାଧନ କରିବା ଶକ୍ତି, ସାମର୍ଥ୍ୟ ହରାଇ ବସିଛୁ। ସୁଯୋଗ ଆମର ହାତଛଡ଼ା ହୋଇ ଯାଉଛି। ଏହା ଥିଲା ଆମ ପାଇଁ ଏକ ସନ୍ଧିକାଳ। ଆମେ କିନ୍ତୁ ଥିଲୁ ଉପାୟଶୂନ୍ୟ।

ଆମେ ଚାହୁଁଥିଲୁ, ସମାଜର ପରିବର୍ତ୍ତିତ ମାନସିକତା ଅଭିରୁଚି ସହିତ ସମନ୍ୱୟ ରକ୍ଷା କରି ସୁନ୍ଦର ମୁଦ୍ରଣ, ଅଙ୍ଗସଜ୍ଜା ପୂର୍ବକ ସଂଭ୍ରାନ୍ତପଣିଆ ବଜାୟ ରଖି ଆସନ୍ତାକାଲି ଘରେ ଘରେ ଆଦରଣୀୟ ସାହିତ୍ୟ ପତ୍ରିକା ହେଉ। ଆଧୁନିକତାର ଛୁଆଁରେ ହେଉ ମର୍ମରିତ। ଅଥଚ ଆମେ ଥିଲୁ ନିଃସ୍ୱ। ଆସନ୍ତାକାଲିର ଅବକ୍ଷୟ ଥିଲା ବିଧିନିର୍ଦ୍ଦେଶ।

ଏବେ ସମୟ ବଦଳିଛି। ବଦଳିଛି ସଂପାଦକଙ୍କର ଅଭିରୁଚି। ପତ୍ରିକା ନାମକରଣରେ ଅଳଂକୃତ ଶବ୍ଦସମ୍ଭାର। ରଙ୍ଗବେରଙ୍ଗ ବେଶ ବିନ୍ୟାସ। ଅଥଚ ଭିତର ଅନ୍ତଃସାରଶୂନ୍ୟ। ପାଠକୀୟ ରୁଚି ପ୍ରତି ଧ୍ୟାନ ନାହିଁ, କି ନାହିଁ ପାଠକ ସୃଷ୍ଟି କରିବା, ଲେଖକ ତିଆରି କରିବାର ଆଗ୍ରହ। ଧ୍ୟାନ ଧାରଣାରେ କେବଳ ସମ୍ବଳ ସଂଗ୍ରହର ଆଭିମୁଖ୍ୟ। ବଦଳି ଯାଇଥିବା ଏବର ଆମ ପତ୍ରିକା ଜଗତର ଚିତ୍ର ବଡ ବିଚିତ୍ର। ବହୁ ଆଡମ୍ବରରେ ଲଘୁକ୍ରିୟା ସଂକେତ ବହନ କରୁଛି। ପ୍ରାୟତଃ ପତ୍ରିକା ସଂପାଦିତ ହେବା ପରିବର୍ତ୍ତେ ସଂକଳିତ ହୋଇଛନ୍ତି- ଯାହା ଦୁର୍ଭାଗ୍ୟଜନକ।

ଏକଦା ଆସନ୍ତାକାଲିରେ କାହାରି ଲେଖାଟିଏ ପ୍ରକାଶ ପାଇଲେ, ତାକୁ ଲେଖକୀୟ ସ୍ୱୀକୃତି ଭାବେ ବିବେଚନା କରାଯାଉଥିଲା। ଲେଖକ ଗଢ଼ିବା କାରଖାନା ଭାବେ ଆସନ୍ତାକାଲିର ଥିଲା ପ୍ରସିଦ୍ଧି। ତା'ର ଅବଦାନ ଅପ୍ରମେୟ, ଅତୁଳନୀୟ। କେହି ଏଭଳି ମନେ କରିବେ ନାହିଁ- ଏହା ମୋର ମୃତ୍ୟୁକାଳୀନ ଜମାନବନ୍ଦୀ। ଜଣେ ଉତ୍ସର୍ଗୀକୃତ ସଂପାଦକର ସୂକ୍ଷ୍ମ ଅନୁଶୀଳନ ମାତ୍ର।

ଶେଷ କଥା।

ଆସନ୍ତାକାଲି ଏବେ ବିସ୍ମୃତିର କାଳଗର୍ଭରେ। କିନ୍ତୁ ଓଡ଼ିଆ ପତ୍ରପତ୍ରିକାର ଇତିହାସ କେହି କେବେ ଲେଖି ବସିଲେ, ସେ ନିଶ୍ଚୟ ଆସନ୍ତାକାଲିକୁ ଭେଟିବ, ତା'ର ଅବଦାନକୁ ସ୍ୱୀକାର କରିବ - ଏଇ ବିଶ୍ୱାସ ନେଇ ବୟସବ୍ୟାଧିରେ ଭାରାକ୍ରାନ୍ତ ଆସନ୍ତାକାଲିର ଶେଷ ପ୍ରତିନିଧିର ଏ ପ୍ରତିବେଦନ, ଏବଂ ଆଶାବାଦୀ, ଆଲୋକିତ ସ୍ୱାଭିମାନୀ ପତ୍ରିକା ଆସନ୍ତାକାଲି ସାଲ୍ୟୁଟ୍ ପାଇବାକୁ ଯୋଗ୍ୟ, ଏହା ଆମ ଭାଷା ସାହିତ୍ୟର ଅନୁରାଗୀମାନଙ୍କର ହୃଦ୍‌ବୋଧ ହେବ।

□□

ମତାମତ ପାଇଁ ଇ-ମେଲ ଠିକଣା:
kalicharandas@sahityacharcha.com



ବ୍ୟଙ୍ଗ

# ଅଜବ ରଜ-ମଉଜ

**ଡ. ଅଜୟ କୁମାର ମିଶ୍ର**

ଯାବତ ବେକାରିଆ ଏ ପାଞ୍ଜିବାଲାଏ। ତିଥିବାର, ନକ୍ଷତ୍ର, କାଳବେଳା, ବାରବେଳା, ଶୁଭ-ଅମୃତ-ମାହେନ୍ଦ୍ର ଯୋଗ – ଏମିତି ନାନା ଭଙ୍ଗିଚାରେ ସହସ୍ର ପ୍ରକାରର ଭିଆଣ। ଏଇଦିନ ଏୟା ଖାଇବ, ଏୟା ଦାନ କରିବ, ଏୟା ପିନ୍ଧିବ, ଏୟା ରାନ୍ଧିବ, ଏୟା ଏଦେଖିବ, ଏୟା ନ ଖାଇବ, ନ ପିଇବ, ନ ଦେଖିବ- ଏମିତି କେତେ କେତେ ଉପଦେଶ ବାଣୀ। ଏବେ କିନ୍ତୁ ପାଞ୍ଜି ଖୋଲିବା ଦରକାର ପଡୁନି। କାଲିକି କେଉଁ ରାଶିରେ କ'ଣ କ'ଣ ଘଟଣା, ଅଘଟଣମାନ ଘଟିବ- ଆଜି ରାତିରୁ ଜଉତିଷ-ଜିଉତୁଷୁଣୀଏ ଅଗ୍ରିମ ସାବଧାନ ନାମରେ ଏକ ପ୍ରକାରର ଛାନିଆ କରେଇ ଦେବାରେ ଫୁଣ୍ଟେ ପ୍ରମାଣେ ବି ଅବହେଳା କରୁନାହାନ୍ତି। ଏବେ ତ ଘରେ ଘରେ ବିଭିନ୍ନ ବିଜୁଳିଆ ଇଡିଅଟ୍ ବାକ୍ସୁସ। ଖୋଲିବା ମାତ୍ରେ ନାନାଦି ବେଶ ପୋଷାକରେ ଅବତରୁଛନ୍ତି,ବରାହମିହିରଙ୍କ ଅଣନାତି-ଅଣନାତୁଣୀ, ପଣନାତି-ପଣନାତୁଣୀମାନେ।




ଚଳନ୍ତି ଜଉତିଷ-ଜଉତୁଷୁଣୀଏ ଗ୍ରହ-ନକ୍ଷତ୍ରଙ୍କୁ ବେଙ୍ଗେଲା ପକେଇ ଧାନ ଜାଗାରେ ଅଗାଡି ଓଳିଆ ବାନ୍ଧିବାରେ ତତ୍ପର। ଗଣନା ବିଦ୍ୟା ଶୂନ, ତାହା ମିଛରେ ଶୁଣାଉଛନ୍ତି ଭାଗ୍ୟଫଳ, ରାଶିଫଳ। ଏମନ୍ତ ଚବିଶକ୍ୟାରେଟ୍ ଗାଲୁଆ-ଗାଲୁଆଣୀଙ୍କୁ ବି କିଛି ଲୋକେ ବିଶ୍ୱାସ କରୁ କରୁ ବାସ୍ତୁ ସଂସ୍କାର ନାମରେ ସୁନ୍ଦର ଘରଟାକୁ ଭାଙ୍ଗି ଛାରଖାର କରୁଚନ୍ତି । ଇଡିଅଟ୍ ବକ୍ସ ମାୟାରେ ଏମାନେ କାୟାବିସ୍ତାର କରିଛନ୍ତି। କିଏ ବିଶାରଦ ଓ କିଏ ବିଶେଷଜ୍ଞ-ବିଶେଷଅଜ୍ଞ, କିଏ ମହାମହୋପାଧ୍ୟାୟ ତ, କିଏ ତହୁଁ ବଡୀ। କିଏ ତା' ସାକ୍ଷାତରେ ଗ୍ରହଙ୍କୁ ଖେଳେଇଲାଣି, ତ କିଏ ଯବକାଚରେ ଗ୍ରହର ଶିରା ପ୍ରଶିରା ମାଇନା କଲାଣି।

ବିଭିନ୍ନ ମିଡ଼ିଆ ସଂସ୍ଥା ଆକାଶରେ ବଉଦ ଖଣ୍ଡେ ଅଧେ ଭାସୁ ନ ଭାସୁଣୁ ବାତ୍ୟାର ସୂଚନା ଦେଇ ଲୋକଙ୍କୁ ସତର୍କ କରିବା ନାଆଁରେ ବେଘର କରୁଛନ୍ତି। ଚୋରାବେପାରୀଙ୍କୁ ଏ ତ ମଉକା। ଛାନିଆଁ, ମଧ୍ୟମଛାନିଆ, ସୁପରଛାନିଆ ଗରାଖଙ୍କୁ ତଣ୍ଟି ଚିପିବାର ଏଇତ ସୁବର୍ଣ୍ଣ କାହିଁକି, ହୀରକ ମଉକା। ଏମନ୍ତ ଇଡିଅଟ୍ ବକ୍ସବାଲାଏ ବିନା ମେଘରେ ବର୍ଷା କରାନ୍ତି, ଗୋଟେ ଗୋଟେ ଘଟଣାକୁ ପେଟୁଆ ମଣିଷଭଳିଆ, ବାରବାର କହି, ମାଜି ମାଜି ସାଦା କଥାକୁ ମୋଟ କରିଦିଅନ୍ତି। ଏଇ ଚାନେଲଗୁଡିକରେ ଅନେକ ଫେସନିଆଁ ଫେସନାଣୀ ଖବର ସଂଗ୍ରହରେ ବ୍ୟସ୍ତ।

**ଆଗକୁ ରଜପରବ**

ଚାନେଲ୍‌ବାଲାଏ ଛେଳି ନ ବେଉଣୁ, ବୋଦା କାଢ଼ିଆ ନ୍ୟାୟରେ ପରବପରବାଣି ପଡିବାର ଅନେକ ପୂର୍ବରୁ ଏହାର ଉତ୍କଟ ଘୋଷଣା କରନ୍ତି, ଆଗାମୀ ପର୍ବରେ ଆରମ୍ଭ ହେବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଯେମିତି ଅନ୍ୟାନ୍ୟ ପର୍ବମାନ ବେରଙ୍ଗ ବେଢ଼ଙ୍ଗରେ ହୁଏ। ଆଗକୁ ରଜ ପରବ, ଚାନେଲ୍‌ରେ ଏଥିପାଇଁ ଶହେରେ ଛକୋଡି ପ୍ରଚାର। ଓଧକୁ ବଣଭୁଆ ବାୟା କଲା ଭଳିଆ ଏମନ୍ତ ପ୍ରଚାରମାନ ଦେଖି ଘଣ୍ଟେ ଅଥୟ ହେଲେ। ବସି ବସି ନାନା ଚାନେଲ୍‌ର କାଇଦାମାନ ଅନ୍ଦାଜ ଓର କରି କଳି ନେଲେ। ପିଲାଦିନୁ ଜାଣିଥିଲେ ଝୁଅ ଝୁଆଣୀଏ ରଜ ପାଳନ୍ତି। ଏଥର ନୂଆ ଭିଆଣ- ପୁଅମାନେ ବି ରଜ ପାଳିବେ। ପାଳନ୍ତୁ ନ ପାଳନ୍ତୁ ଇଡିଅଟ୍ ବାକ୍ସୁସରେ ଟକରାଟକରି ବେଳେ ରୂପ ଦେଖେଇବେ ତ। ଘଣ୍ଟେ ଏଥର ଏହାକୁ ନେଇ ମାତ୍ର ଚବିଶ ପ୍ରହର ଧରି ଘୋର ଗୋବେଷଣା କଲେ। ସିଦ୍ଧାନ୍ତ ମିଳିଗଲା, ବସିବା ଠାଆରୁ ଉଠି ଧାଇଁଲେ- ଆର୍କିମିଡସ୍ ଗାଧୁଆ

କୁଣ୍ଡରୁ ଉଠି ବିନାବସ୍ତ୍ରେ ଧାବମାନ ହେବା ଭଳିଆ ନୁହେଁ, ବରଂ ଅଜବ ବେଶରେ ଦିଟକୀ ଫଟ ଫଟିଆ ଧରି ନିଜ ଠାଆରେ ହାଜର ହେଇଗଲେ।

ଘଣ୍ଟୁକୁ ଅପେକ୍ଷା କରିଥିବା ବାବୁଲି, ଟିମା, ମକୁଆ, ସଦା ହେରିକା ଘଣ୍ଟୁଙ୍କ ଅତର୍କିତ ଆଗମନରେ ଚଉଠଚକିତ ହେଇ, ଶୁକ ମୁଖକୁ ପରୀକ୍ଷିତ ଅନେଇବା ଭଳିଆ ଅତି-ପ୍ରଶ୍ନିଳ ଦୃଷ୍ଟିରେ ଅନେଇଲେ। ପ୍ରତ୍ୟେକଙ୍କ ମୁଖାକାଶରେ ଭାସୁଥିଲେ ଅନେକାନେକ ପ୍ରଶ୍ନର ବଉଦ। ସେଇ ଭିତରେ ଘଣ୍ଟୁଙ୍କ ମାର୍କାମରା ହସ ଚେନାକ ଯେମିତି ବିଜୁଳିର ଝଲକ ଭଳି ବାବୁଲି ଓଗେରଙ୍କ ମନରେ ଶତକଡା ଶହେ ଆନନ୍ଦ ଉଙ୍କି ମରେଇଲା । କୋରସ୍ କୋଶ୍ଚିନ୍- "ଘଣ୍ଟୁଭାଇ ଆଗକୁ ଅବନା ପର୍ବ। "ଅଜବ ରଜ ପରବ" । ପଇଡ ପାଣି ଦରାଣ୍ଡୁଥିବା ଘଣ୍ଟୁଙ୍କୁ ଏମାନେ ତ ବାସିତୋରାଣି ଅଫର ଦେଲେଣି। ଘଣ୍ଟୁ କହିଲେ - "ନୂଆ ପ୍ରକାରେ କିଛି ଭିଆଣ ନ କଲେ- ଏଇଟା ଶସ୍ତା ପ୍ରକାର ହେଇଯିବ।" ଉତ୍ତରିଲେ ସେମାନେ- "ଏ କେମିତି କଥା, କେତେ ଅନୁଷ୍ଠାନ ତ ପୁଣି ରଜ ପାଳିବେ ବୋଲି ଦଶହରା ସରୁ ନ ସରୁଣୁ ବିଜ୍ଞାପନ ଛିଙ୍କେଇଲେ । କେଇଟା ମେଡିଆରେ 'ରଜସୁନ୍ଦେରୀ' କାରଖାନା, କେତେଟାରେ 'ରଜକୋଇନ୍' ହାଙ୍ଗାମା ପାଇଁ ନାନା କାଣ୍ଡ କାରଖାନାମାନ ଘଟିଲାଣି। ଆଉ ବା ହାତଗଣତା କେଇଟା ଦିନ ରହିଲା; ତେଣୁ ଆଜି ଠୁଁ, ନାଇଁ- ଏବେ ଠୁଁ ପିଲାନ୍ ପୋରଗ୍ରାମ କରିବାକୁ ହେବ ନା।"

**ଆଜିକାଲି ରୋଡ-ରୋମିଓମାନେ, ଦୋଳିଖେଳ ପାଖରେ କେହି ନ ଡାକିଲେ ବି ଛାଆଁକୁ ଛାଆଁ ଆସି ରୁଣ୍ଡ ହୁଅନ୍ତି।**

## ନିଆରା ପରବ

ଗମ୍ଭୀରତମ ଭାବ ଉକୁଟେଇ ଘଣ୍ଟେ ଏଥର ହାଙ୍କିଲେ- ଠିକ୍‌କଥା । ଆମର ଏସନ ରଜ ପାଳନଟା ଅତି ଚମତ୍କାର ଢଙ୍ଗରେ ହେବ। ଆଗରୁ ଗାଁ ଗହଳିରେ ଝିଅ ଝିଆଣିଏ ରଜ ପାଳୁଥିଲେ। ପାଦରେ ସରୁ ଅଳତା, ମଥାରେ ଟିପି ଚନ୍ଦନ,- ଏସବୁ ଥିଲା ଭୂଷଣ। ଏ ବେଳରେ ସେ ସବୁପାଇଁ ସମୟ ନାଇଁ, ଏବେ ସଭିଏଁ ପରମ୍ପରାକୁ ନାଡ ମାରି ଗଡେଇ ପକେଇଲେଣି। ନୂଆ ଛାଞ୍ଚ ତିଆରିବା, କେବଳ ଝିଅଝିଆଣି ନୁହନ୍ତି, ଏଥର ପୁଅପୁଉଣା ପାଇଁ ରଜ କସରତ କରେଇବା। ବାଗୁଡି ଖେଳୁଆମାନେ ଆମ ଭିଆଣରେ ପୁଚି ଖେଳିବେ, ଦୋଳିରେ ଝୁଲିବେ, ଝୁଅମାନେ ଏସନ ବାଗୁଡି ଖେଳିବେ।

ବାବୁଲି ଓ ମକୁଆ କଟାଳ କଲେ, ଏ କେମେତିଆ ଓଲଟ କଥା। ଆଜିକାଲି ରୋଡରୋମିଓମାନେ, ଦୋଳିଖେଳ ପାଖରେ କେହି ନ ଡାକିଲେ ବି ଛାଆଁକୁ ଛାଆଁ ଆସି ରୁଣ୍ଡ ହୁଅନ୍ତି, ଦୋଳି ଲଗେଇବା, ସଜେଇବା, ଗଛତଳ ଅରମା ପଡିଆକୁ ସଫାସୁତରା କରିବାରେ ଷୋଳପଣା ସ୍ୱେଚ୍ଛା ସେବକ ସେମାନେ। ମାତ୍ର ଏମାନେ ଦୋଳି ଖେଳିବାକୁ ରାଜି ହେବେ ତ ?

ଟିମା, ବାବେନା ପ୍ରଶ୍ନ ଉଠେଇଲେ ଝୁଅମାନେ ବାଗୁଡି ଖେଳ ପାଇଁ ରାଜି ହେବେ ତ ? ଏ କଥାରେ ମୋର ବିଶ୍ୱାସ ଘରୁ ବାଙ୍ଗ ବାହାରୁଚି। ନୋକା ବିଳିବିଳାଣ କଲା। ବଡ଼ କୌତୁକିଆ ହେବ, ଉଦ୍ଦଣ୍ଡୀ ଛଡା, ବରଡ ଗାଇମାନେ ଡିଆଁ ଝପଟ କଲା ଭଳିଆ, ଝିଅମାନଙ୍କ ବାଗୁଡ଼ି ଖେଳ ଦୃଶ୍ୟ ହବ। ଆଉ ଟୋକାମାନଙ୍କ ପୁଚିଖେଳ, ଦୋଳି ଝୁଲଣ, କିନ୍ନରୀନାଟ ଭଳିଆ ଲାଗିବ। ଆଜିକାଲି ତ ଅନେକ ପୁଅ କାନଫୋଡେଇ ନୋଳି ଲଗେଇ, ମୋଟା ହାର ପକେଇ, ଯାତ୍ରାପିଲା ଭଳିଆ ଚୁଟିରଖି ଅଧାକିନ୍ନର ସାଜିଚନ୍ତି। ଝୁଅମାନେ ଅଳତା ଭୁଲିଗଲେଣି, ପୁଅଙ୍କ ଭଳିଆ ବେଶ ପୋଷାକ। କେବଳ ଆଗ ପାଖରୁ ଦେଖିଲେ ଝୁଅ ବୋଲି ପରତେ ହେବ ।

## ମଜଭୁତିଆ ଖସଡା

ସମସ୍ତଙ୍କ ବିଚାର ପରେ ଓଲଟ ରଜ- ପ୍ରସ୍ତାବ ଉପରେ ଘଣ୍ଟେ ଏଥର ସମ୍ମତିର ମୋହର ମାରି କିପରି ଆଗକୁ ନେବେ, ସେ ସମ୍ପର୍କରେ ପ୍ରଥମେ ଗୋଟେ ମଜଭୁତିଆ ଖସଡା ତିଆରି କଲେ। ବାନା ଯୁବକସଂଘ ଘର ପାଖରେ କାର୍ଯ୍ୟାଳୟ କରାଯିବ। ହାତରେ ଉପଯୁକ୍ତ ପାଣ୍ଠି ନ ଥିବାରୁ, ତମ୍ବୁ ଘେରଟିଏ ନିହାତି ଦି' ସପ୍ତାହ ଧରି କରିବାକୁ ହେବ। ଏଇ ଘେର ଭିତରେ ଚାରିସେଟ୍ ଦୋଳି ବନ୍ଧା ହେବ। ପୁଚି ଓ ବାଗୁଡ଼ି ପାଇଁ ଭୂଇଁ ସମତଳ କରି ଦି' ଟ୍ରାକ୍ଟର ବାଲି ବିଛା ହେବ। ଏଇଠି ହେବ ଝୁଅଙ୍କ ବାଗୁଡ଼ି ତାଲିମ ଥାନ। ପ୍ରତ୍ୟେକଙ୍କୁ ଆକର୍ଷଣ କରିବାକୁ ଲିଫ୍‌ଲେଟ୍ ଛାପି, ଖବରକାଗଜିଆ ମାଧ୍ୟମରେ ଘରେ ଘରେ ବାଣ୍ଟି ଦିଆଯିବ।

ଆଗଚଲା ମକୁଆ କହିଲା କିଛି କିଛି ଯୁବ-ଯୁବା ଆସିବେ।

ଆମେ କେମିତି ବଛାବଛି କରି ପ୍ରଥମ, ଦ୍ୱିତୀୟ, ତୃତୀୟ ବାଛିବା ? ବିଚାରକ ବାଛୁଆରି ନ କଲେ କେମିତି ହେବ ? ଘଣ୍ଟୁ କହିଲେ, ମୁମ୍ବେଇ ବଜାରରେ କେତେ ନାଚ୍‌ମାଇଆ, କେତେ ଗୀତ୍‌ବାଲୁଆ ମିଳୁଚନ୍ତି, ସେମାନଙ୍କ ଫଟୋ ଛପେଇ ଆମେ ଏଠି ତାଙ୍କୁ ବିଚାରକ କରେଇଦେବା । କିନ୍ତୁ ପ୍ରଚାରଟା ଜୋରଦାର ହେବା ନିହାତି ଜରୁରୀ।

ଶ୍ରୀରାମଙ୍କ ଆଜ୍ଞାରେ କପିଥାଟଙ୍କ ଭଳି, ଘଣ୍ଟୁଙ୍କ ଆଜ୍ଞାରେ ଖେଦିଗଲେ ତା'ର ପ୍ରାଣପ୍ରିୟ ଚାମଚା ବେଲଚାମାନେ। ତିନିଚକିଆରେ ଡାକବାଜିଆ ଖଞ୍ଜି ପ୍ରଚାର ହେଲା ଏଥର 'ଖଳବା କିଳାବ' ତରଫରୁ ନିଆରା ରଜପରବ ହେବ। ସଂସ୍କୃତିର ଦୁକୁଦୁକି ଘର ଏ ରଜ ପରବ ପାଇଁ ଯୁବକ ଯୁବତୀମାନଙ୍କ ପ୍ରତିଭା ସନ୍ଧାନ କରାଯାଉଚି। ଓଡ଼ିଶା ଓ ଓଡ଼ିଶା ବାହାରର ଅନେକ ଷ୍ଟାମ୍ପ୍‌ଦିଆ ଗୁରୁ-ଗୁରୁଣୀ ଏଥିରେ ବିଚାରକ ହେବେ। ଯା ପୂର୍ବରୁ ହଡିସନ୍ ପରୀକ୍ଷା ହେବ। ହଡିସନ୍ ପାଇଁ ଅନ୍ୟମାନଙ୍କ ତୁଳନାରେ ଆମର ଏଣ୍ଟ୍ରିଫିସ୍ ଟଙ୍କା ଦୁଇଶ ମାତ୍ର। ଆସନ୍ତୁ ଯୋଗ ଦିଅନ୍ତୁ, ଗୀତ ଗାଆନ୍ତୁ, ଦୋଳି ଝୁଲନ୍ତୁ, ବାଗୁଡ଼ି ଖେଳନ୍ତୁ ହଡିସନ୍‌ରେ ଭାଗ ନେଇ ନିଜ ଶୋଇଥିବା ପ୍ରତିଭାକୁ ଚିଆଁନ୍ତୁ ।



ସାଇମୁଣ୍ଡ ପଡ଼ିଆରେ ଅସ୍ଥାୟୀ ତମ୍ବୁ ଘେର, ସାମନାରେ ରଜ ପରବର ରଙ୍ଗ ବେରଙ୍ଗିଆ ଫ୍ଲେକ୍ସ, ପର୍ଦ୍ଦାରେ କେତେଟା ଓସ୍ତାଦ୍‌ଙ୍କ କେବଳ ଭାବରେ ଡି. ଟିଙ୍ଗେଶ୍ୱରରାଓ, ଏମ୍ ଚତୁରିକା, ଏଲ୍. ବି ମଙ୍ଗେସ, ବି.କେ. ହକଲସ୍, ସି. ମାରିଆ - ଇତ୍ୟାଦି କେତେ କେତେ ଅଚିହ୍ନା ଅଜଣା ମୁହଁର ଫଟୋ। ମୁମ୍ବାଇ, ଦିଲ୍ଲୀର ଏଇ ମହାନାମା, ଅତିନାମୀ କଳାକାରମାନେ ବାଛିବେ ପ୍ରତିଭାକୁ, ଖୋଳି ତାଡି, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ କରି ପ୍ରତିଭା ଚିହ୍ନଟ କରିବେ।

## ନୂଆ ରଜଗୀତ

ଡି. ଟିଙ୍ଗେଶ୍ୱରାଦି ଓସ୍ତାଦମାନେ ବିଚିତ୍ର ବେଶ ପୋଷାକରେ ବିଚାରକ ମଞ୍ଚ ମଣ୍ଡିଲେ। ଆଗେ ଦୋଳିଗୀତ ବୋଲାଣ। ପୁଏ ବୋଲିବେ ଗୀତ, ଝିଅ ଝୁଲିବେ ଦୋଳିରେ। 'ବନସ୍ତେ ଡାକିଲା ରଜ' - ଗୀତ ପୁରୁଣା ଓ ଘେଷେରା ହେଇଗଲାଣି। ଜଣେ ଘଞ୍ଚୁଟିଆ ଗାୟକ ନିଜେ କଂପୋଜିଥିବା ରଜଗୀତ ଗାଇଲେ-

ବଜାରେ ଖେଳୁଚି ଗଜ, ବରଷକ ସାରା ରଜ ମଉଜ ଲୋ, ଡେଲି ନୂଆ ସଜବାଜ।

ରଜ ଦୋଳି କଟ ମଟ,<br>
ନନା-ନାନୀ ମୁଣ୍ଡେ ଜରି<br>
ମୁକୁଟ ଲୋ, ଦିଶେ ପରା<br>
ରଟଝଟ।<br>
ଭାବୀ ଖେଳିଗଲେ ପଶା,<br>
ସାଇବାଲୀ ସାଥେ ସାଙ୍ଗ ସରିଲା ଲୋ,<br>
ଶାଶୁମାନେ ଲୋକହସା।

ଉଞ୍ଚେ ଉଞ୍ଚେ ଦୋଳି ଗଲା, କିଏ ସେ କୁଇନ୍ ଆଖି ମାରିଲାଲୋ, ଟୋକା ଛାତିରେ ରକା ପଶିଲା।

ଗାୟକଙ୍କ ପୁରୁଣାପ୍ରୀତିନୀ ଦୋଳିଲେ ଝୁଲୁଝୁଲୁ ବାଲିଲେ ଖସି ପଇଲେ। ବାଜିଲା ଘନ ଘନ ତାଳି। ପାଂଚୟାସିକ୍ ପୁଞ୍ଜି ଖେଳିବାକୁ ଆସି କଂଠରେ ଗାଇଲେ କୋରସ୍ ପୁଞ୍ଜି ଗୀତ-

ପୁଞ୍ଜିଲୋ, ଯାଆ ଘୁଞ୍ଜିଲୋ, ପାଖେ ଥାଇ ଦେଏ କେଞ୍ଚି ଲୋ,

ଉଠେଇବି, ହଟେଇବି, ମୋବାଇଲ୍ ବିଲ୍ ଭରି ଦେଇ ସିନା, ତୋତେ ଦିନ ନିଶେଁ ପଟେଇବି।

କିନ୍ନରୀ ଭଂଗୀରେ ଆରମ୍ଭ ହେଲା ଠିଆ ପୁଞ୍ଜି - ମିଳିତ କଂଠରେ-

ଠିଆପୁଞ୍ଜି ନାରଙ୍ଗ, ଆ ଯିବା ବାରଙ୍ଗ,<br>
ଆଣିବା ସେଠୁ ନାଲି ପାଣି, ପିଇଲେ ମନ ହେବ କିଣି<br>
ମୋ ଆସିକ୍ ରାଜା, ଖାଏ ବର୍ଗର ପିଜା

ପୋଡପିଠା ମରହଟିଆ, ଷ୍ଟାର୍ଟ କର ଫଟଫଟିଆ
ବାହାରେ ଯାଇ ପିଇବା ଭାଙ୍ଗ, ଦୁନିଆଁଟା ରଙ୍ଗାରଙ୍ଗ । ।
ତାଳ ଫାଳ ନ ଥିବା ପୁଞ୍ଜରେ ବେତାଳିମାନଙ୍କ ବେଖାପିଆ ପଦପାତ। ଜଜେ, ବି.କେ. ହକଲସ୍- ଏମାନଙ୍କୁ ଷ୍ଟାଣ୍ଡବାୟ ରଖିଲେ। ଏମିତି ଦଳକୁ ଦଳ ଆଠଦଳ ଆଇଲେ । ବାହାରୁ ଏ ଗୀତ ଶୁଣୁଥିବା ଲୋକେ ନୂଆ ରଜଗୀତ ଶୁଣି ଟାଟକା, କେହି କେହି ୨୦୦ ଜାଗାରେ ୪୦୦ ଦେଇ ଭିତରେ ପଶିଲେ।

ଝିଅମାନଙ୍କ ବାଗୁଡି ଆରମ୍ଭ ହେଇଗଲା। ଜୁଡୋ କରାଟେ ଶିଖୁଥିବା କେତେ ପୁରୀହୁଣ୍ଡୀ, କେତେ ଅଧୁଲୀ ହୁଣ୍ଡି ଏଥିରେ ଯୋଗ ଦେଲେ। ଏମ୍. ଚତୁରିକା ଓ ଏଲ୍.ବି ମଙ୍ଗେସ୍ ଏଠି ଫୁଲ୍ ଜଜ୍। ଦି'ଦଳରେ ବିଭକ୍ତ ହେଲେ ବାଗୁଡୁଣୀମାନେ। ପହିଲେ ରାହାଧରି ଆସିଲେ ସି. ରାଧିକା 'ଏ କବାଡି କବାଡି' ଡାକ ଦେଇ ବୀରି ଦରପରେ ପାହି ସେପଟକୁ ଯାଉ ନ ଯାଉଣୁ ଓଢ଼ଣି ଫାସ ପକେଇ ଉଦଣ୍ଡୀ ଗାଇକି ପଘାରେ ଛନ୍ଦିବା ଭଳିଆ ଛନ୍ଦି ଦେଲେ ପ୍ରତିପକ୍ଷର ଇସିତାରାଣୀ। ସି. ରାଧିକାଙ୍କ ଭୂମି ପତନ, ନନ୍‌ଷ୍ଟପ କ୍ରନ୍ଦନ, ଆଣ୍ଠୁ ଜଖମ। ଖେଳ କିଛି କ୍ଷଣ ପାଇଁ ଅଗିତ ରହିବା ଘୋଷିତ ହେଲା।

**ବାହାରୁ ଏ ଗୀତ ଶୁଣୁଥିବା ଲୋକେ ନୂଆ ରଜଗୀତ ଶୁଣି ଟାଟକା, କେହି କେହି ୨୦୦ ଜାଗାରେ ୪୦୦ ଦେଇ ଭିତରେ ପଶିଲେ।**

ତିନିଦିନର ଏମନ୍ତ କାଣ୍ଡ କାରଖାନା ଭିତରେ ପହିଲା ଓ ଦ୍ୱିତୀୟ ରାଉଣ୍ଡ ପରେ ମେଗା ରାଉଣ୍ଡକୁ ତଥାପି କିଛି ଉଠିଲେ। ଦୋଳି, ପୁଞ୍ଜରେ କେଇଟା ଟାଉକା ବାନା ଜଖମ, ବାଗୁଡିରେ କେତେ ବୀରାଙ୍ଗନାଙ୍କ ଆଣ୍ଠୁ, କଚଟି, ଖୁଆ, କହୁଣି ବି ସ୍ଥାନାନ୍ତରିତ। ତଥାପି କିଛି ବି ଶେଷକୁ ଆସିଲେ, ଶେଷ ପାହାଚରେ ମହାମାନ୍ୟ ମହାମାନିନୀ ଜଜ୍, ଜଜୁଣୀମାନେ ତିନି ତିନି ଜଣଙ୍କୁ ବାଛି ଫାଇନାଲ୍ କଲେ। ଏଣିକି ସେମାନଙ୍କ ପୁରସ୍କାର ପାଇଁ ପହିଲି ରଜକୁ ସମୟ ଧାର୍ଯ୍ୟ କରାଗଲା।

## ପହିଲି ରଜରେ ପୁରସ୍କାର

ପହିଲି ରଜରେ ଏ ରଜ ମଉଜ ଉଛବରେ ଜିତୁଆ ଜିତୁଆଣୀମାନେ, ଠିକଣା ଥାନକୁ ବଡ ସରାଗରେ ପୁରସ୍କାର ନେବାକୁ ଆଇଲେ। ସାଙ୍ଗରେ ସେମାନେ ସାଇପଡିଶା, ବନ୍ଧୁସୋଦରମାନେ, ୟାର, ୟାରୀ ଆସିକ, ଆସିକାମାନେ। ହାଉଯାଉ ହେଲେ- ଠିକଣା ଥାନରେ କିଛି ବି ଆୟୋଜନ ନାଇଁ, ବାତ୍ୟା ପରେ ଅସ୍ଥାୟୀ ଆଶ୍ରାଥଳ ଉଭାନ୍ ହେବା ଭଳିଆ, ତମ୍ବୁ ଘେର ନାଇଁ, ହତାଶିଆମାନେ ନିରାଶ ହେଲେ। ଘଣ୍ଟାଏ ପାରେ ଗୋଟାଏ ତିନିଚକିଆରେ ଘଣ୍ଟୁଙ୍କୁ ଥୁଆଇ ଉଭା କରେଇଲେ ବାବୁଲି ଆଉ ମକୁଆ। ଘଣ୍ଟୁଙ୍କର ଏ କି ଅବତାର ? ମୁଣ୍ଡ, ହାତ, ଆଣ୍ଠୁ, ପାଦ, ଗୋଇଠି – ସବୁଆଡେ ବ୍ୟାଣ୍ଡେଜ୍ । ଥମ ହେଇଗଲା ହଟଚମଟ, କୋଳାହଳ। ବାବୁଲି ବଡ ପାଟିରେ କହିଲେ – ଆମ ଓଲଟ ରଜ ମଉଜର ନିର୍ଦ୍ଦେଶକ ପ୍ରଯୋଜକ, ଆୟୋଜକ ଘଣ୍ଟୁଆଇଙ୍କ ଆକ୍‌ସିଡେଣ୍ଟ୍‌ରେ ଅବସ୍ଥା ଏମିତି। ଏ ଅବସ୍ଥାରେ କ'ଣ ଆଜି ପୁରସ୍କାର ଉଛବ ମନେଇଁ ହେଇଥାନ୍ତା ? ବରଂ ଏଇଟାକୁ ଶେଷ ରଜକୁ ଘୁଞ୍ଚେଇ ଦେଉଚୁ। ଆପଣମାନେ ଘଣ୍ଟୁଆଇଙ୍କୁ ଆଶୀର୍ବାଦ କରନ୍ତୁ- ସେ କେମିତି ସମାନେ ସୁସ୍ଥ ହେଇଯାଆନ୍ତୁ। ଆଗେ ଜୀବନ ନା ଆଗେ ଉଛବ ?' ସେମାନଙ୍କ ଭିତରେ ଘଣ୍ଟୁ ଆଗରୁ ସେଟ୍ କରିଥିବା ତିନି ଚାରିଜଣଙ୍କ ମୁହଁରୁ ବାହାରିଲା- 'ଆଗେ ଜୀବନ, ଜୀବନ ଥିଲେ କେତେ ଉଛବ ହେବ।"

ତତ୍‌କ୍ଷଣାତ୍ ଲେକେ ବି ସେଇକଥା ଦୋହରାଇ ପିଛେ ମୁଡ୍ ଚେଞ୍ଚଲ୍, ଥାନ ଫାଙ୍କା। ଘଣ୍ଟୁ ଆଦେଶିଲେ- 'ଆରେ ଏ ପଟି ସବୁ ଖୋଲବେ, ଗରମ ଲାଗିଲାଣି, ଆଉ ସମ୍ଭାଳି ହେଉନି।' ପଟି ଖୋଲା ହେଲା, ଘଣ୍ଟୁ ତାଙ୍କ ସହକର୍ମୀଙ୍କ ପାଉଣା ପଣି ତୁଟେଇ ମହା ଆରାମରେ ଗୃହାବସ୍ଥାନ କଲେ। ଶେଷରଜର ସକାଳଠାରୁ ଘଣ୍ଟୁଙ୍କ ଫୋନ୍ ସୁଇଚ୍ ଅଫ୍ ଥିଲା।

ପ୍ରତିଯୋଗୀଙ୍କ ପଡ଼ିଶାଏ ଛିଗୁଲେଇଲେ 'ଅଜବ ରଜ ମଉଜ'- ବାଃ – ବାଃ। ଏମନ୍ତ ଆଖେଡାରେ ତମେମାନେ ଯାଇ ନିଶ୍ଚେ କିଛି ପୁରସ୍କାର ପାଇଥିବ ନା। ଉଲୁଛିଆ ପ୍ରତିଯୋଗୀମାନଙ୍କ ତୁଣ୍ଡରେ ଯେମିତି କେବଳ ତୁଳାବିଣ୍ଡା ମୁଦ ଦିଆଯାଇଥିଲା।

(କ୍ରମଶଃ)


□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

ସାକ୍ଷାତକାର

# ବର୍ଷୀୟାନ୍ ଲେଖକ ଓ ଭାଷାବିଜ୍ଞାନୀ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସହ ଆଳାପ

*ଡ଼. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ବୟସ ଏବେ ୭୮ ବର୍ଷ। ବିଶିଷ୍ଟ ଲେଖକ ଓ ଭାଷାବିଜ୍ଞାନୀ ରୂପୀ ସେ ସୁପରିଚିତ। କେନ୍ଦ୍ର ସାହିତ୍ୟ ଏକାଡେମୀର ଭାଷା ସମ୍ମାନ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ଏହି ବର୍ଷୀୟାନ୍ ସାରସ୍ୱତ ବ୍ୟକ୍ତିତ୍ୱ, ବୃତ୍ତିରେ ଥିଲେ ବିଭିନ୍ନ ସରକାରୀ କଲେଜରେ ଇଂଲିଶ୍ ବିଭାଗର ଅଧ୍ୟାପକ। ଏବେ ପରିଣତ ବୟସରେ ବି ସେ ସକ୍ରିୟ ଭାବରେ ରଚନା-ପ୍ରବଣ। ଏଯାଏଁ ତାଙ୍କର ଆଠଟି ଗଳ୍ପ ସଂକଳନ ଓ ଦଶଟି କବିତା ସଂକଳନ ସହିତ ସେ ଓଡ଼ିଆ ଓ ସମ୍ବଲପୁରୀ-କୋଶଲୀ ଭାଷା ସମ୍ପର୍କିତ ଅନେକ ଶବ୍ଦକୋଷ, ବ୍ୟାକରଣ ଓ ଭାଷାତାତ୍ତ୍ୱିକ ପୁସ୍ତକର ରଚୟିତା। କଟକରେ ତାଙ୍କ ବସାରେ ତା'ଙ୍କୁ ସାକ୍ଷାତ କରି ବାର୍ତ୍ତାଲାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*



**ସାହିତ୍ୟ ଚର୍ଚ୍ଚା:** ଯେମିତି ପ୍ରାୟ ସମସ୍ତ ସାହିତ୍ୟିକଙ୍କ ଜୀବନରେ ଘଟିଥାଏ, ଆପଣଙ୍କର ସାରସ୍ୱତ ଜୀବନର ଅୟମାରମ୍ଭ ବି ହୋଇଥିଲା କବିତାରୁ। ଜଣାଯାଏ, ମାତ୍ର ୧୧ ବର୍ଷ ବୟସରେ ଆପଣ କବିତାଟିଏ ଲେଖି ଲୁଚି ଲୁଚି ଯାଇ ସ୍କୁଲ୍‌ର ନୋଟିସ୍ ବୋର୍ଡରେ ଲଗାଇ ଦେଇଥିଲେ। କ'ଣ ଥିଲା ସେଇ କବିତା ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ବାଲୁତ ବୟସରେ ମୁଁ ଲେଖିଥିବା ସେଇ ଆଶୁ କବିତାଟିର ନାଆଁ ଥିଲା 'ଜଳ ଅଭାବ କାହିଁକି ?'

**ସାହିତ୍ୟ ଚର୍ଚ୍ଚା:** ଏ ଜଳ ଅଭାବ କେଉଁଠି ଘଟିଥିଲା ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ସେ ସମୟରେ ଆମେ ସ୍କୁଲ୍ ହଷ୍ଟେଲ୍‌ରେ ରହୁଥାଉଁ। ୨୦୦ ଜଣ ପିଲାଙ୍କ ପାଇଁ ଗୋଟିଏ ବୋଲି କୂଅ ଥାଏ। ଖରାଦିନେ ସେଇଟି ପ୍ରାୟ ଶୁଖିଯିବା ଅବସ୍ଥାକୁ ଆସିଗଲା। ଏହାର ପ୍ରତିକ୍ରିୟାରେ ମୁଁ ଲେଖିଲି, 'ଜଳ ଅଭାବ କାହିଁକି ?' କବିତାର ମୂଳ କଥାଟି ଥିଲା ଯେ, ଆମେ ତ ପାଣି ନ ପିଇ ମରିଯିବୁ; ଆଉ ପାଠ ପଢ଼ିବୁ କ'ଣ ? ଏଇଟି ଲେଖିବା ପରେ ଅନ୍ଧାର ରାତିରେ ଯାଇ ପ୍ରଧାନଶିକ୍ଷକଙ୍କ ଅଫିସ୍ କଡ଼ରେ ଥିବା ନୋଟିସ୍ ବୋର୍ଡରେ ଲଗେଇ ଦେଇଥିଲି।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ କବି-ଜୀବନର କଥା ଯେତେବେଳେ ପଢ଼ିଛି, ଗୋଟିଏ କଥା ଆମେ ଏବେ ଲକ୍ଷ୍ୟ କରୁ ଯେ, ଆପଣ ଯେମିତି ଓଡ଼ିଆ ଭାଗବତର ନବାକ୍ଷରୀ ଛନ୍ଦର ପ୍ରେମରେ ପଡିଯାଇଛନ୍ତି। ଅର୍ଥାତ୍ ଏବେ ଯାହା ବି ଲେଖୁଛନ୍ତି, ନବାକ୍ଷରୀ ଛନ୍ଦରେ। ଏମିତି କାହିଁକି ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ମୁଁ ଯାହା ବି ଅଳ୍ପ-ବହୁତ ଓଡ଼ିଆ

ସାହିତ୍ୟ ପଢ଼ିଛି, ମୋତେ ଲାଗିଲା ଯେ ସରଳ ଭାଷାରେ ଲୋକଙ୍କୁ ବୁଝାଇବାର ଉପଯୁକ୍ତ ମାଧ୍ୟମ ହେଉଛି ଏଇଆ। କାରଣ ଓଡ଼ିଆ ଏଭଳି ଏକ ଭାଷା, ଯେଉଁଥିରେ କ୍ରିୟା ପଦର ବ୍ୟବହାର ଏକାନ୍ତ ଜରୁରୀ ନୁହେଁ। ଆମେ ବିନା କ୍ରିୟାରେ ମଧ୍ୟ ନିଜର କଥା ପ୍ରକାଶ କରିପାରିବା। ଶବ୍ଦର କ୍ରମ ନାହିଁ; କେଉଁ ପଦ ପରେ କେଉଁ ପଦ ଆସିବ ତାହାର ନିର୍ଦ୍ଦିଷ୍ଟତା ନାହିଁ। ଆପଣ କହିବେ, 'ସୁନ୍ଦର ଅରଣ୍ୟ।' ଏହାକୁ 'ଅରଣ୍ୟ ସୁନ୍ଦର' ବୋଲି ମଧ୍ୟ କହିପାରନ୍ତି। ଏମିତି ଅନେକ ନମନୀୟତା ଅଛି ଆମ ଭାଷାରେ, ଯାହା ମୁଁ ଭାଗବତର ଛନ୍ଦରେ ପାଇଲି।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆପଣ ଏହି ଧାରା ଅନୁସରଣ କରି ଓ ଆମ ଭାଷାର ଏହି ବିଶେଷତ୍ୱଗୁଡ଼ିକୁ ବ୍ୟବହାର କରି ଗଦ୍ୟରେ ବି ତ ଲେଖିପାରିଥା'ନ୍ତେ ! ଆଜିକାଲି କେବଳ ପଦ୍ୟରେ ହିଁ ଲେଖୁଛନ୍ତି କାହିଁକି ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ମୁଁ ଦେଖିଲି ଯେ ଯେଉଁ ଭାବରେ ଭାଗବତ ଲେଖି ଜଗନ୍ନାଥ ଦାସ ସେ ସମୟରେ ନିଜର ମାଆ ଓ ସେ ସମୟର ନିରକ୍ଷରା ବୁଢ଼ୀମାନଙ୍କୁ ସନ୍ତୁଷ୍ଟ କରିପାରୁଥିଲେ, ସେହି ଭାଷାଟି ହିଁ ଭାବସଞ୍ଚାରର ସବୁଠାରୁ ଭଲ ମାଧ୍ୟମ।

**ମୁଁ 'ନୀର ପାନ କରିବି' ଅପେକ୍ଷା 'ପାଣି ପିଇବି' ବୋଲି କହିବାକୁ ଅଧିକ ପସନ୍ଦ କରିବି।**

**ସାହିତ୍ୟ ଚର୍ଚ୍ଚା:** ଇଂଲିଶ୍ ବିଭାଗର ଅଧ୍ୟାପକ ହୋଇ ସୁଦ୍ଧା ଆପଣ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ଅଧ୍ୟୟନ ଓ ଗବେଷଣା ପ୍ରତି ଅଧିକ ରୁଚି ଦେଖାଇଲେ କାହିଁକି ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** କାହିଁକି ନା, ଇଂଲିଶ୍ ଅଧ୍ୟାପକ ହେବା ପଛରେ ମୋ'ର ଉଦ୍ଦେଶ୍ୟ ଥିଲା, ଏହି ଭାଷାରେ ଯଦି ମୁଁ ସ୍ନାତକୋତ୍ତର ଡିଗ୍ରୀଟିଏ ହାସଲ କରିନିଏ, ତେବେ ମୋ'ର ଜୀବିକା ଉପାର୍ଜନ ପାଇଁ କୌଣସି ଅସୁବିଧା ହେବନାହିଁ। ଭାବିଲି ନିଜର ଥଇଥାନ ପାଇଁ ଇଂଲିଶ୍ ବିଭାଗର ଅଧ୍ୟାପକ ହେବାଟା ହେଉଛି ମୋ'ର ବୃତ୍ତି। ଏଥିରେ ଚାକିରି ପାଇବାରେ ବିଶେଷ ପ୍ରତିଯୋଗିତା ନାହିଁ।

**ସାହିତ୍ୟ ଚର୍ଚ୍ଚା:** ସେଇଟି ବୃତ୍ତି ହେଲେ, ଓଡ଼ିଆ ଭାଷା ବିଷୟରେ ଅଧ୍ୟୟନ ଓ ଗବେଷଣା ହେଉଛି ଆପଣଙ୍କର ନିଶା !

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ନିଶା ନୁହେଁ, ପ୍ରବୃତ୍ତି ବୋଲି କହିପାରନ୍ତି।

**ସାହିତ୍ୟ ଚର୍ଚ୍ଚା:** ଆପଣ ପୂର୍ବରୁ ଆମକୁ ଥରେ କଥା ପ୍ରସଙ୍ଗରେ କହିଥିଲେ ଯେ ଆପଣଙ୍କ ମାତୃଭାଷା ହେଉଛି ସମ୍ବଲପୁରୀ, ଏବଂ ଦ୍ୱିତୀୟ ଭାଷା ଓଡ଼ିଆ। ଏମିତି ଭାବନ୍ତି କାହିଁକି ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ସତ ସେଇଟା। ମୁଁ ପିଲାଦିନେ ପ୍ରଥମ ଭାଷା ଯେଉଁଟା ଶିଖିଲି ସେଇଟା ମୋ'ର ମାଆର ଭାଷା, ମୋ'ର ବାପାର ଭାଷା, ଗାଆଁ ସାରାର ଭାଷା। ସେଇଟା ଶିଖିସାରିବା ପରେ ମୁଁ ଯେତେବେଳେ ସ୍କୁଲ୍‌କୁ ଗଲି, ମୋତେ ଓଡ଼ିଆ ଭାଷା ଶିକ୍ଷା ଦିଆଗଲା।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ଭାଷାର ସରଳୀକରଣ ପାଇଁ ଆପଣ ବହୁ ଦିନ ହେଲା ପ୍ରୟାସରତ ଅଛନ୍ତି। ତେବେ, ଆମ ଭାଷାକୁ ସରଳ କରିବାର ଏତେ ଆବଶ୍ୟକତା ଅଛି ବୋଲି ଆପଣ କାହିଁକି ଭାବନ୍ତି ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ମୁଁ ଏହା ଭାବେ ଏଥିପାଇଁ ଯେ ଯଦି ଗୋଟିଏ ଶବ୍ଦର ବହୁରୂପୀ ବନାନ ରହିଲା, ଏବଂ ସେହି ବନାନଗୁଡ଼ିକ ମଧ୍ୟରୁ ସବୁଗୁଡ଼ିକ ଶୁଦ୍ଧ, ତେବେ ସେଥି ମଧ୍ୟରୁ ଯାହା ସରଳ, ପିଲାମାନଙ୍କ ପାଇଁ କଷ୍ଟସାଧ୍ୟ ନୁହେଁ, କମ୍ପ୍ୟୁଟରରେ ଲେଖିବାକୁ ସହଜ ଓ ଯାହାର ଅର୍ଥ ମଧ୍ୟ ସ୍ପଷ୍ଟ, ତାହା ବ୍ୟବହୃତ ହେବା ଉଚିତ। ଯେମିତି 'ନୀର ପାନ କରିବି,' ଅପେକ୍ଷା ମୁଁ 'ପାଣି ପିଇବି' ବୋଲି କହିବାକୁ ଅଧିକ ପସନ୍ଦ କରିବି।


**ସାହିତ୍ୟ ଚର୍ଚ୍ଚା:** ଆପଣ ଶବ୍ଦ ଚୟନ କଥା ଯାହା କହିଲେ, ତାହା ଛଡ଼ା ବି, ଆମ ଭାଷାର କେତେକ ଯୁକ୍ତାକ୍ଷର ଏଡ଼ାଇବା ସପକ୍ଷରେ ଆପଣ ମତ ଦିଅନ୍ତି।

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** କାରଣ ଆମର ମୌଳିକ ବର୍ଣ୍ଣମାଳାରେ ଯେତେକ ଅକ୍ଷର ଅଛି, ତାହାଠାରୁ ବହୁ ଅଧିକ ଯୁକ୍ତାକ୍ଷର ଅଛି। ବ୍ରାହ୍ମୀ ଲିପିରୁ ଉଦ୍‌ଭୂତ ଅନେକ ଆର୍ଯ୍ୟ ଭାରତୀୟ ଭାଷା, ଯେପରି ମରାଠୀ, ହିନ୍ଦୀ ଓ ଗୁଜରାଟୀ – ସମସ୍ତେ ସରଳୀକରଣ କରିସାରିଲେଣି। ଆମେ ମଧ୍ୟ ଏହା କରିବାର ଆବଶ୍ୟକତା ଅଛି।

**ସାହିତ୍ୟ ଚର୍ଚ୍ଚା:** ଆଜିକାଲି ମୋବାଇଲ୍ ଓ କମ୍ପ୍ୟୁଟରରେ ୟୁନିକୋଡ୍ ଲିପି ମାଧ୍ୟମରେ ଓଡ଼ିଆ ଭାଷାର ଯେଉଁ ବ୍ୟବହାର ହେଉଛି, ସେଥିରେ ଆପଣଙ୍କର ମଧ୍ୟ ଗୋଟିଏ ଭୂମିକା ଅଛି।

ଆପଣ ଏକଦା ପୁଣେସ୍ଥିତ ଭାରତ ସରକାରଙ୍କ ସି-ଡାକ୍ ସଂସ୍ଥା ସହିତ ସମନ୍ୱୟ ସ୍ଥାପନ କରି ଓଡ଼ିଆ ଲିପିର କମ୍ପ୍ୟୁଟରୀକରଣକୁ ଏକ ନୂଆ ଦିଶା ଦେଇଥିଲେ। ଏଥିରେ କୌଣସି ବିଶେଷ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ କି?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ଦେଖନ୍ତୁ, ୟୁନିକୋଡ୍ ହେଉଛି ଗୋଟିଏ ବିଶ୍ୱବ୍ୟାପୀ ବ୍ୟବସ୍ଥା। ଏହା ଏବେ ବି ନିର୍ମିତ ହେଉଛି। ତହିଁରେ ଯେଉଁ ସବୁ ଅସୁବିଧା ଅଛି, ତା'କୁ କାଳକ୍ରମେ ସଂଶୋଧନ କରାଯିବ। କିନ୍ତୁ ଯେଉଁ ସଂସ୍ଥାଗତ ଉଦ୍ୟମ ଦରକାର ତାହା ଆମ ଓଡ଼ିଶାରେ ଅନ୍ତତଃ ନାହିଁ। 'ସି-ଡାକ୍'ର ସମସ୍ୟା ହେଲା, ଯେ ଏକଦା ଓଡ଼ିଆ ଭାଷାର ଲିପି, ସି-ଡାକ୍ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ପରବର୍ତ୍ତୀ ସମୟରେ ଏହି ଦାୟିତ୍ୱଟା ନେଇଗଲେ ଆମ ଏଠାକାର 'ଓକାକ୍' ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ। ସେମାନେ ଆଉ ଏ କ୍ଷେତ୍ରରେ ସକ୍ରିୟତା ଦେଖାଇଲେ ନାହିଁ।




**ସାହିତ୍ୟ ଚର୍ଚ୍ଚା:** 'ଭାଷା ଭାଗବତ' ଆପଣଙ୍କର ଗୋଟିଏ ଅନୁପମ କୃତି। ଏହାର ପ୍ରଥମ ଖଣ୍ଡ ପ୍ରକାଶ ପାଇସାରିଛି। ଏବେ ଦ୍ୱିତୀୟ ଖଣ୍ଡଟି ପାଇଁ ଆପଣ ପ୍ରତିଦିନ ନବାକ୍ଷରୀ ଛନ୍ଦରେ ପଦ୍ୟ ଆକାରରେ ଓଡ଼ିଆ ଭାଷାର କେତେକ ସମସ୍ୟା ଉପରେ ଆଲୋକପାତ କରୁଛନ୍ତି, ଯାହା ସୋସିଆଲ୍ ମିଡିଆରେ ପ୍ରକାଶିତ ମଧ୍ୟ ହେଉଛି। ଲାଗୁଛି, ଏହା ଯେମିତି ଅସରନ୍ତି ସମୟ ପାଇଁ ଚାଲିବ। ତେବେ ଆମ ଭାଷାରେ କ'ଣ ଏତେ ସମସ୍ୟା ଅଛି ଯେ ତାହା ଉପରେ ଆଲୋଚନା ଶେଷ ହୋଇପାରିବ ନାହିଁ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ସମସ୍ୟା ଯଦି ନ ଥାଆନ୍ତା, ତେବେ ମୋତେ ଦିଶନ୍ତା କେମିତି? ସମସ୍ୟା ଦିଶୁଛି ଏବଂ ବେଳେବେଳେ ସମାଧାନ ଦିଶୁଛି, କିନ୍ତୁ ବେଳେବେଳେ ସମାଧାନ ବି ଦିଶୁନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣ ମଧ୍ୟ ଯେ ଜଣେ ଦକ୍ଷ ଗାଳ୍ପିକ, ଏକଥା ବୋଧହୁଏ ବିଶେଷ ଲୋକଲୋଚନକୁ ଆସିନାହିଁ। ଆପଣଙ୍କର ତ ଆଠଗୋଟି ଗଳ୍ପ ସଂକଳନ ପ୍ରକାଶ ପାଇଛି। କିନ୍ତୁ ଆପଣ ଗଳ୍ପ ରଚନାରୁ ଏବେ ଦୂରେଇ ଯାଇଛନ୍ତି କାହିଁକି?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ମୁଁ ଗଣିକରି ଦେଖିଲି ଯେ ମୋର ଯେତେବେଳେ ୧୮୬ଟି ଗଳ୍ପ ହୋଇଗଲା ବରାଦିଆ ଗଳ୍ପ ଲେଖିବାପାଇଁ ମୁଁ ଆଉ ସମର୍ଥ ହେଲି ନାହିଁ ; ମୋ'ର ଏଥିପାଇଁ ଆଗ୍ରହ ବି ହେଲା ନାହିଁ।

**ସାହିତ୍ୟ ଚର୍ଚ୍ଚା:** ବରାଦିଆ ଗଳ୍ପ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ଗୋଟିଏ ସମୟରେ ବହୁତ ପତ୍ରପତ୍ରିକା ମୋତେ ଗପ ମାଗିଲେ, ଏବଂ ନ ଦେଲେ ମୁହଁ ଫୁଲେଇଲେ। ମୁଁ ଦେଖିଲି ଯେ ନାଇଁ, ଏ ଚାହିଦା ମୁଁ ପୂରଣ କରିପାରିବି ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର କାଳଜୟୀ ଗଳ୍ପଗୁଡ଼ିକ ଭିତରୁ ଗୋଟିଏ ହେଲା, 'ନିରବତାର ଜନ୍ମସ୍ଥାନ,' ଯେଉଁଥିରେ ଆପଣ ଗୋଟିଏ ଅବହେଳିତ ଶବର ଦୁର୍ଦ୍ଦଶା ବଡ଼ ମାର୍ମିକ ଭାବରେ ବର୍ଣ୍ଣନା କରିଛନ୍ତି। କ'ଣ ଥିଲା ଏହି ଗଳ୍ପ ପଛର ପ୍ରେରଣା?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ଏଇଟା ପ୍ରେରଣା ନୁହେଁ, ଗୋଟିଏ ସତ୍ୟ ଅନୁଭୂତି। ହରିଶଙ୍କରଠାରେ ଥିବା ସେଇ ଝରଣାରେ ପ୍ରକୃତରେ ଜଣେ ସାଧୁଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା। ସେ କେଉଁଠୁ ଆସିଥିଲେ ଏବଂ କାହିଁକି - ତାଙ୍କର ପରିଚୟ କାହାକୁ ଜଣା ନ ଥିଲା। ତାଙ୍କର ଶବକୁ ସତ୍କାର କରିବା ପାଇଁ କେହି ବି ଆଗେଇ ଆସି ନ ଥିଲେ। ଏହାରି ଉପରେ ଲେଖିଥିଲି ଗଳ୍ପଟି।

**ସାହିତ୍ୟ ଚର୍ଚ୍ଚା:** 'ସମ୍ବଲପୁରି ଓଡ଼ିଆ ବ୍ୟାକରଣ' ଓ 'ସମ୍ବଲପୁରି କୋଶଳୀ ବ୍ୟାକରଣ' ଆପଣଙ୍କ ଦ୍ୱାରା ରଚିତ ଦୁଇଟି ପ୍ରାମାଣିକ ଗ୍ରନ୍ଥ। ଏ ଦୁଇଟି ବହି ନିଜର ସାର୍ଥକ ଭୂମିକା ତୁଲାଇବାରେ ସମର୍ଥ ହୋଇଛନ୍ତି ବୋଲି ଆପଣ ଭାବନ୍ତି କି?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ବ୍ୟାକରଣ ବହିଟିର ମୁଁ ଏକକ ଲେଖକ ନୁହେଁ। ଶ୍ରୀ ନୀଳମାଧବ ପାଣିଗ୍ରାହୀ ମଧ୍ୟ ମୋ ସହିତ ଥିଲେ। ଅନେକ ଲୋକ ମୋତେ ସାହାଯ୍ୟ ନ କରିଥିଲେ ମୁଁ

ଏ ବହି ଦୁଇଟି ଲେଖିପାରି ନ ଥାନ୍ତି। ମୁଁ ଗୋଟିଏ ଶବ୍ଦ-ଭିକାରି ହୋଇ ପଶ୍ଚିମାଞ୍ଚଳର ବହୁ ସ୍ଥାନ ବୁଲିଛି। ଏଇଟା ଯେହେତୁ ସେହି ଭାଷାର ପ୍ରଥମ ଶବ୍ଦକୋଷ, ତେଣୁ ହୁଏତ ବିଶେଷ ଭୂମିକା ନେଲା।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ଭାଷାର ବିଭିନ୍ନ ପ୍ରସଙ୍ଗକୁ ନେଇ ଆପଣଙ୍କ ପ୍ରକାଶିତ ପୁସ୍ତକର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଆପଣଙ୍କ ଦ୍ୱାରା ରଚିତ 'ଓଡିଆ ବ୍ୟାକରଣ କୋଷ', 'ଶବ୍ଦଗଠନ କୋଷ', ଓ 'ବର୍ଣ୍ଣ ବିଧାନ' ଆଦି ବହି ଆପଣଙ୍କ ଦ୍ୱାରା ଓଡ଼ିଆ ଭାଷାର ଗଭୀର ଅଧ୍ୟୟନର ପରିଣାମ। ଏହି ମହତ୍ତ୍ୱପୂର୍ଣ୍ଣ ବହିଗୁଡିକୁ ଲେଖିବା ପାଇଁ ଆପଣ ଆବଶ୍ୟକୀୟ ଧୈର୍ଯ୍ୟ ଓ ସମୟ କେମିତି ପାଇଲେ ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ମୁଁ ଯେଉଁ ପ୍ରକାର ବୃତ୍ତିରେ ଥିଲି, ଏଥିପାଇଁ ସମୟ ଜୁଟାଇବା ମୋ ପକ୍ଷରେ କଠିନ ନ ଥିଲା। ଓଡ଼ିଆ ଭାଷାରେ ଯେତେବେଳେ ଦେଖିଲି ଯେ ଗୁଡ଼ିଏ ବହି ନାହିଁ, ଯେମିତି ସମାର୍ଥ-କୋଷଟିଏ, 'ଥେସାରସ୍'ର ଅଭାବ ଦୂର କରିବାପାଇଁ 'ଶବ୍ଦନିଧି' ନାମକ ବହିଟିଏ ଲେଖିଲି। ଏଥିପାଇଁ ଧୈର୍ଯ୍ୟର ଅଭାବ ନ ଥିଲା।

**ମୁଁ ଭାବୁଛି ଯେ 'ସମ୍ବାଦ'ରେ ଯାହା ବି ପ୍ରୟୋଗ ହୋଇଥିଲା ତାହା ଯଥାର୍ଥ ଓ ସମୟୋପଯୋଗୀ ଥିଲା।**

**ସାହିତ୍ୟ ଚର୍ଚ୍ଚା:** ଭାଷା ସଂସ୍କାର ପ୍ରସଙ୍ଗରେ ସକ୍ରିୟତା ଦେଖାଇଥିବାରୁ ଆପଣଙ୍କୁ ଅନେକ ସମୟରେ ବିବାଦ ଘେରରେ ମଧ୍ୟ ରହିବାକୁ ପଡିଛି। ଆପଣଙ୍କ ପରାମର୍ଶ କ୍ରମେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଖବରକାଗଜ 'ସମ୍ବାଦ'ରେ କେତୋଟି ଯୁକ୍ତାକ୍ଷରର ପ୍ରୟୋଗ ବନ୍ଦ ହୋଇଯିବାରୁ ଗୋଟିଏ ସମୟରେ ଏହା ବିରୁଦ୍ଧରେ ପ୍ରତିବାଦ ଜଣାଇ ଓଡ଼ିଶାର ରାସ୍ତାଘାଟରେ ଏହି ଖବରକାଗଜର ପୋଡାଜଳା କରାଗଲା। କୁହାଯାଏ ଯେ ଏହା ଫଳରେ କାଗଜଟିର ପ୍ରସାର ସଂଖ୍ୟା ବହୁତ କମିଗଲା, ଏବଂ ଏହାକୁ ଆର୍ଥିକ କ୍ଷତି ମଧ୍ୟ ହେଲା। ଏହି ବିଫଳ ପ୍ରୟୋଗ ପାଇଁ କିଛି ଅବସୋସ ଅଛି କି ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** 'ସମ୍ବାଦ'ରେ ଯାହା ହୋଇଛି ବା ହେଉଛି, ତାହା ସଂସ୍ଥାଗତ ନିଷ୍ପତ୍ତି। ମୁଁ ଭାବୁଛି ଯେ ଯାହା ବି ପ୍ରୟୋଗ ହୋଇଥିଲା ତାହା ଯଥାର୍ଥ ଓ ସମୟୋପଯୋଗୀ ଥିଲା। ହୋଇପାରେ, ଏହାକୁ କାର୍ଯ୍ୟକାରୀ କରିବାର କୌଶଳରେ କିଛି ଗୋଲମାଳ ଥିଲା କିମ୍ବା କିଛି ଲୋକ 'ଯାହା ଚାଲିଛି - ତାହା ଚାଲିଥାଉ' ମାନସିକତାରେ ଥିଲେ। ଅନ୍ୟ ସମ୍ବାଦପତ୍ରମାନେ ମଧ୍ୟ ଏଥିରେ ସହଯୋଗ କଲେ ନାହିଁ। ଏହିଭଳି ବିଭିନ୍ନ କାରଣରୁ ଏଥିରେ କିଛି ସମସ୍ୟା ଦେଖାଦେଲା।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ 'ବର୍ଣ୍ଣବୋଧ'କୁ ନେଇ ମଧ୍ୟ ଏଭଳି ଏକ ଘଟଣା ଘଟିଥିଲା, ଯାହାର ପ୍ରଣୟନରେ ଆପଣଙ୍କର ଏକ ଭୂମିକା ଥିଲା ବୋଲି କୁହାଯାଏ। ଏ ସମ୍ପର୍କରେ ହାଇକୋର୍ଟଙ୍କ ରାୟ ପରେ ସରକାରୀ ନିଷ୍ପତ୍ତି ଫଳରେ ପ୍ରାୟ କୋଟିଏ ଟଙ୍କାରୁ ଅଧିକ ମୂଲ୍ୟର ବହି ପିଲାମାନଙ୍କ ମଧ୍ୟରେ ବଣ୍ଟା ନ ଯାଇ ଏବେ ଗୋଦାମରେ ପଡ଼ିରହିଛି। ଏହି ନୂଆ 'ବର୍ଣ୍ଣବୋଧ' ବିରୋଧରେ ସମାଲୋଚନାର ମୂଳ ହେତୁ କ'ଣ ଥିଲା ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ଯେଉଁମାନେ ସମାଲୋଚନା କଲେ, ସେମାନେ କହିବେ। ବର୍ଣ୍ଣବୋଧରେ ଆମେ କିଛି ପରିବର୍ତ୍ତନ କରି ନ ଥିଲୁ, କେବଳ କିଛି ବିକଳ୍ପ ବନାନ ସୂଚାଇ ଦେଇଥିଲୁ। ମୂଳ ବନାନ ସବୁ ଯଥାପୂର୍ବ ରହିଛି। ସରକାର ତିନି ଜଣଙ୍କୁ ଏହାର ସଂପାଦନା ଦାୟିତ୍ୱ ଦେଇଥିଲେ। ମୁଁ ଏହାର ଏକମାତ୍ର ସଂପାଦକ ନ ଥିଲି।

**ସାହିତ୍ୟ ଚର୍ଚ୍ଚା:** ଏବେ ୭୮ ବର୍ଷର ପରିଣତ ବୟସରେ ବି ଭାଷା ଓ ସାହିତ୍ୟ ବିଷୟରେ ଅନୁଶୀଳନ ଓ ଗବେଷଣା କରିବା ପାଇଁ ଆପଣଙ୍କର ଯୁବସୁଲଭ ଉଦ୍ଦାମତା ରହିଛି। ଏହାର ରହସ୍ୟ କ'ଣ ?

**ପ୍ରଫୁଲ୍ଲ କୁମାର ତ୍ରିପାଠୀ:** ଯୁବ ନୁହେଁ, ମୋର ଶିଶୁସୁଲଭ କୌତୂହଳ ରହିଛି। ମୋ'ର ବୟସ ବଢ଼ିଚାଲିଲେ ବି ମୋ ଭିତରେ ସେହି ଶିଶୁଟି ଅଛି, ସେହି ଯୁବକଟି ଅଛି, ସେହି ପ୍ରୌଢ଼ ଅଛି, ସେ ବୃଦ୍ଧ ମଧ୍ୟ ଅଛି। ଏ ସମସ୍ତଙ୍କର ଗୋଟିଏ ସମନ୍ୱୟ ହୋଇଯାଇଛି ମୋ ଭିତରେ, ବର୍ତ୍ତମାନ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପଯୋଗୀ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□




ପ୍ରବନ୍ଧ

# ଓଡ଼ିଆ ଚଳଚ୍ଚିତ୍ରରେ ଆମ ସାହିତ୍ୟର ଭୂମିକା

ସଂବିତ ମିଶ୍ର

ଧାନ ହେଉଚି ସେଇ ମୂଳ ଉପାଦାନ, ଯେଉଁଥିରୁ ଚାଉଳ ପ୍ରସ୍ତୁତ ହୁଏ, ଆଉ ଚାଉଳକୁ ନେଇ, ଭାତ, କାନିକା, ପିଠା, ଖିରି, ମୁଢ଼ି, ମୁଆଁ ଇତ୍ୟାଦି ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ସମାଗ୍ରୀ ପ୍ରସ୍ତୁତ କରାଯାଏ। ଏଇ ନ୍ୟାୟରେ ବିବେଚନା କଲେ, ସାହିତ୍ୟ ହେଉଚି ସେଇ ମୁଖ୍ୟ ଉପାଦାନ, ପ୍ରକାଶକଳାର ବିଭିନ୍ନତା ନେଇ ଏହା କାହାଣୀ, ଗପ, ଉପନ୍ୟାସ, କାବ୍ୟ, କବିତା, ନାଟକ ପ୍ରଭୃତି ମାଧ୍ୟମରେ ଆତ୍ମପ୍ରକାଶ କରେ। ସାହିତ୍ୟର ବିବିଧ ବିଭାଗ ମଧ୍ୟରେ କେବଳ ଦୃଶ୍ୟକଳା ହୋଇଥିବାରୁ ନାଟକ ହେଉଚି ସ୍ୱତନ୍ତ୍ର। ନାଟକୀୟତା ଏହାର ବୈଶିଷ୍ଟ୍ୟ। ବିଶେଷ ମଞ୍ଚ ହେଉ ବା ପଥପ୍ରାନ୍ତ ବା ପ୍ରେକ୍ଷାଳୟ ହେଉ, ଭିନ୍ନ ଭିନ୍ନ ରୂପରେ ନାଟକ ଅଭିନୀତ ହୋଇପାରେ। ଅଭିନେୟତ୍ୱ ଏହାର ବିଶେଷ ଗୁଣ ଓ ଲକ୍ଷଣ। ଚଳଚ୍ଚିତ୍ର ହେଉଚି ନାଟକର ପ୍ରତିଛାୟା। ଏହାର ନାଟକୀୟତା ପ୍ରତ୍ୟକ୍ଷରେ ନୁହେଁ, ବରଂ କେବଳ ପରୋକ୍ଷରେ ପର୍ଦ୍ଦାରେ ପ୍ରତିବିମ୍ବିତ ହୋଇ ଉପଭୋଗ୍ୟ ହୋଇଥାଏ।




ଚଳଚ୍ଚିତ୍ର ହେଉଚି ସେଇ ସୃଜନଶୀଳ କଳା, ଯାହାର ଆଦ୍ୟପ୍ରାନ୍ତ ସାହିତ୍ୟ ସହିତ ସଂପୃକ୍ତ। ତାହା ଯେଉଁ ଭାଷାରେ ନିର୍ମିତ ହୋଇଥାଉ ପଛେ, ତାହା ଭାଷା ଓ ସମାଜର ପ୍ରତିଛବିକୁ ପ୍ରତିବିମ୍ବିତ କରେ। ଚଳଚ୍ଚିତ୍ରର ପ୍ରଥମ ଉପାଦାନ ହେଉଚି କାହାଣୀ, ଯାହାକୁ ସାହିତ୍ୟ ହିଁ ତିଆରି କରେ। କାହାଣୀକୁ ସୁନ୍ଦର ଭାବରେ ଗତିଶୀଳ କରିବା ଦିଗରେ ଚଳଚ୍ଚିତ୍ର ଯତ୍ନ କରେ। ଅନେକ ସ୍ଥଳରେ ଚଳଚ୍ଚିତ୍ରକୁ ପ୍ରାଣବନ୍ତ କରି ଗଢ଼ିତୋଳେ ଏହାର ଆକର୍ଷଣୀୟ ସଂଳାପ ଓ ମନୋମୁଗ୍ଧକାରୀ ସଂଗୀତ। ତେଣୁ ସଂଳାପ ହେଉ ବା ସଙ୍ଗୀତ ହେଉ, ପ୍ରତ୍ୟେକର ମୂଳ ଉତ୍ସ ହେଉଚି ସାହିତ୍ୟ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଚଳଚ୍ଚିତ୍ରକୁ ଓଡ଼ିଆ ସାହିତ୍ୟ କିଭଳି ବିଭିନ୍ନ ଭାବରେ ପ୍ରଭାବିତ କରିଚି, ଏଠାରେ ତାହାର ସଂକ୍ଷିପ୍ତ ଆଲୋଚନା ଦର୍ଶାଯାଇପାରେ।

**ମୂଳ ଉପାଦାନ**

ସେହିଭଳି ଚଳଚ୍ଚିତ୍ରର ମୂଳ ଉପାଦାନ କାହାଣୀ ହୋଇଥିବାରୁ, ଚିତ୍ରନିର୍ମାତାମାନେ ପ୍ରଥମେ ଉତ୍ତମ କାହାଣୀ ଖୋଜି ବସନ୍ତି। ବେଳେବେଳେ ପ୍ରତିଷ୍ଠିତ କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ପସନ୍ଦ କରିଥାନ୍ତି। ଓଡ଼ିଆ ଚଳଚ୍ଚିତ୍ରରେ ଏହି ଧାରା ପରିଲକ୍ଷିତ ହୁଏ। ଓଡ଼ିଆ ଚଳଚ୍ଚିତ୍ରରେ ଗଳ୍ପ, ଉପନ୍ୟାସ, ନାଟକ, ଜନଶ୍ରୁତି, ଇତିହାସ ପ୍ରଭୃତିରୁ କାହାଣୀର ଉତ୍ସ ସଂଗୃହୀତ ହୋଇଥିବା ଦେଖାଯାଏ। ପ୍ରବୀଣ କଥାକାର ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପର କଥାବସ୍ତୁକୁ ଆଧାରରେ ନିର୍ମିତ 'ଆଦି ମୀମାଂସା', 'ଲାବଣ୍ୟ ପ୍ରୀତି', ପ୍ରତିଭା ରାୟଙ୍କ ଗଳ୍ପ ଆଧାରରେ 'ଦେବକୀ' ଏବଂ 'ମୋକ୍ଷ', ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପଆଧାରରେ 'ନୀଳ ମାଷ୍ଟ୍ରାଣୀ' ଓ 'ମାଗୁଣିର ଶଗଡ' ଇତ୍ୟାଦି ନିର୍ମିତ ଚଳଚ୍ଚିତ୍ରଗୁଡ଼ିକ ଏହାର ଦୃଷ୍ଟାନ୍ତ। ଏସବୁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ବହୁ ସମ୍ମାନ ଲାଭ କରିଛି। କଥାକାର ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପ ଆଧାରିତ ହୋଇଛି 'ଆରଣ୍ୟକ'। ଗାଳ୍ପିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ ଗଳ୍ପ 'ଅହଲ୍ୟା'କୁ ନେଇ ନିର୍ମିତ ଚଳଚ୍ଚିତ୍ର ସୁନ୍ଦର କଳାତ୍ମକ ଚଳଚ୍ଚିତ୍ରଟିର ଆଖ୍ୟା ପାଇବା ସହିତ ରାଜ୍ୟ ଚଳଚ୍ଚିତ୍ର ଉତ୍ସବରେ ପୁରସ୍କୃତ ହୋଇଥିଲା। ଗାଳ୍ପିକ ଦେବବ୍ରତ ମଦନରାୟଙ୍କ 'ପାଉଁଜି' ଗଳ୍ପର ସଫଳ ଚିତ୍ରାୟନ

ଏଇ ଧାରାରେ ଅନ୍ୟତମ ସଂଯୋଗ।

ସାହିତ୍ୟର ଅନ୍ୟତମ ବଳିଷ୍ଠ ବିଭାଗ ହେଉଛି ଉପନ୍ୟାସ। ଉପନ୍ୟାସର କାହାଣୀ ପାଠକଙ୍କ ମନରେ ଦୀର୍ଘଦିନ ଧରି ସତେଜ ରହୁଥିବାରୁ ନିର୍ମାତାମାନେ ଉପନ୍ୟାସର ମୂଳ କାହାଣୀକୁ ନେଇ କେତେକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଏ ଦୃଷ୍ଟିରୁ ବସନ୍ତ କୁମାରୀ ପଟ୍ଟନାୟକଙ୍କ 'ଅମଡା ବାଟ', କାହ୍ନୁଚରଣଙ୍କ ଉପନ୍ୟାସ 'ଅଭିନେତ୍ରୀ', 'କା', 'ତୁଣ୍ଡ ବାଇଦ' ଏବଂ 'ଶାସ୍ତି', ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଓ ନନ୍ଦ କିଶୋର ବଳଙ୍କ 'କନକଲତା', ଫକୀର ମୋହନ ସେନାପତିଙ୍କ ଉପନ୍ୟାସ 'ଛମାଣ ଆଠଗୁଣ୍ଠ' ପ୍ରଭୃତି ଉପନ୍ୟାସଗୁଡ଼ିକର ଚଳଚ୍ଚିତ୍ରାୟନ ବେଶ ରୋଚକ। ଏଇ ଧାରାରେ ଔପନ୍ୟାସିକା କୁନ୍ତଳା କୁମାରୀ ଆଚାର୍ଯ୍ୟଙ୍କ ଉପନ୍ୟାସ 'ଅଦିନ ମେଘ' ଓ ଅମୂଲ୍ୟ କୁମାରୀ ପଟ୍ଟନାୟକଙ୍କ ଉପନ୍ୟାସ 'ଧରିତ୍ରୀ' ଚଳଚ୍ଚିତ୍ରର ରୂପ ନିଏ। 'ସୁନା ସଂସାର' ହେଉଛି ଡା. ମନ୍ମଥ ନାଥ ଦାସଙ୍କ ଉପନ୍ୟାସର ସଫଳ ଚିତ୍ରାୟନ। ପ୍ରତିଭା ରାୟଙ୍କ ଉପନ୍ୟାସ 'ଅପରିଚିତା', ବିଜୟିନୀ ଦାସଙ୍କ ଉପନ୍ୟାସ 'ଟିକେ ହସ ଟିକେ ଲୁହ', ମନୋରମା ଦାସଙ୍କ ଉପନ୍ୟାସ 'ଧାରେ ଆଲୁଅ', ସୁକାମିନୀ ନନ୍ଦଙ୍କ ଉପନ୍ୟାସ 'ଝିଅଟି ସୀତା ପରି', ବୀଣା ମହାପାତ୍ରଙ୍କ ଉପନ୍ୟାସ 'ସୁବର୍ଣ୍ଣ ସୀତା','ଭାଗ୍ୟହାତେ ଡୋରି', ଗାୟତ୍ରୀ ବସୁମଲ୍ଲିକଙ୍କ ଉପନ୍ୟାସ 'କାବେରୀ', ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସରୁ ନିର୍ମିତ ହୋଇଥିବା ଚଳଚ୍ଚିତ୍ର 'ହାକିମ୍ ବାବୁ', 'ବଧୂ ନିରୁପମା', 'ଗାରେ ସିନ୍ଦୁର ଧାରେ ଲୁହ', ଜ୍ଞାନୀନ୍ଦ୍ର ବର୍ମାଙ୍କ ଉପନ୍ୟାସ 'ମା' ପ୍ରଭୃତି ଚଳଚ୍ଚିତ୍ରଗୁଡ଼ିକ ଓଡ଼ିଆ ଚଳଚ୍ଚିତ୍ରକୁ ସମୃଦ୍ଧ କରି ଆସିଚି।

**ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ପ୍ରାଥମିକ ଅବସ୍ଥାରେ ନାଟକକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବା ଆରମ୍ଭ କରାଯାଇଥିଲା।**

## ନାଟକକୁ ନେଇ ଚଳଚ୍ଚିତ୍ର

ସାହିତ୍ୟର ସ୍ୱତନ୍ତ୍ର ବିଭାଗ ନାଟକ ହେଉଚି ଦୃଶ୍ୟକଳା। ସେଥିପାଇଁ ଚଳଚ୍ଚିତ୍ର ନିର୍ମାଣର ପ୍ରାଥମିକ ଅବସ୍ଥାରେ ନାଟକକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବା ଆରମ୍ଭ କରାଯାଇଥିଲା। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ଚଳଚ୍ଚିତ୍ରଟି ନାଟ୍ୟକାର କାମପାଳ ମିଶ୍ରଙ୍କ 'ସୀତାବିବାହ' ନାଟକରୁ ସଂଗୃହୀତ । ଦ୍ୱିତୀୟ ଚଳଚ୍ଚିତ୍ର 'ଲଳିତା'ର କାହାଣୀ, କାଳୀ ଚରଣ ପଟ୍ଟନାୟକଙ୍କ ନାଟକରୁ ଗ୍ରହଣ କରାଯାଇଛି। ପରେ ପରେ ଅଶ୍ୱିନୀ ଘୋଷଙ୍କ ନାଟକରୁ 'ଶ୍ରୀଜଗନ୍ନାଥ', 'ଶ୍ରୀଲୋକନାଥ' ଏବଂ ନାଟ୍ୟକାର କମଳ ଲୋଚନ ମହାନ୍ତିଙ୍କ ନାଟକରୁ 'ଭାଇ ଭାଉଜ', 'ଘର ସଂସାର', 'ଶ୍ରୀକୃଷ୍ଣଙ୍କ ରାସଲୀଳା' ଓ ବିଜୟ ମିଶ୍ରଙ୍କ ନାଟକରୁ 'ଯାଯାବର', 'ଅଶାନ୍ତ ଗ୍ରହ', 'ଜନନୀ' ଇତ୍ୟାଦି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକଙ୍କ ରଚନାରୁ 'ମାଣିକଯୋଡି' ଓ 'ନବଜନ୍ମ' ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଡା. ବସନ୍ତ ମହାପାତ୍ରଙ୍କ ତିନୋଟି ମଞ୍ଚନାଟକ 'ଝରାବଉଳ'ଟିର ନାମ ପରିବର୍ତ୍ତନ କରାଯାଇ 'ମନ ଆକାଶ', ଦ୍ୱିତୀୟ ନାଟକ 'ପ୍ଲାବନ' ଅନେକ ସ୍ଥାନରେ ମଞ୍ଚସ୍ଥ ହେବା ପରେ ଲୋକପ୍ରିୟତା ହାସଲ କରିଥିଲା ଓ ପରବର୍ତ୍ତୀ ସମୟରେ ତାହା 'ଶେଷ ଶ୍ରାବଣ' ଭଳି ଲୋକପ୍ରିୟ ଚଳଚ୍ଚିତ୍ରର ରୂପାନ୍ତରିତ ହୋଇଥିଲା। ସେହିପରି ତାଙ୍କର ଅନ୍ୟ ଏକ ନାଟକ 'କାଚଘର'ର ନାମ ଅପରିବର୍ତ୍ତିତ ରହି 'କାଚଘର' ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କ ନାଟକରୁ 'ଅଭିମାନ', 'ଫୁଲଚନ୍ଦନ', 'ପରଦେଶୀ ଚଢେଇ' ଇତ୍ୟାଦି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। 'ସମର୍ପଣ' ଚଳଚ୍ଚିତ୍ରଟି ପ୍ରଫୁଲ୍ଲ ରଥଙ୍କ ନାଟକର କାହାଣୀକୁ ନେଇ ନିର୍ମାଣ ହୋଇଛି। ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ନାଟକର ନାଟ୍ୟକାହାଣୀକୁ ନେଇ ନିର୍ମିତ ହୋଇଛି 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ'। ଯଦୁନାଥ ଦାସ ମହାପାତ୍ରଙ୍କ 'ଭୁଲି ହୁଏନା' ନାଟକଟି ଚଳଚ୍ଚିତ୍ର ରୂପ ନେଇଛି। ସଫଳ ଚଳଚ୍ଚିତ୍ର 'ଭୁଖା' ହେଉଛି ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ନାଟକର ଚିତ୍ରରୂପ। ନାଟ୍ୟ କାହାଣୀକୁ ନେଇ ନିର୍ମିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ଦର୍ଶକୀୟ ଆଦୃତି ପାଇବା ସହିତ ସଫଳ ହୋଇଛି ବୋଲି ସଂଗୃହୀତ ତଥ୍ୟରୁ ସ୍ପଷ୍ଟ ପ୍ରମାଣିତ।

ପ୍ରାଥମିକ ପର୍ଯ୍ୟାୟରେ ନିର୍ମିତ ଚଳଚ୍ଚିତ୍ରର କାହାଣୀଗୁଡିକ ପୁରାଣ ଓ କିମ୍ବଦନ୍ତୀରୁ ଆସିଥିଲା। ଏହା ସହିତ ଅନେକ କାହାଣୀ ପ୍ରଥିତଯଶା ଗାଳ୍ପିକ ଓ ଔପନ୍ୟାସିକଙ୍କ କାହାଣୀ ଏବଂ ଉପନ୍ୟାସରୁ ମଧ୍ୟ ସଂଗ୍ରହ କରାଯାଇଛି। ପୁରାଣ ଓ କିମ୍ବଦନ୍ତୀର

କଥାବସ୍ତୁକୁ ନେଇ ନିର୍ମିତ ଚଳଚ୍ଚିତ୍ରଗୁଡିକ ହେଉଛି- 'ସୀତା ବିବାହ', 'ଲଳିତା', 'ଶ୍ରୀଜଗନ୍ନାଥ', 'ମହାଲକ୍ଷ୍ମୀ ପୂଜା', 'ଜୟଦେବ', 'କୃଷ୍ଣ ସୁଦାମା'। ଏଥିସହିତ ସାହିତ୍ୟରୁ ସଂଗୃହୀତ କଥାବସ୍ତୁକୁ ନେଇ ନିର୍ମାଣ କରାଯାଇଥିବା ଚଳଚ୍ଚିତ୍ରଗୁଡିକ ହେଉଛି- 'ମା', 'ମାଣିକଯୋଡି', 'ଅମଡାବାଟ', 'ନବଜନ୍ମ', 'ଅଭିନେତ୍ରୀ', 'ମଲାଜହ୍ନ', 'କା', 'ମାଟିର ମଣିଷ', 'ଅଦିନ ମେଘ', 'ଘର ବାହୁଡା', 'ଧରିତ୍ରୀ', 'କନକଲତା' ଓ 'ଅଭିମାନ' ଇତ୍ୟାଦି।

**ଶ୍ରାବ୍ୟର ମହତ୍ତ୍ୱ**

ଚଳଚ୍ଚିତ୍ର ଦୃଶ୍ୟଶ୍ରାବ୍ୟ ମାଧ୍ୟମ ହୋଇଥିବାରୁ ଏହାର ଦୃଶ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଏଥିରେ ବ୍ୟବହୃତ ଶ୍ରାବ୍ୟ ବା ଧ୍ୱନିର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ଚଳଚ୍ଚିତ୍ରରେ ଧ୍ୱନିର ତିନୋଟି ପ୍ରକରଣ ବ୍ୟବହାର କରାଯାଏ ଏବଂ ତାହାଯୋଗୁ ଚଳଚ୍ଚିତ୍ରଟି ଦେଖିବାକୁ ଆହୁରି ଆକର୍ଷଣୀୟ ମନେହୁଏ। ସେହି ତିନୋଟି ପ୍ରକରଣ ହେଉଛି- ୧-ମୁଖ ନିସୃତ ଧ୍ୱନି ବା ସଂଳାପ, ୨- ପ୍ରଚ୍ଛଦପଟ୍ଟ ସଙ୍ଗୀତ, ୩- ଧ୍ୱନି ପ୍ରଭାବ ବା ସାଉଣ୍ଡ ଇଫେକ୍ଟସ୍। ଏହି ତିନୋଟିର ମିଶ୍ରଣରେ ଚଳଚ୍ଚିତ୍ର ପରିପୁଷ୍ଟ ହୋଇଥାଏ। ଧ୍ୱନିର ତିନୋଟି ପ୍ରକରଣ ମଧ୍ୟରୁ ମୁଖ ନିସୃତ ଧ୍ୱନି ବା ସଂଳାପଟି ଅଧିକ ପ୍ରଭାବଶାଳୀ ଏବଂ ବହୁ ବର୍ଷ ଧରି ଦର୍ଶକଙ୍କ ମନରେ ତାହା ଲିପିବଦ୍ଧ ହୋଇ ରହିଥାଏ। ତେବେ ସଂଳାପଗୁଡିକ ମନଛୁଆଁ ହେବା ପାଇଁ ଯେ କେବଳ ସର୍ଜନଶୀଳତା ଆବଶ୍ୟକ ତାହା ନୁହେଁ, ବରଂ ଚଳନ୍ତି ସମୟ ଅନୁଯାୟୀ ସମୟୋପଯୋଗୀ ହେବା ଦରକାର। ଅନ୍ୟାନ୍ୟ ପ୍ରଦର୍ଶନଧର୍ମୀ କଳା ଭଳି ଚଳଚ୍ଚିତ୍ରରେ ସଂଳାପଗୁଡିକ ବହୁ ଗୁରୁତ୍ୱ ବହନ କରନ୍ତି। ଏହା ସହିତ ବିଭିନ୍ନ ନାଟକୀୟ ମୋଡ, ଘଟଣା, ସଂଘାତ ଓ କାହାଣୀକୁ ଆଗକୁ ନେବାରେ ସଂଳାପର ସ୍ଥାନ ମହତର।

ଭାରତରେ ଜାତୀୟ ଭାଷା ହିନ୍ଦୀ ସହିତ ଅନ୍ୟାନ୍ୟ ଆଞ୍ଚଳିକ ଭାଷା ଯଥା- ଓଡ଼ିଆ, ବଙ୍ଗଳା, ତେଲୁଗୁ, ତାମିଲ୍, କନ୍ନଡ, ମାଲାୟଲମ୍, ମରାଠୀ, ଭୋଜପୁରୀ, ପାବୀ, ଗୁଜରାଟୀ, ଆସାମୀ ଇତ୍ୟାଦିରେ ମଧ୍ୟ ଚଳଚ୍ଚିତ୍ର ନିର୍ମାଣ କରାଯାଏ। ଆଉ ଏସବୁଥିରେ ଅଭିନୀତ ପ୍ରତିଟି ଚରିତ୍ରର ଚିତ୍ରାୟନ କରିବା ପାଇଁ କିଛି ସଂଳାପ ରଖାଯାଇଥାଏ। ଚଳଚ୍ଚିତ୍ରଟିଏ ଆରମ୍ଭ କରିବା ପୂର୍ବରୁ କାହାଣୀର ଆବଶ୍ୟକତା ରହିଥାଏ। ଆଉ ସେହି କାହାଣୀକୁ ଗତଶୀଳ କରିବାକୁ ହେଲେ ବିଭିନ୍ନ ସିକ୍ୟୁଏନ୍ସ ଯୋଡାଯାଏ। ସିକ୍ୟୁଏନ୍ସଗୁଡିକୁ ପରସ୍ପର ସହିତ ଯୋଡିରଖିବା ପାଇଁ ସିନ୍‌ର ଆବଶ୍ୟକତା ରହିଛି। ସିନ୍‌ଗୁଡିକୁ ଗତିଶୀଳ କରିବା ପାଇଁ ସଂଳାପ ଜରୁରୀ। ସଂଳାପ ମାଧ୍ୟମରେ ଚରିତ୍ରଗୁଡିକ ନିଜ ନିଜ ଅଭିନୟ ମାଧ୍ୟମରେ ଘଟଣାପ୍ରବାହକୁ ଉପସ୍ଥାପନ କରିଥାନ୍ତି।



ସଂଳାପର ସ୍ୱଚ୍ଛତା, ବଳିଷ୍ଠ ଓ ହୃଦୟସ୍ପର୍ଶୀ ହେବା ପାଇଁ ସଂଳାପଲେଖକ ଯତ୍‌ପରୋନାସ୍ତି ଚେଷ୍ଟା କରିଥାନ୍ତି। ଅନେକ ସମୟରେ କାହାଣୀ ଅପେକ୍ଷା ଦର୍ଶକ ସଂଳାପକୁ ଅଧିକ ମନେ ରଖନ୍ତି। ଗୋଟିଏ କାହାଣୀର ମୌଳିକତାକୁ ଅତୁଟ ରଖି ନିର୍ଦ୍ଦିଷ୍ଟ ଚିତ୍ର ମାଧ୍ୟମରେ କଥାବସ୍ତୁକୁ ଆକର୍ଷଣୀୟ କରିବା ସଂଳାପ ଲେଖକଙ୍କ ପାଇଁ ଏକ ଆହ୍ୱାନ। ତେଣୁ ଜଣେ ସଂଳାପକାର ଯେ କୌଣସି ପେସାରେ ରହିଲେ ମଧ୍ୟ ତାଙ୍କର ସାହିତ୍ୟାନୁରାଗ, ବ୍ୟାକରଣଜ୍ଞାନ, ଶବ୍ଦଜ୍ଞାନ, ଲୋକମୁଖର ଲୋକକଥା, କାହାଣୀ, ଢଗଢମାଳି, ରଢି, ପ୍ରବଚନ, ପ୍ରଚଳିତ ପ୍ରଥା-ପରମ୍ପରା, ଲୋକସଂସ୍କୃତି ଇତ୍ୟାଦି ଉପରେ ଯଥେଷ୍ଟ ଜ୍ଞାନ ରହିବା ଦରକାର। ଆଉ ନିର୍ମିତ ହେଉଥିବା ଚଳଚ୍ଚିତ୍ରର ଭାଷା ଉପରେ ମଧ୍ୟ ଅଧିକ ଦଖଲ ରହିବା ଆବଶ୍ୟକ। ଗୋପାଳ ଛୋଟରାୟ, ବ୍ୟୋମକେଶ ତ୍ରିପାଠୀ, ବିଜୟ ମିଶ୍ର, ପ୍ରଶାନ୍ତ ନନ୍ଦ, ସୁବୋଧ ପଟ୍ଟନାୟକ, ଶୀର୍ଷାନନ୍ଦ ଦାସ କାନୁନଗୋ, ନନ୍ଦଲାଲ୍ ମହାପାତ୍ର, ରଣଜିତ ପଟ୍ଟନାୟକ, ରଜନୀରଞ୍ଜନ, ନିର୍ମଳ ନାୟକ, ମାନସ ପଢିଆରୀ ପ୍ରମୁଖ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ନୂତନ ଶୈଳୀର ସଂଳାପ ରଚନା କରି ନିଜର ସ୍ୱାତନ୍ତ୍ର୍ୟର ଛାପ ଛାଡିଛନ୍ତି।

ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରଠାରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ପ୍ରଯୋଜିତ ହୋଇଆସିଥିବା ଅନେକ ଚଳଚ୍ଚିତ୍ରକୁ ପୁରାତନ

କବିଙ୍କ ବିଭିନ୍ନ ସୃଷ୍ଟି ପରିପୁଷ୍ଟ କରି ଆସିଥିବା ଲକ୍ଷ୍ୟ କରାଯାଏ। ପ୍ରତିଷ୍ଠାଲବ୍ଧ କବି ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଦୀନକୃଷ୍ଣ ଦାସ, ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ପଟ୍ଟନାୟକ, ସାଲବେଗ, ମଧୁସୂଦନ ରାଓ, ଗଙ୍ଗାଧର ମେହେର, ରାଧାନାଥ ରାୟ ପ୍ରମୁଖ କବିମାନଙ୍କ ଅନେକ ରଚନା, ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସ୍ଥାନିତ ହୋଇଛି। ଏହା ସହିତ ଏହି ପ୍ରସିଦ୍ଧ କବିମାନଙ୍କ ଅମର କୃତିକୁ ସ୍ମରଣୀୟ କରି ରଖିବା ପାଇଁ - ଜୟଦେବ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତ ସାଲବେଗ ପ୍ରମୁଖ କାହାଣୀ ସୃଷ୍ଟି କରାଯାଇ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରାଯାଇଛି। କେବଳ ପାଠୁଆ ଲୋକେ କାବ୍ୟକବିତା ପଢ଼ିବାରେ କ୍ଷମ, ମାତ୍ର ଏଇ କାବ୍ୟକବିତାର ଅଂଶ ସଙ୍ଗୀତ ରୂପରେ ଚଳଚ୍ଚିତ୍ରରେ ପ୍ରକାଶ ପାଇଲେ, ତାହା ପାଠୁଆ ଅପାଠୁଆ ସର୍ବଜନ ଚିତ୍ତଗ୍ରାହ୍ୟ ହୋଇଥାଏ। ତେଣୁ ସାହିତ୍ୟର ସଙ୍ଗୀତାୟନ ଚଳଚ୍ଚିତ୍ରରେ ବିଶେଷ ପ୍ରଭାବ ସୃଷ୍ଟି କରିଥିବା ଜଣାଯାଏ।

**କାହାଣୀର ମୂଳ କଥ୍ୟ ଓ ଶୈଳୀକୁ ଅପରିବର୍ତ୍ତିତ ରଖିବା ଅନେକ ସମୟରେ ଆହ୍ୱାନ ସୃଷ୍ଟି କରିଥିବା ଦେଖାଯାଇଛି।**

କେବଳ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଯଥା- ଗଳ୍ପ, ଉପନ୍ୟାସ, ନାଟକ ଓ ଏକାଙ୍କିକାରୁ କାହାଣୀ ଚୟନ କରାଯାଇ ଚଳଚ୍ଚିତ୍ର ନିର୍ମାଣ କରାଯାଉଥିଲା। ଚଳଚ୍ଚିତ୍ରଟି ନିର୍ମାଣ ହେବା ସମୟରେ ମୂଳ ଗଳ୍ପରୁ ଚିତ୍ରିତ ରୂପକୁ ରୂପାନ୍ତରଣ କରାଯିବା ବେଳେ ସମସ୍ୟା ଉପୁଜୁଥିବାରୁ, କେତେକ କ୍ଷେତ୍ରରେ ମୂଳ କାହାଣୀର ପରିବର୍ତ୍ତନ କରାଯାଇଛି। ଯାହା ଫଳରେ ରଚୟିତା ଓ ନିର୍ଦ୍ଦେଶକଙ୍କ ମଧ୍ୟରେ ବହୁ ମତାନ୍ତର ଓ ମନାନ୍ତର ଦେଖାଦେବା ଆଦୌ ବିଚିତ୍ର ନୁହେଁ। ଏପରିକି କାହାଣୀର ମୂଳ କଥ୍ୟ ଓ ଶୈଳୀକୁ ଅପରିବର୍ତ୍ତିତ ରଖିବା ଅନେକ ସମୟରେ ଆହ୍ୱାନ ସୃଷ୍ଟି କରିଥିବା ଦେଖାଯାଇଛି।

ସାହିତ୍ୟ ଚଳଚ୍ଚିତ୍ର ମାଧ୍ୟମରେ ରୂପାନ୍ୱିତ ହେଲେ, ତାହା ଗଣଭୋଗ୍ୟ ହୋଇପାରେ। ନ ହେଲେ ତାହା ଛାପାବହି ଭିତରେ ରହି କେବଳ ପାଠକଙ୍କୁ ଆମୋଦିତ କରିପାରେ। ଅତଏବ, ଚଳଚ୍ଚିତ୍ରରେ ସାହିତ୍ୟର ପ୍ରଭାବ ସବୁକାଳରେ ଅତୁଟ ହୋଇ ଆସିଥିବା ଲକ୍ଷ୍ୟ କରାଯାଏ। ଚଳଚ୍ଚିତ୍ରରେ ସାହିତ୍ୟର ପ୍ରଭାବ ଆଲୋଚନାଟି ସ୍ୱତନ୍ତ୍ର ଗବେଷଣାର ପ୍ରକୃଷ୍ଟ ପ୍ରସଙ୍ଗ।

□□

ଲେଖକଙ୍କ ଇ-ମେଲ ଠିକଣା:
alwayssambit@gmail.com

---

ଏକ ନୂଆ ପ୍ରୟାସ...

AMESABU

WE ALL. FOR ALL.

ଆମେସବୁ

ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ **ଆମେସବୁ** ପ୍ଲାଟଫର୍ମରେ

ANDROID APP ON Google Play

@amesabu



# ସହାୟତାର ହାତ

ଅନୁବାଦ



ମୂଳ ହିନ୍ଦୀ - ମହେଶ କୁମାର କେଶରୀ ଅନୁବାଦ - ଡ.ଭବାନୀ ଶଙ୍କର ମିଶ୍ର

ବୁଢ଼ୀଟି ରୋଗରେ ପଡ଼ିଲା ଭଳି ତ ଜଣା ପଡୁନି। ଦିନଯାକ କାମ ଦାମ ମଧ୍ୟ ତ ଠିକ୍‌ଠାକ୍ କରି ପାରୁଛି। ହଁ କିଛିଦିନ ହେଲା ବହୁତ୍ ସେ କାଶୁଛି। ଫଳରେ ଚନ୍ଦନର ନିଦ ଭାଙ୍ଗିଯାଉଛି, ଆଉ ରାତିସାରା ତାକୁ ନିଦ ଆସୁନି। ବୁଢ଼ୀକୁ ଚନ୍ଦନ ପରୋକ୍ଷ ଭାବେ ବୁଢ଼ୀ ହିଁ କହେ। କିନ୍ତୁ ଆମ୍‌ନା ସାମ୍‌ନା ହୋଇଗଲେ ମା' ବୋଲି ଡାକେ। ବୁଢୀର କାଶିବାରେ ଚନ୍ଦନର କିଛି ସମସ୍ୟା ନାହିଁ। କଥାଟା ଅଲଗା ଥିଲା। ତା'ର ଚିନ୍ତା ଅଲଗା ଥିଲା। ପେସାରେ ସେ କାରିଗର, କମ୍ପାନୀର ହୋର୍ଡିଂ ଲେଖିବା ତା'ର କାମ। ଏଥିପାଇଁ ସହର ସହର ବୁଲିବାକୁ ପଡ଼େ। ଗତ ବର୍ଷରେ ସେ ରାଜସ୍ଥାନ ଯାଇଥିଲା। ସେଠାରେ ସେ ଏପରି ହିଁ ଜଣେ ବୁଢ଼ୀକୁ ଦେଖିଥିଲା। ଫରକ୍ ଏତିକି ଯେ ସେ ବୁଢୀଟି ମୁସଲମାନ ଧର୍ମର। ନାମ ଥିଲା ରଜିୟା, କିନ୍ତୁ ଚେହେରା ଏହି ବୁଢ଼ୀ ମାଆ ପରି ଲାଗୁଥିଲା। ଗୋରୀ ଏବଂ ପତଳୀ। କିନ୍ତୁ କାମ କରିବାରେ ଧୁରନ୍ଧର।



ବର୍ଷେ ତଳର ସବୁକଥା ତାର ପୂରା ମନେଥାଏ। ଯେତେବେଳେ ସେ ବାଡ଼ମେରରେ ଫସି ରହିଥିଲା, ସେତେବେଳେ କୋଭିଡ୍‌ର ଦ୍ୱିତୀୟ ଲହର ଚାଲିଥିଲା। ବଡ଼ ଭୟଙ୍କର ସମୟ ଥିଲା। ମଣିଷ ମଣିଷକୁ ଘୃଣା କରୁଥିଲା, ସେତେବେଳେ ବୁଢ଼ୀ ରଜିୟା ତାକୁ ଦଶ ପନ୍ଦର ଦିନ ଖାଇବାକୁ ଦେଇଥିଲା। ସେ ତାକୁ ରଜିୟା ଖୁଡୀ ବୋଲି ଡାକୁଥିଲା।

ଚନ୍ଦନ ଦିନେ ମଜାରେ କହିଦେଲା, 'ରଜିୟା ଖୁଡୀ ମୁଁ ଅନ୍ୟ ଧର୍ମର, ତମଠୁ ରୁଟି ଖାଇଲେ ଧର୍ମ ପଳେଇବନି!' ସେବେ ସେ ବିରକ୍ତ ହୋଇ କହିଥିଲା, 'ପୁଅ ରୁଟିର ମଧ୍ୟ ଧରମ ଅଛି କି?' ମନୁଷ୍ୟ ସଙ୍କଟରେ ପଡ଼ିଥିଲେ ଧରମ ଦେଖେନା। ପୁଣି ଭୋକର ମଧ୍ୟ କୌଣସି ଧରମ ନ ଥାଏ। ଭୋକ ତୋର କ'ଣ ମୋର କ'ଣ? ମୋର ତ ଅକ୍ଷର ଜ୍ଞାନ ନାହିଁ। କିଛି ପଢ଼ିନି। କିନ୍ତୁ ଧରମ ରାଜନେତାଙ୍କ ପାଇଁ ଅଛି। ଆଉ ସେମାନେ ଆମମାନଙ୍କୁ ପରସ୍ପର ଭିତରେ ଲଢେଇବା ପାଇଁ ପ୍ରୟୋଗ କରିଥାନ୍ତି।

ଶେଷରେ ଚନ୍ଦନ ସେ ବୁଢ଼ୀ ପାଇଁ କାଶ ସିରପ୍ ଆଣିବା ପାଇଁ ମନସ୍ଥ କରିଲା। କିନ୍ତୁ ସନ୍ଦେହ ଥିଲା, ତା'ଠାରୁ ସେ ସିରପ୍ ନେବ କି ? ଏଇ ନିଷ୍ଠୁର ଦୁନିଆରେ ବୁଢ଼ୀଟିର କେହି ବୋଲି ନ ଥିଲେ। ତାର ପୁଅମାନେ ତାକୁ ଘରୁ ବାହାର କରିଦେଇଥିଲେ। ଅନ୍ୟ ଘରେ କାମ କରି ବଞ୍ଚେ। ଦ୍ୱିତୀୟ ସେ କାଶର ସିରପ ଆଣିବା ଦେଖି ମଞ୍ଜୁ ଚମକି ପଡ଼ିଲା। ପଚାରିଲା - 'ଏହା କାହା ପାଇଁ?' 'ବୁଢ଼ୀ ମା ପାଇଁ' । ଚଉକି ଉପରେ ସିରପଟି ରଖି ଚନ୍ଦନ କହିଲା।

'ତା ସହିତ ତୁମର କ'ଣ ସମ୍ପର୍କ ?' ଆଶ୍ଚର୍ଯ୍ୟ ହୋଇ ମଞ୍ଜୁ ଚନ୍ଦନକୁ ପଚାରିଲା।

ଅଚାନକ ଚନ୍ଦନକୁ ରଜିୟା ଖୁଡୀର କଥା ମନେ ପଡିଗଲା।

ତା' କଥା ସ୍ମରଣ ହେବା ମାତ୍ରେ ତାକୁ ବୁଢ଼ୀ ମାଆ କଥା ମନେ ପଡ଼େ। କ'ଣ ଦୁହିଁଙ୍କ ମଧ୍ୟରେ କିଛି ସମ୍ବନ୍ଧ ଅଛି କି ?

ପୁଣି ଧରମ କରମରୁ ଉପରକୁ ଉଠି ଭାବେ, ତାକୁ ଗୋଟିଏ କଥା ବୁଝାପଡ଼େ। ଧରମ, ଜାତି ଆଦି ତ ମଣିଷ ନିଜ କୁଣ୍ଠା କାରଣରୁ ଗଢ଼ିଥାଏ। ଘୃଣା କରିବା ପାଇଁ। ଯେତେବେଳେ ସେ ମୂର୍ଖ ହୋଇଯାଏ। ନିତାନ୍ତ ସ୍ୱାର୍ଥୀ। ସମାଜ ଏବଂ ଦେଶରୁ ଅଲଗା ନିଜ ଅସ୍ତିତ୍ୱକୁ ମହତ୍ତ୍ୱ ଦିଏ।

**ସହାୟତା କରିବାର ହାତରେ କୌଣସି ଧର୍ମ ନ ଥାଏ। ତା'ର ତ କେବଳ ଗୋଟିଏ ଧର୍ମ। ମାନବତାର ଧର୍ମ।**

ପୁଣି ଏହା ରାଜନେତାମାନଙ୍କର କାମ ଅଟେ। ସହାୟତା କରିବାର ହାତରେ କୌଣସି ଧର୍ମ ନ ଥାଏ। ତା'ର ତ କେବଳ ଗୋଟିଏ ଧର୍ମ। ମାନବତାର ଧର୍ମ। ରଜିୟା ସହ ଚନ୍ଦନର କ'ଣ ସମ୍ପର୍କ ଥିଲା କି? ଯେଉଁଥିପାଇଁ ସେ ପରଦେଶରେ ଚନ୍ଦନକୁ ସାହାଯ୍ୟ କରିଥିଲା। ପୁଣି ବୁଢ଼ୀ ମା' ସହିତ ତା'ର କୌଣସି ସମ୍ପର୍କ ଅଛି ? ଯଦି ନାହିଁ, ତେବେ ସେ ଯେବେ କିଛି ଭଲ ଜିନିଷ ରାନ୍ଧେ ତ, ତା' ପାଇଁ ଆଉ ମଞ୍ଜୁ ପାଇଁ ଆଣିଦେଉଛି କାହିଁକି ? ଚନ୍ଦନ ସିରପ୍ ନେଇ ବୁଢ଼ୀ ମାଆ ଘରକୁ ଚାଲିଲା। ସେତେବେଳେ ବୁଢ଼ୀ ମାଆ ଘରେ ହିଁ ଥିଲା।

'ବୁଢ଼ୀ ମାଆ,ଏଇ କାଶ ସିରପ୍‌ଟି ତୁମ ପାଇଁ ଆଣିଦେଇଛି। ଦୁଇ ଦୁଇ ଚାମଚ ପ୍ରତିଦିନ ପିଇବ। କାଶ ମୂଳରୁ ଚାଲିଯିବ।' ହସି ହସି ଚନ୍ଦନ କହିଲା।

ବୁଢ଼ୀ ମାଆ ଜଣେ ଅଚିହ୍ନା ଆଉ ନୂଆ ସମ୍ପର୍କକୁ ଅପଲକ ନୟନରେ ଦେଖିଚାଲି ଭାବୁଥିଲା, ତାକୁ ନିଜ ପିଲାମାନେ ଘରୁ ତଡ଼ି ଦେଇଥିଲେ। କିନ୍ତୁ ଏ ଚନ୍ଦନ ତ ତାର ସମ୍ପର୍କୀୟଙ୍କ ଠାରୁ ମଧ୍ୟ ବଡ଼ ବାହାରିଲା।

ବୁଢ଼ୀ ମାଆର ହୃଦୟରୁ ସତେ କି ଆଶୀର୍ବାଦର ସ୍ରୋତ ଫୁଟି ପଡ଼ିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
bhawanishankar_viranchi@yahoo.com

---

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।
୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।
୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।
୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।
୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।
୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।
୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।
୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।
୯. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।
୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।
୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

ପ୍ରବନ୍ଧ

# ଓଡ଼ିଶାର ସଂସ୍କୃତ ରଚନାବଳୀରେ ଶ୍ରୀଜଗନ୍ନାଥ




ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର

ଶ୍ରୀ ଜଗନ୍ନାଥଙ୍କୁ ଆଧାର କରି ଓଡ଼ିଶାରେ ସଂସ୍କୃତ କବି ଓ ପଣ୍ଡିତ ମାନେ ସଂସ୍କୃତରେ ଅନେକ ଗ୍ରନ୍ଥ, କାବ୍ୟ, ମହାକାବ୍ୟ, ଖଣ୍ଡକାବ୍ୟ ଓ ନାଟକ ଆଦି ରଚନା କରିଛନ୍ତି। ସେମାନଙ୍କ କାବ୍ୟାଦିଗ୍ରନ୍ଥରେ ମଙ୍ଗଳାଚରଣ ଭାବେ ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥ ବା ପୁରୁଷୋତ୍ତମଙ୍କ ମୂଳ ଅନ୍ୱେଷଣ କରି ଋଗ୍‌ବେଦରେ ଉଲ୍ଲେଖ କରିଛନ୍ତି। ଋଗ୍‌ବେଦରେ ଥିବା ଦଶମ ମଣ୍ଡଳରେ ୧୦୫ ସୂକ୍ତସ୍ଥିତ ତୃତୀୟ ମନ୍ତ୍ରରେ କୁହାଯାଇଛି ଯେ,

ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୌ ପାରେ ହପୁରୁଷମ୍।
ତଦାରଭସ୍ୱ ଦୁର୍ହଣ ତେନ ଗଚ୍ଛ ପରସ୍ତରମ୍।।

ଏଠାରେ ସମୁଦ୍ରର ପରପାରିରେ ଗୋଟିଏ ଦାରୁ ଭାସୁଅଛି। ତୁମେ ତାକୁ ଅବଲମ୍ବନ କରି ପରପାରିକୁ ଚାଲିଯାଅ। ଏଥିରେ ବର୍ଣ୍ଣିତ ଦାରୁ ହେଉଛନ୍ତି ଦାରୁବ୍ରହ୍ମ। ସେ ଅନୁଗତମାନଙ୍କୁ ଉଦ୍ଧାର କରି ଭବସାଗରର ପରପାରିକୁ ନେଇଯାଆନ୍ତି, ତେଣୁ ସମସ୍ତ ବେଦର ପ୍ରସିଦ୍ଧି ଭାଷ୍ୟକାର ସାୟଣାଚାର୍ଯ୍ୟ ତାହାକୁ ପୁରୁଷୋତ୍ତମ ଜଗନ୍ନାଥଙ୍କ ସହିତ ସମାନ କରିଛନ୍ତି। ଗବେଷକମାନେ ମନେ କୁହନ୍ତି, ଯେ ସାୟଣ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ ଦ୍ୱାରା ପ୍ରଭାବିତ। କାରଣ ଉତ୍କଳ ଖଣ୍ଡରେ ଅନୁରୂପ ଭାବେ ବର୍ଣ୍ଣନା କରାଯାଇଛି ଯେ,



ଶ୍ରୀପୁରुषोत्तमदेवगजपतिमहाराजविरचितम्

अभिनवगीतगोविन्दमहाकाव्यम्

ओड़िशा-राज्य-सांस्कृतिक-व्यापार-विभाग-निर्देशालयसम्पादकेन
संस्कृतोत्कलभाषयोः एम्. ए. उपाधिकेन
साहित्याचार्य्येण
श्रीमता भगवान् पण्डाशर्म्मणा
सम्पादितम्

### ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିକଳା

ଯ ଏଷ ପ୍ଳବତେ ଦାରୁ ସିନ୍ଧୋଃପାରେ ହ୍ୟପୁରୁଷମ୍।
ତମୁପାଶ୍ୟ ଦୁରାରାଧମ୍ ମୁକ୍ତିଂ ଯାନ୍ତି ସୁଦୁର୍ଲଭମ୍।।୨୧/୩

ସେହିପରି କୁହାଯାଏ ଯେ ଶ୍ୱେତାଶ୍ୱେତର ଉପନିଷଦରେ ଶ୍ରୀଜଗନ୍ନାଥଙ୍କର ମୂର୍ତ୍ତିକଳା ଓ ରଙ୍ଗ ସମ୍ବନ୍ଧରେ ବିଚାର କରାଯାଏ। ଅଜାମେକାଂ ଲୋହିତ କୃଷ୍ଣ ଶୁକ୍ଳାଂ (ଶ୍ୱେ. ଉପ. – ୬/୩/୧୯) "ସେହିପରି ଅଙ୍ଗୁଷ୍ଠ ମାତ୍ରଂ ପୁରୁଷ" (ଶ୍ୱେ.ଉ ଓ କଠ ଉପ. ୬/୧/୧୩) ଅଣୋରଣୀୟାନ୍ ମହତୋ ମହୀୟାନ୍ (ଶ୍ୱେ.୩/୨୦) ପ୍ରଭୃତି ପୁରଷୋତ୍ତମ ଜଗନ୍ନାଥଙ୍କୁ ପରମବ୍ରହ୍ମଙ୍କ ସ୍ୱରୂପ ଅଣୁଠାରୁ କ୍ଷୁଦ୍ର ଓ ମହାନ୍‌ଠାରୁ ବୃହତ୍ ବୋଲି ବିଚାର କରାଯାଇଛି। ଜଗନ୍ନାଥ ହେଲେ କୃଷ୍ଣବର୍ଣ୍ଣ, ଲୋହିତ ବର୍ଣ୍ଣା ସୁଭଦ୍ରା ଓ ବଳଭଦ୍ର ହେଉଛନ୍ତି ଧବଳବର୍ଣ୍ଣ। ରାମାୟଣରେ ଜଗନ୍ନାଥଙ୍କ ଉଲ୍ଲେଖ ଉତ୍ତରା କାଣ୍ଡରେ ଉପଲବ୍ଧ। ସେ ଇକ୍ଷ୍ୱାକୁ କୁଳ ଦେବତା। ଇନ୍ଦ୍ରାଦି ଦେବତାଙ୍କ ଦ୍ୱାରା ସଦା ପୂଜିତ।

ଆରାଧୟ ଜଗନ୍ନାଥମ୍ ଇକ୍ଷ୍ୱାକୁ କୁଳଦୈବତମ୍।
ଆରାଧନୀୟମନିଷଂ ଦୈବୈରପି ସବାସବୈଃ।।(୧୦୮/୩୦)

ପୁରାଣମାନଙ୍କରେ ଯଥା ମତ୍ସ୍ୟ (ଗୋକର୍ଣ୍ଣେ ଗଜକର୍ଣ୍ଣେ ଚ ତଥା ଚ ପୁରୁଷୋତ୍ତମେ, ବିମଳା ପୁରୁଷୋତ୍ତମ) ବିଷ୍ଣୁ (ସାଧୁ ସାଧୁ ଜଗନ୍ନାଥ ଲୀଳୟେ ବ ଯଦୁଚ୍ୟତେ), ବାୟୁ (ଭାରତସ୍ୟୋତ୍କଳେ ଦେଶେ ଭୂସ୍ୱର୍ଗଃ ପୁରୁଷୋତ୍ତମଃ), ଲିଙ୍ଗ (୧୭/୨୩) ବାମନ (ମଲ୍ଲୀବନେ ମହାଯୋଗୀ ନୀଳାଦ୍ରୌ ପୁରୁଷୋତ୍ତମେ) ପଦ୍ମପୁରାଣ ପାତାଳଖଣ୍ଡରେ ତିନୋଟି ଅଧ୍ୟାୟରେ (୧୩-୧୭-୧୮) ପୁରୁଷୋତ୍ତମ କ୍ଷେତ୍ର ବର୍ଣ୍ଣିତ। ନାରଦ (୫୨/୧୨-୧୩) ଭବିଷ୍ୟ, ବ୍ରହ୍ମ (୪୨/୪୪-୪୭) ଓ ସର୍ବୋପରି ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ବିସ୍ତୃତ ଭାବେ ପୁରୁଷୋତ୍ତମକ୍ଷେତ୍ରର ବର୍ଣ୍ଣନା କରାଯାଇଛି। ମୁଣ୍ଡମାଳା ଆଦି ତନ୍ତ୍ରଗ୍ରନ୍ଥ ପୁରୁଷୋତ୍ତମକ୍ଷେତ୍ର ସମ୍ପର୍କରେ ବିବରଣ ପ୍ରଦାନ

କରିଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ମାହାତ୍ମ୍ୟଗ୍ରନ୍ଥ, ସ୍ମୃତିଗ୍ରନ୍ଥ, ନରସିଂହ ବାଜପେୟୀଙ୍କ ନିତ୍ୟାଚାର ପ୍ରଦୀପ, ଦାରୁବ୍ରହ୍ମ ପ୍ରତିଷ୍ଠାବିଧି ଓ ନବକଳେବର ବିଧି, ମନ୍ତ୍ରୀବର ଗୋଦାବରୀଶ ମିଶ୍ରଙ୍କ ଜୟ ଚିନ୍ତାମଣି, ଶତାନନ୍ଦଙ୍କ ଭାସ୍ୱତୀ, ମୁକ୍ତି ଚିନ୍ତାମଣି, ଯୋଗେଶ୍ୱର ପାତ୍ରଙ୍କ ଅଦ୍ଭୂତ ସାଗର, ଜଗନ୍ନାଥ ଆଚାର୍ଯ୍ୟଙ୍କ ଦୁର୍ଗାଯାଜନ ଦୀପିକା ପ୍ରଭୃତି ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ମଙ୍ଗଳା ଚରଣରେ ସ୍ତୁତି କରାଯାଇଛି। ଜ୍ୟୋତିଷ କୌମୁଦୀରେ ମଧ୍ୟ ଅନୁରୂପ ସ୍ତୁତି ଦେଖିବାକୁ ମିଳେ।

ନିମ୍ନ କେତେକ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ସ୍ତୁତି ମଙ୍ଗଳା ଚରଣ ପ୍ରଭୃତିରେ ପରିଦୃଷ୍ଟ ହୁଏ।

୧. ଦୈତାରୀ ଦାସ କୃତ ଅମର କୋଷର ହରିପ୍ରିୟା ଟୀକା

୨. ନୀଳକଣ୍ଠ ରଥଙ୍କ ନାଟ୍ୟ ମନୋରମା

୩. ଗଜପତିଜଗନ୍ନାଥନାରାୟଣଦାଶଙ୍କ ସଂଗୀତ ନାରାୟଣ

୪. କୃଷ୍ଣଦାସ ବଡଜେନାଙ୍କ ଗୀତ ପ୍ରକାଶ

୫. ମହେଶ୍ୱର ମହାପାତ୍ରଙ୍କ ଅଭିନୟ ଚନ୍ଦ୍ରିକା (ସଂଗୀତ ଗ୍ରନ୍ଥ)

୬. କବିଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ ଭକ୍ତିବୈଭବ ନାଟକ

୭. ମୁରାରୀ ମିଶ୍ରଙ୍କ ଅନର୍ଘ ରାଘବ ନାଟକରେ ଯାତ୍ରା ସମୟରେ ଅନୁଷ୍ଠିତ ହେଉଥିବାରୁ ମଙ୍ଗଳା ଚରଣ

୮. କୃଷ୍ଣ ମିଶ୍ରଙ୍କ ପ୍ରବୋଧ ଚନ୍ଦ୍ରୋଦୟ ନାଟକରେ ପୁରୀକ୍ଷେତ୍ରର ବର୍ଣ୍ଣନା

୯. ଗଜପତି ପୁରୁଷୋତ୍ତମ ଦେବଙ୍କ ଅଭିନବ ଗୀତଗୋବିନ୍ଦ - (କାବ୍ୟ)

୧୦. ଅଭିନବ ବେଣୀ ସଂହାର – (କାବ୍ୟ)

୧୧. ରୂପ ଗୋସ୍ୱାମୀଙ୍କ ଲଳିତ ମାଧବ ନାଟକ

୧୨. ରୂପ ଗୋସ୍ୱାମୀଙ୍କ ବିଦଗ୍ଧ ମାଧବ ନାଟକ

୧୩. ରୂପଗୋସ୍ୱାମୀଙ୍କ ମାଧବ ମହୋତ୍ସବ (କାବ୍ୟ)

୧୪. ଗଜପତି କପିଳେନ୍ଦ୍ର ଦେବଙ୍କ ପରଶୁରାମ ବ୍ୟାୟୋଗ

୧୫. ଗଜପତି ରାମଚନ୍ଦ୍ର ଦେବ କୃତ କୃଷ୍ଣ ଭକ୍ତି ବାତ୍ସଲ୍ୟ ନାଟକ

୧୬. ପରମାନନ୍ଦ ଦାଶ କୃତ ଚୈତନ୍ୟ ଚନ୍ଦ୍ରୋଦୟ କାବ୍ୟ ଯେଉଁଥିରେ ଜଗନ୍ନାଥ ନିଜେ ଜଣେ ଚରିତ୍ର ଭାବେ ଉଭା ହୋଇଛନ୍ତି।

୧୭. କବିବର ରାୟ ଦିବାକାର ଦାଶଙ୍କ ଜଗନ୍ନାଥ ଚରିତାମୃତ (୧୫ଶ ଶତାବ୍ଦୀ)। ଏଥିରେ ରଥଯାତ୍ରାର ବର୍ଣ୍ଣନା ମଧ୍ୟ କରାଯାଇଛି। ଏହା ଗଜପତି ପୁରୁଷୋତ୍ତମ ଦେବଙ୍କ ନାମରେ ଭଣିତା ହୋଇଛି।

୧୮. କବି କମଳଲୋଚନ ଖଡ୍‌ଗ ରାୟ ଜଗନ୍ନାଥଙ୍କ ଲୀଳା "ଭଗବଲ୍ଲୀଳା ଚିନ୍ତାମଣି ଗ୍ରନ୍ଥ ପ୍ରଣୟନ କରିଛନ୍ତି।

୧୯. ସପ୍ତଦଶ ଶତକର ବାସୁଦେବ ରଥ ସୋମଯାଜୀ 'ଗଙ୍ଗ ବଂଶାନୁଚରିତ ଚମ୍ପୂ' ରଚନା କରିଛନ୍ତି। ସେଥିରେ ଜଗନ୍ନାଥଙ୍କ ଉଲ୍ଲେଖ ମିଳେ।

୨୦. କବି ବକ୍ରବାକ୍ ଚକ୍ରପାଣି ପଟ୍ଟନାୟକ ଦୁଇଟି କୃତି ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗ କରିଛନ୍ତି। ପ୍ରଥମଟି ହେଲା 'ଗୁଣ୍ଡିଚା ଚମ୍ପୂ'। ଦ୍ୱିତୀୟଟି ହେଲା 'ହରିଭକ୍ତି ବିଳାସ'।

୨୧. ଆହୁରି ଗୋଟିଏ ଅଜ୍ଞାତ କର୍ତ୍ତୃକ ଗୁଣ୍ଡିଚା ଚମ୍ପୂ ମଧ୍ୟ ଉପଲବ୍ଧ।

**ପଣ୍ଡିତ ନରହରି ମେଘଦୂତର ବ୍ରହ୍ମ ପ୍ରକାଶିକା ଟୀକାରେ ମେଘଦୂତକୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଭାବେ ବର୍ଣ୍ଣନା କରିଛନ୍ତି।**

୨୨. ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର କାବ୍ୟ କଣ୍ଠ 'ଚନ୍ଦନ ଯାତ୍ରା ଚମ୍ପୂ' ନାମକ ଏକ ଚମ୍ପୂ ପ୍ରଣୟନ କରିଛନ୍ତି। ସେଥିରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ବର୍ଣ୍ଣିତ।

୨୩. ସବୁଠାରୁ ଚିତ୍ତାକର୍ଷକ ହେଲା ପଣ୍ଡିତ ନରହରି ମେଘଦୂତର ବ୍ରହ୍ମ ପ୍ରକାଶିକା ଟୀକାରେ ମେଘଦୂତକୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଭାବେ ବର୍ଣ୍ଣନା କରିଛନ୍ତି। ସେଥିରେ ତାଙ୍କର ବିସ୍ମୟ-ଭୂତ-ପାଣ୍ଡିତ୍ୟ ପ୍ରଦର୍ଶନ କରିଛନ୍ତି।

**ଶ୍ରୀଜଗନ୍ନାଥ ଆଧାରିତ ଶତକ**

ଜଗନ୍ନାଥଙ୍କୁ ଆଧାର କରି ଅନେକ ଶତକ ରଚିତ ହୋଇଛି। ସେଗୁଡିକ ହେଲା –

୧. ପଣ୍ଡିତ ଚନ୍ଦ୍ର ଶେଖରଙ୍କ ଜଗନ୍ନାଥ ଶତକମ୍

୨. ଅତିବଡୀ ଜଗନ୍ନାଥ ଦାସ - ନୀଳାଦ୍ରିଶ ଶତକମ୍

୩. ପଣ୍ଡିତ ନିତ୍ୟାନନ୍ଦ - ନୀଳାଦ୍ରି ନାଥ ଶତକମ୍

୪. ୧୭ଶ ଶତକର ବିଦ୍ୟାକର ପୁରୋହିତଙ୍କ ନାରାୟଣ ଶତକମ୍

୫. କବି ଗଙ୍ଗାଧରଙ୍କ ନରସିଂହ ଶତକମ୍

୬. ନୀଳକଣ୍ଠ ମହାପାତ୍ରଙ୍କ ସମ୍ବୋଧନ ଶତକମ୍

୭. କାଶୀନାଥ ରଥ ବିଷ୍ଣୁପଦ ଶତକ

୮. ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ଜଗନ୍ନାଥ ନକ୍ଷତ୍ରମାଳା

ସାମନ୍ତ ଚନ୍ଦ୍ରଶେଖର ବା ପଠାଣି ସାମନ୍ତ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥରେ ବହୁତ ଦୀର୍ଘ ଦୀର୍ଘ ଛନ୍ଦରେ ଜଗନ୍ନାଥଙ୍କ ସ୍ତୁତି ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି।

ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଉତ୍କଳୀୟ ସଂସ୍କୃତ କବିଗଣ ଅନେକ ନାଟକ ରଚନା କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଯାତ୍ରାରେ ଭାରତରୁ ଅନେକ ନାଟ୍ୟକାର ପ୍ରଥମେ ତାଙ୍କ ସମ୍ମୁଖରେ ନାଟକ ପ୍ରଦର୍ଶନ କରିଛନ୍ତି। ନାଟକୀୟ ଢଙ୍ଗରେ ଲେଖିଥିବା ଗୀତଗୋବିନ୍ଦ ମଧ୍ୟ ଅଭିନୀତ ହୋଇଛି। ଫଳରେ ଆଜିଯାଏଁ ମଙ୍ଗଳଗୀତରେ ଦୁଆର ଫିଟା ନୀତି ଓ ବଡ ସଂହାର ପରେ ମାହାରୀ ନାଚରେ ଗୀତଗୋବିନ୍ଦର ପଦାବଳୀ ମଧ୍ୟ ବୋଲାଯାଉଥିଲା। ନିଜ କାବ୍ୟକଳାର ପ୍ରଦର୍ଶନ ପାଇଁ ଏକ ସମୁଚିତ କ୍ଷେତ୍ର ଥିଲା ପୁରୀ। ସେଥିପାଇଁ ମହାକବି କ୍ଷେମେନ୍ଦ୍ର ଓ ଶ୍ରୀହର୍ଷ ମଧ୍ୟ ସ୍ୱୀୟ କାବ୍ୟମାନଙ୍କରେ ସ୍ନାନ ଯାତ୍ରା ପ୍ରସଙ୍ଗ ଓ ଦଶାବତାର ସ୍ତୁତିର ଉପସ୍ଥାପନା କରିଛନ୍ତି।

**ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଉତ୍କଳୀୟ ସଂସ୍କୃତ କବିଗଣ ଅନେକ ନାଟକ ରଚନା କରିଛନ୍ତି।**

ପୁରୀ ଚାରିଧାମରୁ ଅନ୍ୟତମ ଧାମ ହୋଇଥିବାରୁ ଏହି ଧାମରେ ଜଳ, ସ୍ଥଳ ଓ ଅନ୍ତରୀକ୍ଷରେ ମୁକ୍ତି ପ୍ରାପ୍ତି ହେଉଥିବାରୁ ସମସ୍ତ କବି, ପଣ୍ଡିତମାନେ ତାଙ୍କୁ ନାନା ଭାବରେ ସ୍ତୁତି କରନ୍ତି। ଥରେ ମିଥିଲାର ମହାନ୍ ତାର୍କିକ ଯିଏ ତାଙ୍କ ନ୍ୟାୟକୁସୁମାଞ୍ଜଳିରେ ଈଶ୍ୱରଙ୍କ ସତ୍ତାକୁ ପ୍ରମାଣ କରିବା ସହ ବୌଦ୍ଧମାନଙ୍କ ନାସ୍ତିକ ମତକୁ ଖଣ୍ଡନ କରିଥିଲେ। ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଆସି ଦେଖିଲେ ଭୋଗ ଲାଗିବା ହେତୁ ଦ୍ୱାର ବନ୍ଦ ଥିଲା। ସେ ତାଙ୍କୁ କହିଲେ;

ଐଶ୍ୱର୍ଯ୍ୟ ମଦମତ୍ତୋଽସି
ମାମେବାବମନ୍ୟସେ।
ପୁନଃ ବୌଦ୍ଧେ ସମାଜାତେ
ମଦଧୀନା ତବ ସ୍ଥିତି।।

ହେ ଜଗନ୍ନାଥ ତୁମେ ଐଶ୍ୱର୍ଯ୍ୟ ମଦମତ୍ତ ହୋଇ ମୋତେ ଅବମାନନା କରୁଛ। ନାସ୍ତିକ ବୌଦ୍ଧମାନେ ଯଦି ପୁଣି ପ୍ରବଳ ହେବେ ସେତେବେଳେ ମୋତେ ହିଁ ତୁମର ସ୍ଥିତିକୁ ପ୍ରମାଣ କରିବାକୁ ପଡିବ।

ତେଣୁ ଜଗନ୍ନାଥଙ୍କୁ ଆଧାର କରି କବି ପଣ୍ଡିତକୁଳ ନାନା ଭାବରେ ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି ଓ ପୁରୀର ପ୍ରାକୃତିକ ପରିବେଶକୁ ବର୍ଣ୍ଣନା କରିଛନ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
prof.prafullam@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
**ଟ.୧୧.୮୦**
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books

କବିତା

# ଦୁଇଟି ସନେଟ୍



ଲତିକା ବିଳାସ

## ପାଚିଲା ପତ୍ର



ପୂର୍ବ ପରି ଆଉ ମନେ ପଡୁନାହିଁ ସାହି ବାଟ ଘାଟ ନକ୍ସା,
ଚିହ୍ନା ପରିଚିତ ଜହ୍ନ ତାରା ମୁହଁ ଦିଶେ ଭାରି ଝାପ୍ସା ଝାପ୍ସା ।।
ବୟସର ଭାଙ୍ଗ ଯେତେ ସ୍ପଷ୍ଟ ହୁଏ ନିଦ୍ରା ସେତେ ଦୂରେ ଦୂରେ,
ସ୍ମୃତି ସଂହିତାରୁ ଅଜାଣତେ କିଏ ନିତି ପୃଷ୍ଠେ ପୃଷ୍ଠେ ଚିରେ ।।


ସାପ ସିଡି ଖେଳେ ଜଣା ପଡ଼ିଲାଣି ସମୟଟା ଗଲା ଚାଲି,
କୃଷ୍ଣଚୂଡ଼ା ମୂଳେ ଶେଷ ବସନ୍ତର ଅସ୍ତରେଣୁ ଆଜିକାଲି ।।
ବୈଶାଖ ଅସ୍ଥାୟୀ ଜାଣି ମଧ ସୂର୍ଯ୍ୟ ଫିଙ୍ଗୁଛି ମୁନିଆଁ ତେଣ୍ଟା।
ଅମ୍ଳଜାନ କାହିଁ ଉଭେଇ ଯାଇଛି ଫୁଲବନ କଣ୍ଟା କଣ୍ଟା ।।

କଲମରୁ କାଳି ସରିଯିବା ପରେ କୋଣରେ ଲୁଚେଇ ମୁହଁ,
ଶେଷ ଗୀତ ଲେଖି ନ ପାରିବା ଦୁଃଖେ ଆଖିରେ ଅସରା ଲୁହ ।।
ସ୍ୱପ୍ନ ମାନେ ଏବେ ଓହ୍ଲେଇ ଆସନ୍ତି ସମୟ କି ଅସମୟ,
ଘେନି ଭୟଙ୍କର ବିକଟାଳ ଛାୟା ଅଜ୍ଞାତ ଯା' ପରିଚୟ ।।

ନବ କିଶଳୟ କଅଁଳ କାକଳି ଟାଣି ଧରୁଅଛି ହାତ,
ଅଟକି କି ହେବ...କୁଞ୍ଜବନୁ ପରା ଶୁଭିଲାଣି ବଂଶୀଗୀତ ।।

□□

## ଭୋଦୁଅ ଖରା



କଳା କଉଶଳେ ପାରଙ୍ଗମ ତୁମେ ସୁବିଖ୍ୟାତ ଅଭିନେତା,
ଛାଇ ଆଲୁଅକୁ ଫେଣ୍ଟି ଲେଖୁଥାଅ କେତେ ରଙ୍ଗ ଝୋଟି ଚିତା ।।
ଲୁଚିଯାଅ ଯେବେ କଳାବତୀ ନେତ୍ରେ କଜଳଗାରଟେ ହୋଇ
ଛାତି ଫରଚେଇ ଭୈରବ ରାଗିଣୀ ଗାଇଉଠେ ମହାନଈ ।।

ନରମ ନିଷାଦ ନୂପୁର ନିକ୍ୱଣେ ବାଜିଉଠେ ତାନପୁରା,
ସୁଗମ ସଙ୍ଗୀତେ ତନ୍ମୟ ମନ୍ମୟ ଜୀବନର ଏକତାରା।।
ବରଷା ବାହୁରେ ବାହୁ ଛନ୍ଦି ଛନ୍ଦି ନାଚ ଯେବେ ତାଳଖାଇ,
ସପ୍ତ ବର୍ଣ୍ଣାଳିରେ ଭୂଲତା ସଜେଇ ଇନ୍ଦ୍ରଧନୁ ରହେ ଚାହିଁ ।।

ମଧ୍ୟମର ତୀବ୍ର କଠୋର କଟାକ୍ଷେ ଝରିପଡେ ନିଆଁଝୁଲ,
ଶୁଖି ଝରିଯାଏ ନୀଳକଇଁ ହସ ପୋଡ଼ି ହୁଏ କଲବଲ।।
ଆକୁଳେ ବିକଳେ ସନ୍ତୁଳି ସନ୍ତାପି ବହିଯାଏ ଉଷ୍ମ ଧାରା,
କଅଁଳ ହୃଦୟ ଭିଡ଼ି ମୋଡ଼ି ହୋଇ ପଡିଯାଏ କେତେ ଚିରା ।।

କେବେ ତୁମେ କର ପ୍ରଚଣ୍ଡ ତାଣ୍ଡବ କେବେ ପୋଛିଦିଅ ଲୁହ,
ଭଳି ଭଳି ମୁଖା କେଉଁଟି ତୁମର ପ୍ରକୃତ ସ୍ୱରୂପ କୁହ ।।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
bilashlatika@gmail.com



ରମ୍ୟରଚନା

# ଖାଇବା କି ଖାଇବାନି ?

ଡ. କୁଳାଙ୍ଗାର

ଯଦି ସୃଷ୍ଟିକର୍ତ୍ତା ଖାଇବା ପିଇବା ବ୍ୟବସ୍ଥାଟି ମଣିଷ ଦେହରେ ରଖି ନଥାନ୍ତେ ତେବେ କେଡେ ବଢ଼ିଆ ହେଉ ନଥାନ୍ତା ସତେ ? ଖାଇବାରୁ ସିନା ନାନା ଅଡୁଆ ସୃଷ୍ଟି ହେଉଛି । ଶୌଚାଳୟ ଯିବାକୁ ପଡୁଛି । ଏଠି ସେଠି ରାସ୍ତା କଡକୁ ଧାଇଁବାକୁ ପଡୁଛି ! ! ଏମିତି ବ୍ୟବସ୍ଥା ରହିଛି ଯେ ଖାଇଲେ ଅଡୁଆ, ନ ଖାଇଲେ ଆହୁରି ଅଡୁଆ ।

ଆମେ ଯେତେ ଯିଏ ଯାହା ବି କରୁଛେ ସେଇ ଖାଇବା ପାଇଁ । ଭଲ ଖାଦ୍ୟ ହେଉ ବା ଟଙ୍କା ପଇସା । ଖାଇବା ବୋଲି ଆମେ କେତେ ଫନ୍ଦି ଫିକର ନ କରୁଛେ । ଦରିଦ୍ର ଓ ଧନୀର ଭେଦଭାବ ସେଇ ଖାଇବାକୁ ନେଇ । ପେଟୁ ଓ ଦୁର୍ବଳିଆର ଫରକ ସେଇ ଖାଇବାକୁ ନେଇ । ହିରୋ ଓ ହିରୋଇନର ଚେହେରା ଖାଇବାକୁ ନେଇ । ମଣିଷ ଓ ଅମଣିଷର, ମଣିଷ ଓ ଯନ୍ତ୍ରର ଭେଦଭାବ ସେଇ ଖାଇବାକୁ ନେଇ ।



**ଦିଅଁଙ୍କ ଖାନାପିନା**

ଏପରିକି ଭକ୍ତ ଭଗବାନର ସମ୍ପର୍କ ମଧ୍ୟ ସେଇ ଖାଇବାକୁ ନେଇ । ଦିଅଁ ଦେବତାଙ୍କର ଖାନାପିନା ଦାୟିତ୍ୱ ଭକ୍ତର । କିନ୍ତୁ ସେଇ ଦେବଦେବୀ ଯଦି ସତରେ ଖାଉଥାଆନ୍ତେ ଏ ଭକ୍ତମାନେ କ'ଣ ସତରେ ନିତି ଠାକୁରଙ୍କୁ ବସେଇ କରି ଖାଇବାକୁ ଦେଉଥାଆନ୍ତେ ?

ସକାଳ ପାହିବା ମାତ୍ରେ ଖାଇବା ଚିନ୍ତା ବଢେ । ସବୁଆଡେ ସେଇ ଖାଇବା ପିଇବା ପାଇଁ ନାନା ଆୟୋଜନ ଓ ଧାଁ ଧପଡ । କେମିତି ଖାଇବା, କୋଉଠି ଖାଇବା, କେତେବେଳେ ଖାଇବା, କୋଉଥିରେ ଖାଇବା ଏମିତି ସବୁ ପ୍ରଶ୍ନ ପଛରେ ଧାଇଁ ଧାଇଁ ଆମେ ଜୀବନ ଜିଉଁଛେ ।

ଆଇଁଷ ନିରାମିଷ ଖାନାର ଲଢେଇ ତ ବହୁଦିନରୁ ଚାଲି ଆସିଅଛି । ଯଦିଓ ଦିନକୁ ଦିନ ଆଇଁଷ ଦୋକାନ ଓ ଆଇଁଷ ଦ୍ରବ୍ୟର ବିକ୍ରି ବଢିଚାଲିଚି, କିନ୍ତୁ ବାରମ୍ବାର ପଢ଼ିବାକୁ ଓ ଶୁଣିବାକୁ ମିଳୁଛି କି ଦୁନିଆରେ କାଳେ ଆଇଁଷଖିଆ ଲୋକଙ୍କ ସଂଖ୍ୟା କମିବାରେ ଲାଗିଛି ! ଅଧିକ ନିରାମିଷାଶୀ ବା ସାଦାଖିଆ ବାବାଜି ପାଲଟୁଛନ୍ତି । ଏଇଠି ସନ୍ଦେହଟି ଆଖି ମିଟିକା ମାରୁଛି । ହେଇ ଆମିଷାଶୀ ଲୋକଙ୍କ ସଂଖ୍ୟା ଯଦି କମୁଛି ତା' ହେଲେ ଆମିଷ ସବୁ ଯାଉଛି କୁଆଡେ ? କିଛି ଦୋନମ୍ବରୀ କାର୍ଯ୍ୟ ଚାଲିଛି ନିଶ୍ଚୟ ! କିଛି ଲୋକ ଉପରକୁ ଯଦିଓ ନିରାମିଷାଶୀ ବୋଲାଉଛନ୍ତି, ଭିତରେ ଭିତରେ କିନ୍ତୁ ଆଇଁଷ ଗେଫୁଛନ୍ତି ।

ଅବଶ୍ୟ ଏଥିରେ କିଛି ମାରା ନାହିଁ । ଉଭୟ ଆଇଁଷ ଓ ନିରାମିଷ ଖାଉଥିବା ଲୋକ ଦିନେ ନା ଦିନେ ମରିବେ । କିନ୍ତୁ ଅସଲ କଥାଟି ରହିଛି ନିରାମୟ ଓ ଦୀର୍ଘ ଜୀବନଠାରେ । ଜଣେ ବାବାଜୀ ଥିଲେ ଯିଏ ସତରେ ଆଇଁଷ ଖାଉ ନ ଥିଲେ। ତାଙ୍କର ଗୋଟିଏ ବୋଲି ଶିଷ୍ୟ ଥିଲା, ଯିଏ ନିର୍ଘାତ ଆଇଁଷିଆ। ବାବାଜି ବହୁ ଉପାୟରେ ତାକୁ ବୁଝାଇ ଆଇଁଷ ଛଡାଇବାକୁ ଚେଷ୍ଟା ଜାରି ରଖିଥିଲେ ।

ବାବାଜି କହିଲେ- ପ୍ରତ୍ୟେକ ଜୀବ ପରମାତ୍ମାଙ୍କର ସୃଷ୍ଟି, ତେଣୁ ଜୀବ ହତ୍ୟା ମହାପାପ !

ଶିଷ୍ୟ କହିଲା- ଆଜ୍ଞା, ଜୀବହତ୍ୟା ଯଦି ମହାପାପ ! ତେବେ ଖାଦ୍ୟ-ଖାଦକ ବ୍ୟବସ୍ଥା ରହିଛି କାହିଁକି ? ତା' ଛଡା ଆପଣ ଖାଉଥିବା ସାଦା ଶାଗ ଗଛ ହେଉ ବା ଫଳ ତାହା କ'ଣ ନିର୍ଜୀବ କି ?

ବାବାଜି ପୁଣି କହିଲେ- ସେ ସବୁ ଅନନ୍ତ । ଈଶ୍ୱର ଆମ ଖାଇବା ପାଇଁ ବ୍ୟାପକ ସୃଷ୍ଟି କରିଛନ୍ତି, ଫଳରେ ଆମେ ଯେତେ

ଆହାର କଲେ ମଧ୍ୟ ସରିବ ନାହିଁ ।

ଶିଷ୍ୟ କହିଲା- ଗୁରୁ, ଆମେ ଯଦି ମାଛ, କୁକୁଡା, ଛେଳି, ମେଣ୍ଢା ଆଦିଙ୍କୁ ଖାଇବା ବନ୍ଦ କରିଦେବା ତେବେ ସେମାନଙ୍କର ବ୍ୟାପକତା ଆତଙ୍କ ସୃଷ୍ଟି କରିବ ।

ତେବେ ଗୁରୁଙ୍କର ଏଇ କଥା ପଦକରେ ଶିଷ୍ୟ ଭୟ ପାଇ ଯାଉଥିଲା, ଯେବେ ଗୁରୁ କହୁଥିଲେ- ଶାସ୍ତ୍ର କହୁଛି; ଆମିଷାଶୀମାନେ ଅଳ୍ପାୟୁଷ ହୁଅନ୍ତି ।

ତେବେ ଦିନେ ସେଇ ଗୁରୁ ହଠାତ୍ ଅସୁସ୍ଥ ହୋଇ ପଡିଲେ । ଶିଷ୍ୟ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇଗଲା । ଡାକ୍ତର କହିଲେ- ଟିକେ ଆମିଷ ଜାତୀୟ ଖାଦ୍ୟ ଖାଇଲେ ବଳ ହୁଅନ୍ତା ! ଗୁରୁ କି ଖାଆନ୍ତି ? ଅତଏବ ଅକାଳରେ ଶରୀର ତ୍ୟାଗ କଲେ ।

**ଅତଏବ ଖାଇବା ନ ଖାଇବା ମଧ୍ୟରେ ଥିବା ଦ୍ୱନ୍ଦ୍ୱର ଅନ୍ୟନାମ ହିଁ ଜୀବନ !**

ଶିଷ୍ୟ କିନ୍ତୁ ସେମିତି ଜିଇଛି !

ଖାଇବା ଗୋଟିଏ ଏମିତି ପ୍ରସଙ୍ଗ, ତାହା ସମ୍ପର୍କରେ ଯେତେ ଲେଖିଲେ ସରିବ ନାଇଁ । ପ୍ରେମିକ ପ୍ରେମିକାକୁ ସିନେମା ଦେଖେଇନେଲା, ସେଠି ପପ୍‌କର୍ନ ଖୁଆଇଲା । ଚିଡିଆଖାନାରେ ବୁଲେଇଲା ସେଠି ଆଇସକ୍ରିମ୍ ଖୁଏଇଲା । ବଜାର ବୁଲେଇ ନେଲା, ସେଠି ଫାଷ୍ଟଫୁଡ୍ ଖୁଏଇଲା । ଶେଷରେ ଦିହେଁ ପାର୍କକୁ ଗଲେ ସେଠି ପ୍ରେମିକା ପ୍ରେମିକକୁ ଚୁମା ଖୁଆଇଲା !

### ଖାଇବା ଭିତରେ ଦ୍ୱନ୍ଦ୍ୱ

ଯିଏ ପିଲାକୁ ଖୁଆଏ ସିଏ ମାଆ, ଆଉ ଯିଏ ପିଲାକୁ ଖାଏ ସିଏ ଡାହାଣୀ । ଯିଏ ମାଆଠାରୁ ଖାଏ ସିଏ ନାବାଳକ ଆଉ ଯିଏ ମାଆକୁ ଖାଇବାକୁ ଦିଏ ନାହିଁ ସିଏ ସାବାଳକ । ଯିଏ ଠୋସ୍ ଖାଏ ସିଏ ବଦନାମ ଆଉ ଯିଏ ଆଦୌ ଖାଏ ନାଇଁ ସିଏ ନିଏ ନାମ । ଅତଏବ ଖାଇବା ନ ଖାଇବା ମଧ୍ୟରେ ଥିବା ଦ୍ୱନ୍ଦ୍ୱର ଅନ୍ୟନାମ ହିଁ ଜୀବନ !

କୋଉଦିନ ଅର୍ଥାତ୍ କୋଉ ଋତୁରେ କ'ଣ ଖାଇବା ତାହାକୁ ନେଇ କଟକଣା ରହିଛି । କୋଉଠି କେତେବେଳେ କ'ଣ ଖାଇବା ଖାଇବାନି ତାହାକୁ ନେଇ କଟକଣା ରହିଛି । ଦୁନିଆର ଚାରିଆଡକୁ ଟିକେ ନିରେଖି ଦେଖନ୍ତୁ ଜାଣି ପାରିବେ ଏ ଦୁନିଆ ଖାଦ୍ୟମୟ ।

ଡାକ୍ତରଙ୍କ ପାଖକୁ ଗଲେ ସିଏ କହିବେ-ଏଇଟା ଖାଇବନି, ସେଇଟା ଖାଇବ । ଏତିକି ବେଳେ ଖାଇବ । ଏଇଟା ଖାଇଲା ପରେ ଖାଇବ, ସେଇଟା ଖାଇଲା ପୂର୍ବରୁ ।

ତା' କଥା ତ ଆପଣ ଜାଣନ୍ତି । ସିଏ ନୀତିନିଷ୍ଠ ଲୋକ । ଅର୍ଥାତ୍ ନିତି ଯାହା ପଢିବ ତାହାକୁ ନିଷ୍ଠାର ସହିତ ପାଳନ କରିବ । ତେବେ ସେଇ ଅଭ୍ୟାସଟି ତାକୁ ମହା ଅଡୁଆରେ ପକାଇଲା । କଥା କ'ଣ କି ସିଏ ଖବରକାଗଜରେ ଦିନେ ପଢିଲା ଚାହା କଫି ଆଦି ପିଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ !

ସିଏ ଏହାପଢି ଘରେ ଥିବା ଚାହାପତି ଓ କଫିକୁ ଝରକା ବାଟେ ବାହାରକୁ ଫୋପାଡି ଦେଲା । ପରଦିନ ପଢିଲା ଡବାକ୍ଷୀର ମଧ୍ୟ ଦେହ ପାଇଁ ଆଦୌ ଭଲ ନୁହେଁ !

ସିଏ ଏଥର କ୍ଷୀରଗୁଣ୍ଡ ଡବାଟିକୁ ଖୋଲି ଝରକା ଦେଇ ବାହାରକୁ ଢାଳିଦେଲା ।

ତା' ପରଦିନ ସକାଳୁ ସକାଳୁ ଖବରକାଗଜ ଖୋଲି ପଢିଲା ବେଳକୁ ପ୍ରକାଶ ପାଇଛି- ଶୀତଦିନେ ସ୍ୱାସ୍ଥ୍ୟକାରୀ ଖାଦ୍ୟପେୟ । ସେଥିରେ ଉଲ୍ଲେଖ ଅଛି- ଶୀତଦିନେ ଶରୀରକୁ ସୁସ୍ଥ ରଖିବା ପାଇଁ, ସକାଳେ ସନ୍ଧ୍ୟାରେ କପେ ଲେଖାଏଁ ଗରମାଗରମ ଚାହା/କଫି ପିଇବା ଆବଶ୍ୟକ ।

ସିଏ ଏଥର ଝରକାବାଟେ ଖବରକାଗଜଟିକୁ ଫୋପାଡିଦେଲା ଓ ଘରକୁ ଖବରକାଗଜ ଆଣିବା ବନ୍ଦ୍ କରିଦେଲା । ନିଜକୁ ବୁଝେଇଲା ହଃ ମ...! ଟିଭି ନାହିଁ କି !!

ସିଏ ଟିଭି ଖୋଲୁ ଖୋଲୁ ଦେଖିଲା ଚାଲିଚି ରୋଷେଇବାସର କାର୍ଯ୍ୟକ୍ରମ । ରାସ୍ତା କଡର ଗୋଟେ ଠେଲାରେ ଉପସ୍ଥାପକ ପାଟିରେ ଖାଦ୍ୟ ପୂରେଇ ନ ଚୋବାଉଣୁ କହୁଛି- ବାଃ... ବହୁତ ବଢିଆ ହୋଇଛି, ଆପଣ ମଧ୍ୟ ଘରେ ଟ୍ରାଏ କରନ୍ତୁ !

ଠିକ୍ ତାଆରି ତଳେ ଟିଭି ପରଦାରେ ରୋଲିଂ ଚାଲିଛି- ନିଶ୍ଚୟ ଦେଖନ୍ତୁ ! ଆଗକୁ ରହିଛି- କେତେ ଖରାପ ଷ୍ଟ୍ରିଟ୍‌ଫୁଡ୍ !!

ସିଏ ଏହା ଦେଖି ଝରକାକୁ ଚାହିଁଲା । ମନ କହିଲା- ଉଁହୁ... ଟିଭିଟା ଝରକାରେ ପଶିବନି !!!

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com



ଗଳ୍ପ

# ହଲିଏ ମିନିଗପ

ଡ. ଆଶୁତୋଷ ମିଶ୍ର

## ଫାମିଲି - ଟୁଗେଦର୍

ଫୋନ୍ ପାଇଁ ଆଉ ଟଣାଓଟରା ହେବନି। ରତ୍ୱିକ ହାତକୁ ନୂଆ ସ୍ମାର୍ଟଫୋନ୍‌ଟିଏ ବଢ଼େଇଦେଲେ ବାପା। ରତ୍ୱିକ ପ୍ୟାକେଟରୁ ଫୋନ୍ କାଢ଼ି ତା'ର ଗେମ୍‌ଗୁଡ଼ାକୁ ପରୀକ୍ଷା କରିନେଲା ଆଉ କହିଲା, 'ଆରେ ୱ୍ୱା ମୋ ପ୍ରାଇଭେଟ୍ ଗେମ୍।'

ବାପା ମା' ଉଭୟ ଚାକିରିଆ ହୋଇଥିବାରୁ ଅନେକ ଦିନ ହେବ ରତ୍ୱିକର ପରିବାର ଆଉଟିଂରେ ଯାଇପାରୁ ନ ଥିଲେ। ଆଜି ପଚିଶ ଡିସେମ୍ବର, କ୍ରିସମାସ୍! ପୂରା ପରିବାର ଲୋନାଓ୍ୱାଲା ବାହାରିଛି। ପ୍ରକୃତିର ପଣତ ତଳେ ଆଜି ମନଖୋଲି କଥାହେବେ, ଖେଳିବେ ଏମିତି ଅନେକ ସ୍ୱପ୍ନରେ ବିଭୋର ସମସ୍ତେ।



ଏକ ସୁନ୍ଦର ପାର୍କ ନିକଟରେ ଗାଡ଼ି ଅଟକାଇ, ସେଥିରୁ ଜିନିଷ ସବୁ ବୋହି ନେଇଯାଉଥିଲେ ସେମାନେ ବେଶ୍ ଉତ୍ସାହର ସହ। ବ୍ରେଡ, ସିଝା ଅଣ୍ଡା, ଜୁସ୍ ଇତ୍ୟାଦିର ଜଳଖିଆ ପର୍ବ ସରିଲା। ପାଖରେ ଗାଲିଚା ଉପରେ ରଖାଯାଇଥାଏ ଫ୍ଲାଇଙ୍ଗ ଡିସ୍କ, କ୍ରିକେଟ ବ୍ୟାଟ ବଲ୍, ବ୍ୟାଡମିଣ୍ଟନ ରାକେଟ ଏବଂ କର୍କ। ଲାଗୁଥିଲା ସ୍ୱଳ୍ପ ସମୟ ମଧ୍ୟରେ ଖେଳ ଜମିଯିବ!

ଖେଳ ବି ଜମିଗଲା! ବାପା ଟୁଇଟରରେ, ମାଆ ତାଙ୍କ ମୋବାଇଲର ଫେସ୍‌ବୁକରେ, ଆଉ ରତ୍ୱିକ ତା' ନୂଆ ସ୍ମାର୍ଟ ଫୋନରେ ଥିବା ଗେମ୍‌ରେ। ରତ୍ୱିକ ଦୌଡୁଥିଲା! ସେ ମୋବାଇଲ୍ ଖେଳରେ କଏନ ପରେ କଏନ ଗଦେଇ ଚାଲିଥିଲା। ପାଖରେ ଥିବା ଏକ ବାମନ ଝାଉଁ ଗଛ ଗଛରେ ସେମାନେ ଏକ କାଗଜ ବୋର୍ଡ ଲଗାଇ ଦେଇଥିଲେ। ସେଥିରେ ଲେଖାଥିଲା - 'ଡୁ ନଟ୍ ଡିଷ୍ଟରବ୍, ଫାମିଲି ଟୁଗେଦର।'

□□

## ଷଷ୍ଠ ପ୍ରଶ୍ନ

ପରୀକ୍ଷାର ଆଜି ହଉଚି ଶେଷ ଦିନ। ଅପେକ୍ଷାକୃତ ସହଜ ପେପର। ସରଳ ପାଞ୍ଚଟି ପ୍ରଶ୍ନ ମଧ୍ୟରୁ ଶେଷ ପ୍ରଶ୍ନର ଉତ୍ତର ଲେଖୁଥିଲା ସୁନୀତା ଏବେ। ଲେଖା ସରିଆସିବା ସହ ସମୟ ବି ସରି ଆସୁଥିଲା। ହଠାତ୍ ଏକ ଷଷ୍ଠ ପ୍ରଶ୍ନ ତା' ମନରେ ଉକୁଟି ଉଠିଲା। ଆଗାମୀ ପାଞ୍ଚ ମିନିଟ ମଧ୍ୟରେ ଏହାର ଉତ୍ତର କରିବାକୁ ହବ। ଏ ତ ଭାରି ଜଟିଳ କଥା! କେମିତି କ'ଣ ହବ? ଏତେ କମ୍ ସମୟ ଭିତରେ? କିଛି ଭାବିପାରୁ ନ ଥିଲା ସେ। 'ୟେସ୍', 'ନୋ'ର ବିକଳ୍ପଭିତ୍ତିକ ପ୍ରଶ୍ନ ହେଇଥିଲେ 'ନୋ' ଉପରେ ଟିକ୍ ଟାଏ ମାରି ଦେଇ କାମ ସାରିଦିଅନ୍ତା ସେ। ସେପଟେ ଉପର ଶ୍ରେଣୀର ସନ୍ତୋଷ ଭାଇ ଅପେକ୍ଷା କରିଥିବେ ସାଇକେଲ ଷ୍ଟାଣ୍ଡ ଭିତରେ। ସେଇ ନିରୋଳା ଷ୍ଟାଣ୍ଡ ଭିତରେ ସେମାନେ ଅନେକ ଥର ଏକାଠି ହେଇଛନ୍ତି। ସେ ଭିତରୁ ବାହାରକୁ ଆସିବା ବେଳେ ଝିଅମାନେ ମୁହଁ ତଳକୁ କରି ଚାଲି ଯାଆନ୍ତି।

ସାର୍ ଖାତା ଟାଣି ନଉ ନଉ କହିଲେ, 'କ'ଣ ଚିନ୍ତା କରୁଛ, ସମସ୍ତେ ପରା ଖାତା ଦେଇ ଗଲେଣି।' ବାହାରକୁ ଗଲା ସୁନୀତା। ଏଥର ତାକୁ ଯେମିତି ହେଲେ ଷଷ୍ଠ ପ୍ରଶ୍ନର ଉତ୍ତର ଦେବାକୁ ହେବ। 'ସାଇଲେଣ୍ଟ୍ ମୋଡ୍'ରେ ଥିବା ଫୋନର ସ୍କ୍ରିନ୍‌ରେ ଆସୁଥିଲା - 'ସନ୍ତୋଷ ଭାଇ କଲିଙ୍ଗ୍!' ସବୁଠୁ ଜଟିଳ ଏ ଷଷ୍ଠ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ନିଜର ଥରିଲା ହାତରେ ସେ ସନ୍ତୋଷ ଭାଇ ପାଖକୁ ମେସେଜ୍ ଟାଇପ୍ କଲା, 'ଫରଗେଟ୍ ମି !'

□□

ଲେଖକଙ୍କ ଇ-ମେଲ ଠିକଣା:
asutosha_mishra@rediffmail.com

ପ୍ରବନ୍ଧ

# ଫ୍ଲାସ୍‌ବ୍ୟାକ୍ ଶୈଳୀ ଓ ଓଡ଼ିଆ ଉପନ୍ୟାସ



ଡ. ରିଙ୍କି ପଧାନ

ସାହିତ୍ୟର କାହାଣୀ କଥନ ପର୍ଯ୍ୟାୟରେ ବା ଶୈଳୀ ସଂରଚନା କ୍ଷେତ୍ରରେ ବର୍ଣ୍ଣନାତ୍ମକ ଶୈଳୀ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଧୁନିକ ସାହିତ୍ୟର ସଫଳତା ତା'ର ବର୍ଣ୍ଣନାଶୈଳୀ ଉପରେ ହିଁ ନିର୍ଭର କରେ। ସମ୍ପ୍ରତି ସାହିତ୍ୟରେ ଭାବବସ୍ତୁ, ଚରିତ୍ର, ଘଟଣା, ପୃଷ୍ଠଭୂମି ଯେଉଁଳି ଗୁରୁତ୍ୱପୂର୍ଣ୍ଣ ତା'ର ବର୍ଣ୍ଣନାଶୈଳୀ ମଧ୍ୟ ସେହିଭଳି ଆବଶ୍ୟକ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଉପନ୍ୟାସ ନୂତନତା ଓ ପରିବର୍ତ୍ତନତାକୁ ସବୁ ସମୟରେ ସ୍ୱଚ୍ଛନ୍ଦ ଭା( ଗ୍ରହଣ କରିଆସିଛି। ବର୍ଣ୍ଣନାତ୍ମକ ଶୈଳୀ କ୍ଷେତ୍ରରେ ଉପନ୍ୟାସ ହିଁ ସବୁବେଳେ ଚିରନ୍ତନ ଆକାଂକ୍ଷୀ ବା ନୂତନତାକୁ ସ୍ୱାଗତ କରିଛି। ଅର୍ଥାତ୍ ଉପନ୍ୟାସ ଏକ କ୍ରମବିବର୍ତ୍ତନଶୀଳ ସାରସ୍ୱତ କଳା।



ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ବର୍ଣ୍ଣନାତ୍ମକ ଶୈଳୀ ମଧ୍ୟରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ ବା 'ଫ୍ଲାସ୍‌ବ୍ୟାକ୍ ଷ୍ଟାଇଲ୍' ଏକ ଚମତ୍କାର ବର୍ଣ୍ଣନା କୌଶଳ ଅଟେ। ଅତୀତର ସ୍ମୃତିକୁ ପୁନରାୟ ସ୍ମରଣ ବା ରୋମନ୍ଥନ କରିବା ହିଁ ଏହାର ଲକ୍ଷ୍ୟ, ଅର୍ଥାତ୍ ଅତୀତରେ ମିଳିଥିବା ଅନୁଭୂତି ଓ ଉପଲବ୍ଧିକୁ ଚରିତ୍ରଟି ଅନ୍ୟପାଖରେ ପ୍ରକାଶ କରିବାର ମନୋବୃତ୍ତିର ଉତ୍ପନ୍ନ। ମଣିଷ ଜୀବନରେ ଅଙ୍ଗେ ନିଭେଇଥିବା ସମସ୍ତ ଉପଲବ୍ଧିକୁ ମନେ ରଖେନା। ମାତ୍ର ଜୀବନରେ ଘଟିଯାଇଥିବା କେତେ ଘଟଣା ତା'ର ମାନସିକ ସ୍ତରରେ ଆଚ୍ଛନ୍ନ ହୋଇଥାଏ। ଯାହା ଅନେକ ସମୟରେ ତା'ର ମନ ଓ ଭାବନାକୁ ଆନ୍ଦୋଳିତ କରେ। ସେହି ସ୍ମୃତିକୁ ଚରିତ୍ରଟି ଯେଉଁ ଶୈଳୀରେ ବ୍ୟକ୍ତ କରେ ତାହା ହେଉଛି ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ।

ମଣିଷ ଜୀବନରେ ଏଭଳି ଏକ ସ୍ଥିତି ଆସେ ଯେତେବେଳେ ସେ ଅତୀତର ସ୍ମୃତି ସବୁକୁ ମନେ ପକାଏ ଏହାକୁ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର କୁହାଯାଏ। ଫ୍ଲାସ୍‌ବ୍ୟାକ ମାଧ୍ୟମରେ ସେହି ଅନୁଭବଗୁଡ଼ିକ ପ୍ରତିବିମ୍ବିତ ହୋଇଥାଏ ଯାହା ଆମ ଜୀବନରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ପକାଇଥାଏ। ଲିଖିତ ସାହିତ୍ୟରେ ପ୍ରୟୋଗ ହେଉଥିବା ସବୁଠୁ ଏକ ଲୋକପ୍ରିୟ ଓ ଆକର୍ଷଣୀୟ ସାହିତ୍ୟିକ କୌଶଳ ହେଉଛି ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର।

**ସଂଜ୍ଞା ଓ ସ୍ୱରୂପ**

ଇଂରାଜୀ ସାହିତ୍ୟରେ 'ଫ୍ଲାସ୍‌ବ୍ୟାକ୍' ଶବ୍ଦଟି ବହୁ ପରିଚିତ। ସ୍ମୃତି ରୋମନ୍ଥନ ଅର୍ଥରେ ହିଁ ଏହା ବ୍ୟବହୃତ ହୋଇଥାଏ। ସେହିପରି ହିନ୍ଦୀ ସାହିତ୍ୟରେ 'ଫ୍ଲାସ୍‌ବ୍ୟାକ୍' ଶବ୍ଦର ଅର୍ଥ ଅତୀତାବଲୋକନ, ପୂର୍ବଦୃଶ୍ୟ, ୟାଦ୍, ସ୍ମରଣ, ସ୍ମୃତି, ପିଛିଲି କାହାନି, ପୂର୍ବ ଦୀପ୍ତି ଶୈଳୀ। ଓଡ଼ିଆ ସାହିତ୍ୟରେ 'ଫ୍ଲାସ୍‌ବ୍ୟାକ୍' ଶବ୍ଦର ଅର୍ଥ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ବା ଅତୀତ ସ୍ମୃତିର ରୋମନ୍ଥନ।

ଇଂରାଜୀ ସାହିତ୍ୟରେ 'ମେରିଅମ୍ ୱେବଷ୍ଟର' ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ସମ୍ପର୍କରେ କହନ୍ତି, "ଆନ୍ ଇଣ୍ଟରପ୍‌ସନ୍ ଅଫ୍ ଦି କ୍ରୋନୋଲୋଜିକାଲ୍ ସିକ୍ୟୁଏନ୍ସ ଅଫ୍ ଆନ୍ ଇଭେଣ୍ଟ ଅଫ୍ ଆର୍ଲିଅର୍ ଅକରେନ୍ସ", ଅର୍ଥାତ୍ ଚଳଚ୍ଚିତ୍ର ହେଉ ଅବା ସାହିତ୍ୟ କ୍ଷେତ୍ରରେ କୌଣସି ଦୁର୍ଘଟଣାର କାଳାନୁକ୍ରମିକ ପରିଣତି ବା ପୂର୍ବ ଘଟଣାର ଅନୁକ୍ରମ ହେଉଛି ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ବା 'ଫ୍ଲାସ୍‌ବ୍ୟାକ୍'।

ଏଥିରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀରେ ଗୋଟିଏ ଦୃଶ୍ୟ ସହିତ ପର୍ଯ୍ୟାୟକ୍ରମେ ଦୃଶ୍ୟ ସମୂହ ନାଟକୀୟ ଭାବରେ ପ୍ରଦର୍ଶିତ ହୋଇଥାଏ। ଫଳରେ ଗୋଟିଏ ଘଟଣା ପରେ ପର୍ଯ୍ୟାୟକ୍ରମେ ଘଟଣାଗୁଡ଼ିକର ସଂଯୋଜନା ଏଭଳି ଭାବରେ ହୋଇଥାଏ ଯେପରିକି ପାଠକ ଧରିନିଏ ଏହି କାହାଣୀରେ ବର୍ତ୍ତମାନ ପରିପ୍ରେକ୍ଷୀରେ ଅତୀତର କଥା ହିଁ କୁହାଯାଇଛି।

ବାସ୍ତବିକ ଫ୍ଲାସ୍‌ବେକ ହେଉଛି ହଠାତ୍ ଆସିଥିବା ଏକ ଚିନ୍ତାର ଅନୁକ୍ରମ ଏକ ଅସ୍ପଷ୍ଟ ସ୍ୱପ୍ନ ଏବଂ ଏକ ଜୀବନ୍ତ ସ୍ମୃତି। ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀକୁ ଏକ ରୂପ ଦେବା ବା ସଂଜ୍ଞାୟିତ କଲେ ଜଣାଯାଏ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ବା 'ଫ୍ଲାସ୍‌ବ୍ୟାକ୍ ଷ୍ଟାଇଲ୍' କହିଲେ ପୂର୍ବ ସମୟର ବିଶେଷ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ସ୍ମୃତିର ଅବଲୋକନ ବା ସାଧାରଣତଃ ଗୋଟିଏ ପ୍ରୀତିକର ଓ ଅପ୍ରୀତିକର ସ୍ମୃତିର ପୁନରାବଲୋକନ ଅଟେ।

## ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ

ସାଧାରଣତଃ ଯେଉଁ ଉପନ୍ୟାସର ଶିଳ୍ପଟି ଚରିତ୍ରର ପୂର୍ବସ୍ମୃତି ରୋମନ୍ଥନ ଓ ଅଙ୍ଗେନିଭା ଘଟଣାଗୁଡ଼ିକର ପୁନଃପ୍ରକାଶ କ୍ରମାନୁସାରେ ହୋଇଥାଏ ତାହା ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଉପନ୍ୟାସ ଅଟେ। ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ସାହିତ୍ୟିକ କୌଶଳଟି ଉପନ୍ୟାସରେ ବ୍ୟବହୃତ ହେବା ଫଳରେ ଚରିତ୍ର, ଘଟଣା, ପରିବେଶ ଜୀବନ୍ତର ହୋଇଉଠେ। ତା' ସହିତ ପାଠକ ମନରେ ପ୍ରବଳ ଉତ୍କଣ୍ଠା ଜାତ ହୁଏ। ଗୋଟିଏ ଘଟଣା ପରେ ଆଉ ଗୋଟିଏ ଘଟଣାର ସଂଯୋଜନା ଫଳରେ ଚରିତ୍ରର ଚାରିତ୍ରିକ ବିକାଶ ଓ ପାଠକର ମାନସିକ ଆଗ୍ରହ ସୃଷ୍ଟି ହୁଏ। ବିଶେଷତଃ ଏ ଧରଣର ଶୈଳୀରେ ଏପିକ୍ ଉପନ୍ୟାସ ସମୂହ ଓ ଦୁଃଖାନ୍ତକ ଉପନ୍ୟାସଗୁଡ଼ିକ ସର୍ଜନା କରାଯାଇଥାଏ। ବାସ୍ତବରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଉପନ୍ୟାସରେ ବର୍ତ୍ତମାନ ପରିପ୍ରେକ୍ଷୀରେ ଚରିତ୍ର ତା'ର ପୂର୍ବର ଘଟଣା, ସ୍ଥାନ, କାଳ, ପାତ୍ର କଥା ସ୍ମରଣ କରେ।

**ଫ୍ଲାସ୍‌ବ୍ୟାକ୍ ହେଉଛି ହଠାତ୍ ଆସିଥିବା ଏକ ଚିନ୍ତାର ଅନୁକ୍ରମ ଏକ ଅସ୍ପଷ୍ଟ ସ୍ୱପ୍ନ ଏବଂ ଏକ ଜୀବନ୍ତ ସ୍ମୃତି।**

ବିଭିନ୍ନ ଦିଗରୁ ଆଲୋଚନା କଲେ ଜଣାଯାଏ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀରେ ରଚିତ ଉପନ୍ୟାସର ମୁଖ୍ୟତଃ କେତୋଟି ବୈଶିଷ୍ଟ୍ୟ ରହିଛି,

ଯଥା–

୧. କଥାବସ୍ତୁର ଶେଷ ହିଁ ଅଧିକାଂଶ ଉପନ୍ୟାସର ଆରମ୍ଭ ଅଟେ।

୨. ଚରିତ୍ରର ପୂର୍ବସ୍ମୃତି ରୋମନ୍ଥନ ହିଁ ଉପନ୍ୟାସର ମୁଖ୍ୟ ବିଷୟବସ୍ତୁ ଅଟେ।

୩. ଚରିତ୍ର ହିଁ ଉପନ୍ୟାସର ମୁଖ୍ୟ କେନ୍ଦ୍ରବିନ୍ଦୁ।

୪. ଉତ୍କଣ୍ଠା ସୃଷ୍ଟି କରିବା ଉପନ୍ୟାସର ମୁଖ୍ୟ ଲକ୍ଷ୍ୟ ଅଟେ।

୫. ପ୍ରଥମ ପୁରୁଷୀୟ ଶୈଳୀ ର ପ୍ରୟୋଗ ବିଶେଷ ଭାବେ ଦେଖାଯାଏ।

୬. ବର୍ତ୍ତମାନ ସମୟ ସ୍ଥିର ହୋଇ ଅତୀତ ଘଟଣା ଦୃଶ୍ୟମାନ ହେବା।

୭. ପ୍ରତିଧ୍ୱନିତ ବା 'ରିସାଉଣ୍ଡ' ହେବା।

୮. ପୁନଃଦୃଶ୍ୟ ବା 'ରିଫ୍ଲାସ୍' ହେବା।


ଓଡ଼ିଆ ଉପନ୍ୟାସରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀର ପରମ୍ପରା :

ଓଡ଼ିଆ ସାହିତ୍ୟରେ ନବୀନତମ ପ୍ରଭାଗ ଭାବେ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଉପନ୍ୟାସର ଆବିର୍ଭାବ। ଓଡ଼ିଆ ଉପନ୍ୟାସର ଜନ୍ମ ହୋଇଥିଲା ଐତିହାସିକ ରୋମାନ୍ସଧର୍ମୀ ଉପନ୍ୟାସରୁ। ଉପନ୍ୟାସରେ ବର୍ଣ୍ଣନାତ୍ମକ ଶୈଳୀ ପ୍ରସଙ୍ଗ ଯେତେବେଳେ ଆସେ ଜଣାଯାଏ ଯେ ପ୍ରାଥମିକ ପର୍ଯ୍ୟାୟର ଉପନ୍ୟାସ ସମୂହ ସେଭଳି କୌଣସି ପ୍ରଭାବାତ୍ମକ ଶୈଳୀରେ ସଂରଚିତ ହୋଇନାହିଁ।

ଓଡ଼ିଆ ଉପନ୍ୟାସରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀର ଐତିହାସିକ ଅନୁଶୀଳନ କଲେ ଜଣାଯାଏ 'ଛ ମାଣ ଆଠ ଗୁଣ୍ଠ' ହେଉଛି ଏହି ଶୈଳୀର ପ୍ରଥମ ସାର୍ଥକ ନିଦର୍ଶନ। ୧୮୯୭ ରୁ ୧୮୯୯ ମସିହା ମଧ୍ୟରେ ଧାରାବାହିକ ଭାବେ ପ୍ରକାଶ ପାଇଥିବା ଫକୀରମୋହନ ସେନାପତିଙ୍କ 'ଛ ମାଣ ଆଠ ଗୁଣ୍ଠ' ଉପନ୍ୟାସ ସମଗ୍ର ଓଡ଼ିଆ ଉପନ୍ୟାସ ସାହିତ୍ୟର ମୋଡ଼କୁ ପରିବର୍ତ୍ତନ କରିବା ସହିତ ନୂତନତା ପ୍ରଦାନ କରିଥିଲା। ପାଶ୍ଚାତ୍ୟ ସାହିତ୍ୟରେ ଯେଭଳି ଏକ କଥକର ପରମ୍ପରା ରହିଛି ସେହିଭଳି ପ୍ରଥମ କରି ଏ ଉପନ୍ୟାସରେ ଲେଖକ କଥକ (ନାରେଟର୍) ଭାବେ ଆବିର୍ଭୂତ ହୋଇଛନ୍ତି। ସମଗ୍ର ଉପନ୍ୟାସରେ ଔପନ୍ୟାସିକ 'ଆମ୍ଭେମାନେ' କହି କଥାବସ୍ତୁଟିକୁ ଆଗେଇ ନେଇଛନ୍ତି। ମଙ୍ଗରାଜର ପିଲାଦିନ, ଦାରିଦ୍ର, ବାପ ଛେଉଣ୍ଡ ହେବା, କଳେବଳେ କୌଶଳେ ଜମିଦାରୀକୁ ଆୟତ୍ତ କରିବା, ଶୋଷଣ ମନୋବୃତ୍ତିର ପ୍ରକାଶ, ଶେଷରେ ଅସହାୟ ଭାବେ ମୃତ୍ୟୁବରଣ କରିବାର କାହାଣୀ ବର୍ଣ୍ଣିତ। ଉପନ୍ୟାସରେ ପ୍ରତ୍ୟକ୍ଷ ଭାବେ ଫକୀରମୋହନ ସଂଶ୍ଳିଷ୍ଟ ହୋଇ ରହିଛନ୍ତି। ସେ ଉପନ୍ୟାସରେ

କହିଛନ୍ତି, "ଆଉ ଲେଖିବାକୁ ସାହସ ଅଣ୍ଟିଲା ନାହିଁ। କେଜାଣି ବିଜୁଳି ପୁଣି ଚମକି ଉଠିବେ! ଆମ୍ଭେମାନେ ସୁରୁଚି କବିତା ଲେଖିବା ଜାଣୁ ସତ୍ୟ, ହେଲେ ଦିନ ଦୁଇ ପ୍ରହରରେ ତୁଚ୍ଛା ମିଛ ଲେଖିବାକୁ ସାହସ ହେଉନାହିଁ।"

ଏହିପରି ଭାବରେ ହିଁ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ବର୍ଣ୍ଣନାତ୍ମକ ଶୈଳୀ ଉପନ୍ୟାସ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଛି। 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସରୁ ଏହି ଶୈଳୀର ଐତିହାସିକ ଯାତ୍ରା ଆରମ୍ଭ ହୋଇଛି। ପ୍ରାୟତଃ ସମସ୍ତ ଉପନ୍ୟାସରେ କେଉଁଠି ନା କେଉଁଠି ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ ରହିଥିବା ଦେଖାଯାଏ। ବାସ୍ତବିକ ଏହି ଶୈଳୀରେ ଅନେକ ଔପନ୍ୟାସିକ ନିଜ ସୃଷ୍ଟି ସଂରଚନା କରିଛନ୍ତି। ତେଣୁ ଏହି ଶୈଳୀର ଉପନ୍ୟାସକୁ ସମୟସୀମା ଦୃଷ୍ଟିରୁ ଦୁଇଭାଗରେ ବିଭାଜନ କରି ଆଲୋଚନା କରାଯାଇପାରେ। ଯଥା ୧୮୮୮ ମସିହାରୁ ୧୯୮୦ ମସିହା ଏବଂ ୧୯୮୦ ମସିହାରୁ ଅଦ୍ୟାବଧି।




୧୮୮୮ ମସିହାରୁ ୧୯୮୦ ମସିହା ମଧ୍ୟରେ ସୃଷ୍ଟି ହୋଇଥିବା ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀର ପ୍ରଭାବାତ୍ମକ ଉପନ୍ୟାସ ହେଉଛି ଫକୀରମୋହନ ସେନାପତିଙ୍କ 'ଛ ମାଣ ଆଠ ଗୁଣ୍ଠ', ଗୋଦାବରୀଶ ମହାପାତ୍ରଙ୍କ 'ପ୍ରେମପଥେ' (୧୯୩୨), ଗୋପୀନାଥ ମହାନ୍ତିଙ୍କ 'ମନ ଗହୀରର ଚାଷ' (୧୯୪୦), ସୁରେନ୍ଦ୍ର ମହାନ୍ତିଙ୍କ 'କଲେଜ ବୟ' (୧୯୪୬), ଶୁକଦେବ ସାହୁଙ୍କ 'ନବଜନ୍ମ' (୧୯୪୯), ବିଭୂତି ପଟ୍ଟନାୟକଙ୍କ 'ଦିନ ଯାଏ ଚିହ୍ନ ରହେ' (୧୯୫୯), 'କେଶବତୀ କନ୍ୟା' (୧୯୬୩), ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' (୧୯୬୪), ଉମେଶ ଚରଣ ପାଢୀଙ୍କ 'ଅଶ୍ରୁଟିକା' (୧୯୬୯), ଗଣେଶ୍ୱର ମିଶ୍ରଙ୍କ 'ଆରୋହୀ' (୧୯୭୩), ବସନ୍ତ କୁମାରୀ ପଟ୍ଟନାୟକଙ୍କ 'ଅଲିଭାଚିତା' (୧୯୭୬), ପ୍ରତିଭା ରାୟଙ୍କ 'ନିଷିଦ୍ଧ ପୃଥିବୀ' (୧୯୭୮) ଆଦି। ଏହି ଉପନ୍ୟାସ ସମୂହରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ବର୍ଣ୍ଣନା ଶୈଳୀର ଐତିହାସିକ ବିକାଶଧାରାକୁ ଦର୍ଶାଯାଇପାରେ।

## ପତ୍ରୋପନ୍ୟାସରେ ପଟ୍ଟଦୃଶ୍ୟାନ୍ତର

ଓଡ଼ିଆ ସାହିତ୍ୟର ପ୍ରଥମ ପତ୍ରୋପନ୍ୟାସ 'ପ୍ରେମପଥେ'ରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀକୁ ଅନୁଶୀଳନ କରାଯାଇପାରେ। ଏହି ଉପନ୍ୟାସର ଏକ ସ୍ୱାତନ୍ତ୍ର୍ୟ ହେଉଛି ପତ୍ର ମାଧ୍ୟମରେ ସମଗ୍ର ଉପନ୍ୟାସଟି ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ହୋଇଛି। ପତ୍ରଗୁଡ଼ିକ ଏପରି ସଜ୍ଜିତ ହୋଇଛି ଯେ ଅତୀତରେ ଘଟିଥିବା ସମ୍ପୂର୍ଣ୍ଣ କାହାଣୀଟି ସ୍ପଷ୍ଟଭାବରେ ଜଣାପଡ଼େ। ନାୟକ ହରିଚରଣର ସତରଟି ପତ୍ର ବନ୍ଧୁ ରମେଶ ପାଖକୁ ଓ ନାୟିକା କନକର ସତରଟି ପତ୍ର ବାନ୍ଧବୀ ପାଖକୁ ଏହିଭଳି ଅତୀତର ସ୍ମୃତି ରୋମନ୍ଥନ ହୋଇଛି। 'ମନ ଗହୀରର ଚାଷ' ସମଗ୍ର ଉପନ୍ୟାସଟି ରାଧେଶ୍ୟାମର ପିଲାବେଳଠାରୁ ଆରମ୍ଭ କରି ବିବାହ ହେବା ପର୍ଯ୍ୟନ୍ତର କଥା ଚିତ୍ରିତ। ଏସବୁ କିନ୍ତୁ ବୃଦ୍ଧ ରାଧେଶ୍ୟାମ ମନ ଗହୀରରେ ଚାଷ କରିଥିବା ଗୋଟିଏ ଗୋଟିଏ କଥା। ସାମାଜିକ ଭଦ୍ର ଆଚରଣ ତଳେ ମଣିଷର ଭିତର ମନର ଭାବ, ସ୍ୱପ୍ନ, ଅନୁଚିନ୍ତା ତଥା କ୍ରିୟା ପ୍ରତିକ୍ରିୟାର ପ୍ରଭାବ କେତେ ସୁଦୂରପ୍ରସାରୀ ତାହା ଆତ୍ମକଥନ ରୀତିରେ ଲେଖକ ପ୍ରକାଶ କରିଛନ୍ତି। 'ନବଜନ୍ମ' ଉପନ୍ୟାସଟି ବୀରର ଆତ୍ମ ସଂଳାପ ମାଧ୍ୟମରେ ସଂରଚିତ ହୋଇଛି। ତା'ର ଜୀବନରେ ଆସିଥିବା ତିନୋଟି ନାରୀ ନୀରୁ, ପୁଷ୍ପ ଓ ବାସ ସହିତ ତା'ର ସମ୍ପର୍କକୁ ସେ କହିଚାଲିଛି। ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ହେଉଛି ବୋଲି ପ୍ରତ୍ୟକ୍ଷ ଭାବରେ ନ କହିଲେ ମଧ୍ୟ ଆତ୍ମକଥନ ରୀତିଟି ଏହି ଶୈଳୀର ଧାରଣା ଜନ୍ମାଏ। 'କେଶବତୀ କନ୍ୟା' ଉପନ୍ୟାସଟି ତିନୋଟି ପର୍ଯ୍ୟାୟ ଯଥା- ନିରଂଜନର ନିଜ କଥା, ସୁଷମାର ଚିଠି ଓ ସୁଧାଂଶୁର ଦିନଲିପି ମାଧ୍ୟମରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ହୋଇଛି। ଅମାବାସ୍ୟାର ଚନ୍ଦ୍ର ଉପନ୍ୟାସଟିକୁ ଭଲ ଭାବେ ନିରୀକ୍ଷଣ କଲେ ଜଣାଯାଏ ଔପନ୍ୟାସିକ ସ୍ୱୟଂ ରମେଶ କାଉଲର ଜୀବନ ସମ୍ପର୍କରେ ପାଠକକୁ ପ୍ରକାଶ କରିଛନ୍ତି। ତୁମେ କାଉଲ ସମ୍ବୋଧନ କରି ଉପନ୍ୟାସଟି ଆରମ୍ଭ ହୋଇଛି। ଉପନ୍ୟାସରେ ଅନେକ ଚରିତ୍ରର ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ରହିଛି। 'ଆରୋହୀ' ଉପନ୍ୟାସଟି ଫାମିଲି ପ୍ଲାନିଂ

ଅଫିସର ଅବିନାଶ ମହାପାତ୍ରର ସ୍ମୃତି ରୋମନ୍ଥନ ଅଟେ। ବାସ୍ତବ ଜଗତର ପ୍ରତ୍ୟେକ ଚରିତ୍ର ଯେଭଳି କୌଣସି ଘଟଣା, ଚରିତ୍ର ବା ପରିବେଶ, ପରିସ୍ଥିତିର ସମ୍ମୁଖୀନ ହେଲେ ଅତୀତର ସ୍ମୃତି ଆଖି ସାମ୍ନାରେ ଭାସିଉଠେ ସେଭଳି ଅବିନାଶ ମଧ୍ୟ ଅତୀତର ଖଣ୍ଡିତ ସ୍ମୃତିଗୁଡ଼ିକୁ ମନେ ପକାଇଛି। 'ଅଲିଭାଚିତା' ଉପନ୍ୟାସଟି ସମଗ୍ର ଭାବେ ପ୍ରେମିକା ଲୋରାର ପତ୍ରମାଳା। ଯେଉଁଠି ସେ ତା' ଅତୀତ ଜୀବନର କଥା ସହ ନିତି ଘଟିଯାଉଥିବା ଘଟଣାକୁ ପ୍ରକାଶ କରିଛି। 'ନିଷିଦ୍ଧ ପୃଥିବୀ' ଉପନ୍ୟାସର ବର୍ଣ୍ଣନାଶୈଳୀଟି ସମ୍ପୂର୍ଣ୍ଣ ଭାବେ ପଶ୍ଚାତ୍ ପଛଦୃଶ୍ୟାନ୍ତର ଶୈଳୀରେ ସଂରଚିତ ନ ହେଲେ ମଧ୍ୟ ଉପନ୍ୟାସର କଥାବସ୍ତୁର ଅଧିକାଂଶ ଅଂଶ ପଲ୍ଲବୀର ସ୍ମୃତି ରୋମନ୍ଥନ ବା ପୂର୍ବାବଲୋକନ ଅଟେ।

ସାମଗ୍ରିକ ଭାବେ ୧୮୮୮ ରୁ ୧୯୮୦ ମସିହା ପ୍ରାୟ ଏକ ଶହ ବର୍ଷର ଓଡ଼ିଆ ସାହିତ୍ୟରେ ପଶ୍ଚାତ୍ ପଛଦୃଶ୍ୟାନ୍ତର ବର୍ଣ୍ଣନା ଶୈଳୀ ଉପନ୍ୟାସର ଐତିହାସିକ ଅନୁଶୀଳନ କଲେ ଜଣାଯାଏ ପ୍ରାୟତଃ ପ୍ରତ୍ୟେକ ଉପନ୍ୟାସରେ କେଉଁଠି ନା କେଉଁଠି ଚରିତ୍ରର ପଶ୍ଚାତ୍ ପଛଦୃଶ୍ୟାନ୍ତର ହୋଇଛି। ଓଡ଼ିଆ ଉପନ୍ୟାସର ଏହି ପର୍ଯ୍ୟାୟଟି ପରିବର୍ତ୍ତନ ପରିପ୍ରେକ୍ଷୀରେ ଅନେକ ଶୈଳୀକୁ ଆପଣେଇ ନେବା ସହିତ ପଶ୍ଚାତ୍ ପଛଦୃଶ୍ୟାନ୍ତର ଶୈଳୀଟି ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିପାରିଛି।

**ଐତିହାସିକ ଅନୁଶୀଳନ କଲେ ଜଣାଯାଏ ପ୍ରାୟତଃ ପ୍ରତ୍ୟେକ ଉପନ୍ୟାସରେ କେଉଁଠି ନା କେଉଁଠି ଚରିତ୍ରର ପଶ୍ଚାତ୍ ପଛଦୃଶ୍ୟାନ୍ତର ହୋଇଛି।**


୧୯୮୦ ମସିହା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ନିଜକୁ ବିଭିନ୍ନ ରୂପ-ରଙ୍ଗରେ ରୂପାୟିତ ଓ ରଙ୍ଗାୟିତ କରିଛି। ଏ ରୂପରଙ୍ଗ ତା'ର ଆତ୍ମିକ ଦିଗକୁ ବଳିଷ୍ଠ, ସୌକୁମାର୍ଯ୍ୟ ଓ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି ବିଭିନ୍ନ କ୍ଷେତ୍ରରେ। ପଶ୍ଚାତ୍ ପଛଦୃଶ୍ୟାନ୍ତର ଶୈଳୀ ୧୯୮୦ ମସିହା ବେଳକୁ ଭାରତୀୟ ପ୍ରାୟତଃ ସମସ୍ତ ଭାଷାଭାଷୀ ସାହିତ୍ୟରେ ନୂଆ ରୂପରେ ଦେଖିବାକୁ ମିଳିଲା। ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏହି ଶୈଳୀର ବ୍ୟାପ୍ତି ଓ ସିଦ୍ଧି ବେଶ୍ କଳାତ୍ମକ ଓ ଆକର୍ଷଣୀୟ ହୋଇ ଉଠିଛି।

**ଆଧୁନିକ ଉପନ୍ୟାସ ସମୂହ**

୧୯୮୦ ମସିହାରୁ ଅଦ୍ୟାବଧି ପଶ୍ଚାତ୍ ପଛଦୃଶ୍ୟାନ୍ତର ଶୈଳୀର ଐତିହାସିକ ପରମ୍ପରାର ଅନୁଧ୍ୟାନ କଲେ ଆମେ ଅନେକ ଉପନ୍ୟାସକୁ ଅବଲୋକନ କରିପାରିବା। ଏହି ସମୟରେ ଏହି ଶୈଳୀ ଉପନ୍ୟାସକୁ ଏକ ଭିନ୍ନ ମର୍ଯ୍ୟାଦା ପ୍ରଦାନ କରିଛି। ପ୍ରତିଭା ରାୟଙ୍କ 'ଶିଳାପଦ୍ମ' (୧୯୮୩), 'ଯାଜ୍ଞସେନୀ' (୧୯୮୫), ଗୋକୁଳାନନ୍ଦ ମହାପାତ୍ରଙ୍କ 'ପୃଥିବୀ ବାହାରେ ମଣିଷ' (୧୯୮୩), ଉମେଶ ଚରଣ ପଟ୍ଟନାୟକଙ୍କ 'ଅଶରୀରର ଇତିକଥା' (୧୯୮୭), ରୋଜାଲି ନନ୍ଦଙ୍କ 'କର୍ଣ୍ଣ' (୧୯୮୮), ବିଜୟିନୀ ଦାସଙ୍କ 'ଡାଏରୀ' (୧୯୮୯), ପ୍ରବୀଣା ମହାନ୍ତିଙ୍କ 'ଏବେ ବି ସୁନ୍ଦର ଧରା' (୧୯୯୨), ମହାପାତ୍ର ଯତୀନ୍ଦ୍ର କୁମାରଙ୍କ 'ରାଧା, ରକ୍ମିଣୀ, ଚନ୍ଦ୍ରାବଳୀ' (୧୯୯୪), ମନୋଜ ଦାସଙ୍କ 'ଆକାଶର ଇସାରା' (୧୯୯୭), 'ତନ୍ଦ୍ରାଲୋକର ପ୍ରହରୀ' (୨୦୦୦), ବିଭୂତି ପଟ୍ଟନାୟକଙ୍କ 'ପ୍ରେମିକା' (୧୯୯୯), 'ସୁବର୍ଣ୍ଣା' (୧୯୯୯), ଅକ୍ଷୟ ମହାନ୍ତିଙ୍କ 'ଆର୍ଯ୍ୟଦାସର ଆତ୍ମଲିପି' (୨୦୦୨), ରଶ୍ମୀ ରାଉଳଙ୍କ 'ଏଠି ଗୋଟେ ଗାଁ ଥିଲା' (୨୦୦୩), ନବକିଶୋର ରାଜଙ୍କ 'ଛାୟାପୁରୁଷ' (୨୦୦୯), ଅବନୀ କୁମାର ବରାଳଙ୍କ 'ପ୍ରେମର ଅନ୍ୱେଷଣରେ ଗୋଟିଏ ତରୁଣୀ' (୨୦୧୦), ସତ୍ୟପ୍ରିୟ ମହାଲିକଙ୍କ 'ଶୂନ୍ୟକାଳ' (୨୦୦୮), ଅଧ୍ୟାପକ ବିଶ୍ୱରଂଜନଙ୍କ 'ବସାଘର' (୨୦୧୫), ନାରାୟଣ ପ୍ରସାଦ ମିଶ୍ରଙ୍କ 'ଶକୁନିର ଆତ୍ମଲିପି' (୨୦୧୭) ଆଦି ଅନେକ ଉପନ୍ୟାସରେ ପଶ୍ଚାତ୍ ପଛଦୃଶ୍ୟାନ୍ତର ଶୈଳୀ ବେଶ୍ କଳାତ୍ମକ ଭାବେ ରୂପଲାଭ କରିଛି।

'ଶିଳାପଦ୍ମ' ଉପନ୍ୟାସରେ ଅନେକ କାହାଣୀର ସଂଯୋଜନା କରାଯାଇଛି। ଏହି ଉପନ୍ୟାସଟି ଔପନ୍ୟାସିକଙ୍କ ଅତୀତ ଇତିହାସ ପ୍ରତି ପୂର୍ବାବଲୋକନ ଅଟେ। ସମଗ୍ର ଉପନ୍ୟାସଟିରେ ବିଷ୍ଣୁ ମହାରଣାର ରାଜା ନରସିଂହ ଦେବଙ୍କ ବିଷୟରେ କହିବା, ଚାର୍ଲସ ନିଜ ପିଲାଦିନ କଥା କହିବା, ପ୍ରାଚୀର ଛୋଟବେଳେ ହୋଇଥିବା ବିବାହ ଓ ସ୍ୱାମୀ ଜଗନ୍ନାଥ

ବିଷୟରେ କହିବା, ଦୀନବନ୍ଧୁ ମଉସା ନିଜ ପରିବାର ସମ୍ପର୍କରେ କହିବା ଏହିପରି ଅନେକ କାହାଣୀ ସଂଯୋଜନା ହୋଇଛି। 'ପୃଥିବୀ ବାହାରେ ମଣିଷ' ସମଗ୍ର ଉପନ୍ୟାସ ଗବେଷିକା ଲୋରାର ଜୀବନ କାହାଣୀ। ମୃତ୍ୟୁଦଣ୍ଡ ପାଇଥିବା ଲୋରା ମୃତ୍ୟୁପୂର୍ବରୁ ନିଜ ଜୀବନର କରୁଣ କାହାଣୀକୁ ଲିପିବଦ୍ଧ କରିଯାଇଛି। 'ଅଶରୀରର ଇତିକଥା' ଉପନ୍ୟାସ ମୃତ ଉମେଶର ନିଜ ପତ୍ନୀ ଲକ୍ଷ୍ମୀପ୍ରିୟାକୁ ବଖାଣିଥିବା ଅତୀତ କଥା ବା ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଅଟେ। ଜଣେ ମୃତ ବ୍ୟକ୍ତି ତା'ର ରହସ୍ୟମୟ ମୃତ୍ୟୁ ସମ୍ପର୍କରେ କହିବା ସହିତ ଜୀବନରେ ବାକି ରହିଯାଇଥିବା ଅନେକ ସ୍ୱପ୍ନକୁ ସେ କହିଚାଲିଛି। 'ଡାଏରୀ' ଉପନ୍ୟାସଟି ଜଣେ ନାରୀର ଆତ୍ମକଥନ ବା ଆତ୍ମଦହନ ଅଟେ। ତା' ସହିତ ଅନୁର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପ୍ରତି ଏକ ଦୃଷ୍ଟିପାତ ବା ପୂର୍ବାବଲୋକନ ମଧ୍ୟ ଅଟେ। 'ଏବେ ବି ସୁନ୍ଦର ଧରା' ଉପନ୍ୟାସଟିରେ ଔପନ୍ୟାସିକା ନିଜେ ଶିବାନୀ ଚରିତ୍ର ସମ୍ପର୍କରେ ପୂର୍ବାବଲୋକନ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର କରିଛନ୍ତି। 'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସରେ ଚରିତ୍ର ସମୂହ ବାରମ୍ବାର ଅତୀତକୁ ଦେଖିଛନ୍ତି। ଯେପରି ଅତୀତ ହିଁ ଏହି କଥାବସ୍ତୁର ମୂଳପିଣ୍ଡ। 'ଆର୍ଯ୍ୟଦାସର ଆତ୍ମଲିପି' ଉପନ୍ୟାସଟି ଲେଖକଙ୍କ ନିଜର ଅତୀତ ଜୀବନର ପୂର୍ବାବଲୋକନ ଅଟେ। ସେହିପରି 'ଏଠି ଗୋଟେ ଗାଁ ଥିଲା' ଉପନ୍ୟାସ ଆମର ଭାରତୀୟ ସାହିତ୍ୟରେ କାହାଣୀ କହିବାର ଯେଉଁ ପରମ୍ପରା ରହିଛି ସେହି ପରମ୍ପରାର ଏକ ସାର୍ଥକ ନିଦର୍ଶନ। 'ଶୂନ୍ୟକାଳ' ଉପନ୍ୟାସଟିରେ ପ୍ରାଚୀନ କାହାଣୀ କଥନର ପରମ୍ପରାକୁ ଦେଖିବାକୁ ମିଳେ। ଯେଉଁଠି କାହାଣୀରୁ କାହାଣୀର ଗତି ହୋଇଛି ଏବଂ କାହାଣୀର ଅବିରତ ଧାରା ପ୍ରବାହ ଚାଲିଛି। ଉପନ୍ୟାସରେ ଅନେକଗୁଡ଼ିଏ ଉପକାହାଣୀ ମୂଳ କାହାଣୀକୁ ବାନ୍ଧି ରଖିଛି। କଥକ ଯାଦୁଗଡ଼ର ଅଦ୍ଭୁତ ଓ ବାସ୍ତବ ଚରିତ୍ରମାନଙ୍କର କାହାଣୀ ଶୁଣାଇଛି। 'ପ୍ରେମର ଅନ୍ୱେଷଣରେ ଗୋଟି ତରୁଣୀ' ଉପନ୍ୟାସର ପ୍ରାରମ୍ଭରେ ନାୟିକା ମାଳିନୀ କାନ୍ଦୁଛି ତା'ର ସ୍ୱାମୀ ମନୋଜର ଛାତିରେ ମୁହଁଗୁଞ୍ଜି। ମନେପଡୁଛି ତା'ର ତରୁଣୀ ବେଳର ପ୍ରେମ ଅନ୍ୱେଷଣର ସ୍ମୃତି। ଜୀବନରେ ଆସି ଦେଇଯାଇଥିବା ପୁରୁଷର ଛଳନା ଓ ପ୍ରତାରଣା, ପୁଣି ପ୍ରେମ ଅନ୍ୱେଷଣ କରୁକରୁ ହୋଇଥିବା ଗର୍ଭବତୀ ଅବସ୍ଥାର କଥା। ଉପନ୍ୟାସର ପ୍ରାରମ୍ଭ ହିଁ ହେଉଛି କଥାବସ୍ତୁର ଶେଷ ଘଟଣା। 'ବସାଘର' ଉପନ୍ୟାସରେ ଅବିନାଶର ସ୍ମୃତି ରୋମନ୍ଥନ ହେଉଛି। ମନର ସିଲଟରେ ଯେଉଁ ଅତୀତ ଲେଖା ହୋଇଯାଇଛି ତାହା ସହଜରେ ଲିଭି ପାରିନାହିଁ। ବାସ୍ତବିକ ଏହି ଉପନ୍ୟାସ ସମୂହ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ ଯୋଗୁ ବେଶ୍ ଆକର୍ଷଣୀୟ ଓ ଉତ୍କଣ୍ଠାପୂର୍ଣ୍ଣ ହୋଇଛି।




## ମିଥ୍ ଉପନ୍ୟାସ

୧୯୮୦ ମସିହା ପରେ ମୁଖ୍ୟତଃ ମିଥ୍ ଉପନ୍ୟାସଗୁଡ଼ିକ ଆବିର୍ଭାବ ହୋଇଥିଲା। ଏହି ଉପନ୍ୟାସ ସମୂହର ଏକ ମୁଖ୍ୟ ଆକର୍ଷଣ ହେଉଛି ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ।

୧୯୮୦ ମସିହା ପରବର୍ତ୍ତୀ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀ ଉପନ୍ୟାସ ସମୂହ ଶୈଳୀତାତ୍ତ୍ୱିକ ଦୃଷ୍ଟିରୁ ବେଶ୍ କଳାତ୍ମକ ଓ ଆକର୍ଷଣୀୟ ଅଟେ। ମୁଖ୍ୟତଃ ଦେଖାଯାଏ ପ୍ରତ୍ୟେକ ଉପନ୍ୟାସରେ କେଉଁଠି ନା କେଉଁଠି ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ହୋଇଥାଏ।

ବାସ୍ତବିକ ଓଡ଼ିଆ ଉପନ୍ୟାସରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀର ରୂପ ଓ ରୂପାନ୍ତରଣ ନିଶ୍ଚିତ ରୂପେ ଶୈଳୀତାତ୍ତ୍ୱିକ ଦିଗରେ ଆବେଦନଶୀଳ। ଓଡ଼ିଆ ଉପନ୍ୟାସର ବର୍ଣ୍ଣନା ଓ କଥାଭିବ୍ୟକ୍ତିରେ ପଶ୍ଚାତ୍ ପଟ୍ଟଦୃଶ୍ୟାନ୍ତର ଶୈଳୀର ଶୈଳ୍ପିକ ଗୁରୁତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରତ୍ୟେକ ଦିଗରେ ରହିଛି।

□□

ଲେଖିକାଙ୍କ ଇ-ମେଲ ଠିକଣା:
rinkirani4567@gmail.com

ଗଳ୍ପ




# ସମ୍ପର୍କ

ବିଜୟ କୃଷ୍ଣ ପଟ୍ଟନାୟକ

ସକାଳୁଆ ଅଫିସ୍ ଜାଣି ମଧ୍ୟ ସେ ଛଅଟା ତିରିଶରେ ଘଡିରେ ଆଲାର୍ମ ଦିଏ । ବୈଶାଖର ଗୁଳୁଗୁଳି ହେତୁ ରାତି ଅପେକ୍ଷା ଭୋରରୁ ଆଖି ଲାଗିଯାଇଥାଏ । ଏଣୁ ଉଠିବା ମାତ୍ରେ ଶତାବ୍ଦୀ ଏକ୍ସପ୍ରେସ୍ ପରି ଅଣନିଃଶ୍ୱାସୀ ହୋଇ ନିତ୍ୟକର୍ମ ସାରିବାରେ ଲାଗିଯାଏ ବିବେକ୍ ? ଗିନାଏ ଛତୁଆ କି ଚୁଡା ଚକଟା ଖାଇନେଇ ବାହାରିଯାଏ ଅଫିସ୍ । ଏଣୁ ସକାଳୁ ଉଠିଲେ ସାହିପଡିଶାଙ୍କ ସହ କଥା ହେବା ତ ଦୂରର କଥା, କାହାରି ଭଲମନ୍ଦ ବୁଝିବାକୁ ବି ତା'ର ବେଳ ନ ଥାଏ ।

ହେଲେ, ଆଜି ସାହି ଭାଇଙ୍କ ସହ ସେ ବି ଆଲୋଚନାରେ ସାମିଲ୍ ଥିଲା । ପ୍ରତିଦିନ ଯେଉଁ ବିଲେଇଟି ପାଇଁ ସେ ନାକେଦମ୍ ହେଉଥିଲା, ଆଜି ସେହି ବିଲେଇ ମଲା ପରେ କେବଳ ତା'ର ନୁହେଁ, ପୂରା ସାହି ପାଇଁ ଚିନ୍ତାର କାରଣ ବନିଯାଇଛି ! ସେ ତ ମରିନି, ବରଂ ଦୁର୍ଘଟଣାର ଶିକାର । ସକାଳୁ କୌଣସି ଗାଡି ଦୁର୍ଘଟଣାରେ ବିଚାରୀ ମରିଗଲା । ଏଇ ବିଲେଇ ପ୍ରତିଦିନ ତା' ପାଇଁ ଚିନ୍ତାର କାରଣ ଥିଲା । କେଉଁଦିନ ଖାଦ୍ୟରେ ମୁହଁ ମାରୁଥିଲା ତ କେବେ ଘରେ ଝାଡା କରିଦିଏ । ଓଃ ସବୁ ଝିଂଝଟ୍‌ରୁ ମୁକ୍ତି ! ଚାହିଁଲା ବିଲେଇ ମୁହଁକୁ । ଆହା ! ଆଖିରୁ ଲୁହ ବାହାରି ଆସିଛି । ମୁହଁରୁ ମେଞ୍ଚାଏ ରକ୍ତ ! ଦେହ ଉପରେ ଗାଡି ମାଡିଯାଇଛି । କେତେ କଷ୍ଟ ପାଇଥିବ !!



ଆଜି ତା' ମନରେ ବିଲେଇଟି ପ୍ରତି ଅନୁକମ୍ପା ଆସୁଥିଲା । ଏଇ ତ ଜୀବନ ! ବଞ୍ଚିଥିଲା ବେଳେ ଛୋଟ ଛୋଟ କଥାକୁ ନେଇ କେତେ ରାଗ ଅଭିମାନ ! ଜୀବନର ଶେଷ ସହ ସବୁ ରାଗ ଅଭିମାନର ପରିସମାପ୍ତି !!

ଅଜାଣତରେ ତା' ଆଖିରୁ ବି ଦୁଇଧାର ଲୁହ ବହି ଆସିଲା । ସବୁଦିନ ଘରେ ପଶିଲେ ଯେଉଁ ବିଲେଇର କାରନାମା ଦେଖିଲେ ମାରିବାକୁ ସେ ଗୋଡାଉଥିଲା, ଆଜି ତାକୁ ଆଉଁଶିବାକୁ ଇଚ୍ଛା ହେଉଥିଲା । ହେଲେ ସାହିଭାଇଙ୍କ ଯୁକ୍ତି ସରୁ ନ ଥିଲା....

କିଏ କହୁଥିଲା - ବିଲେଇ ହତ୍ୟା ଘୋର ପାପ । ଏହାର ପ୍ରାୟଶ୍ଚିତ ନାହିଁ । ପୁଣି କିଏ କହୁଥିଲା, ସାହିରେ କିଛି ଅମଙ୍ଗଳ ଘଟିବାର ଆଗୁଆ ସୂଚନା ! ଆଉ କେହି କେହି କହୁଥିଲେ, ଏ ଶବ ଉଠିବ କେମିତି ?

ଛୁଇଁବାରେ ବି ଶୁଦ୍ଧି ହେବାକୁ ପଡିବ... ଯେତେ ଲୋକ ସେତେ ମତ !! ହେଲେ, ବିବେକ୍‌ର ଏବେ ବି ଇଚ୍ଛା ହେଉଥିଲା ଅନ୍ତତଃ ଥରୁଟିଏ ବିଲେଇକୁ ଆଉଁଶିବାକୁ ।

ଘଡିକୁ ଚାହିଁଲା । ସକାଳ ସାତଟା ପନ୍ଦର ମିନିଟ । ଫୋନ୍‌ରେ ଅଫିସ୍‌କୁ ଛୁଟି ପାଇଁ ଜଣାଇଦେବାକୁ ଯାଇ ବଡ଼ବାବୁଙ୍କୁ କହିଲା, 'ଜଣେ ସମ୍ପର୍କୀୟର ମୃତ୍ୟୁ ହେଇଯିବାରୁ, ଛୁଟି ଦରକାର ।'

ନିଜକୁ ନିଜେ ଚମକି ଚାହିଁଲା। ଏଇ ବିଲେଇ ସହ ତା'ର ପୁଣି କେମିତି ସମ୍ପର୍କ ! ଏଇ କିଛିଦିନ ତଳେ ଘରୁ ଫୋନ୍ ଆସିଥିଲା ଦୁଇଦିନ ପାଇଁ ବୁଲିଯିବାକୁ। ଛୁଟି ନାହିଁ କହି ସେ ଏଡ଼େଇ ଯାଇଥିଲା। ଅଥଚ ଆଜି ....

ସେ ଚାହିଁଲା ସାହି ଭାଇଙ୍କ ମୁହଁକୁ। ସଭିଏଁ ନିଜ ନିଜର ଧାର୍ମିକ ବିଚାର ରଖିବାରେ ବ୍ୟସ୍ତ। ଘଣ୍ଟାଏ ହେଲା ଆଲୋଚନା ଚାଲିଛି। ବରଂ ଗହଳି ବଢିଚାଲିଥିଲା। ସାହି ମାଇପେ ବି ନିଜ ନିଜର ଦଳରେ ଫୁସ୍‌ଫାସ୍ ଚଳାଇଛନ୍ତି। ସବୁଦିନ ବିଲେଇକୁ ଦେଖିବା ମାତ୍ରେ ଗୋଡାଉଥିବା ବୁଲା କୁକୁରଟି ବି ସକାଳୁ ଦୁଇଥର ମଲା ବିଲେଇ ପାଖକୁ ଆସି ଶୁଂଘିବା ପରେ ଅଳପ ଦୂରରେ ବସି ଚାହିଁ ରହିଛି। ତା' ଆଖିରେ ବି ଲୁହ ! ଅଥଚ ମୃତ ବିଲେଇକୁ ନେଇ ଜ୍ଞାନୀଗୁଣୀଙ୍କ ବିତର୍କ ସରୁ ନ ଥିଲା। ପୁଣି ଥରେ ବିଲେଇ ଆଡକୁ ସେ ଚାହିଁଲା। ଧୀରେ ଧୀରେ ତା' ନିସ୍ତେଜ ଶରୀରଟିକୁ ମାଛି ଘେରିବା ଆରମ୍ଭ କରୁଥିଲେ।

ଲୋକଟି ଦରଦୀ କଣ୍ଠରେ କହିଲା, 'ଆଜ୍ଞା, ଏଇ ଜୀବଗୁଡିକ ଅଜବ ମାୟାରେ ଛନ୍ଦି ଦିଅନ୍ତି। ଏ ସମ୍ପର୍କ ଭୁଲି ହୁଏନି।'

ନା, ଆଉ ନୁହେଁ । ଏଇ ବିତଣ୍ଡା ଆଲୋଚନା ପାଇଁ ଆଉ ଅପେକ୍ଷା କରିହେବନି। ବିଚାରୀ ବିଲେଇର ମୃତ ଶରୀରକୁ ଏମିତି ପଡ଼ି ସଢିବା ସେ ଦେଖିପାରିବନି। ଏଣୁ ସଭିଙ୍କ ଉଦ୍ଦେଶ୍ୟରେ କହିଲା, 'ଆପଣମାନେ ବ୍ୟସ୍ତ ହୁଅନ୍ତୁନି। ମୁଁ ଏଇ ବିଲେଇର ମୃତ ଶରୀରକୁ ନେଇ ପୋତିଦେବି।' କ୍ଷଣିକ ପାଇଁ ସମସ୍ତେ ଚୁପ୍ ହୋଇ ତାକୁ ଚାହିଁଲେ। ପୁଣି ଉପଦେଶର ବନ୍ୟା ଆରମ୍ଭ ହେଉଥିଲା।

ଏ ସମୟରେ ନିତିଦିନିଆ ମୁନିସିପାଲିଟି ଆବର୍ଜନା ନେବା ଗାଡିଟି ସେଠାରେ ପହଞ୍ଚିଲା। ମଲା ବିଲେଇ ଦେହଟିକୁ ବିନା ସଙ୍କୋଚରେ ସେହି ମୁନିସିପାଲିଟିର ଲୋକଟି ଉଠାଇନେଲା। ସେଇ ଆବର୍ଜନା ଡବା ଭିତରକୁ ପକାଇବା ବେଳେ କୃତଜ୍ଞତାରେ ବିବେକ୍ କହିଲା, 'ଭାଇ। ମଲା ବିଲେଇଟିକୁ ଫିଙ୍ଗିବନି। ପୋତିଦେବ।'

ଏଇ କେଇପଦ କହୁ କହୁ ସେ ସେହି ଲୋକଟି ହାତକୁ ପଚାଶ ଟଙ୍କା ବଢାଇ ଦେଇ ହାତ ଯୋଡି ଚାହିଁଲା। ଲୋକଟି ସଯତ୍ନେ ବିଲେଇର ମୃତ ଶରୀରକୁ ଗାଡ଼ିରେ ରଖିଦେଇ କହିଲା, 'ହଁ ବାବୁ। ନିଶ୍ଚୟ ପୋତିଦେବି।' ପୁଣି ବିବେକ୍ ଆଡକୁ ଚାହିଁ ପଚାରିଲା, 'ଇଏ କ'ଣ ଆପଣଙ୍କ ପୋଷା ବିଲେଇ ?'

ବିବେକ୍ ନୀରବରେ ମୁଣ୍ଡପୋତି ଠିଆହେଲା। ଲୋକଟି ଦରଦୀ କଣ୍ଠରେ କହିଲା, 'ଆଜ୍ଞା, ଏଇ ଜୀବଗୁଡିକ ଅଜବ ମାୟାରେ ଛନ୍ଦି ଦିଅନ୍ତି। ଏ ସମ୍ପର୍କ ଭୁଲି ହୁଏନି।'

ମୁନିସିପାଲିଟି ଗାଡି ଫେରୁଥିଲା। କୃତଜ୍ଞତାରେ ଚାହିଁ ରହିଥିଲା ବିବେକ୍ ?। ଜଣେ ସମ୍ପର୍କୀୟ ପାଇଁ ବଡ ଦାୟିତ୍ୱ ତୁଲାଇବା ପରି ହାଲୁକା ଅନୁଭବ କରୁଥିଲା। ବୁଲା କୁକୁରଟି ଲମ୍ବା ରାହା ଧରି ବିଲେଇକୁ ବିଦାୟ ଦେଉଥିଲା। ଆଉ କୁକୁରର ଏହି ଲମ୍ବା ରାହା ଧରିବାକୁ ନେଇ ସାହି ଭାଇଙ୍କର ନୂଆ ବିତର୍କ ଆରମ୍ଭ ହେଉଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
bijoyplb@gmail.com

## ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ




Search **Sahitya Charcha** on Play Store

ଆପଣଙ୍କ ମୋବାଇଲ ଫୋନ୍‌ର 'ପ୍ଲେଷ୍ଟୋର'ରୁ 'ସାହିତ୍ୟ ଚର୍ଚ୍ଚା'ର ଆପ୍ ଡାଉନ୍‌ଲୋଡ୍ କରନ୍ତୁ, ଏଥିରେ ପ୍ରକାଶିତ ରଚନାମାନ ସୁବିଧାରେ ପଢ଼ିବା ପାଇଁ।

ଶିଶୁ ଗଳ୍ପ



# ବାଇ ଚଢ଼େଇ ଓ ତାଳସଜ

ରବୀନ୍ଦ୍ରନାଥ ମାଝୀ

ସରୁ ସରୁ ତାଳପତ୍ର ଚିରି ବାଇ ଚଢ଼େଇ ବସା ଗଢୁଥାଏ। ଏଡେ ଟିକି ଥଣ୍ଟ, ସେଇ ଥଣ୍ଟରେ ସେ ଯେଉଁ ବସା ଗଢ଼ିପାରେ ମଣିଷ ପିଲାଏ ଦେଖି ତଟସ୍ଥ ହେଇଯାଆନ୍ତି। ବସାକୁ ଯିବା ପାଇଁ ଦୁଇଟା ତିନିଟା ବାଟ। ଗୋଟାଏ ବାଟେ ପଶିବ, ବସା ଭିତରେ ଅଣ୍ଡା ଉଷୁମେଇ ଆର ବାଟରେ ବାହାରିଯିବ, ବାଇଚଢ଼େଇର ବିଚିତ୍ର ବସାଟି ଦେଖୁଥିଲା ତାଳ ଫୁଲ। କାନ୍ଦି କାନ୍ଦି ତାଳ ଫୁଲରେ ଗୋଲ ଗୋଲ ଫଳ କଷିରୁ ପାକଳ ହେବା ବି ଦେଖୁଥାଏ ବାଇ ଚଢ଼େଇ। ତାଳ ଫଳଫୁଲ ଉଠିବା ସେ ଦେଖିଲେ ବି ମନରେ ଟକିଏ ହେଲେ ଖୁସି ନ ଥାଏ।

ବାଇ ଚଢ଼େଇ ତାଳଗଛ ଉପରୁ କେତେଥର ତଳକୁ ଆସିଛି ଆଉ ସବୁ ଚଢ଼େଇଙ୍କ ସହ ମିଶିଛି। ପିଲାଙ୍କୁ ନିଦରୁ ଉଠାଉଥିବା କାଳିଆ କାଉକୁ ପଚାରେ.... "ମଣିଷ ପିଲାଏ ଭାରି ଚଗଲା। ଶୋଇଛନ୍ତି ତ ଶୋଇ ଥାଆନ୍ତୁ। ତୁ ତାଙ୍କୁ ଉଠାଉ କାହିଁକି ?"



କାଉ କାଆ କାଆ କରି ଆମ୍ବଗଛକୁ ଉଡି ଆସି କହେ, "ଦେଖ... ଏ ଗଛରେ କେତେ ଆମ୍ବ। ରସାଳୁଆ ହେଲେ ପାଚେ। ପିଲାଏ ଉଠି ଆମ୍ବ ବଗିଚାକୁ ଆସି ପାଚିଲା ଆମ୍ବ ଝଡାଇ ଖାଆନ୍ତି।"

ବାଇଚଢ଼େଇ କହେ "ସେ ବେଲ ଗଛରେ ବେଲ ପାଚି ବସିଲାଣି, ଆମ୍ବ ଭଳି ପିଲାଏ ତ ବେଲ ଝାଡ଼ନ୍ତି ନାହିଁ।"

କାଉ କହେ "ବେଲ ଆପଣାଛାଏଁ ପାଚି ଝଡେ। ବେଲ ପଣା କରି ମଣିଷମାନେ ଖରାଦିନେ ପିଅନ୍ତି। ହେଲେ ସତ କଥା, ବେଲ ପାଚିଲେ ମୋର କି ଯାଏ। ସେ ତ ଆଉ ଆମ୍ବ ଭଳି ରସାଳ ନୁହେଁ?"

ବାଇ ଚଢ଼େଇ ଉଡିଗଲା ତାଳଗଛକୁ। ତା' କୁନି କୁନି ଛୁଆ କହିଲେ "ମାଆ ଲୋ! ତାଳକୁ ଦେଖିଲୁଣି। ଫୁଲି ଫୁଲି ପାଚିଛି ତା' ଭିତରେ ତାଳର କୁନି କୁନି ପିଲାଏ କଥା ହେଉଥିଲେ ଯେ, ଖରାରେ ତା' ମାଆ ସେମାନଙ୍କୁ ବାହାରକୁ ଛାଡୁନାହିଁ। କହୁଛି ରୁହ, ମୁଁ ପାଚିଲେ ତମେ ତିନି ହେଁ ମୋ ସାଥିରେ ତଳକୁ ଯିବ। ମାଟି ଉପରେ ବଢ଼ିବ। ଏବେ ତା' ପିଲାଏ ମାଟିକୁ ଯିବା ପାଇଁ ସଜ ହେଉଛନ୍ତି। ରସାଳୁଆ କୋଳ ଭିତରେ ମିଠା ପାଣି ଚାଖି ଚାଖି ପିଉଛନ୍ତି।

ବାଇ ଚଢ଼େଇ ପ୍ରଶ୍ନ କଲା, "ଆରେ ତମେ ଦୁହେଁ ଏତେ କଥା ଜାଣିଲ କେମିତି ?

ଚଢ଼େଇ ଛୁଆ କହିଲେ, "ତା' ମାଆ ପରା ଗୁଣୁ ଗୁଣୁ ହୋଇ ଗୀତ ଗାଉଥିଲା–

ଧନ ମାଳି ମୋର ସଜ ହେଉଥାଏ
ତୋତେ ପିଆଉଛି ମିଠା ପାଣି,
ଖରା ନଇଁଗଲେ ତମକୁ ମୁଁ ନେବି
ଶୁଣାଇବି ଜେଜେମା' କାହାଣୀ।"


ବାଇ ଚଢ଼େଇ କହିଲା, ଜାଣିଛୁ ଜେଜେ ମା' ଏବେ ଠୁ ଢମାଳିଟିଏ କହୁଛି,

"ଉପରୁ ପଡିଲା ଟୋକାଟିଏ
ତା' ମୁଣ୍ଡରେ ଠେକାଟିଏ।
ମାଆ ତୁ ଜାଣିଛୁ କି ସେ ଟୋକାଟିଏ କିଏ ?"

ବାଇ ଚଢ଼େଇର ଗୋଟାଏ ଛୁଆ ଭାରି ଆଗଚଲା। ସେ ଆଉ କିଏ? ସେ ପରା ତାଳ। ତାଳ ଭିତରେ ତିନିଛୁଆ ତାଳସଜ। ଗାଁ ମୁଣ୍ଡରେ ରହୁଥିବା ସନେଇ ତାଳଗଛ ଚଢ଼ି

କାନ୍ଦି କାନ୍ଦି କାଟି ତଳକୁ ନେଲାଣି। ଆଉ ଚଢ଼େଇ ଛୁଆଟି ପଚାରିଲା, "ତାଳ ଭିତରେ ତାଳସଜକୁ କାହିଁ ଆମେ ତ ଦେଖିପାରୁ ନାହୁଁ?" ବାଇ ଚଢ଼େଇ କହିଲା, "ତାଳ ଫଳିଲେ ଆମର କି ଯାଏ? ବାଆ କଲେ ଆମ ବସା ଦୋହଲୁଥାଏ।"

ଗଛତଳେ ତାଳ ସଜନେଇ ବସିଛି। ଗାଁ ପିଲାଏ ତାକୁ ଘେରି ଗଲେଣି। ସମସ୍ତେ ଏକାଠି। କଳିଗୋଳ ନାହିଁ। ଆମ୍ଭ ପାଚୁ କି ନ ପାଚୁ କେହି ଭାବୁ ନାହିଁ। ସମସ୍ତେ ଏକାମନରେ କହୁଛନ୍ତି, "ଆମକୁ ତାଳସଜ ଦିଅ।"



ସନେଇ ବଡ ଯତ୍ନରେ ତାଳକୁ କାଟି ତା' ଭିତରୁ ତିନୋଟି ତାଳସଜ କାଢୁଥାଏ, କହୁଥାଏ, "ଏ ତାଳସଜ ଭିତରେ ମିଠା ପାଣି ଅଛି। ଧୀରସ୍ଥିର ନ ହେଲେ ମିଠାପାଣି ବୋହିଯିବ। ଚାଖି ପାରିବ ନାହିଁ।" ସତକୁ ସତ ତାଳସଜକୁ ମିଠା ପରି ଚାଖିବା ପାଇଁ କେହି ଦୁଷ୍ଟ ହେଉ ନାହିଁ କି କାହାଠୁ ଛଡେଇ ନେଉ ନାହିଁ। ତାଳସଜମାନେ ଉପରେ ବାଇ ଚଢ଼େଇ ବସାରେ ଝୁଲୁଥିବା ଚଢ଼େଇ ଛୁଆଙ୍କୁ କହୁଥାଆନ୍ତି, "ଦେଖ, ତମେମାନେ ନିଜ ସୁଖରେ ମାତିଛ। ଏ ଅସହଣ ଖରାବେଳେ ଆମେ ମଣିଷଙ୍କ ସାଥିରେ ଅଛୁ। ପିଲାଙ୍କ ମନଖୁସି, କଳିଝଗଡା ନାହିଁ। ଏକାଠି କରେଇଛୁ ଆମେ ତିନି ଛୁଆ ତାଳସଜ।" ସେଇଥିପାଇଁ ସକାଳୁ ପିଲାମାନଙ୍କୁ କାଉ ଉଠେଇ ପକାଏ। କହେ "ଉଠରେ। ମନ ଫୂର୍ତ୍ତି କର। ସମସ୍ତଙ୍କର ସୁଖ ଦେଖ। ହସ ଖୁସିରେ ଦିନଟିକୁ ପୂରାଇଦିଅ।"

*(ପାଞ୍ଚରୁ ଦଶ ବର୍ଷ ବୟସର ପିଲାଙ୍କ ପାଇଁ)*

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com




**ମୂଲ୍ୟ : ଟ. ୧୨୦/-**

## ପ୍ରକାଶ ପାଇଲା

# ଅଭୟାନନ୍ଦ ଉବାଚ

**ଆମର ସାମାଜିକ, ପାରିବାରିକ ତଥା ରାଜନୈତିକ ଜୀବନର ବିଭିନ୍ନ ବିସଙ୍ଗତିକୁ ନେଇ ଶାଣିତ ବ୍ୟଙ୍ଗ ମାଧ୍ୟମରେ ରୂପାୟିତ ଏହି ପୁସ୍ତକଟିରେ ସ୍ଥାନିତ ହୋଇଛି ଡା. ଅଭୟ ଦାଶଙ୍କ ଦ୍ୱାରା ରଚିତ ୩୩ଟି ରମ୍ୟରଚନା। ଏକ ଅନନ୍ୟ ପାଠକୀୟ ଅନୁଭବର ପ୍ରତିଶ୍ରୁତି ରଖନ୍ତି ପ୍ରତ୍ୟେକଟି ଲେଖା।**

ପ୍ରକାଶକ : ସାହିତ୍ୟ ଚର୍ଚ୍ଚା

ନିକଟସ୍ଥ ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନୁସନ୍ଧାନ କରନ୍ତୁ। ଅନ୍‌ଲାଇନ୍‌ରେ ଆମାଜନ୍ ଜରିଆରେ ମଧ୍ୟ ଉପଲବ୍ଧ।




**ପୁସ୍ତକ ସମୀକ୍ଷା**

# ଗଳ୍ପ ପଞ୍ଚକ

**ଲେଖକ : ବିବୁ ଦାସ**
**ପ୍ରକାଶକ: ବନ୍ଧୁଘର ସାହିତ୍ୟ ପିଣ୍ଡା**
**ପୃଷ୍ଠା : ୧୯୦, ମୂଲ୍ୟ: ଟ. ୨୦୦/-**

ଗଳ୍ପ ସଂକଳନଟି ଖୋଲି ପଢ଼ିବା ଆରମ୍ଭ କଲେ ମୋଟରୁ ହିଁ ମନେହୁଏ ନାହିଁ ଯେ ଏହା ଜଣେ ଲେଖକଙ୍କର ପ୍ରଥମ ଗଳ୍ପ ସଂଗ୍ରହ। ଏଥିରେ ସନ୍ନିବେଶିତ ଗଳ୍ପଗୁଡ଼ିକର ଆବେଦନ ଓ ରଚନା-କୌଶଳ ପ୍ରତ୍ୟକ୍ଷ କରିବାପରେ ବିସ୍ମିତ ହେବାକୁ ପଡ଼େ ଯେ ଏହି ସୁଦକ୍ଷ କଥାକାର ଏତେ ବିଳମ୍ବରେ, ଅର୍ଥାତ୍ ଊଣତର-ଷାଠିଏ ବୟସରେ ହିଁ କାହିଁକି ଗଳ୍ପରଚନାରେ ମନୋନିବେଶ କଲେ !

ମାତ୍ର ପାଞ୍ଚଗୋଟି ଗଳ୍ପକୁ ନେଇ ରୂପାୟିତ ହୋଇଛି ସଂକଳନଟି। ଅବଶ୍ୟ ପାଞ୍ଚଟି ଯାକ ରଚନାକୁ ଗଳ୍ପ ବୋଲି କହିହେବ ନାହିଁ; କାରଣ ସେଥିରେ 'ବ୍ୟବଚ୍ଛେଦ' ଶୀର୍ଷକ ୧୧୦ ପୃଷ୍ଠାର ଗୋଟିଏ ନଭେଲା ବା ଉପନ୍ୟାସିକାଟିଏ ମଧ୍ୟ ଅନ୍ତର୍ଭୁକ୍ତ। ଆମ ମତରେ, ଏହି ଉପନ୍ୟାସିକାଟିକୁ ସଂକଳିତ ଗଳ୍ପଗୁଡ଼ିକ ସହିତ ନ ଯୋଡି ତାହାକୁ ବରଂ ଅନ୍ୟ ଏକ ପୁସ୍ତକ ଆକାରରେ ପ୍ରକାଶ କରିବା ଅଧିକ ଉପଯୁକ୍ତ ହୋଇଥାଆନ୍ତା। ତେବେ ସେ ଯାହାହେଉ, ଏହି ସଂକଳନଟି ଯେ ଗଳ୍ପ-କାରିଗରୀର ଏକ ନିଆରା ସ୍ତର ସ୍ପର୍ଶ କରିବାରେ ସଫଳ ହୋଇଛି ଏହା ଅନୁଭବ କରିହୁଏ।

ବିବୁଙ୍କର ଲେଖକୀୟ ସତ୍ତାଟି ପଛରେ ଯେ ଅଛି ଜଣେ ସୁଦକ୍ଷ ସଂଗୀତ ଶିଳ୍ପୀ ଓ ଦରଦୀ ବ୍ୟକ୍ତିତ୍ୱର ମୂଳାଧାର, ତାହାର ଆଭାସ ମିଳେ ଏଥିରେ ସ୍ଥାନିତ ହୋଇଥିବା 'ମୋ କଲମର କୈଫିୟତ' ଶୀର୍ଷକ ମୁଖବନ୍ଧଟିରୁ। ଯେମିତି ମନେହୁଏ, ଏହାକୁ ନ ପଢିଲେ ଏଥିରେ ସନ୍ନିବେଶିତ ଲେଖା ଓ ଲେଖକଙ୍କୁ ସମ୍ପୂର୍ଣ୍ଣ ରୂପେ ବୁଝିବା ଅପୂର୍ଣ୍ଣ ରହିଯିବ। ଏହା ଆମକୁ ଅବଗତ କରାଏ ଯେ ଲେଖକ ହେଉଛନ୍ତି ଜଣେ ସମର୍ପିତ ସଂଗୀତ ସାଧକ। ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ପ୍ରେରିତ ହୋଇ ତାଙ୍କ ଦ୍ୱାରା ବ୍ୟକ୍ତିଗତ ଭାବରେ ତାଲିମପ୍ରାପ୍ତ ହେବାର ସୌଭାଗ୍ୟ ଲାଭ କରିବାପରେ ସେ ସଂଗୀତର ଦୁନିଆରେ ନିଜକୁ ସୁପ୍ରତିଷ୍ଠିତ କରିପାରିଛନ୍ତି ଜଣେ ଅଗ୍ରଣୀ କଣ୍ଠଶିଳ୍ପୀ ଭାବରେ।

ଏହି ପ୍ରେକ୍ଷାପଟରେ ଆଲୋଚ୍ୟ ଗଳ୍ପଗୁଡିକ ଭିତରେ ତା'ଙ୍କ ସଂଗୀତ ଜୀବନର ଗୁରୁ ଅକ୍ଷୟ ମହାନ୍ତିଙ୍କର ଗଳ୍ପ ପରିବେଷଣ ଧାରାର ଆଖିଦୃଶିଆ ପ୍ରଭାବ ସ୍ୱତଃ ଆମର ଦୃଷ୍ଟିକୁ ଆସେ। ମନେହୁଏ ଅକ୍ଷୟ ମହାନ୍ତିଙ୍କ ଗଳ୍ପରେ ଥିବା ସାଧାରଣ କଥୋପକଥନଗତ ଭାଷାଗତ ଶୈଳୀ ଯେମିତି ସିଧାସଳଖ ଓହ୍ଲାଇ ଆସିଛି ବିବୁ ଦାସଙ୍କ ରଚନା ଭିତରକୁ। କେବଳ ସେତିକି ନୁହେଁ, କଥାବସ୍ତୁଟିକୁ ଦକ୍ଷ ଭାବରେ ଗଢି ତାହାକୁ ଏକ ଚମକପ୍ରଦ ପରିସମାପ୍ତି ଦିଗକୁ ଆଗେଇନେବାରେ ସେ ଯେ ବରଂ ଅକ୍ଷୟଙ୍କଠାରୁ ଆହୁରି କେଇପାଦ ଆଗୁଆ ଏହା ଲକ୍ଷ୍ୟ କରିହୁଏ। ସଂକଳନଟିର ପ୍ରଥମ ଗଳ୍ପ 'ଘୋଡାମୁହାଁ'ରେ ଯେତେବେଳେ ପାଠକ ଦୁଇଜଣ ବୟୋବୃଦ୍ଧ ବାଲ୍ୟବନ୍ଧୁଙ୍କର ମନଖୋଲା ବାର୍ତ୍ତାଳାପ ମଧ୍ୟ ଦେଇ ଆଗକୁ ଗତି କରୁଥାଏ, ସେତେବେଳେ ତିଳେ ମାତ୍ର ପୂର୍ବାଭାସ ମିଳେନାହିଁ ଯେ ଶେଷକୁ କ'ଣ ଘଟିବ। ପରିଶେଷରେ ଦୁଇଜଣ 'ଯୋଗ୍ୟ' ପୁଅ ଯେତେବେଳେ ନିଜର ଧନାଢ୍ୟ ପିତାଙ୍କ ମୃତ୍ୟୁ ଉପରାନ୍ତେ ଶ୍ମଶାନରେ ମୁଖାଗ୍ନି ଦେବା ପୂର୍ବରୁ ତାଙ୍କର ପାଟି ଭିତରୁ ସୁନାର କୃତ୍ରିମ ଦାନ୍ତ ଦୁଇଟି ଚିମୁଟା ଦ୍ୱାରା ଉପାଡ଼ି ଆଣନ୍ତି ସେତେବେଳେ ଅତି ଦାରୁଣ ଭାବରେ ଖୋଲିଯାଏ ଆଜିର ସଭ୍ୟ ମଣିଷର ମୁଖା ତଳେ ଥିବା ତା'ର ଆସୁରିକ ଚେହେରା। ଏହି ଭଳି ସମସ୍ତ ଗଳ୍ପରେ 'ସସପେନ୍ସ' ବା ଉତ୍କଣ୍ଠାଗତ ଉପାଦାନର ଉପଯୁକ୍ତ ପ୍ରୟୋଗକରି ଲେଖକ କେବଳ ପାଠକଙ୍କୁ କେବଳ ଚମତ୍କୃତ ହିଁ କରିନାହାନ୍ତି, ନିଜ ଥିମ୍‌ର ତୀକ୍ଷ୍ଣତାକୁ ମଧ୍ୟ ବ୍ୟକ୍ତ କରିବାରେ ସଫଳ ହୋଇଛନ୍ତି।

*- ନିହାର ଶତପଥୀ*

# ସାହିତ୍ୟ ସମାଚାର

## କବିତା ଓ ଚାରୁକଳାର ଯୁଗଳବନ୍ଦୀ 'ପ୍ରଣୟ ନିଧୁବନ' ଉନ୍ମୋଚିତ




କବି ଦୁର୍ଗାଚରଣ ଷଡ଼ଙ୍ଗୀଙ୍କ କଲମ ଓ ଚିତ୍ରଦେବ ବଳଦେବ ମହାରଥାଙ୍କ ତୂଳୀର ସଂଯୋଗରେ ସୃଜିତ ହୋଇଥିବା ଛନ୍ଦ କବିତାର ଅନୁପମ ସଂକଳନ 'ପ୍ରଣୟ ନିଧୁବନ' ଭୁବନେଶ୍ୱରର ପଞ୍ଚସଖା ଭବନଠାରେ ମଇ ୨୧ ତାରିଖ ଦିନ ଏକ ସାରସ୍ୱତ ସମାରୋହରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ସନ୍ନିବେଶିତ ପ୍ରତ୍ୟେକଟି କବିତା ସହ ତାଳ ଦେଇ ଏକ ଛନ୍ଦାୟିତ ରେଖାଚିତ୍ର ସ୍ଥାନିତ ହୋଇଛି। ପୁସ୍ତକଟି ଭୁବନେଶ୍ୱରର ବିଶିଷ୍ଟ ପ୍ରକାଶନ ସଂସ୍ଥା 'ଏଥେନା ବୁକ୍ସ' ଦ୍ୱାରା ପ୍ରକାଶିତ ହୋଇଛି।

ଏହି ଅବସରରେ ଚିତ୍ରଦେବ ବଳଦେବ ମହାରଥା ପ୍ରକାଶିତ ପୁସ୍ତକଟି ପାଇଁ ତାଙ୍କଦ୍ୱାରା ଚିତ୍ର ଅଙ୍କନର ନିବିଡ ଅନୁଭୂତି ବଖାଣିଥିଲେ। ସେ କହିଥିଲେ ଯେ ନାନ୍ଦନିକତା କାବ୍ୟ-ରଚନା ଓ ଚିତ୍ରାଙ୍କନକୁ କିଭଳି ଭାବରେ ଓହ୍ଲାଇ ଆସେ ତାହା ଅବର୍ଣ୍ଣନୀୟ, ଏବଂ ଏହା କେବଳ ଅନୁଭବି ହିଁ ଜାଣେ। ଦୁର୍ଗାଚରଣ ଷଡ଼ଙ୍ଗୀ ମଧ୍ୟ ଏହି କାବ୍ୟର ସୃଜନ କ୍ରମରେ ନିଜ ଅନ୍ତରଙ୍ଗ ଅନୁଭବ ସମ୍ପର୍କରେ କହିଥିଲେ।

ବିଶିଷ୍ଟ କବି ହରପ୍ରସାଦ ଦାସ କହିଲେ ଯେ ଛନ୍ଦ ହେଉଛି କବିତାର ପ୍ରାଣ। ଓଡ଼ିଶାରେ ପ୍ରାୟ ସାତ ଶହ ଛନ୍ଦର ପ୍ରୟୋଗ ହୁଏ, ଯାହା ଅନ୍ୟତ୍ର ଦେଖାଯାଏ ନାହିଁ। କିନ୍ତୁ ପରିତାପର ବିଷୟ ହେଲା ଯେ ଏହା ଆମେ ହରାଇବସିଛେ। ଯିଏ ଛନ୍ଦରେ କବିତା ଲେଖିପାରେ ନାହିଁ, ତାହାର ଆଧୁନିକ କବିତା ଲେଖିବାର ଅଧିକାର ନାହିଁ ବୋଲି ସେ ମତ ଦେଇଥିଲେ।

## ଅତିବଡୀ ପୁରସ୍କାରରେ ସମ୍ମାନିତ ହେଲେ ତିନିଜଣ ସାରସ୍ୱତ ସାଧକ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତିନିବର୍ଷ ପାଇଁ ଅତିବଡୀ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୧ ମସିହା ପାଇଁ ବିଶିଷ୍ଟ ଔପନ୍ୟାସିକା ପ୍ରତିଭା ରାୟ, ୨୦୨୨ ମସିହା ପାଇଁ ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ଏବଂ ୨୦୨୩ ପାଇଁ ବିଶିଷ୍ଟ ସାରସ୍ୱତ ସାଧକ ଶ୍ରୀନିବାସ ଉଦଗାତାଙ୍କୁ ଏହି ପୁରସ୍କାରରେ ଭୂଷିତ କରାଯାଇଛି। ଓଡିଆ ସାହିତ୍ୟିକଙ୍କ ପାଇଁ ସରକାରୀ ସ୍ତରରେ ପ୍ରଦାନ କରାଯାଉଥିବା ଏହା ସର୍ବୋଚ୍ଚ ପୁରସ୍କାର। ସେହିପରି ଏହି ତିନିବର୍ଷ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୪୫ ଜଣ ସାହିତ୍ୟିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ମେ ଆଠ ତାରିଖ ଦିନ ଭୁବନେଶ୍ୱରର୍ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଅତିବଡୀ ପୁରସ୍କାର ପ୍ରଦାନ ସହ ଏହି ସାହିତ୍ୟିକମାନଙ୍କର ସମ୍ବର୍ଦ୍ଧନା ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଓଡ଼ିଶା ସାହିତ୍ୟ ଏକାଡେମୀର ବିଭିନ୍ନ ପୁରସ୍କାର ସମ୍ପର୍କରେ ମାଲିମକଦ୍ଦମା ଏବେ ହାଇକୋର୍ଟଙ୍କ ବିଚାରାଧୀନ ଥିବାରୁ ଏଥିଜନିତ କୌଣସି ଅପ୍ରତ୍ୟାଶିତ ପ୍ରତିବନ୍ଧକ ଏଡ଼ାଇବା ପାଇଁ ମେ ଛଅ ତାରିଖ, ଶନିବାର ଅପରାହ୍ନରେ ଏହି ପୁରସ୍କାରଗୁଡିକର ପ୍ରଦାନ ସମ୍ପର୍କରେ ହଠାତ ନିଷ୍ପତ୍ତି ନେଇ, ତରବରିଆ ଭାବରେ ସୋମବାର ଦିନ ସକାଳେ ହିଁ ଏହା ବିତରଣ କରିବା ପାଇଁ ଏକାଡେମୀ କର୍ତ୍ତୃପକ୍ଷ ବ୍ୟବସ୍ଥା କରିଥିଲେ ବୋଲି ଓଡ଼ିଶାର ସାହିତ୍ୟିକ ମହଲରେ ଚର୍ଚ୍ଚା ହେଉଛି।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୁଞ୍ୟା

# ନିର୍ଯ୍ୟୁହ *

ଜପ, ଧ୍ୟାନ, ଲୟ ଓ ସଙ୍ଗୀତ ପ୍ରସଙ୍ଗରେ ଜ୍ଞାନ ସାଉଁଟିଲା ବେଳେ, ପଢ଼ିଥିଲି ସଙ୍ଗୀତର ଗରିମା। 'ଜପାତ୍ କୋଟୀ ଗୁଣଂ ଧ୍ୟାନଂ ଧ୍ୟାନାତ୍ କୋଟୀ ଗୁଣଂ ଲୟଃ ଲୟାତ୍ କୋଟୀ ଗୁଣଂ ଗାନଂ ଗାନାତ୍ ପରତରଂ ନହି'"

ସଙ୍ଗୀତ ପ୍ରାୟେକ ସାହିତ୍ୟ ମଧ୍ୟ ମାନବର ସହଜାତ ଓ ସକଳ ମାନବଜାତିର ପ୍ରାଣପିଣ୍ଡ। ପ୍ରାୟତଃ ମାନବ ଊଣା ଅଧିକରେ ସାହିତ୍ୟପ୍ରିୟ। ଯୁଗ ଥିଲା; ଚଉଷଠି କଳା ଅଥବା ଚତୁର୍ଦ୍ଦଶ ବିଦ୍ୟା ମଧ୍ୟରୁ ଯେ କୌଣସି ଜ୍ଞାନରେ ପାରଙ୍ଗମଙ୍କୁ ପଣ୍ଡିତ କୁହାଯାଉଥିଲା। ଯେପରି ନୃତ୍ୟ, ଗୀତ ଓ ବାଦ୍ୟ ଭଳି ତୌର୍ଯ୍ୟତ୍ରିକ ବୋଧକୁ ସଙ୍ଗୀତ କୁହାଯାଉଥିଲା; ଆମ୍ଭେ ବୁଝୁ ଯେ ସାହିତ୍ୟରେ ଏହି ତୌର୍ଯ୍ୟତ୍ରିକ ହେଉଛି ଲେଖକ, ପ୍ରକାଶକ ଓ ପାଠକଙ୍କ ସାହିତ୍ୟ ତ୍ରିଭୁଜ।

ସାହିତ୍ୟ ସଂସାରରେ ଅନେକ ଅଶ୍ରେୟଃ ସାହିତ୍ୟିକ ସମ୍ମାନର ନିର୍ଯ୍ୟୁହ ପାଇଁ ହଟଚମଟ କରୁଥିବା ବେଳେ ଅନେକ ସାହିତ୍ୟ ସାଧକଙ୍କ ଜୀବନରେ ବିଚିତ୍ର ପ୍ରସଙ୍ଗ ମଧ୍ୟ ଦେଖାଦେଇଛି। ବିଶ୍ୱପ୍ରସିଦ୍ଧ 'ଗନ୍ ୱିଥ୍ ଦି ୱିଣ୍ଡ୍'ର ରଚୟିତା ମାର୍ଗାରେଟ୍ ମିଚେଲ୍ ୩୮ ଥର, 'ଚିକେନ୍ ସୁପ୍ ଫର୍ ଦି ସୋଲ୍'ର ଯୁଗ୍ମ ସଙ୍କଳକ ୧୪୪ଥର, 'ଡବ୍ଲିନର୍' ଲେଖକ ଜେମ୍ସ ଜୟେସ୍ ୨୨ ଥର, 'ଦି ଥୋମାସ୍ ବେରିମେନ୍ ନମ୍ବ'ର ଲେଖକ ଜେମ୍ସ ପେଟେରସନ୍ ୩୧ ଥର, 'ରୁଟ୍ସ୍'ର ଲେଖକ ଆଲେକ୍ସ ୨୦୦ ଥର, 'ହାରିପଟର୍ ଏଣ୍ଡ୍ ଦି ଫିଲୋସଫର୍ସ ଷ୍ଟୋନ୍'ର ଲେଖକ ଜେ କେ ରୌଲିଙ୍ଗ୍ ୧୨ ଥର, 'କେରୀ' ପୁସ୍ତକର ଲେଖକ ଷ୍ଟିଫେନ୍ କିଙ୍ଗ୍ ୩୦ଥର ଏବଂ ଅତି ଆଶ୍ଚର୍ଯ୍ୟର କଥା ଯେ ୩୩କୋଟି ପୁସ୍ତକ ବିକ୍ରୟ ହୋଇଥିବା ଲେଖକ ଲୁଇସ୍ ଲାମୋର୍ ମଧ୍ୟ ୨୦୦ ଥର ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୋଇଥିଲେ ବୋଲି ଜାଣିବାକୁ ମିଳେ।

୧୯୬୪ ମସିହାରେ ୫୯ ବର୍ଷୀୟ ସାହିତ୍ୟ ଓ ଦର୍ଶନର ବିଜ୍ଞ ଜିନ୍ ପଲ୍ ସାର୍ତ୍ରେ ନୋବେଲ ପୁରସ୍କାର ଗ୍ରହଣ କରିବାକୁ ମନା କରି ଦେଇକହିଥିଲେ ଯେ, "ସାହିତ୍ୟ ନିମନ୍ତେ ସେ ଯେ କୌଣସି ଆନୁଷ୍ଠାନିକ ସମ୍ମାନ ଗ୍ରହଣ କରିବାରେ ଆଗ୍ରହୀ ନୁହନ୍ତି।"

ଆଜି କେତେଜଣ ଓଡ଼ିଆ ସାହିତ୍ୟରଥୀ ଏହି କଥା ଭାବି ପାରୁଥିବେ।

ଅତି ବିଚିତ୍ରର କଥା ଯେ, ବିଶ୍ୱବିଖ୍ୟାତ ଲେଖକଗଣ ମଧ୍ୟରେ ଏଚ୍ ଜି ୱେଲ୍ସ, ସଲ୍‌ମାନ ରସ୍‌ଦି, ହାରୁକି ମୁରାକାମୀ, ଚିନୁଆ ଆକିବେ, ଡି ଏଚ୍ ଲରେନ୍ସ, ଆର୍ କେ ନାରାୟଣ, ଗ୍ରାହାମ୍ ଗ୍ରୀନ୍, ରବର୍ଟ ଫ୍ରଷ୍ଟ, ଲୁଇସ୍ ବୋର୍ଜେସ୍, ଭିରଜିନିଆ ୱୁଲ୍‌ଫ୍, ଲିଓ ଟଲଷ୍ଟୟ ପ୍ରମୁଖ ସାହିତ୍ୟ ସାଧନା ନିମନ୍ତେ ନୋବେଲ୍ ପୁରସ୍କାର ପାଇ ନାହାନ୍ତି।

ଏଥିକୁ ବିପରୀତ, ସମ୍ପ୍ରତି ଓଡ଼ିଆ ସାହିତ୍ୟ ନଭଃସରିତ୍ର ଛଦ୍ମବେଶୀ ଅତ୍ରଭବତୀ ତଥା ଅତ୍ରଭବାନ୍‌ଙ୍କ ଧ୍ୱଜୋତ୍ଥାନର ଗହଗହ ଏବେ ଓଡ଼ିଶାରେ। ନିର୍ନମସ୍କାର ତଥା ନିର୍ନମସ୍କାରାଙ୍କ ପ୍ରାୟାଧିକ ରଚନାରେ ପଦାନ୍ୱୟ ସମଗ୍ର ଅନୁଧ୍ୟାନ କରିବାର ବେଳ ଇଏ। ସତରେ କ'ଣ ଏହି ପ୍ରଚ୍ଛନ୍ନବେଶୀଗଣ ମାନ୍ୟାର୍ହ ଓ ମାନ୍ୟାର୍ହା ! ଏହି ପ୍ରଶ୍ନ ସହ ଆଜି ପ୍ରତ୍ୟେକ ଓଡ଼ିଆ ସାହିତ୍ୟର ପାଠକ ଏହି ନିର୍ଯ୍ୟୁହ ପ୍ରହସନର ଅନୁଶୀଳନ କରିବା ଉଚିତ।

ସାହିତ୍ୟ ପୁରସ୍କାର ଦେଉଥିବା ଅନୁଷ୍ଠାନରେ ଅଧିଷ୍ଠିତ ପ୍ରାୟ ଅଧିକାଂଶ ଅଧିକାରୀ ଏବେ ପ୍ରତିଭାଭେଚ୍ଛାପ୍ରଣୋଦିତ ରୋଗରେ ଆକ୍ରାନ୍ତ। କପଟପାଶା ଓ ନିଜର ପଦ, ପଦବୀ ସହସୋପାଧି ଅର୍ଜିଥିବା ଏହି ଉଠାଣସିଂହଗଣଙ୍କୁ ଆଉ କେତେ ଦିନ ପ୍ରଶ୍ରୟ ଦେଉଥିବେ ଆମ ଓଡ଼ିଆ ପାଠକଗଣ !

**-ପ୍ରଭୁ**

* ଜ୍ଞାତାର୍ଥେ : **ନିର୍ଯ୍ୟୁହ** – ମୁକୁଟ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own

- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB



Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey

Jugaad Corner
A bit of Jugaad & lots of Love





Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,



Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers

Blessed Fingers





SAHITYA CHARCHA ● June 2023 ● Rs.40 RNI Regd. No. : ODIODI/2022/81590

PPL



DEFINING
A NEW
PRESENT
ENVISAGING
A BETTER
FUTURE

canonfire

Paradeep Phosphates Limited

www.paradeepphosphates.com

Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy